ISSN : 2583-5270

# ସାହିତ୍ୟ ଚର୍ଚ୍ଚା

ସେପ୍ଟେମ୍ବର ୨୦୨୫



## ଓଡ଼ିଆ ସାହିତ୍ୟର ନବଦିଗନ୍ତ

Vol-4 • Issue-7 • September 2025 • Monthly • Rs.40 • 72 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା

SAHITYA CHARCHA

ଓଡ଼ିଆ ସାହିତ୍ୟର ନବଦିଗନ୍ତ

ISSN : 2583-5270, RNI Regd. No. : ODIODI/2022/81590

ଭାଗ-୪ • ସଂଖ୍ୟା-୭ • ସେପ୍ଟେମ୍ବର ୨୦୨୫ • ମାସିକ • ଟ.୪୦ • ୭୨ ପୃଷ୍ଠା • ଭୁବନେଶ୍ୱର

ମୁରବି
**ମହାପ୍ରଭୁ ଶ୍ରୀଜଗନ୍ନାଥ**

ସମ୍ପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥା**
**ପ୍ରଶାନ୍ତ ଭୂୟାଁ**

ସହ-ସମ୍ପାଦକ
**ପ୍ରଭାତ ରଞ୍ଜନ ବେହୁରା**
**ଦେବାଶିଷ ମୁଦୁଲି**

ପରିଚାଳନା ନିର୍ବାହୀ
**ଗୋଲଖ ଚନ୍ଦ୍ର ଦାସ**

ଅକ୍ଷର ସଜ୍ଜା
**ଶ୍ରୀଧର ପ୍ରଧାନ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଫଟୋ
**ସ୍ୱାତୀ ମହାପାତ୍ର**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୬୮୭୭୨୫୦୬
**E-mail: info@sahityacharcha.com**
**Website: www.sahityacharcha.com**

**ମୂଲ୍ୟ : ଟ. ୪୦/-**


## || ସୂଚୀ ||

| | |
|---|---|
| ପାଠକଙ୍କ ମତାମତ | ୦୨ |
| ବିଚାରକଙ୍କ କ୍ଷୋଭ (ସମ୍ପାଦକୀୟ) | ୦୩ |
| ହତାଶାର ହସ୍ତାକ୍ଷରରେ ସିଦ୍ଧିର ସ୍ୱାକ୍ଷର (ପ୍ରବନ୍ଧ): ଦୁର୍ଯ୍ୟୋଧନ ଦାସ | ୦୫ |
| ଦ୍ୱି (କବିତା): ଗିରିଜାକୁମାର ବଳୀୟାରସିଂହ | ୧୧ |
| ଅପ୍ରକାଶିତ ପୃଷ୍ଠା (ଗଳ୍ପ): ଜୟନ୍ତୀ ସାହୁ | ୧୨ |
| ଓଡ଼ିଆ କଥାକଳ୍ପରେ କ୍ୟାମ୍ପସ୍ ପ୍ରସଙ୍ଗ (ପ୍ରବନ୍ଧ): ଗୋପାଳକୃଷ୍ଣ ଆଚାର୍ଯ୍ୟ | ୧୫ |
| ଅଫେରା ପଥ (ଗଳ୍ପ): ପ୍ରଫୁଲ୍ଲ ବାରିକ | ୧୯ |
| ଓଡ଼ିଆ ବେତାର ସାହିତ୍ୟ: ସ୍ଥିତି ଓ ଗତି (ପ୍ରବନ୍ଧ): ରମାକାନ୍ତ ନାୟକ | ୨୨ |
| କୋଉଦିନ ସମ୍ପାଦକୀୟ ଲେଖିଥିଲ ? (ଅନୁଭୂତି): ବୈଷ୍ଣବ ଚରଣ ମହାନ୍ତି | ୨୮ |
| ଆମ ଭାଷାରେ ବର୍ଣ୍ଣ ବିଚାର (ପ୍ରବନ୍ଧ): ଦେବୀ ପ୍ରସନ୍ନ ପଟ୍ଟନାୟକ | ୩୨ |
| ମୌନବକ୍ତା (ବ୍ୟଙ୍ଗ): ଅଜୟ କୁମାର ମିଶ୍ର | ୩୫ |
| ସୃଜାମ୍ୟହଂ (ଗଳ୍ପ): ସୁଶୀଳ କୁମାର ନନ୍ଦ | ୩୯ |
| ସାନ୍ତାଳୀ ଲୋକନାଟକର ଭାଷା ବିଭବ (ପ୍ରବନ୍ଧ): ଆନ୍‌ପା ମାର୍ଣ୍ଡି | ୪୩ |
| ସୁସାହିତ୍ୟିକ କଇଳାଶ ପଟ୍ଟନାୟକଙ୍କ ସହ ଆଳାପ (ସାକ୍ଷାତକାର) | ୪୬ |
| ବୁକମାର୍କ (ଗଳ୍ପ): ସାଗରିକା ଦାସ | ୫୦ |
| ମୁଁ ସାହିତ୍ୟିକ ହେବି (ରମ୍ୟ ରଚନା): ନାରାୟଣ ଚନ୍ଦ୍ର ଶତପଥୀ | ୫୫ |
| ଡାହାଣୀ (ଅନୁବାଦ): ଗିରିଜା ମଞ୍ଜରୀ ପାଢ଼ୀ | ୬୦ |
| କବିତାର ସ୍ଥାନ, କାଳ, ପାତ୍ର (ପ୍ରବନ୍ଧ): ନିଖିଳାନନ୍ଦ ପାଣିଗ୍ରାହୀ | ୬୩ |
| ଚିତାର ଆସର (କବିତା): ଉମାକାନ୍ତ ମହାପାତ୍ର | ୬୬ |
| ଦୁଇଟି ମିନିଗପ (ଗଳ୍ପ): ଜିନତମାମ୍ ଦର୍ଜୀ | ୬୭ |
| ମୂଷିକରାଜ କି ଜୟ (ଶିଶୁଗଳ୍ପ): ଇତିଶ୍ରୀ ପଣ୍ଡା | ୬୮ |
| ଚିର୍‌କୁଟ୍ (ପୁସ୍ତକ ସମୀକ୍ଷା): ନିହାର ଶତପଥୀ | ୭୦ |
| ସାହିତ୍ୟ ସମାଚାର | ୭୧ |
| ସତ୍ୟାନୃତ (ଶେଷ ପୃଷ୍ଠା): ପ୍ରଶାନ୍ତ ଭୂୟାଁ | ୭୨ |

# ପାଠକଙ୍କ ମତାମତ

'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଅଗଷ୍ଟ ସଂଖ୍ୟାର ପ୍ରବନ୍ଧ ଗୁଡ଼ିକ ଅତ୍ୟନ୍ତ ଉଚ୍ଚକୋଟୀର। ବିଶେଷକରି ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ 'ନେତିବାଦୀ ଚେତନା ଓ ସାମ୍ପ୍ରତିକ ଓଡ଼ିଆ କବିତା' ପ୍ରବନ୍ଧରେ ସାମ୍ପ୍ରତିକ ଓଡ଼ିଆ କବିତାର ନୈତିକ ମୂଲ୍ୟବୋଧ ସମ୍ପର୍କରେ ଆଲୋଚନା କରାଯାଇଛି । 'ବୈଦିକ ପରମ୍ପରାରେ ଆଧୁନିକ ଧ୍ୱନିବିଜ୍ଞାନ ଓ ଓଡ଼ିଆ ବର୍ଣ୍ଣମାଳା' ପ୍ରବନ୍ଧରେ ବେଦ ବେଦାଙ୍ଗକୁ ମୂଳ ରଚନା ଭାବେ ଗ୍ରହଣ କରାଯାଇ ଆମ ସାହିତ୍ୟରେ ତାହାର ପ୍ରୟୋଗ ସମ୍ପର୍କରେ ଆଲୋଚନା କରାଯାଇଛି । ପ୍ରଦୀପ୍ତ ଶ୍ରୀଚନ୍ଦନଙ୍କ 'କଳାହାଣ୍ଡିର ଲୋକଗୀତରେ ବାଦୀ ପରମ୍ପରା' ପ୍ରବନ୍ଧଟି ମଧ୍ୟ ଉଚ୍ଚକୋଟୀର। ଗଳ୍ପ ବିଭାଗରେ ଅଚ୍ୟୁତାନନ୍ଦ ପତିଙ୍କ 'ମୃତ୍ୟୁର ମୂଲ୍ୟ', ଚୌଧୁରୀ ବରଦା ପ୍ରସନ୍ନ ଦାସଙ୍କ 'ଶରାହତ ସ୍ୱପ୍ନପକ୍ଷୀ', ସମ୍ପାଦକୀୟରେ 'ବ୍ୟକ୍ତି ଓ କୃତି' ଓ ସୁଷମା ଦାସଙ୍କ ମିନିଗପ ଭଲ ଲାଗିଲା। ଏଥିସହ ପ୍ରତିଥର ଭଳି ଶେଷ ପୃଷ୍ଠାରେ ନୂଆ ଏକ ଶବ୍ଦ ସମ୍ପର୍କରେ ଜାଣିଲି।

**ଜ୍ୟୋତିର୍ମୟୀ ସାହୁ**
sahoosita@gmail.com




ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
info@sahityacharcha.com

ଖୁବ୍ ଚମତ୍କାର ଅଗଷ୍ଟ ସଂଖ୍ୟା। ପତ୍ରିକା ପ୍ରକାଶିତ ହେବାର ସାଢ଼େ ତିନି ବର୍ଷ ପରେ ଯେଉଁ ସମୃଦ୍ଧି ପ୍ରାପ୍ତ କରିବା କଥା ତାହା କରିପାରିଛି। ଏହି ସଂଖ୍ୟାରେ ଜଗନ୍ନାଥ ସାହୁଙ୍କ 'ଓଡ଼ିଆ ଗପରେ ଭୋକ ବ୍ୟଥା' ଏକ ଚମତ୍କାର ଲେଖା। ସେହିଭଳି ମଧୁସ୍ମିତା ମହାନ୍ତିଙ୍କ 'ଓଡ଼ିଆ ଓଷାବ୍ରତର ଭାଷା'। 'କଳାହାଣ୍ଡିର ଲୋକଗୀତରେ ବାଦୀ ପରମ୍ପରା', ପ୍ରଦ୍ୟୁମ୍ନ କେଶରୀଙ୍କ 'ନେତିବାଦୀ ଚେତନା' ଲେଖା ଓ କୁଳାଙ୍ଗାରଙ୍କ ରମ୍ୟ ରଚନା ବି ଭଲ। ମୋଟାମୋଟି, ଉଲ୍ଲେଖନୀୟସଂଖ୍ୟା।

**ଭାସ୍କର ପରିଚ୍ଛା**
bhaskarparichha@gmail.com

'ସାହିତ୍ୟ ଚର୍ଚ୍ଚା'ର ଅଗଷ୍ଟ ସଂଖ୍ୟା ପଢ଼ିଲି। ଏଥିରେ ଥିବା ପ୍ରତ୍ୟେକଟି ପ୍ରବନ୍ଧ ସାମ୍ପ୍ରତିକ ଚେତନା ଆଧାରିତ। ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ 'ନେତିବାଦୀ ଚେତନା ଓ ସାମ୍ପ୍ରତିକ କବିତା' ପ୍ରବନ୍ଧରେ ନୈତିକ ମୂଲ୍ୟବୋଧ ଆଧାରରେ ରଚିତ କବିତାମାନ ସମ୍ପର୍କରେ ବିଶେଷ ଭାବରେ ଆଲୋଚନା ହୋଇଛି। ପତ୍ରିକାର ଅନ୍ୟାନ୍ୟ ପ୍ରବନ୍ଧ ତୁଳନାରେ ଏହି ପ୍ରବନ୍ଧଟି ମୋତେ ନୂଆ ଲାଗିଲା ଓ ମନକୁ ଛୁଇଁଲା।

**ସତୀଶ ମହାପାତ୍ର**
satis.banty1998@gmail.com

ଅତି ଆନନ୍ଦର କଥା, ଆପଣଙ୍କ ଦ୍ୱାରା ସମ୍ପାଦିତ 'ସାହିତ୍ୟ ଚର୍ଚ୍ଚା', ଅଗଷ୍ଟ, ୨୦୨୫, ମୋର ହସ୍ତଗତ ହେଲା। ଦୁଇଟି ମିନିଗପ, 'ଦୃଶ୍ୟପଟ' ଓ 'ଦୃଶ୍ୟାନ୍ତର' ପଢ଼ି ଲାଗିଲା ଯେ ଏ ଦୁଇଟି ଗୋଟିଏ ଗୋଟିଏ ଉପନ୍ୟାସ ହୋଇପାରିବ। 'ଦୃଶ୍ୟପଟ' ଗଳ୍ପରେ ପାରିବାରିକ ସମ୍ପର୍କ କିଭଳି ଭାବରେ ଦୂରେଇ ଯାଉଛି ସେ ସମ୍ପର୍କରେ ଆଲୋଚନା ହୋଇଛି। ମା' ପୁଅର ସମ୍ପର୍କ କିଭଳି, ମା' ଚାହୁଁଛି ପୁଅ ଆସିବ, ନାତି ଆସିବ, ମାତ୍ର ପୁଅ କହୁଛି, ପୁଅ ତା'ର ଆଈ ପାଖକୁ ଯିବ। ମାନସିକ ଆଘାତ ପାଇଛନ୍ତି ପୁଅର ମା, ଏହା ଅତ୍ୟନ୍ତ କଷ୍ଟଦାୟକ। 'ଦୃଶ୍ୟାନ୍ତର' ମଧ୍ୟ ସେହିଭଳି। ରୋଷେଇବାସ କରି ମାଆ ଅପେକ୍ଷା କରିଛନ୍ତି, ମାତ୍ର ପିଲାଏ ହୋଟେଲରୁ ଖାଇଦେଇ ପଳେଇ ଆସୁଛନ୍ତି। ଏହି ଯେଉଁ କଥା ସମାଜରେ ଘଟୁଛି, ଏହା ସାମାଜିକ ବନ୍ଧନ ନୁହେଁ, ସମାଜ କିଭଳି ବିଚ୍ଛିନ୍ନ ହେବ ତାହା ଦର୍ଶାଉଛି।

**ରମାକାନ୍ତ ମିଶ୍ର**
ramakanta60mishra@gmail.com

ସମ୍ପାଦକୀୟ

# ବିଚାରକଙ୍କ କ୍ଷୋଭ

ବିଭିନ୍ନ ସାହିତ୍ୟ-ପୁରସ୍କାରର ବିଚାରକମାନେ ତ ସ୍ୱୟଂ ପ୍ରଥମେ ଜଣେ ଲେଖକ; ତେଣୁ ସେମାନେ ମଧ୍ୟ ଯେ ସାହିତ୍ୟସୁଲଭ ବିବେକ ଓ ସମ୍ବେଦନାର ଅଧିକାରୀ, ଏଥିରେ ସନ୍ଦେହ ନାହିଁ। ତେଣୁ ସେମାନଙ୍କ ମନରେ ବେଳେ ବେଳେ କ୍ଷୋଭ ଆସିବା ସ୍ୱାଭାବିକ ଯେ କେନ୍ଦ୍ର ସାହିତ୍ୟ ଏକାଡେମୀ ବା ରାଜ୍ୟ ସାହିତ୍ୟ ଏକାଡେମୀର କର୍ତ୍ତୃପକ୍ଷ ସେମାନଙ୍କୁ ଯୋଗାଇଦେଉଥିବା 'ସର୍ଟଲିଷ୍ଟେଡ୍' ବହିମାନଙ୍କର ତାଲିକା ଭିତରୁ ପୁରସ୍କାରଯୋଗ୍ୟ ବହିଟିଏ ବାଛିବା ବେଳେ ସେମାନେ ଲେଖକମାନଙ୍କ ପ୍ରତି ଉପଯୁକ୍ତ ନ୍ୟାୟ କରିପାରୁନାହାନ୍ତି। ସେମିତି ସମାନ ଭାବରେ ମଧ୍ୟ କ୍ଷୋଭଗ୍ରସ୍ତ ହୋଇଥାଆନ୍ତି ସେମାନଙ୍କ ଏହି ଅବିଚାରର ଶିକାର ହୋଇ ପୁରସ୍କାରରୁ ବଞ୍ଚିତ ହୋଇଥିବା ଲେଖକମାନେ।




ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାମାନଙ୍କ ଦ୍ୱାରା ସାହିତ୍ୟ-ପୁରସ୍କାରର ଚୟନ ପାଇଁ ଅନୁସୃତ ହେଉଥିବା ପ୍ରକ୍ରିୟାକୁ ନେଇ ବେଳେ ବେଳେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥାଏ। ଏହି ପ୍ରସଙ୍ଗରେ ଆମର କେନ୍ଦ୍ର ଓ ରାଜ୍ୟ ସାହିତ୍ୟ ଏକାଡେମୀଗୁଡ଼ିକର କାର୍ଯ୍ୟଧାରା ପ୍ରତି ନଜର ପକାଇଲେ ଆମେ ଜାଣିପାରିବା ଯେ ପୁରସ୍କାର ମନୋନୟନର ଚୂଡ଼ାନ୍ତ ପର୍ଯ୍ୟାୟରେ ସେମାନଙ୍କ ଦ୍ୱାରା ବିଚାରକ ମଣ୍ଡଳୀର ସଦସ୍ୟମାନଙ୍କୁ 'ସର୍ଟଲିଷ୍ଟ' ହୋଇଥିବା ଦଶ ବା ପନ୍ଦରଗୋଟି ବହିର ଗୋଟିଏ ତାଲିକା ଧରାଇଦେଇ ଅନୁରୋଧ କରାଯାଇଥାଏ ଯେ ସେମାନେ ମାତ୍ର ସପ୍ତାହେ ବା ଦୁଇ ସପ୍ତାହ ମଧ୍ୟରେ ବହିଗୁଡ଼ିକର ବିବେଚନା କରିଦିଅନ୍ତୁ। ଏକାଡେମୀମାନଙ୍କର ଏଭଳି କାର୍ଯ୍ୟପନ୍ଥାକୁ ଲକ୍ଷ୍ୟ କଲେ ମନେହେବ ଯେ, କେହି ବି ବିଚାରକ ଏତେ କମ୍ ସମୟ ମଧ୍ୟରେ ଏତେ ସଂଖ୍ୟକ ବହିକୁ ତନ୍ନ ତନ୍ନ କରି ପଢ଼ି, ତାହା ସମ୍ପର୍କରେ ଏକ ସିଦ୍ଧାନ୍ତରେ ପହଞ୍ଚିବା ସମ୍ଭବ ନୁହେଁ।

ଆମେ ଏ କଥା ଥରେ ପଚାରିଥିଲୁ ରାଜ୍ୟର ଜଣେ ବୟୋଜ୍ୟେଷ୍ଠ ଲେଖିକାଙ୍କୁ, ଯିଏ କିଛି ବର୍ଷ ଧରି କେନ୍ଦ୍ର ସାହିତ୍ୟ ଏକାଡେମୀର ବିଚାରକ ମଣ୍ଡଳୀରେ ଥାଇ ଦାୟିତ୍ୱ ନିର୍ବାହ କରିଥିଲେ। "ଆପଣଙ୍କୁ ଏକାଡେମୀଠାରୁ ମିଳିଥିବା ଦଶ ବା ପନ୍ଦରଟି ବହି ବିଷୟରେ କୌଣସି ରାୟ ଦେବା ପୂର୍ବରୁ ଆପଣ ସେଗୁଡ଼ିକୁ ଆମୂଳଚୂଳ ପଢ଼ିଥାଆନ୍ତି କି? ଆଉ ମଧ୍ୟ, ଆପଣ ସେଗୁଡ଼ିକୁ ପଢ଼ିବା ପାଇଁ ଆବଶ୍ୟକ ସମୟ ପାଇଥାଆନ୍ତି କି?" ଆମେ ପଚାରିଥିବା ଏହି ପ୍ରଶ୍ନର ନାସ୍ତିସୂଚକ ଉତ୍ତର ଦେଇ ସେ କହିଥିଲେ, "ସବୁତକ ବହି ପଢ଼ିବା ପାଇଁ ଆମ ପାଖରେ ସମୟ କେଉଁଠି ଥାଏ? ପୂର୍ବରୁ ସେହି ଲେଖକଙ୍କ ବ୍ୟକ୍ତିତ୍ୱ ଓ ତାଙ୍କର ବିଭିନ୍ନ କୃତି ବିଷୟରେ ଆମର କିଛି କିଛି ଧାରଣା ଥାଏ। ତାହାରି ଆଧାରରେ ସେମାନଙ୍କୁ ନମ୍ବର ଦେଇଦେଉ।" ସେ କ୍ଷୋଭ ପ୍ରକାଶ କଲେ ଯେ ବହିଗୁଡ଼ିକୁ ଭଲଭାବରେ ପଢ଼ି ସେଗୁଡ଼ିକୁ ଉପଯୁକ୍ତ ନ୍ୟାୟ ଦେବା ପାଇଁ ଏକାଡେମୀଗୁଡ଼ିକ ବିଚାରକମାନଙ୍କୁ ଯଥେଷ୍ଟ ସମୟ ଦିଅନ୍ତି ନାହିଁ।


ଏହା ଶୁଣି ଆମର ମନେହେଲା ଯେ ପ୍ରତିବର୍ଷ ଏକାଡେମୀର ବିବୃତିରେ ଅମୁକ ବହି ବା ସମୁକ ବହି ପୁରସ୍କୃତ ହେଲା ବୋଲି ଯାହା ଘୋଷଣା କରାଯାଇଥାଏ, ତାହା କ'ଣ ଏକ ଛଳନା ମାତ୍ର? ପ୍ରକୃତରେ କୌଣସି ବହି ନୁହେଁ, ବରଂ ଜଣେ ବ୍ୟକ୍ତି ହିଁ ହୋଇଥାଆନ୍ତି କି ଏଭଳି ପୁରସ୍କାରର ପ୍ରାପକ? ଆଉ ପାଦେ ଆଗକୁ ଯାଇ, ବିଶିଷ୍ଟ ଆଲଜେରୀୟ ଲେଖକ ମୁଲାଉଡ୍ ବେଞ୍ଜାଡ୍ ଏ ବିଷୟରେ ଠାଏଁ ଲେଖିଛନ୍ତି ଯେ ବର୍ଷସାରା ପ୍ରକାଶିତ ସବୁତକ ବହି ନ ପଢ଼ି କିଭଳି ଜଣେ ବିଚାରକ କହିଦେଇପାରିବ ଯେ କୌଣସି ନିର୍ଦ୍ଦିଷ୍ଟ ବହି ହିଁ ହେଉଛି ସେହି ବର୍ଷର ସର୍ବଶ୍ରେଷ୍ଠ କୃତି?

ଏହି ବିଡ଼ମ୍ବନାର ପ୍ରେକ୍ଷାପଟରେ ଆମେ ସଂପୃକ୍ତ ବିଚାରକମାନଙ୍କୁ ମଧ୍ୟ ଦୋଷମୁକ୍ତ ବୋଲି କହିପାରିବା କି? ଯଦି ବହିଗୁଡ଼ିକୁ ପଢ଼ିବା ପାଇଁ ଏକାଡେମୀ ପକ୍ଷରୁ ଆବଶ୍ୟକ ମୁତାବକ ସମୟ ଦିଆଯାଉନାହିଁ, ତେବେ ସେମାନେ ସେହି ଦାୟିତ୍ୱରୁ ଓହରି ଯିବା ଉଚିତ ନୁହେଁ କି?

**ନିହାର ଶତପଥୀ**

## ସାହିତ୍ୟ ବିଚାର

କମଳାକାନ୍ତ ରଥ




*ଚିତ୍ରଟିର ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ ।*

## 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ ସ୍ୱରୂପ ୧୨ଟି ସଂଖ୍ୟାର ମୂଲ୍ୟ ଟ.୪୮୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୋରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ । ଏଥିପାଇଁ କୌଣସି ଅତିରିକ୍ତ ଡାକଖର୍ଚ୍ଚ ନିଆଯାଏ ନାହିଁ । ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୪୮୦/- ପଠାଇବା ପରେ ଆମର ହ୍ୱାଟ୍ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ ।

| | |
|---|---|
| *IFS Code* | : CNRB0018007 |
| *Account No.* | : 120000048648 |
| *Account Name* | : Sahitya Charcha |

ଉପରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ ଚିତ୍ରକୁ ସ୍କାନ କରି ବିଭିନ୍ନ ମୋବାଇଲ୍ ବ୍ୟାଙ୍କିଙ୍ଗ୍ ଆପ୍ ଜରିଆରେ ମଧ୍ୟ ଏହି ଦେୟ ପଠାଯାଇପାରେ, କିମ୍ବା ଆମର ଫୋନ୍-ପେ ନମ୍ବର 9368772506 କୁ ଏହା ପଠାଇପାରନ୍ତି ।

ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବ୍‌ସାଇଟ୍‌ର ନିମ୍ନୋକ୍ତ ଲିଙ୍କ୍‌ରେ ମଧ୍ୟ ଉପଲବ୍ଧ ଅଛି ।
www.sahityacharcha.com/subscription

## 'ସାହିତ୍ୟ ଚର୍ଚ୍ଚା'ର ଆଜୀବନ ସଦସ୍ୟବୃନ୍ଦ

୧. ଅଚ୍ୟୁତାନନ୍ଦ ପତି
୨. ଲୋପାମୁଦ୍ରା ମହାନ୍ତି
୩. କମଳାକାନ୍ତ ମହାପାତ୍ର
୪. ବସନ୍ତ କୁମାର ପଣ୍ଡା
୫. ଆରାଧନା ମିଶ୍ର
୬. ଶର୍ମିଷ୍ଠା ପ୍ରଧାନ
୭. ଅଶୋକ କୁମାର ପରିଡ଼ା
୮. ନୀଳମାଧବ ବିଶୋଇ
୯. ମନୋରମା ଚୌଧୁରୀ
୧୦. ଦାଶ ବେନହୁର
୧୧. ବିଜୟ କୁମାର ମହାପାତ୍ର

ପତ୍ରିକାର ଆଜୀବନ ସଦସ୍ୟ ହେବା ପାଇଁ ଇଚ୍ଛୁକ ପାଠକବନ୍ଧୁମାନେ 'ସାହିତ୍ୟ ଚର୍ଚ୍ଚା'ର ନିମ୍ନଲିଖିତ ଫୋନ୍ ନମ୍ବରରେ ଯୋଗାଯୋଗ କରିପାରନ୍ତି ।

ମୋବାଇଲ୍:
**+91 9368772506**
ଲ୍ୟାଣ୍ଡଲାଇନ୍:
**0674-3552947**




ପ୍ରବନ୍ଧ

# ହତାଶାର ହସ୍ତାକ୍ଷରରେ ସିଦ୍ଧିର ସ୍ୱାକ୍ଷର



ଦୁର୍ଯ୍ୟୋଧନ ଦାସ

ଏମିତି କେହି ଜଣେ ନାହାନ୍ତି ଯାହାଙ୍କ ଗୋଡ଼ ହତାଶା ନଈରେ ନ ଖସିଛି। ଗୋଡ଼ ଖସିଗଲା ପରେ କେହି ଆଣ୍ଠୁବୁଡ଼ା ପାଣିରୁ କୂଳକୁ ଉଠିଛି ତ କେହି ତା'ର ପ୍ରଖର ସ୍ରୋତରେ ଭାସିଯାଇ ଅପନ୍ତରାରେ ଲାଗିଛି। କେହି ପ୍ରଦୂଷିତ ପାଣି ପିଇ ଅଣନିଶ୍ୱାସୀ ହୋଇପଡ଼ିଛି ତ କେହି ଗହୀର ଗଣ୍ଡରେ ସଲିଳସମାଧି ନେଇଛନ୍ତି। ଅବଶ୍ୟ କେତେକ ପଟୁ ପହଁରାଳି ଅଛନ୍ତି, ଯେଉଁମାନେ ଉଚ୍ଚ ଉଚ୍ଚ ଢେଉ କାଟି ନୈରାଶ୍ୟ ନଈ ପାର ହୋଇପାରନ୍ତି। ଉକ୍ତ ସଫଳ ସନ୍ତରଣକାରୀଙ୍କୁ ବିଜ୍ଞାନ 'ଜୀବନ ଯୁଦ୍ଧର ବିଜୟୀ ବୀର' ଘୋଷଣା କଲା ବେଳେ ଶାସ୍ତ୍ର ତାଙ୍କୁ 'ଅକୁତୋଭୟ ସ୍ଥିତପ୍ରଜ୍ଞ'ର ମାନ୍ୟତା ଦିଏ।



ବଂଚିବା ପାଇଁ ପ୍ରତ୍ୟେକଙ୍କୁ ସଂଗ୍ରାମ କରିବାକୁ ପଡ଼ିଥାଏ ବହିଃଶତ୍ରୁ ଓ ଅନ୍ତଃଶତ୍ରୁଙ୍କ ସହିତ। ବହିଃଶତ୍ରୁ ରୂପରେ ମଣିଷ ଭେଟେ ଭୂତାଣୁ-ଜୀବାଣୁ ଅଣୁଜୀବଠାରୁ ମଣିଷ ପର୍ଯ୍ୟନ୍ତ ସଜୀବମାନଙ୍କୁ ଏବଂ ଅନ୍ତଃଶତ୍ରୁ ଭାବରେ କାମ-କ୍ରୋଧ-ଲୋଭ-ମୋହ-ମଦ୍ୟ-ମାତ୍ସର୍ଯ୍ୟ ପରି ଷଡ଼ରିପୁଙ୍କୁ। ପରିବେଶରେ ଉପଲବ୍ଧ ଖାଦ୍ୟପେୟ ସୁବିଧା ସୁଯୋଗ ଉପରେ ନିଜର ଆଧିପତ୍ୟ ବିସ୍ତାର କରିବା ପାଇଁ ପ୍ରାଣୀଙ୍କ ମଧ୍ୟରେ ଅନ୍ତଃଶ୍ରେଣୀୟ ଏବଂ ଆନ୍ତଃପ୍ରାଣୀୟ ଶତ୍ରୁତା ଓ ସଂଗ୍ରାମ ବିବର୍ତ୍ତନ କ୍ରିୟାର ଏକ ମୁଖ୍ୟ ଲକ୍ଷଣ। ବିବର୍ତ୍ତନ କ୍ରିୟାରେ ମଣିଷ ସର୍ବୋଚ୍ଚ ପ୍ରାଣୀ ଭାବରେ ବିକଶିତ ହେଉ ହେଉ ନିଜ ଭିତରେ ପ୍ରକାଶ କରିଛି ଅନେକ ବଦ୍‌ଗୁଣ। ଏହା ବିବର୍ତ୍ତନର ବରଦାନ ନା ଅଭିଶାପ? ଆତ୍ମଶତ୍ରୁମାନେ ମଣିଷକୁ ଖାଲି ଅମଣିଷ କରନ୍ତି ନାହିଁ, କରିଦିଅନ୍ତି ଅସନ୍ତୁଷ୍ଟ, ଅଧୈର୍ଯ୍ୟ ଓ ଅଶିଷ୍ଟ।

ପରିବେଶୀୟ ପ୍ରତିକୂଳତା ଏବଂ ଷଡ଼ରିପୁଙ୍କ ପ୍ରାଦୁର୍ଭାବ ଲାଗି ରହିଲେ ସର୍ବଦା ଦୁଶ୍ଚିନ୍ତା, ବିଫଳତା ଓ ହତାଶ ରୂପରେ ମଣିଷକୁ ଗ୍ରାସ କରେ। ପ୍ରତିକୂଳ ସ୍ଥିତି / ଖରାପ ପାଣିପାଗ ହୋଇ ଦୀର୍ଘଦିନ ଲାଗି ରହୁଥିବାରୁ ଜନ୍ମ ନେଉଛି ନିଃସଙ୍ଗ-ନିଦାଘ, ବିଷଣ୍ଣ-ବର୍ଷା, ସଂତପ୍ତ-ଶରତ, ସନ୍ଦିଗ୍ଧ-ଶୀତ ଏବଂ ବିକ୍ଷୁବ୍ଧ-ବସନ୍ତ। ଋତୁଚକ୍ରର ପରିବର୍ତ୍ତନ ପରି ସେମାନେ ଗୋଟିକ ପରେ ଗୋଟେ ଆସନ୍ତି ନାହିଁ, ଆସନ୍ତି ସାଙ୍ଗ ହୋଇ। ତେଣୁ ଶୀତ ଋତୁରେ ଦେହଥରା ଜାଡ଼ ବଦଳରେ ଝାଳବୁହା ଝାଞ୍ଜି ଆସିଲା ପରି ଶୀତଳ ହୃଦୟରେ ବହେ ଅଶାନ୍ତି ଉଷ୍ଣତା। ବର୍ଷା ଋତୁରେ କିଆରି କିଆରି ପାଣି ଭର୍ତ୍ତି ଜାଗାରେ ଫଟାମାଟି ଆଁ କଲାପରି ଗରମ ମିଜାଜ୍ ପ୍ରଭାବରେ ମନରୁ ଉଡ଼ିଯାଏ ଉଦାରତା, ଉତ୍ସାହ ଓ ଆନନ୍ଦର ଆର୍ଦ୍ରତା। ବନ୍ଧୁତାରେ ଦେଖାଦିଏ ଫାଟ- ସମ୍ପର୍କରେ ଛିଦ୍ର - ଶାନ୍ତପୂର୍ଣ୍ଣ ସହାବସ୍ଥାନର ଦୃଢ଼ କାନ୍ଥ ବିଦାରି ଡାଳପତ୍ର ମେଲେ ଅସହିଷ୍ଣୁତାର ଅଶ୍ୱତ୍ଥ ବୃକ୍ଷ। ବସନ୍ତରେ ମଳୟ ପରିବର୍ତ୍ତେ ତୁହାକୁତୁହା ବର୍ଷା ଲାଗି ରହିଲେ କୋକିଳର କୂଜନ ବଦଳରେ ଦର୍ଦ୍ଦୁରର ଚିତ୍କାର କାନରେ ଅତଡ଼ା ପକାଇଲା ପରି ଅନ୍ତରରୁ ପ୍ରେମ ପ୍ରଣୟର ମଧୁର ରାଗିଣୀକୁ ପଦଚ୍ୟୁତ କରି ଅଧିଷ୍ଠିତ ହୁଏ ରିରଂସାର ରେରେକାର ଏବଂ ହତାଶାର ଘୂତ୍କାର। ପ୍ରାଚୁର୍ଯ୍ୟ ଭିତରେ ମଣିଷ ହୋଇଯାଏ ନିଃସ୍ୱ - ସାମାଜିକ ଜନଗହଳି ଭିତରେ ନିଃସଙ୍ଗ।

**ସନ୍ଦିଗ୍ଧ ଶୀତ**

ସନ୍ଦେହ ପୁସ୍ତକରେ ସନ୍ନିବେଶିତ ହୋଇଛି ଅନେକ ପୃଷ୍ଠା। ସେସବୁ ପାଠକରି ତା'ର ସମାଧାନ କରିବା ଆଦୌ ସମ୍ଭବପର ନୁହେଁ। ସନ୍ଦେହ ମୋଚନ ପାଇଁ ଶାସ୍ତ୍ରରେ ରହିଛି ଅନେକ ଉପଦେଶ ଏବଂ ବିଜ୍ଞାନରେ ଅନେକ ଉପଚାର। ମାତ୍ର ଉପଦେଶର ଉପାଦେୟତା ଏବଂ ଉପଚାରର ଉତ୍କୃଷ୍ଟତା ତାକୁ ଦୂର କରିବାରେ ଯଥେଷ୍ଟ ହୋଇନାହିଁ। ସନ୍ଦେହ ସୂଚିପତ୍ରରେ ରହିଛି ବହୁବିଧ ସଂଶୟର ସୂଚନା। ଯାହାର

ବର୍ଣ୍ଣନାକୁ ବୁଝିବା ଓ ବୁଝେଇବା ପାଇଁ ଲାଗିଯିବ ସମଗ୍ର ଜୀବନ। କାରଣ ଜୀବନର କେଉଁ ମୋଡ଼ରେ କିପରି ସନ୍ଦେହର ସୂତ୍ରପାତ ହେବ ତାର ଅନୁମାନ କାହାରି ପାଖରେ ନାହିଁ। ଜୀବନ ତ ସନ୍ଦେହର ସରଘର – ସଂଶୟର ସୁଦୀର୍ଘ ଶିଳାଲିପି – ଭୁଲ ବୁଝାମଣାର ବୃହତ୍ ଭୂଗୋଳ ! ରେକ୍‌ରେ ବହି ଥାକ ହୋଇ ରହିଲାପରି ଭଳିକି ଭଳି ସନ୍ଦେହର ଗଦା ଭିତରେ ହଜିଯିବା ସାର ହେବ ସିନା ତା'ର ଗୁମର ଖୋଲିବ ନାହିଁ !

ସନ୍ଦେହକୁ ଶୀତ ଋତୁ କହିବାରେ ଯଥେଷ୍ଟ ପ୍ରାସଙ୍ଗିକତା ଅଛି। ଶୀତ ଋତୁର ସମସ୍ତ ପ୍ରସାଦ ଓ ପ୍ରମାଦକୁ ଧରି ସନ୍ଦେହ ଉଭାହୁଏ ମସ୍ତିଷ୍କ ଓ ମନରେ। ଶୀତ ଋତୁର ପ୍ରସାଦ ହେଉଛି ସେ ଆଣୁଥିବା ଫୁଲ-ଫଳ-ଶସ୍ୟର ସମ୍ଭାର। ଗୋଲାପ-ଗେଣ୍ଡୁ-ଡାଲିଆ-ଜିନିଆର ପ୍ରାଚୁର୍ଯ୍ୟରେ ପ୍ରକୃତି ଖେଳେ ସୌନ୍ଦର୍ଯ୍ୟ ଓ ସୁରଭିର ହୋଲି। ଧାନ, ଗହମ, ମାଣ୍ଡିଆ, ବିରି, ମୁଗ, ଆଖୁ ସହିତ କୋବି, ମୂଳା ଫସଲ ଏବଂ ଆତ-ଅଂଗୁର-କମଳା ଆଦି ଫଳ କୃଷକର ମୁଖରେ ହସ ଫୁଟାଉ ଫୁଟାଉ ନିଖିଳର କ୍ଷୁଧା ନିବାରଣ ପାଇଁ ଆଣେ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି। ସୌରରଶ୍ମି ସ୍ନାନରେ ନଥାଏ ସ୍ୱେଦସିକ୍ତ କ୍ଳାନ୍ତି – ନଥାଏ ଶ୍ରମ ପ୍ରତି ବିମୁଖତା- ହାଲିଆ ହେବାର ବିବଶତା – ସନ୍ ଷ୍ଟ୍ରୋକ୍‌ର ଭୟ। ମାତ୍ର, ସବୁ ପ୍ରସାଦ ଭିତରେ ଆସେ କିଛି ପ୍ରମାଦ – ଏହି ଯେପରି ଆଳସ୍ୟ, ସର୍ଦ୍ଦି, ଛିଙ୍କ, କାସ। କୁହୁଡ଼ି ଚାଦର ତଳେ ସୁମନର ସୌନ୍ଦର୍ଯ୍ୟ ନା କଣ୍ଟକର କର୍କଶତା ଅଛି ଜାଣିବା ଯେପରି କଠିନ, ସନ୍ଦେହ-ଓଢ଼ଣା ତଳେ ବିଧବାର ଶୂନ୍ୟ ସୁନ୍ଥା ଅଥବା ସଧବାର ସିନ୍ଦୂରିତ ସୌଭାଗ୍ୟ ଅଛି ଜାଣିବା ସେହିପରି କଠିନ। ସନ୍ଦେହାଚ୍ଛନ୍ନ ମନକୁ ଚିକିତ୍ସା ବିଜ୍ଞାନରେ 'କୁହୁଡ଼ିଆ ମାନସିକତା' (ମେଣ୍ଟାଲ୍ ଫଗ୍) ଅଥବା 'ମସ୍ତିଷ୍କର କୁଜ୍ଝଟିକା' (ବ୍ରେନ୍ ଫଗ୍) କୁହାଯାଏ। ଉକ୍ତ ପ୍ରକ୍ରିୟା ବିବେକ ଓ ବିଚାର ଧାରାକୁ ଢାଙ୍କି ଦେଉଥିବାରୁ ଏହାକୁ ମଧ୍ୟ 'ମେଘାଚ୍ଛନ୍ନ ଚେତନା' (କ୍ଲାଉଡିଙ୍ଗ୍ ଅଫ୍ କନ୍‌ସିଅସ୍‌ନେସ୍) କୁହାଯାଏ। ଆକ୍ରାନ୍ତ ବ୍ୟକ୍ତିମାନଙ୍କର ଦେଶ କାଳ ପାତ୍ର ପ୍ରତି ନିଘା ନଥାଏ। ତେଣୁ ପରିଣାମ ସଂପର୍କରେ ସେମାନେ ସଂପୂର୍ଣ୍ଣ ଉଦାସୀନ ଥାଆନ୍ତି। ଏଠାରେ ସନ୍ଦେହ ସହ ଜଡ଼ିତ ତିନୋଟି ମାନସିକ ବିକୃତି ସଂପର୍କରେ ବ୍ୟାଖ୍ୟା କରାଯାଇପାରେ। ପ୍ରଥମଟି ମାୟା (ଇଲ୍ୟୁଜନ୍), ଅର୍ଥାତ୍ ପ୍ରକୃତରେ ଥିବା ଜିନିଷକୁ ଭିନ୍ନ ରୂପରେ ସନ୍ଦର୍ଶନ କରିବା। ଉଦାହରଣ ସ୍ୱରୂପ ଦଉଡ଼ିକୁ ସାପ ବୋଲି ଭାବିବା, ନଇଁ ପଡ଼ିଥିବା ଗଛ ଡାଳକୁ ରାତିରେ ଭୂତ ବୋଲି ମନେକରିବା। ଦ୍ୱିତୀୟ 'ବିଭ୍ରାନ୍ତି' (ଡିଲ୍ୟୁଜନ୍) ଅର୍ଥାତ୍ ବାସ୍ତବରେ ରୂପରେଖ ନଥିବା ପଦାର୍ଥ, ସଂପର୍କ ଓ ପଦପଦବୀକୁ ନେଇ ଉଦ୍‌ବିଗ୍ନ ହୋଇପଡ଼ିବା। ଯୁକ୍ତି-ତର୍କ, ପରୀକ୍ଷା-ନିରୀକ୍ଷା ଏପରିକି ଶିକ୍ଷା-ଦୀକ୍ଷା ଯଥେଷ୍ଟ ହୁଏ ନାହିଁ ଉକ୍ତ ଅମୂଳକ ଅବବୋଧରୁ ମଣିଷକୁ ମୁକ୍ତ କରିବା। ଉଦାହରଣ ସ୍ୱରୂପ ନିଜକୁ ରାଜା ମନେ କରୁଥିବା ବ୍ୟକ୍ତି ତୁଚ୍ଛାଟାକୁ ସନ୍ଦେହ କରନ୍ତି, ତାଙ୍କୁ ଗାଦିଚ୍ୟୁତ କରିବା ପାଇଁ ଅନ୍ୟମାନେ ଚକ୍ରାନ୍ତ କରୁଛନ୍ତି। ସେହିପରି ସେ ଭାବିପାରନ୍ତି ଉପରିସ୍ଥ କର୍ମଚାରୀ ତାଙ୍କ ପ୍ରତି ପ୍ରତିଶୋଧପରାୟଣ ହୋଇ ପଡୁଛନ୍ତି ଏବଂ ପତ୍ନୀ ପରପୁରୁଷର ପ୍ରରୋଚନାରେ ତାଙ୍କୁ ବିଷଦେଇ ହତ୍ୟା କରିବାକୁ ଚାହୁଁଛି ଇତ୍ୟାଦି। ତୃତୀୟଟି 'ଅପଭ୍ରାନ୍ତି' (ହାଲୁସିନେସନ୍) ଅର୍ଥାତ୍ ଉତ୍ତେଜନାର କୌଣସି ଆଭାସ ନଥାଇ ଇନ୍ଦ୍ରିୟ ଲବ୍ଧ ମିଛ ଅନୁଭବରେ ଛଟପଟ ହେବା। ଉଦାହରଣ ସ୍ୱରୂପ ଦେବାଦେବୀ, ପୂର୍ବପୁରୁଷ ଡାକୁଥିବାର ଶବ୍ଦ ଶୁଣିବା, ଆଖି ଆଗରେ ପରୀ କି ଭୂତ-ପ୍ରେତ ନାଚୁଥିବାର ଦେଖିବା, କୀଟମାନେ ଚର୍ମ ତଳେ ପଶି ଖାଇବାର ପୀଡ଼ା ଅନୁଭବ କରିବା ଇତ୍ୟାଦି।

**ସନ୍ଦେହାଚ୍ଛନ୍ନ ମନକୁ ଚିକିତ୍ସା ବିଜ୍ଞାନରେ 'କୁହୁଡ଼ିଆ ମାନସିକତା' ଅଥବା 'ମସ୍ତିଷ୍କର କୁଜ୍ଝଟିକା' କୁହାଯାଏ।**

**କୁହୁଡ଼ି ପ୍ରସଙ୍ଗ**


ପୌରାଣିକ ପୃଷ୍ଠଭୂମିରେ କୁହୁଡ଼ିକୁ କାବ୍ୟାଳଙ୍କାରରେ ବିଭୂଷିତ କରି କବି ସୌରୀନ୍ଦ୍ର ବାରିକ ତାର ପ୍ରଣୟ ପ୍ରଚ୍ଛନ୍ନ ଢାଙ୍କିବା ଏବଂ ପ୍ରେମ ପଲ୍ଲବନ ପରାକାଷ୍ଠାକୁ ପ୍ରତିପାଦନ କରିଛନ୍ତି। ରତିମଗ୍ନ ମୁହୂର୍ତ୍ତକୁ କୁହୁଡ଼ିର କଲ୍ୟାଣ ଓ ପ୍ରମୋଦର ପବିତ୍ର ପ୍ରସାଦ। ଏହି ସମୟରେ ନାୟିକା ହୋଇଯାଇଛନ୍ତି କୁହୁକ କୁହୁଡ଼ି ଓ କୁହୁଡ଼ି ହୋଇଯାଇଛି କଳାବତୀ ରମଣ ରସିକା।

ଜାଣିନି ଜାଣିନି କିଛି ମୁଁ ଜାଣେନି
କେତେବେଳେ କୁହୁଡ଼ି ମୁଁ ହେଲି
ଅବା କେବେ ସେ କୁହୁଡ଼ି ମୋ'ର ହୋଇଗଲା।
ମୁଁ କିନ୍ତୁ ପାଲଟିଗଲି ଯୋଜନଗନ୍ଧା
ନଉକା ବି କୂଳରେ ମୋ' ଲାଗି ସାରିଥିଲା।

"ଏଠାରେ କୈବର୍ତ୍ତବାଳା ଓ ପରାଶର ମୁନି 'ଆଲମ୍ବନ ବିଭାବ' କୁହୁଡ଼ି 'ଉଦ୍ଦୀପନ ବିଭାବ' ସ୍ୱେଦ ନିର୍ଗମାଦି 'ଅନୁଭାବ' ସ୍ମୃତିନାଶାଦି 'ବ୍ୟଭିଚାରୀ ଭାବ'। ଏ ସକଳ ଦ୍ୱାରା ଅଭିବ୍ୟକ୍ତ ରତିଭାବ ଶୃଙ୍ଗାରରସରେ ପରିଣତ ହୋଇଯାଇଛି। ଏଠାରେ ନାୟିକା ଅନୁଗାମୀ କନ୍ୟା, ସେ ପୁଣି କୈବର୍ତ୍ତ ରାଜାଙ୍କ ଦୁହିତା, ନାୟକ ସ୍ୱନାମ ପ୍ରସିଦ୍ଧ ପରାଶର ମୁନି, ଏଣୁ ଆଲମ୍ବନ ଉତ୍ତମ ପ୍ରକୃତିକ, ତେଣୁ ରସପୁଷ୍ଟି ନିବୋଧ।" (ଓଡ଼ିଆ ଭାଷା ବ୍ୟାକରଣ ସୌରଭ-ପୃଷ୍ଠା - ୯୬୩ ପଣ୍ଡିତ ଚନ୍ଦ୍ର ଶେଖର ପତି)

### ମାୟାମଗ୍ନ ମନ

ମାୟାମଗ୍ନ ମନ ଅଯଥାରେ ଭାବେ ପତ୍ନୀଙ୍କ ସହିତ ମିଳାମିଶା କରୁଥିବା ପୁରୁଷ ତାଙ୍କର ପ୍ରେମିକ ଏବଂ ସ୍ୱାମୀ ସହ କାର୍ଯ୍ୟରତ କର୍ମଚାରିଣୀ ପ୍ରେମିକା। ଚାକ୍ଷୁସ ପ୍ରମାଣ ଏପରି ଅନୈତିକ ସଂପର୍କକୁ ମିଥ୍ୟା ସାବ୍ୟସ୍ତ କରିବା ସତ୍ତ୍ୱେ ସନ୍ଦେହୀ ଚକ୍ଷୁରେ ସେସବୁ ଲାଗେ ନିରାଟ ସତ୍ୟ ବୋଲି। ଅମୃତ ଅନୁଭବରେ ବୁନ୍ଦାଏ ସଂଶୟ ସମଗ୍ର ଜୀବନକୁ ହଳାହଳ କରିଦିଏ। ସଂପର୍କର ସଜ କ୍ଷୀର ପାଣି ଫାଟେ - ଦୁର୍ଗନ୍ଧରେ ଚଉଦିଗ ହୁଏ ଘୃଣାରେ ପ୍ରଦୂଷିତ। ଜୀବନରେ ଘଟିଥିବା କିଛି ଭୁଲ୍‌କୁ ଉଖାରିବାରେ ମିଳେ ନାହିଁ ଶାନ୍ତି କି ସମାଧାନ। ଏଥିରୁ ଜନ୍ମନିଏ ଅଧିକ ସନ୍ଦେହ, ହତାଶା ଓ ପ୍ରତିକ୍ରିୟା। କୌଣସି ଦୁର୍ଯୋଗରୁ ହେଉ କି, ଆକସ୍ମିକ ଉନ୍ମାଦନାରୁ ହେଉ ଅଥବା ଅପ୍ରତିହତ ପ୍ରବୃତ୍ତିର ପ୍ରରୋଚନାରେ ହେଉ ହୋଇଯାଇଥିବା ଭୁଲ୍‌କୁ ଭୁଲିଯିବାରେ ମିଳିପାରେ ଆଶ୍ୱାସନା। ମାତ୍ର ପ୍ରତିଶୋଧରେ ମିଳେ ଦୁର୍ନାମ ସହିତ ଦୁଃଖ ଏବଂ କ୍ଷୟିଷ୍ଣୁ ସଂପର୍କ। ସେଥିପାଇଁ କବି ଗୁରୁ ପ୍ରସାଦ ମହାନ୍ତି ସତର୍କ କରାଇ କହନ୍ତି। -




"ଜାଣୁଚୁ ଡେପୁଟି କାମ ଦିନଦିନ ମାସ ମାସ
ରାସ୍ତା ରାସ୍ତା ପଦାରେ ପଦାରେ,
ସେଥିରେ ତା'ଗୋଡ଼ ଯଦି ଖସିଗଲା କେତେବେଳେ
ବର୍ଷାପାଣି ପରିବା ଚୋପାରେ
ତୁ ସିନା ରହିବୁ ଚୁପ୍ ଅଂଧାରୁଆ ଗଳି ଆଢୁଆଳେ,
ସେ ପୁଣି ତ ଜାଣିନାହିଁ ପୁଅ ତୋର ନୁହେଁ ତା'ର,
ସେ ପୁଣି ତ ଆସ୍ଥାରଖେ
ତୋର ସଫା ଧଳା ସତୀତ୍ୱରେ।" (କାଳ ପୁରୁଷ)

ଅଭାବ ଅନ୍ୱେଷଣ ଆଡ଼କୁ ବାଟ କଢ଼େଇ ନେଲା ବେଳେ ସନ୍ଦେହ ତିଆରି କରେ ଅନୁସନ୍ଧାନର ଅୟନ। ଅନ୍ୱେଷଣ ଶେଷରେ ମିଳୁଥିବା ଉଦ୍ଭାବନ ଅଭାବ ଅସୁବିଧା ମେଣ୍ଟାଇ, ଦିଏ ସୁଖ। ମାତ୍ର ଅନୁସନ୍ଧାନ ସନ୍ଦେହ ମୋଚନ ପର୍ବରେ ଆଣୁଥିବା ସତ୍ୟ ଦିଏ ହସ ଅବା କାନ୍ଦ। ସନ୍ଦେହର ମିଞ୍ଜିମିଞ୍ଜି ଆଲୋକରେ ଯେଉଁ ଚକ୍ରାନ୍ତ, ପ୍ରତାରଣା ଓ ଶତ୍ରୁତା ଅସ୍ପଷ୍ଟ ଦିଶୁଥିଲା ତାହା ପ୍ରକାଶର ଉଦ୍ଭାସ୍‌ରେ ଦିଶେ ବୀଭତ୍ସ ଓ ଭୟଙ୍କର। ସତ୍ୟ ସେତେବେଳେ ସୁଖର ସନେଟ୍ ନ ଗାଇ ଗାଏ ଦୁଃଖରେ ଏଲିଜି। ମାତ୍ର ଅନେକ ସମୟରେ ସନ୍ଦେହ ଉପରୁ ପର୍ଦ୍ଦା ହଟିଗଲେ ସତ୍ୟର ସୂର୍ଯ୍ୟ ଶିଖାରେ ମନହୁଏ ସ୍ୱଚ୍ଛ ଓ ନିର୍ମଳ - ଶାନ୍ତ ଓ ସରଳ।

କିନ୍ତୁ ଏପରି କିଛି ସଂଶୟ ଅଛି ଯାହାର ରହସ୍ୟ ଭେଦ ପରେ ଆଉ ଫେରିହୁଏ ନାହିଁ ଲୁଣ ତେଲର ଦୁନିଆକୁ। ସାମାଜିକ ଘର ସଂସାର, ପାରିବାରିକ ବନ୍ଧନ ଏବଂ ଧନ ଦୌଲତର ଲୋଭ ଲାଗେ ଅଳୀକ ଅଳୀକ। ସେହି ସଂଶୟ ଫେଡ଼ା ସମ୍ମୋହନ ପର୍ବକୁ ମାନସିଂହ କହନ୍ତି - ସତ୍ୟ-ଶିବ-ସୁନ୍ଦର ଅନୁଭବ।

ସେ ଯେ ସତ୍ୟ ଶିବ ସେହି ଏକା ସେ ସୁନ୍ଦର
ଭୂମା ସେ ରହିଛି ପୂରି ରେଣୁ ରେଣୁ ଭେଦି,
ଇଚ୍ଛା ମୋ' ହୁଅନ୍ତା ଏହି ନିର୍ମଳା ରଜନୀ
ଅସରା, ମୁଁ ଖୋଜୁଥାନ୍ତି ସତ୍ୟ ଶୁଭ ତାରେ
ଏ ସୁନ୍ଦର ଜ୍ୟୋତ୍ସ୍ନା ତଳେ, ବାହି ଏ ତରଣୀ
ମୃତ୍ୟୁ ଯାଏଁ ନ ଫେରି ସେ ମହା ଅନ୍ଧକାରେ।"
(ମହାନଦୀରେ ଜ୍ୟୋତ୍ସ୍ନା ବିହାର)

ଏପରି ତନ୍ମୟ ସ୍ଥିତିରେ ମଣିଷ ଉପଲବ୍ଧି କରିପାରେ ଭାଗବତ ବାଣୀର ତାତ୍ପର୍ଯ୍ୟ - "ଏ ଜୀବ ପଡ଼ି ମାୟା ବନ୍ଧେ / କର୍ମ କରଇ ନାନା ଛନ୍ଦେ।" ମାୟା ମୋହରେ ମୁନି ଶ୍ରେଷ୍ଠ ନାରଦ ଏବଂ ବିଶ୍ୱାମିତ୍ର ଯୋଗୀରୁ ଭୋଗୀ ହୋଇ

ଆପଣାଇଥିଲେ ସନ୍ନ୍ୟାସ ଛାଡ଼ି ଶୃଙ୍ଗାର।

**ଭ୍ରାନ୍ତି ଓ ଅପଭ୍ରାନ୍ତି**

ଭ୍ରାନ୍ତି ଓ ଅପଭ୍ରାନ୍ତିର ଏକ ବିଶିଷ୍ଟ ଉପସର୍ଗ ହେଉଛି ଅବିରତ ଭାଳି ହୋଇ ଚିନ୍ତାବିଷ୍ଟ (ଅବ୍‌ସେସିଭ୍‌) ହେବା। ଏ ସମୟରେ ଭୟଙ୍କର ସ୍ୱପ୍ନ ଦେଖିବା, ଦୈବବାଣୀ ଶ୍ରବଣ କରିବା ଏବଂ ତାଟକା ହେବା ଅତ୍ୟନ୍ତ ସାଧାରଣ ଘଟଣା। ମନସ୍ତତ୍ୱରେ କୁହାଯାଇଛି ସ୍ୱପ୍ନ ଯୌକ୍ତିକ ଚିନ୍ତା ଦ୍ୱାରା ନିୟନ୍ତ୍ରିତ ହେଉ ନଥିବାରୁ ଅନ୍ୟ ପ୍ରତି ଆମର ଅନୁରକ୍ତି ବହୁ ଗୁଣିତ ହୋଇ ଆଗ୍ରହକୁ ଆବେଗରେ ପରିଣତ କରେ। ବନ୍ଦିଶାଳରେ ବସୁଦେବଙ୍କ ସ୍ୱପ୍ନକୁ ନେଇ ସୀତାକାନ୍ତ ମହାପାତ୍ରଙ୍କ ବର୍ଣ୍ଣନା ପ୍ରଣିଧାନ ଯୋଗ୍ୟ।

ଚତୁର୍ଥ ରାତିର ସ୍ୱପ୍ନ –

"ଗୋଧୂଳିର ମୃତ ଛାଇ ତଳେ
ହାତ ଧରାଧରି ହୋଇ ଆମେ ଦୁହେଁ ଖୁସି ଗପକରି
ବୁଲି ଯାଉଁ ଯାଉଁ ପଥେ ହଠାତ୍‌
ହାବୁଡ଼ିଗଲା
ଭୟପ୍ରଦ, ମହାକାୟ, କୃଷ୍ଣଦନ୍ତ ଓ
ଦାରୁଣ ଶୂକର ।
ତୋ ଚିତ୍କାର ପଡୁଅଛି ମୋ' କାନରେ
ଶୂକରର ଆକ୍ରମଣେ ମୁଁ ପାଇଛି
ମୃତ୍ୟୁର ଦୁଆର।
(ମାଟିର ମଣିଷ)

**କିଏ କହୁଛନ୍ତି, "ଏ ଦେହ ଥିଲେ ସର୍ବ ପାଇ / ଜଳେ ଯେସନ ଚନ୍ଦ୍ର ଛାଇ," ତ ଆଉ କିଏ କହୁଛନ୍ତି "ମନର ମୂଳେ ଏ ଜଗତ।"**

ଯୁଗେ ଯୁଗେ ଶିକ୍ଷକ ଓ ଶାସ୍ତ୍ର ଆମକୁ ଶିକ୍ଷା ଦେଇଛନ୍ତି ଦୃଶ୍ୟମାନ ଶରୀର ଭୂମିରେ ଅଦୃଶ୍ୟ 'ମନ' ଓ 'ଆତ୍ମା' ବାହୁ ସଦୃଶ ସଂଯୁକ୍ତ ହୋଇ ନିର୍ମାଣ କରନ୍ତି 'ଜୀବନ ତ୍ରିଭୁଜ'। ଏହା ଏକ ବିଷମ ବାହୁ ତ୍ରିଭୁଜ ଯାହାର ସର୍ବ ବୃହତ ବାହୁ ହେଉଛି ଆତ୍ମା ଏବଂ କ୍ଷୁଦ୍ରତମ ଭୂମି ଶରୀର। ପୁଣି କିଏ କହୁଛନ୍ତି 'ଏ ଦେହ ଥିଲେ ସର୍ବ ପାଇ / ଜଳେ ଯେସନ ଚନ୍ଦ୍ର ଛାଇ' ତ ଆଉ କିଏ କହୁଛନ୍ତି 'ମନର ମୂଳେ ଏ ଜଗତ'। ଏ ସବୁର ସୁଷମ ମିଶ୍ରଣ କରି କଠୋପନିଷଦ୍‌ରେ କୁହାଯାଇଛି –

"ଆତ୍ମାନାଂ ରଥୀନଂ ବିଦ୍ଧି ଶରୀରଂ ରଥମେବ ତୁ
ବୁଦ୍ଧିଂ ତୁ ସାରଥିଂ ବିଦ୍ଧି ମନଃ ପ୍ରଗ୍ରହମେବ ଚ
ଇନ୍ଦ୍ରିୟାଣି ହୟାନାହୁର୍ବିଷୟାଂସ୍ତେଷୁ ଗୋଚରାନ୍‌
ଆତ୍ମେନ୍ଦ୍ରିୟମନୋଯୁକ୍ତ ଭୋକ୍ତେତ୍ୟାହୁର୍ମନୀଷିଣ ।" (ଶରୀର ରଥରେ ଆତ୍ମା ରଥୀ,ବୁଦ୍ଧି ସାରଥି, ମନ ଲଗାମ, ଇନ୍ଦ୍ରିୟଗଣ ଘୋଟକ ଏବଂ ବିଷୟ ହେଉଛି ପଥ।)

ଜୀବ-ପରମାତ୍ମା ତତ୍ତ୍ୱର ବିଶଦ ବ୍ୟାଖ୍ୟା ସତ୍ତ୍ୱେ ଏହା ଯେ ସର୍ବଜନ ବୋଧଗମ୍ୟ ବିଷୟ ନୁହେଁ ଏଥିରେ ଦ୍ୱ୍ୟରୁକ୍ତି ନାହିଁ।

**ଦିଗହୀନ ପ୍ରହେଳିକା**

ସାଧାରଣ ମଣିଷଙ୍କ ପକ୍ଷରେ ଏହି ବିଷୟ ସଂଶୟାଚ୍ଛନ୍ନ କୁହେଳିକା ପୂର୍ଣ୍ଣ ପ୍ରଦେଶରେ ପ୍ରବେଶ ସହ ସମାନ। ଏହି ଦିଗହୀନ ପ୍ରହେଳିକା ଭେଦ ଲାଗି ସାଧନାର ମାର୍ଗ ରହିଛି – ଜ୍ଞାନଯୋଗ-କର୍ମଯୋଗ-ଭକ୍ତିଯୋଗର ଉପାୟ ଖଞ୍ଜା ଯାଇଛି। ଧ୍ୟାନ-ଧାରଣା ଓ କୁଣ୍ଡଳିନୀ ଜାଗରଣ ସହିତ ମୂଳାଧାରରୁ ସହସ୍ରାର ଯାଏ ଚକ୍ର ପରେ ଚକ୍ର ଡେଇଁ ବନ୍ଧନ ମୁକ୍ତ ପୂର୍ବକ ପରମ ସତ୍ତାରେ ବିଲୀନ ହେବାର କୌଶଳ ଶିକ୍ଷା ଦିଆଯାଉଛି। ତଥାପି ଜଡ଼ତାର ଜାଡ଼ରେ ଜଡ଼ସଡ଼ ମଣିଷ ପରିତ୍ରାଣର ଉଷ୍ଣତା କି ମୋକ୍ଷର ମହତ୍ୱ ବୁଝିପାରିନାହିଁ। ଏପରି ଅବସ୍ଥାରେ ଯଦି ଜନ୍ମଦାତ୍ରୀ ଚିନ୍ମୟୀ ଶକ୍ତି ସହିତ କାହାର ଅକସ୍ମାତ ସାକ୍ଷାତ ହୋଇଯାଏ ଏବଂ ସେ ପଚାରନ୍ତି ଜଗତରେ ମଣିଷର ଅନୁଭୂତି କ'ଣ ସେ କହିବେ–


"ଜଗତ ଜନେ ଧୂଳିରେ ମାତି
ଲୋଡ଼ନ୍ତି ନିତି ବିଫଳ ଖ୍ୟାତି
ଧରଣୀ ତଳେ ଧୂଳିର ଖାଲି
ବସିଛି ମହା ହାଟ।"
(ଧୂଳି ଖେଳ – ଉପେନ୍ଦ୍ର ପ୍ରସାଦ ମହାନ୍ତି ପୃଷ୍ଠା, ୨୩୫)

କବି ବୈକୁଣ୍ଠ ନାଥ ପଟ୍ଟନାୟକ କହିଛନ୍ତି, ଆଶାବାଦୀ ନୈରାଶ୍ୟର ଶୀତୁଆ ପବନରେ ଜୀବନ-ବୃକ୍ଷର ପତ୍ର ଝଡ଼ି ଯିବ ସିନା କେବେ ମରିଯିବ ନାହିଁ, କାରଣ ତା' ଅନ୍ତରରେ ବିଧ୍ୱନିତ ହେଉଛି ସେହି ମହାଶକ୍ତିମାନ ମୁରଲୀ ନିସୃତ ମୃତ୍ୟୁଞ୍ଜୟ ମହାମନ୍ତ୍ର। ଅଦୃଶ୍ୟ ସେହି ସଞ୍ଜୀବନୀ ସ୍ପର୍ଶରେ ଜୀବନ-ତରୁ ଯେ କିଶଳୟରେ କମନୀୟ ଦିଶିବ ।

"ପଉଷ ତରୁ ମୁଁ ଗୋ ପଳିତ ମୋ' ପତର
ନିରାଶା ପରଶରେ ଝରିଛି ଅକାଳରେ,
ନାହିଁ ତ କେବେ ତିଳେ ଶୋଚନା ଖେଦ ମୋର
ହୃଦୟ ମଣି ମୋର ସାରଗ ଅତଳରେ;

ପରାଣକୁଂଜେ ଗୋ ତାର ମୁରଲୀ ଧ୍ୱନି !
ପରାଣ-ପବନ ଗୋ ତା' ଶୁଭ ଆଗମନୀ,
ତା' ପରଶେ ପଉଷ ଜୀର୍ଣ୍ଣ ଜୀବତରୁ
ପଲ୍ଲବିବ ଆହା ଶୋଚନା କିବା ଆଉ ?
(ଯାତ୍ରା ସଂଗୀତ- ବୈକୁଣ୍ଠ ନାଥ ପଟ୍ଟନାୟକ)

ଆନନ୍ଦର ପଥ, ସହନଶୀଳତାର ସରଣୀ ଏକ ମାନବିକତାର ମାର୍ଗ ଦେଖାଇବା ନାଆଁରେ ପୃଥିବୀରେ ଜନ୍ମ ନେଇଥିବା ଧର୍ମ-ଧାରଣା (ରିଲିଜନ୍) ଏତେ ବିକ୍ଷିପ୍ତ ଓ ବିବଦମାନ ଯେ ସରଳ ମଣିଷ ତାର ବିଶ୍ଳେଷଣ କରିପାରିବ ନାହିଁ। ବିଶ୍ୱାସ ବାଟରେ ଯାଉ ଯାଉ ସେ ପଶିଯାଇପାରେ ଅବିଶ୍ୱାସର ଅର୍ଗଳିରେ। ନୈତିକତାର ନୀଡ଼ ଖୋଜୁ ଖୋଜୁ ହଜିଯାଇପାରେ ନୈରାଶ୍ୟରେ। ଜିଜ୍ଞାସାର ସମାଧାନ ବଦଳରେ ମିଳିଯାଇପାରେ ଧର୍ମ ସଂକଟ। ବିଶ୍ଳେଷଣର ବିନ୍ଦୁ ଗଣି ଗଣି କେହି ମିଷ୍ଟତାକୁ ପାଇ ନାହିଁ – ଅନୁଭବୀ ହିଁ ଜାଣେ-



"ଧର୍ମସ୍ୟ ତତ୍ତ୍ୱ ନିହିତଂ ଗୁହାୟାଂ
ମହାଜନ ଯେନଗତଃ ସଃ ପନ୍ଥା"।

ମାର୍କ୍ସୀୟ ଚିନ୍ତାଧାରାରେ ଧର୍ମକୁ କୁହାଯାଇଛି "ରିଲିଜନ୍ ଇଜ୍ ଦି ସାଏ ଅଫ୍ ଦି ଅପ୍ରେସ୍ଡ୍ କ୍ରିଏଚର, ଦି ସେଣ୍ଟିମେଣ୍ଟ ଅଫ୍ ଏ ହାର୍ଟଲେସ୍ ୱାର୍ଲଡ୍ ଏଣ୍ଡ ଦି ସୋଲ୍ ଅଫ୍ ସଲନେସ୍ କଣ୍ଡିସନ୍ସ । ଇଟ୍ ଇଜ୍ ଦି ଓପିଅମ୍ ଅଫ୍ ଦି ପିପୁଲ୍ ।"

ଧର୍ମ ଯାଜକଙ୍କ କୃପାରୁ ବିତରିତ ଏ ଧର୍ମର ମାଦକ ଯେ ବିଚାର ବିଭ୍ରାଟର କାରଣ ଏବଂ ବିପୁଳ ବିଡ଼ମ୍ବନାର ବୀଜ – ଏହା ଉପଲବ୍ଧି କରିବା ସମ୍ଭବ ହେଉନାହିଁ। ତେଣୁ ମାନବ ଧର୍ମର ପ୍ରକୃତ ଅର୍ଥ –

"ଧୃତି କ୍ଷମା ଦମଂସ୍ତେୟଂ ଶୌଚମିନ୍ଦ୍ରୀୟ ନିଗ୍ରହଃ
ଧୀର୍ବିଦ୍ୟା ସତ୍ୟମକ୍ରୋଧଃ ଧର୍ମସ୍ୟ ଦଶ ଲକ୍ଷଣମ୍।"

ହୃଦୟଙ୍ଗମ କରି ହେଉଛି କେଉଁଠି ? ଏବେ ଧର୍ମ ନାମରେ ଚାଲିଥିବା ଧପ୍ପାବାଦକୁ ଦେଖି କବି ଦୁଃଖରେ ମ୍ରିୟମାଣ ହୋଇଛନ୍ତି। ତଥା କଥିତ ଧାର୍ମିକଙ୍କ କ୍ରୁର କାରନାମାକୁ ପଦାରେ ପକାଇ ଦେଇଛନ୍ତି।

"ମଣିଷ ଧାର୍ମିକ ବୋଲ ଶୁଣିଲି ଯାହାର ନାମ
ବଳିଲା ବାସନା ନିକଟକୁ ଯାଇ ଦେଖିବାପାଇଁ ତା କାମ,
ଦେଖିବା ପାଇଁ ତା' ରୀତି ଆଚରଣ ଖୋଲି ତା ଧରମ ଝୁଲି
ଦୁଃଖ ଆସିଲା ଚାବୁକ ଖଣ୍ଡେ ଆଣିବାକୁ ଗଲି ଭୁଲି।
ଜୀବର ରାଇଜେ ଧର୍ମ ସେ ଖାଲି ଜୀବହୀନ ଯାଦୁଘର
ନୁହେଁ କିଛି ଆଉ ସଞ୍ଚିତ ତହିଁ କଙ୍କାଳ ଜଗତର।" (ଯାଦୁଘର – କାଳିନ୍ଦୀ ଚରଣ ପାଣିଗ୍ରାହୀ, ଆଧୁନିକ କବିତା – ପୃ. ୨୪୬)

## କାକର ଓ କୋହଲା ପବନ

ଶୀତ ଋତୁର ଅନ୍ୟ ଏକ ଭୂଷଣ କାକର ଓ କୋହଲା ପବନ। କାକର ବୁନ୍ଦାରେ ପ୍ରଭାତ ପ୍ରଭାକର ସୃଷ୍ଟି କରିଥିବା ବର୍ଣ୍ଣାଳୀର ଅସଂଖ୍ୟ ରଙ୍ଗିନ ଛଟା କ୍ରମଶଃ ବୁଜି ହୋଇଯାଏ କିରଣର ପ୍ରଖର ସ୍ପର୍ଶରେ। ବାର୍ଦ୍ଧକ୍ୟକୁ ଡରାଉଥିବା ବେପଥୁର ପ୍ରଭାବ ବି ସରିଯାଏ ସମୀରଣରୁ। ପତ୍ରରୁ ସବୁଜିମା ହରଣ କରି ତାକୁ ହରିଦ୍ରା ବେଶରେ ଝରିଯିବାକୁ ଆଦେଶ ଦେବା ସଙ୍ଗେ ସଙ୍ଗେ କିଶଳୟର ବିକାଶ ପାଇଁ ଆହ୍ୱାନ ଦେଉଥିବାରୁ ଶୀତଋତୁକୁ ସୃଷ୍ଟି ଓ ବିନାଶର ପ୍ରତୀକ କହିଲେ ଅତ୍ୟୁକ୍ତି ହେବ ନାହିଁ। ଶୀତ ଋତୁର ସ୍ୱଭାବ ନେଇ ନକରାତ୍ମକ ଭାବଧାରାରେ ବିପନ୍ନ କରିଥିବା 'ସଂଶୟ' ମଧ୍ୟ ଜୀବନକୁ ଫେରାଇ ଆଣେ ତାର ସକାରାତ୍ମକ ସବୁଜ ଶୈଳୀ। ଏହା ଏକ ବୈଜ୍ଞାନିକ ସତ୍ୟ ଯେ ଶୀତଋତୁରେ ବୁଢ଼ା ବୁଢ଼ୀଙ୍କର ମୃତ୍ୟୁ ସଂଖ୍ୟା ଅଧିକ।

"ପବନ ପନିକି ଧରି କେଳଉଛି ରାତିର ଦେହକୁ
ଏ ବର୍ଷ ବୁଢ଼ା ଯିବେ ଚାଲି ଅପର ପୁରକୁ
ଏଥର ଆସିଛି ଦିନ ନିର୍ମମ ଅବକ୍ଷୟତାର
ଏଥର ଆସିଛି ରାତି କରିବାକୁ ଯୋର ଉତ୍ପୀଡ଼ନ।"
(ଶୀତ – ଭାନୁଜୀ ରାଓ)

## ଶୀତର ଉତ୍ପୀଡ଼ନ

ହତାଶାକୁ ଶୀତଋତୁ ସହ ତୁଳନା କଲାବେଳେ ଶୀତ ଦଉ ଉତ୍ପୀଡ଼ନ କଥା ବେଶି ମନେପଡ଼େ – ଉଷ୍ଣତା ପଶମର କଥା ନୁହେଁ। ଅଧିକ ଦୃଷ୍ଟିକୁ ଆସେ ଫୁଙ୍ଗୁଳା ଦେହରେ କାଲୁଆ

ପଡ଼ିଯାଇଥିବା ବାସହୀନ ହତଭାଗ୍ୟମାନଙ୍କର - ରେଜେଇ ତଳେ ଶୃଙ୍ଗାର ପ୍ରମତ୍ତ ବିତ୍ତଶାଳୀଙ୍କର ନୁହେଁ। ଗୋଡ଼ ପୋତି ହୋଇଯାଏ କୁଢ଼କୁଢ଼ ପଳିତ ପତ୍ରରେ - ନୂଆ କୁଆଁରେ ନୁହେଁ। ମୁତ୍ୟୁ ଓ ଅବକ୍ଷୟ ଚେତନା ଆମକୁ ଅଧିକ ବ୍ୟଥିତ କରେ। ମୃତ୍ୟୁ ପରେ ଆତ୍ମା କୁଆଡ଼େ ଯାଏ କାହାକୁ ବା ଜଣା ! ପ୍ରାଣବାୟୁ ଉଡ଼ିଗଲା ବେଳେ ପୃଥିବୀ ମାଗି ରଖେ ତାର ପାଣି, ପବନ, ମାଟି ଓ ଉତ୍ତାପ। ମାତ୍ର ବ୍ୟୋମସତ୍ତାକୁ ରଖିପାରେ କି ? ପୁଣି ତାର ପୁନର୍ଜନ୍ମ କେତେ ସତ୍ୟ କେତେ ମିଥ୍ୟା - କାହାକୁ ବା ଗୋଚର ! ଏହି ବିରାଟ ସନ୍ଦେହ ମୋଚନ ଲାଗି ଯଥେଷ୍ଟ ହେଲାଣି କି ବୈଜ୍ଞାନିକ ପରୀକ୍ଷା ନିରୀକ୍ଷା ? ମୃତ୍ୟୁ ପରେ କେତେକ ଅଙ୍ଗ (ହୃତ୍‌ପିଣ୍ଡ, ଚକ୍ଷୁ, ଯକୃତ, ଚର୍ମ, ବୃକକ୍ ଇତ୍ୟାଦି) ବଞ୍ଚି ରହିଥାନ୍ତି କିଛି ଘଣ୍ଟା କିଛି ଦିନ। ସେମାନଙ୍କୁ ମଧ୍ୟ ଶୀତଳ ଶଯ୍ୟାରେ (ତରଳ ନାଇଟ୍ରୋଜେନ) କୋଷ ବିଭାଜନକୁ ସ୍ଥିର ରଖି ସଞ୍ଚୟ କରାଯାଇପାରେ ବର୍ଷ ବର୍ଷ। ରକ୍ତ କଣିକା, ଶୁକ୍ର ଏବଂ ଡିମ୍ବାଣୁମାନଙ୍କୁ ମଧ୍ୟ ଶରୀର ବାହାରେ ସଞ୍ଚୟ କରାଯାଇପାରୁଛି ଦୀର୍ଘଦିନ ଧରି। ତେବେ କେଉଁ ସତ୍ତାର ଅଭାବରେ ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗ ସକ୍ରିୟ ଥାଇ ନିଷ୍କ୍ରିୟ ହୋଇଯାଏ ମଣିଷ ? ଅସଂଖ୍ୟ ଜୀବନ୍ତ କୋଷକୁ ପୂର୍ଣ୍ଣ ସଚେତନ କରୁଥିବା ସେହି ସତ୍ତାକୁ ଆତ୍ମା କୁହାଯାଉଛି।

ଏହି ଆତ୍ମାର ଅବତରଣ ଏବଂ ନୂଆ ଶରୀର ଧାରଣ ପ୍ରକ୍ରିୟାଟି ଅତ୍ୟନ୍ତ ବିସ୍ମୟକର ଓ ବିବଦମାନ। ବୌଦ୍ଧିକ ତର୍କରେ ଏହାର ସତ୍ୟାସତ୍ୟ ନ ଜାଣିଲେ ମଗଜର ବସା ବାନ୍ଧିଥିବା ସଂଶୟକୁ କ'ଣ ଫିଙ୍ଗିଦେଇ ହେବ ? ଆମେ ହିନ୍ଦୁମାନେ ବିଶ୍ୱାସ କରନ୍ତି ପୁରୁଣା ଶରୀର ତ୍ୟାଗ କରି ଆତ୍ମା ନୂଆ ଶରୀରେ ଆଶ୍ରୟ ନିଏ (ବାଂସାସି ଜିର୍ଣ୍ଣାନି....)।

ଏହି ପ୍ରକ୍ରିୟାର ସ୍ମରଣ ପାଇଁ ଆମ ପରମ୍ପରାରେ ଆମ ବଡ଼ ଠାକୁରଙ୍କୁ କରିବାକୁ ପଡ଼େ ଘଟ ପରିବର୍ତ୍ତନ। ନବ କଳେବରରେ ପୁରୁଣା ବ୍ରହ୍ମକୁ ସ୍ଥାପନ କରି ମହାଡ଼ମ୍ବରରେ ଆମେ ପାଳନକୁ ନବକଳେବର ରଥଯାତ୍ରା । କିନ୍ତୁ କେହି କେବେ ସଂଶୟମୁକ୍ତ ହେବା ପାଇଁ ବ୍ରହ୍ମର ସ୍ୱରୂପ କ'ଣ ଜାଣିବାକୁ ଇଚ୍ଛା କରିଛନ୍ତି କି ? କିନ୍ତୁ କବି ଇଚ୍ଛା କରନ୍ତି ତାର ଅସ୍ତିତ୍ୱକୁ ଅନୁଭବ କରିବାକୁ। ଏପରିକି ତାଙ୍କୁ ଏଥିରୁ ନିବୃତ୍ତ କଲେ ଧମକଦେଇ କହନ୍ତି ସେ କରିପାରିବେ ଅନେକ ବିଭ୍ରାଟ। ସଂଶୟ ମୋଚନର ଏହି ଆକାଙ୍‌କ୍ଷାକୁ ପାଗଳର ପ୍ରଳାପ ନ କହି କୁହାଯାଉ ପ୍ରଲୁବ୍ଧ ପ୍ରୟାସ - ଉଦ୍ଭଟ ଉତ୍ସାହ ନ କହି କୁହାଯାଉ ଚିନ୍ମୟ ଜିଜ୍ଞାସା।

"ନାଭି ବ୍ରହ୍ମ ଗଢ଼ା କି ଧାତୁରେ ?
ମୃତ୍ତିକା, ପ୍ରସ୍ତର ଅବା ସ୍ଫଟିକ ମଣିରେ
ଥରେ ଦିଅ ଛୁଇଁବାକୁ ସେ ମହାର୍ଘ ସତ୍ତାକୁ
ନହେଲେ ଥାପିବି ଜଗାକୁ ବଳିଆଠାରେ
ସୁଭଦ୍ରାକୁ ଜଗା କଳେବରେ
ମୁଁ ସିନା ମରିବି ଦିନ କେଇଟାରେ, ସବୁଦିନ ଲାଗି
ଅଣସର ଅନ୍ଧାରେ ଶଢ଼ିବେ ଚତୁର୍ଦ୍ଧା ମୂରତି।"

(ନାଭିବ୍ରହ୍ମ- ଦାରୁଦିଅଁ ପୃ. ୨୪)

ହସ୍ତାକ୍ଷରରୁ ସ୍ୱାକ୍ଷର - ସାଧନାର ଏକ ଲମ୍ବା ଲମ୍ଫ। ନିରକ୍ଷରତା ବିରୁଦ୍ଧରେ ହସ୍ତାକ୍ଷର ଆଣିଥିବା ଅଭିଯାନ ପୂର୍ଣ୍ଣ ହୁଏ ସ୍ୱାକ୍ଷରରେ। ଅକ୍ଷରର ଅଭ୍ୟାସ ପାଲଟିଯାଏ ଅସ୍ମିତାର ରୂପକାର। ହସ୍ତାକ୍ଷର ବିଶ୍ଳେଷଣ ବିଶାରଦ ଅବ ଜେନ ହିପୋଲାଇଔଟ ମିଚେନଙ୍କ ମତ ହେଉଛି ମସ୍ତିଷ୍କ ଅଙ୍ଗୁଳିର ମାଂସପେଶୀ ଅକ୍ଷର ଲେଖୁଥିବାରୁ ଏଥିରେ ମାନସିକ ଆବେଗ ଓ ସର୍ଜନଶୀଳତା ପ୍ରତିଫଳିତ ହୁଏ। ପୁନଶ୍ଚ ସ୍ୱାକ୍ଷର ହସ୍ତାକ୍ଷରର ନିର୍ଯାସ ହୋଇଥିବାରୁ ଏଥିରେ ପ୍ରତିଭାତ ହୁଏ ବ୍ୟକ୍ତିତ୍ୱର ବୈଶିଷ୍ଟ୍ୟ। ତେଣୁ ମନ ମସ୍ତିଷ୍କରେ ହତାଶାର ହସ୍ତାକ୍ଷରରେ ନିଜର ଅନୁଭୂତି ଲେଖୁଲେଖୁ ଜୀବନ ପାଲଟି ଯାଇପାରେ ପରାଭବର ଉପନ୍ୟାସ କି ବିଷାଦର କାବ୍ୟ। ତେଣୁ ଘନଘନ ନକାରାତ୍ମକ ଚିନ୍ତାରେ ବୁଡ଼ି ନ ରହିବା ପାଇଁ ମସ୍ତିଷ୍କ ତିନୋଟି ସକାରାତ୍ମକ ସ୍ନାୟବିକ ଓ ରାସାୟନିକ ରଙ୍ଗମଞ୍ଚ ତିଆରି କରେ। ତାହାର ବୈଜ୍ଞାନିକ ବ୍ୟାଖ୍ୟା ଅତ୍ୟନ୍ତ ଜଟିଳ। କେବଳ ଏତକ ଜାଣିଲେ ଯଥେଷ୍ଟ ହେବ ଯେ ବିଫଳତାର ହସ୍ତାକ୍ଷରରୁ ଜନ୍ମ ନିଏ ସଫଳତାର ସ୍ୱାକ୍ଷର - ସଂକ୍ଷିପ୍ତ ହେଲେ ବି ସମ୍ୟକର ସନ୍ତକ - ବିନ୍ଦୁରେ ବିସ୍ତୃତ ସିନ୍ଧୁର ସ୍ୱଭାବ।

□□

**କେହି କେବେ ସଂଶୟମୁକ୍ତ ହେବା ପାଇଁ ବ୍ରହ୍ମର ସ୍ୱରୂପ କ'ଣ ଜାଣିବାକୁ ଇଚ୍ଛା କରିଛନ୍ତି କି ?**

ଲେଖକଙ୍କ ଇ-ମେଲ ଠିକଣା:
drdasorissa@yahoo.com

କବିତା

# ଦ୍ୱି



ଗିରିଜାକୁମାର ବଳୀୟାରସିଂହ


## ଘାସର ଘୋଡ଼ଣି

ମହେଂଜୋଦାରୋର ମୋଡ଼େ ମହିଷାଣୀ ମୁହଁସଂଜବେଳ
ହିଡ଼ର ଏ ହିସାବଟା ହଜେଇଛି ହରପ୍ପାର ହୁଡ଼ା...
କାଣୀ କଉଡ଼ିଟେ କାଇଁ ? ଖଇରେ ତ ଖଇରାତ ଖେଳ
ଆଜିର ଏ ଅଧବାଟ ଅଂକାବଂକା ଆବୁଡାଖାବୁଡ଼ା !

ଆଗକୁ ଉହୁଂକେ ଏଠୁ ଆଶା ଅଧେ ଆଂବବଉଳରେ
ଆଉ ଅଧେ ଆଖୁକ୍ଷେତ ଆଢୁଆଳେ ଅଧାଛାଇନିଦ
ଚାଳମଥାନର ଛାଇ - ଚଲୁ ହୁଏ ଚଉରାମୂଳରେ
ତୁଂଡବାଇଦର ତୋଡ଼େ ତାବଦା ଏ ତେଲିଂଗିବାଇଦ !

ଚାରଣକ୍ଷେତ୍ରର ଚାରା ଚାରିପଟେ ଚଷାର ଚକଡ଼ା
କେଉଟୁଣୀ କେଶୁରରେ କେତେ କଷି କଅଁଳିଆ କଥା
ଚଅଁର ଚଉଁରୀ ଚୁମି ଚଇତର ଛଇ ତ ଛକଡ଼ା
ବେସୁରା ଏ ବଇଁଶୀରେ ବଳିପଡ଼େ ବୟସର ବ୍ୟଥା !

ବସ୍ତିର ବାହାରେ ବୋଧେ ବୋବଉଛି ବନସ୍ତର ବଣି...
ଘାଟିକୁ ତ ଘୋଡ଼େଇଛି ଘଷିମାଟି ଘାସର ଘୋଡ଼ଣି !



## ପର୍ଯ୍ୟାପ୍ତ ପତନ ପରେ



ବୋଧିସତ୍ତ୍ୱ ବେଦନାରେ ବୁଦ୍ଧତ୍ୱ ବା ଭବିଷ୍ୟର ଭେଦ !
କୁହୁଡ଼ିର କୁଶୀନାରା : କରୁଣାର କରୁଣ କହ୍ଲାର
ଖରାର ଖିଡ଼ିକି ଖୋଲି ଖୋଜାହୁଏ ଖ୍ରୀଷ୍ଟପୂର୍ବ ଖେଦ
ସଂହତିର ସଂଶୟରେ ସଂହିତାର ସଂଭାବ୍ୟ ସଂହାର !

ସକାଳଟା ଶୋକାକୁଳ ଶକାବ୍ଦର ଶାୟୋନାରା ଶୁଣି
କବଂଧର କବରରୁ କୁହୁଳୁଛି କନିଷ୍କର କ୍ରୋଧ
ପର୍ଯ୍ୟାପ୍ତ ପତନ ପରେ ପୂର୍ବାପର ପର୍ଯ୍ୟଟନ ପୁଣି
କୋଶ କୋଶ କୋଶଳରୁ କଳିତ ଏ କଳିଂଗ କଂଗୋଦ !

ହୋ ଭଗତେ, ଭଗ୍ନଦୂତ ଭ୍ରମୁଛି ଏ ଭ୍ରଥଖଂଡସାରା
ବିସ୍ମରିଛି ବିକ୍ରମାବ୍ଦ - ବହୁ ତାଳ ବେତାଳର ବେଠି
ଧର୍ମତତ୍ତ୍ୱ ଧ୍ୱନିତତ୍ତ୍ୱ : ଧର୍ମାଂତର ଧୂମାଂତର ଧାରା
ସଂଘର ଶରଣ ସତ୍ତ୍ୱେ ସଂଜସବୁ ସଂଗହୀନ ସେଠି !

ତାମ୍ରଲିପ୍ତ ତୀରେତୀରେ ଆମ୍ରପଲ୍ଲୀ ଆଶାର ଅପେକ୍ଷା
ଶିରାର ଏ ଶିଉଳିରୁ ନିଭିଆସେ ନୀଳରକ୍ତରେଖା !

କବିଙ୍କ ଇ-ମେଲ ଠିକଣା:
girijakumarbaliyarsingh@gmail.com

ଗଳ୍ପ




# ଅପ୍ରକାଶିତ ପୃଷ୍ଠା

ଜୟନ୍ତୀ ସାହୁ

ପରମ ପୂଜନୀୟ ବାପା ମୋର,

ଶାଶୁଘରର ସୁଉଚ୍ଚ ପ୍ରାଚୀର ଘେରା ନଅରର ନିଭୃତ କୋଣରୁ ତମ ଅଲିଅଳି ଝିଅର ପ୍ରଣାମ ଜାଣିବ । ଆଜି ଅପରାହ୍ନରେ ଡାକବାଲା ଆସି ତମ ହାତଲେଖା ଚିଠି ଖଣ୍ଡକ ଦେଇ ଚାଲିଗଲା । ତମକୁ ଚିଠି ଲେଖିବାକୁ ଭଲ ଲାଗେ ବୋଲି ତମେ ଫୋନ୍‌ରେ ଅତି ସ୍ୱଳ୍ପ ସମୟରେ କଥା ସାରିଦିଅ । ଚିଠିରେ ମନର ସବୁ ଭାବନା ସବୁକଥା ଓ ବ୍ୟଥାକୁ ସହଜରେ ବ୍ୟକ୍ତ କରିହୁଏ ବୋଲି ସବୁବେଳେ ସବୁ ଆତ୍ମୀୟ ସ୍ୱଜନଙ୍କୁ ତୁମେ ଏମିତି ଚିଠି ଲେଖିଥାଅ ଓ ମୋ' ସମେତ ସମସ୍ତଙ୍କଠାରୁ ଚିଠି ଖଣ୍ଡେ ଖଣ୍ଡେ ପାଇବାକୁ ଆଶା କରିଥାଅ । ସେଥିପାଇଁ ଆଜି ମୁଁ ମୋ' ମନର ସକଳ ଅପ୍ରକାଶିତ ବ୍ୟଥା, ବେଦନାକୁ ଏଇ ଚିଠି ମାଧ୍ୟମରେ ହିଁ ତମ ପାଖେ ପ୍ରକାଶ କରୁଛି ।



ହଁ, ଚିଠିରେ ମୋ' ବୋହୂପଣିଆର ଭଲମନ୍ଦ ବିଷୟରେ ପଚାରି ବସିଛନା ? ତମକୁ କେମିତି ଲେଖିବି ବାପା, ତମ ଆଦର୍ଶ ପରାମର୍ଶକୁ ମାନି ମୁଁ ଏଠି ଯନ୍ତ୍ରଟିଏ ପାଲଟିଗଲିଣି । ମୋ' ଆଚରଣ, ବିଚରଣ ସବୁଥିରେ ହିଁ ତମର ସେ ଆଦର୍ଶ ବେଦବାକ୍ୟର ଛାପ । ମୁନି କଣ୍ୱଙ୍କ ହିତବାଣୀ ସବୁକୁ ମୁନିକନ୍ୟା ଶକୁନ୍ତଳା ନିରବରେ ସେଦିନ ମାନିନେଲା ଭଳି, ତମର ସବୁଯାକ ଆଦେଶକୁ ମୁଁ ମଥାପାତି ଆଦରି ନେଇଛି । ଏତେ ଅଲିଅଳି ନାକକାନ୍ଦୁରୀ ଝିଅଟା ତମର ଏଠି ସର୍ବଂସହା ଧରିତ୍ରୀ ପାଲଟିଛି, ଏଥିରେ ସନ୍ଦେହ ନାହିଁ । କିନ୍ତୁ ମୋର ଏଇ ସରଳ, ସ୍ୱଚ୍ଛନ୍ଦ, ଆଦର୍ଶ ଜୁଡୁବୁଡୁ ବୋହୂପଣିଆର ଏଠି ଟିକିଏ ବି ଆଦର ନାହିଁ । ଆଦର ନାହିଁ ମଧ୍ୟ ମାଟ୍ରିକ ଫାଷ୍ଟ ଡିଭିଜନକୁ ଛାତିରେ ଆଙ୍କିଥିବା ମୋ' ଗୌରବର ପ୍ରତୀକ ସାର୍ଟିଫିକେଟର । ତିନିତିନିଥର ଫେଲ୍ ହୋଇ ପାସ୍ କରିଥିବା ସ୍ନାତକ ପଢୁଆ ନଣନ୍ଦ, ଦିଅରଙ୍କ ପାଖରେ ମୋ' ମାଟ୍ରିକ ପାଠପଢ଼ାଟା ଅତୀବ ନଗଣ୍ୟ ଯୋଗ୍ୟତାରେ ପରିଣତ ହୋଇଛି । (ଏ+ବି)ର ହୋଲସ୍କୋୟାର ଜଣାନଥିବା ସେମାନେ ମୋତେ ଓଡ଼ିଆରେ ଲେଖାଥିବା ଇକୋନୋମିକ୍‌ସ ବହିକୁ ଦେଖାଇ ଭାରି ବାହାଦୁରି ମାରନ୍ତି । ସର୍ବଂସହା ବଡ଼ଭାଉଜଟିଏ ହେବାର ଶପଥ ନେଇଥିବାରୁ କୌଣସି ପ୍ରତିବାଦ ନ କରି ବରଂ ତାଙ୍କ ସ୍ନାତକ ଡିଗ୍ରୀ ପଢ଼ାପାଠର ବଡ଼ପଣ ପାଖରେ ମୁଣ୍ଡ ନୁଆଁଇଦିଏ । ମୋ' ଲେଖା ଆମ ସ୍କୁଲ ମାଗାଜିନ୍ ସମେତ ଅନ୍ୟ ପ୍ରତିଷ୍ଠିତ ପତ୍ରପତ୍ରିକାରେ ସେତେବେଳେ ବାହାରୁଥିଲା । ସେଥିପାଇଁ ଜଣେ ପ୍ରତିଷ୍ଠିତ ଲେଖିକା ହେବା ପାଇଁ ତମେ ଆଜି ତମ ଚିଠିରେ ପୁନର୍ବାର ସ୍ୱପ୍ନ ଦେଖାଇଛ ବାପା । କିନ୍ତୁ ଏଠି ପଢ଼ିବା ଓ ଲେଖିବା ମୋ' ପାଇଁ ସତରେ ଏକ ସ୍ୱପ୍ନ ପାଲଟିଯାଇଛି । ବାହାଘର ପୂର୍ବରୁ ତୁମେ ଯେତେବେଳେ 'ମୋ' ଝିଅ ଭଲ ପଢୁଛି, ସମସ୍ତ ସଂପତ୍ତି ବିନିମୟରେ ମୋ' ଝିଅକୁ ମୁଁ ଉଚ୍ଚଶିକ୍ଷା ଦେବି, ସମାଜରେ ପ୍ରତିଷ୍ଠିତ କରାଇବି' ବୋଲି କହିଲ, କେତେ ଚାଲାକିରେ ସେମାନେ ମୋତେ ଉଚ୍ଚଶିକ୍ଷା ଦେଇ ଉତ୍ତମ ଭାବେ ପ୍ରତିଷ୍ଠିତ କରିବେ ବୋଲି ମିଥ୍ୟା ପ୍ରତିଶ୍ରୁତି ଦେଇ ବାହାଘର କରିଦେଲେ । ତୁମେ ବି ତାଙ୍କ ମିଛ ପ୍ରଲୋଭନରେ ତାଙ୍କ ଅମାପ ସଂପତ୍ତି ଦେଖି ପୁରା ଅନ୍ଧ ହୋଇଗଲ ସେତେବେଳେ । ଆଖି ବୁଜିଦେଲେ ଯେଉଁଠି ଚିରାଚରିତ ନୀତିବାକ୍ୟ ଯାହା ମୋତେ ପ୍ରତିଦିନ ଶୁଣାଉଥିଲ, 'ଜନମିଛି ଗୁଣବନ୍ତ ଝିଅ ଯା'ର ଘରେ, ଯଶ ତାର ବ୍ୟାପିଯାଏ ସାରା ପୃଥିବୀରେ' ନିଛକ ପ୍ରାଇମେରୀ ସ୍କୁଲ ମାଷ୍ଟରଟିଏ ହୋଇ ପୁଅ ନଥାଇ ମଧ୍ୟ ମୋ' ଶିକ୍ଷାଗତ କୃତିତ୍ୱ ତଥା ଲେଖିକାଟିଏ

ହେବାର ଉଜ୍ଜ୍ୱଳ ପ୍ରତିଭାକୁ ଦେଖି 'ଜନମିଛି ଗୁଣବନ୍ତ ପୁଅ ଯା'ର ଘରେ' କେବେ ନ କହି ବରଂ ଖୁସିରେ ଝିଅକୁ ପ୍ରାଧାନ୍ୟ ଦେଇଥିଲ । ଏମାନଙ୍କର କିଛି ଯୌତୁକ ଦାବି ନଥିଲା ବୋଲି, ଯୌତୁକ ଭୟରେ କ'ଣ ମୋତେ ଏତେଶୀଘ୍ର ବାହାଘର କରିଦେଲ କି ବାପା ? ବାହା ନ ହୋଇ ପାଠପଢ଼ିବା ପାଇଁ, ଚାକିରି କରି ସ୍ୱାବଲମ୍ବୀ ହୋଇ ନିଜ ପ୍ରତିଭାର ପୂର୍ଣ୍ଣ ବିକାଶ ନିମିତ୍ତ କେତେ ତୁମକୁ ନେହୁରା ହେଲି । ଅଥଚ ତମେ ମହାକବି କାଳିଦାସଙ୍କର 'ଅର୍ଥୋହି କନ୍ୟା ପରକୀୟ ଏବ' ଏହି ଶ୍ଳୋକଟିକୁ ସୁନ୍ଦର ଭାବେ ବୟାନକରି ମତେ ଶାଶୁଘରକୁ ପଠାଇଦେଲ ।

ତମେ ସବୁଦିନ ସଂଧ୍ୟାରେ ଆମ ଦାଣ୍ଡପିଣ୍ଡାରେ ମତେ ପାଖରେ ବସାଇ ପରା କହୁଥିଲ, "ଦେଖ୍ ଝିଅ, 'ତୁ ସାଧାରଣ ବେଶ ପୋଷାକରେ ଆଭୂଷଣ ହୋଇ ଗୁଣ, ଯଶ ଅର୍ଜନ କଲେ ହିଁ ମୁଁ ସବୁଠୁ ବେଶୀ ଖୁସି ହେବି । କାରଣ ମୁଁ ସବୁବେଳେ 'ବସନ ଭୂଷଣ ଆଡ଼ମ୍ବର ଘେନି ମହତ ନହୁଏ ଜନ' ଏହି ନୀତିବାକ୍ୟରେ ବିଶ୍ୱାସ କରେ ।" କିନ୍ତୁ ଏଠି ମୁଁ ଗୁଣ, ଯଶ ଅର୍ଜନ କରିବାର ଲେଶମାତ୍ର ସୁଫଳ ନପାଇ ବରଂ ନିତିନିତି ବିଭିନ୍ନ କିସମର ଦାମୀଦାମୀ ପୋଷାକରେ ଅଳଙ୍କାରରେ ଖାଲି ମଣ୍ଡି ହେଉଛି । ଏଠି ଐଶ୍ବର୍ଯ୍ୟ, ପ୍ରାଚୁର୍ଯ୍ୟର ଅଭାବ ନାହିଁ, ଖାଲିଅଛି ଜ୍ଞାନ ଆଉ ବିଜ୍ଞାନର ଅଭାବ । ତମ ପାଖରେ ଥିଲାବେଳେ ସବୁଦିନ ସକାଳୁ ସକାଳୁ ତମ ସାଙ୍ଗେ ଭାଗବତ ଗାଇ କେତେ ଯେ ପଦ ମୁଖସ୍ଥ କରିଦେଇଥିଲି, ଭାବିଲେ ଆନନ୍ଦ ଲାଗେ । ଆମ ତୁଳସୀ ଚଉରା ମୂଳେ ମାଆ ପୂଜାଶାଢ଼ି ପିନ୍ଧି ସଂଧ୍ୟାଦୀପ ଜାଳିଦେବା ବେଳେ କେତେ ସୁନ୍ଦର ଦିଶେ ସିଏ ଓ ସେ ପରିବେଶ । କିନ୍ତୁ ଏଠି ସଂଧ୍ୟା ହେଲେ ହାତ ତିଆରି ବଳିତା ନ ଜଳି ଦାମୀ ଧୂପକାଠି  ଚତୁର୍ଦ୍ଦିଗକୁ ସୁଗନ୍ଧ ପ୍ରସାରଣାର୍ଥେ ଲଗାଇ ଦିଆଯାଏ । ଆମଘର ଭଳି ଏଠି ସଂଜବେଳେ ପ୍ରାର୍ଥନା ସରିବା ପରେ ପିଲାମାନଙ୍କର ପାଠପଢ଼ା ଆରମ୍ଭ ହୁଏନି । ବରଂ ସଂଧ୍ୟା ସମୟଟା ମୋ' ତଥାକଥିତ ସହରୀ ପାଠପଢ଼ୁଆ ଦିଅର, ନଣନ୍ଦଙ୍କର ମାଇଣ୍ଡ୍ ଫ୍ରେସ୍ ନିମନ୍ତେ ବଜାରବୁଲା ଓ ସପିଙ୍ଗ ଆଦି ଆରମ୍ଭ ହୋଇଯାଏ । ମୁଁ ଏହାର ପ୍ରତିବାଦ କରି ପାଠପଢ଼ିବା ପାଇଁ କହିଲେ, ସମସ୍ତେ ଏକ ସ୍ୱରରେ କହିଉଠନ୍ତି ବୁଝିଲ ଭାଉଜ, ଏଠି ସେ ମାଷ୍ଟ୍ରିଆ ନୀତି ଚଳିବ ନାହିଁ । ଯୁଗ ଯାଇ କେଉଁଠି ପହଞ୍ଚିଲାଣି, ତମେ ଖାଲି ତମର ସେ ବାପାଙ୍କର ମାନ୍ଧାତା ଅମଳର ଗାଉଁଲି ଆଦର୍ଶବୋଧକୁ ଜାବୁଡ଼ି ଧରି ବସିଥାଅ । ଏମିତି ହେଲେ ତମେ ଜମା ବି ମଡର୍ଣ୍ଣ ହୋଇପାରିବ ନାହିଁ କି ହାୟର ସୋସାଇଟିରେ ମିଶିପାରିବ ନାହିଁ । ଏମାନଙ୍କର ଏଭଳି ମନ୍ତବ୍ୟ ଶୁଣି ମୋ' କଥା ଫେରାଇ ଆଣି ମୁଁ ଚୁପ୍ ରହେ ।

ବାପା, ଚିଠି ଲେଖୁ ଲେଖୁ ତମ ଚିଠିର ଠିକ୍ ଉତ୍ତର ଲେଖିବାକୁ ପୂରା ଭୁଲିଗଲିଣି । ତମେ ଲେଖିଛ ନା, ମୋ' ଲେଖିକା ହେବାର କୃତିତ୍ୱରେ ତମର ପିତୃତ୍ୱ ସାର୍ଥକ ଲଭିବ । ଏତେବଡ଼ ଆଭିଜାତ୍ୟଭରା ସଦସ୍ୟ ବହୁଳ ପରିବାରର ବଡ଼ବୋହୂ ହୋଇ ଲେଖିକା ହେବାର ସ୍ୱପ୍ନ ଅବା କାହିଁକି ଦେଖିବି ? ନୂଆ ବାହାଘର ସମୟରେ ମତେ ଭଲରେ ତରକାରି ରାନ୍ଧି ଆସୁନଥିବା ଯୋଗୁଁ ମାତୃବତ୍ ଶାଶୁ ମୋର ଥରେ ତରକାରି ରାନ୍ଧୁଥିଲେ । ଏତିକିବେଳେ ମୋର ଅଧାଲେଖା ଗପଟିର ଅବଶିଷ୍ଟାଂଶ ମୁଣ୍ଡକୁ ଜୁଟିଗଲା । ଏହି ଅବସରରେ ଖାତା କଲମ କାଢ଼ି ଗପଟିକୁ ଶେଷ କରିବାକୁ ଯାଉଥିବା ବେଳେ ପଡ଼ିଶା ଘରର ଜଣେ ଆଈଶାଶୁ ମୋ' ଶାଶୁଘରକୁ ବୁଲି ଆସିଥିଲେ । ସେ ରୋଷେଇ ଘରେ ମତେ ନ ଦେଖି ମୋ' ବେଡରୁମ୍‌କୁ ପଶି ଆସିଲେ । ମୋ' ହାତରେ କାଗଜକଲମ ଦେଖି ମୁହଁ ଛିଗୁଲେଇ କହିଲେ, କେତେ ଲେଖିକା ଦେଖେଇ ହେଉଛୁ ମ । ଶାଶୁ ତେଣେ ରୋଷେଇ ଘରେ ପଶି ତରକାରି ରାନ୍ଧିବ, ପାଠପଢ଼ୁଆ ବୋହୂ ଆସି ଗଦି ଉପରେ ବସି କବିତା ଲେଖିବ ଲୋ ମାଆ ।

**ଏତେବଡ଼ ଆଭିଜାତ୍ୟଭରା ସଦସ୍ୟ ବହୁଳ ପରିବାରର ବଡ଼ବୋହୂ ହୋଇ ଲେଖିକା ହେବାର ସ୍ୱପ୍ନ ଅବା କାହିଁକି ଦେଖିବି ?**

ସେଦିନ ସେ ଅଧାଲେଖା ଗପକୁ ସେଇ ଆଧାରରେ ହିଁ ରଖି ଖୁବ୍ ସନ୍ତର୍ପଣରେ ଆଖିଲୁହକୁ ପଣତକାନି ପୋଛି କିଚେନକୁ ଏକମୁହାଁ ଦୌଡ଼ିଲି । ସେହିଦିନଠାରୁ ଆଉ କେବେ କାଗଜକଲମକୁ ଦିନରେ ସ୍ପର୍ଶ କରିନାହିଁ ।

ରାତ୍ରିର ବିଳମ୍ବିତ ପ୍ରହରରେ ଲେଖିଥିବା ମୋ' ଜୀବନର ସୁଦୀର୍ଘ କାହାଣୀକୁ ସେଥର ପ୍ରକାଶକ ମହାଶୟ ଦୈନିକ ସମ୍ବାଦପତ୍ର ସାହିତ୍ୟ ପୃଷ୍ଠାରେ ପ୍ରକାଶ କଲେ ସିନା, ହେଲେ ସେ ଲେଖା ମୋତେ ଯଶସ୍ୱିନୀ ନକରି, ମୋ'

ଲେଖିକା ହୋଇ ଆଗକୁ ବଢ଼ିବା ଆଶାରେ ପୂର୍ଣ୍ଣଚ୍ଛେଦ ଟାଣିଦେଲା । କାରଣ ଶାଶୁଘରର ସମସ୍ତ ଗୋପନୀୟତା ଓ ବୃଥା ଆଦର୍ଶବାଦ ସବୁ ମୋ' କାହାଣୀ ମାଧ୍ୟମରେ ଲୋକଲୋଚନକୁ ଆସିଥିଲା । ସେଥିପାଇଁ ମୋ' ଶାଶୁ ଶ୍ୱଶୁର ସମେତ ମୋ' ଦେବପ୍ରତିମ ସ୍ୱାମୀ ଅନିରୁଦ୍ଧଙ୍କର ମୁଁ ଚକ୍ଷୁଶୂଳ ହେଲି । ଏମିତି ଲେଖିବା ଦ୍ୱାରା ମୋ' ବୋହୂପଣିଆ ପ୍ରତି ମୁଁ ଅବମାନନା କରିଛି ବୋଲି ସମସ୍ତେ ମତ ଦେଲେ । ସେହିଦିନଠାରୁ ମୋ' ଲେଖିକା ଜୀବନର ଆବେଗ, ଉଦ୍‌ବେଗ, ସବୁରେ ଜୋରଜବରଦସ୍ତ ଡୋରି ବାନ୍ଧିଦେଇଛି । ବାପା, ମୋ' ଜୀବନର ଅପ୍ରକାଶିତ ପ୍ରସ୍ଥକୁ ଆଜି ଏ ଚିଠି ମାଧ୍ୟମରେ ପାଇ ଭାରି ଦୁଃଖ କରିବ ନା? କେମିତି ବା ନ କରିବ? ଦୁନିଆର ସବୁ ବାପା, ମାଆମାନେ ତ ନିଜ ସ୍ୱପ୍ନର ପ୍ରତିଫଳନକୁ ଏମିତି ସନ୍ତାନ ମାଧ୍ୟମରେ ହିଁ ସାକାର କରିଥାନ୍ତି । ଖାସ୍ ପିତୃପ୍ରେମୀ ଝିଅଟିଏ ଭାବେ ତମ ମନରେ ଦୁଃଖ ନ ଦେବା ପାଇଁ ହିଁ ଏଯାବତ୍ ସୁଖୀ ହେବାର ଛଳନା କରିଆସିଛି । ହେଲେ, ତମର ବାରମ୍ବାର ପ୍ରେରଣା ପରିପୂର୍ଣ୍ଣ ଚିଠି ଆଜି ମୋର ଏହି ମିଛ ମିଛ ସୁଖର ଖୋଳପା ତଳେ ଥିବା ପୁଞ୍ଜୀଭୂତ ଦୁଃଖକୁ ଉକୁଟାଇ ଆଣୁଛି । ଏ ଚିଠି ପାଇ ତମେ ଦୁଃଖରେ ଭାଙ୍ଗିପଡ଼ିବ ମୁଁ ଜାଣେ । କିନ୍ତୁ ତମର ଆଦରର ଅଲିଅଳି ଝିଅ ତାର ସମସ୍ତ ପ୍ରତିଭା ବିନିମୟରେ ସର୍ବଂସହା ପାଲଟି ଆଜି ଗୋଟିଏ ପରିବାରକୁ ସୁଖୀ କରିପାରିଛି । ଏତିକି ଜାଣି ତମ ଆଦର୍ଶ ପିତୃତ୍ୱର ମହାନତାରେ ଆଶ୍ୱସ୍ତି ଲଭିବ । ଇତି


ତମର ଏକାନ୍ତ ଅଲିଅଳି ଝିଅ ଅପର୍ଣ୍ଣା ।

**ମୋ' ଲେଖିକା ଜୀବନର ଆବେଗ, ଉଦ୍‌ବେଗ, ସବୁରେ ଜୋରଜବରଦସ୍ତ ଡୋରି ବାନ୍ଧିଦେଇଛି ।**

□□

ଲେଖିକାଙ୍କ ଇ-ମେଲ ଠିକଣା:
chinmayasamal97@gmail.com


## ପ୍ରକାଶ ପାଇଛି




**ଏଥିରେ ଅଛି**

- ପୁସ୍ତକ ପ୍ରକାଶନ ଓ ସମ୍ପାଦନାର କେତେକ ଦିଗ
- ପ୍ରକାଶକ ଓ ପ୍ରକାଶନର ସୋପାନ
- ପୁସ୍ତକ ପ୍ରକାଶନର ସ୍ୱକୀୟ ଶୈଳୀ
- ଅନୁବାଦ ପୁସ୍ତକର ସମ୍ପାଦନା
- କମ୍ପୋଜିଂଠାରୁ ମୁଦ୍ରଣ ପର୍ଯ୍ୟନ୍ତ
- ଓଡ଼ିଆ ବହିର ବିତରଣ ଓ ବିପଣନ
- ଚିତ୍ର ସମ୍ପାଦନା ଓ ଚିତ୍ରଭାଷା
- ମୁଖବନ୍ଧଠାରୁ ପୃଷ୍ଠବନ୍ଧ ପର୍ଯ୍ୟନ୍ତ
- ବହି ବିଚାର: ପୁସ୍ତକ ସମୀକ୍ଷା
- ବହିର ଭବିଷ୍ୟତ

Available at all leading Book Stores.
Also available at amazon
It may also be downloaded as an e-book from Google PlayBooks.

ମୂଲ୍ୟ ଟ.୧୨୦ ମାତ୍ର

ପ୍ରକାଶକ:

Mobile: 9368772506
Email: info@sahityacharcha.com

ପ୍ରବନ୍ଧ

# ଓଡ଼ିଆ କଥାକଳ୍ପରେ କ୍ୟାମ୍ପସ୍ ପ୍ରସଙ୍ଗ

ଗୋପାଳକୃଷ୍ଣ ଆଚାର୍ଯ୍ୟ



କାଳେକାଳେ କଥାସାହିତ୍ୟ ବିଶ୍ୱଗୋଟାକ ମୁକ୍ତ, ଅବାଧ ଓ ସୀମାହୀନ ପୁଣି ଏହି ସାହିତ୍ୟର କଳାପକ୍ଷଟି କ୍ରମବିବର୍ତ୍ତନଶୀଳ ସାରସ୍ୱତ କଳାଟିଏ । ଏହା କାବ୍ୟ ନାଟକ ପରି ଶଗଡ଼ଗୁଳାରେ ଯାଇପାରେନା । କଥାଟିଏ କହୁଁ..... କିସ କଥା... ଗଲା ଲମ୍ବିଥିବା ଯେ ଥିବ କାହାଣୀ ଆକାରରେ । ନାତି ଶୋଇବଣି । ଆଈ ଗପି ଚାଲିଥିବ । କାହାଣୀରୁ ଯେତେବେଳେ ଗପ ଆଡ଼କୁ କଥା ଆସିଲା ସେତେବେଳେ ନାତି ଆଉ ଛୁଆ ହୋଇନାହିଁ । ବଡ଼ଟେ ହୋଇଗଲାଣି । ତା'ପାଖରେ ସମୟ କମ୍ । ତାକୁ ରାତିରେ ଆଉ ଗପ ଶୁଣି ଶୋଇବାକୁ ପଡୁନାହିଁ । ସେ ପାଠପଢ଼ିବ ଦୁନିଆକୁ ଫିଟିବ । ଏଣୁ ସମୟ ବଡ଼ ବଳବାନ । ସେଇଠୁ ବଢ଼ି କିଶୋର-କିଶୋରୀ ହେଲେ ବିବାକ ଶତକଡ଼ା ଅଶୀଭାଗ ତା' ଆଗରେ ସ୍ୱାୟୁର ସହର । ସବୁ ସବୁଜ ସବୁଜ । ସେ ସମୁଦ୍ରକୁ ଲଙ୍ଘି ଝଡ଼ବତାସକୁ ଫୁଁ'କରି ଯିବ ପୋହଳାଦୀପକୁ । ମାରିବ ବୁଢ଼ୀ ଅସୁରୁଣୀକୁ । ହାରୁ କି ଜିତୁ । ଯିବୁ କି ଥିବୁ ? ଏଣୁ ସମୟ କଣ୍ଟିକାଣ୍ଟି । ସୂତ୍ର ମାଙ୍ଗଳିକ ।



କିଶୋର ବଢି ଯୁବକ ହେଲା । ତା'ଆଗରେ ପ୍ରେମ, ପ୍ରତ୍ୟୟ ଓ ପେଟପାଟଣାର ତ୍ରିଛକି । ଏଣୁ ସମୟର ଖଣ୍ଡିତାଂଶ ହେଲା ତା'ପାଇଁ ମୂଲ୍ୟବାନ । କଥା ସରୁ କି ନସରୁ । କାହାଣୀରୁ ଗପ – ଗପରୁ କ୍ଷୁଦ୍ରଗଳ୍ପ- ତା'ପରେ ଅଣୁଗଳ୍ପ- କଂକ୍ରିଟ ଗଳ୍ପ- ଏମିତି ସମୟ ଓ ସମାନ୍ତରତାର ଲୁଚକାଳି ଖେଳ । ପୁଣି ବଦଳିଯାଉଛି ପୃଥିବୀ । ଦୁଇଦୁଇଟା ବିଶ୍ୱଯୁଦ୍ଧ ଭାରତରେ; ମୋହନଦାସଙ୍କ ଭାରତଛାଡ଼ ଆନ୍ଦୋଳନ । ଉପନ୍ୟାସର ବିଶାଳ କାନ୍‌ଭାସ ପାଇଁ ତର ନାହିଁ । ପରୀକାହାଣୀ, ପୁରାକଳ୍ପ, ଇତିହାସ, ସମାଜ ଗଲା ଚୁଲିକୁ । ଆଗରେ ସଂଘର୍ଷର କଥା । ଧୂଳି, ଧୂଆଁ, କୁହେଳି, ଅବିଶ୍ୱାସ ଓ ଅନ୍ଧବିଶ୍ୱାସର ଗୋଡ଼ିଆଗୋଡ଼ି ଖେଳ । ଏଣୁ ପଲଟିଯାଉଚି ଦୃଶ୍ୟପଟ । ବିଜ୍ଞାନ ଆବୋରି ବସୁଛି ମଥାନକୁ । ନୂଆଦୁନିଆର କଥା କହୁଛି ସାମ୍ୟବାଦ । ଫ୍ରଏଡ଼୍ କହୁଛନ୍ତି ଯୌନବାଦର କଥା । ଭଗବାନ ରଜନୀଶ ଚହଲେଇ ଦେଉଛନ୍ତି ଆମେରିକା । ଆସିଯାଉଛନ୍ତି ଜେମସ୍ ଜଏସ୍ – ୟୁଲିସିସ୍‌କୁ ଧରି । ଥୋମାସ୍ ମୁରଙ୍କର ୟୁଟୋପିଆ ଚହଲେଇ ଦେଉଛି ବିଶ୍ୱବାତାୟନକୁ । ପ୍ରେମ ଗୋଟିଏ ଖେଳ ହୋଇଯାଇଛି । ସମ୍ଭବତଃ ଏକହଜାର ବର୍ଷ ତଳର ପ୍ରଥମ ଉପନ୍ୟାସ 'ଦି ଟେଲ୍ ଅଫ୍ ଗେଞ୍ଜି' । ନୋବେଲ୍ ବିଜୟିନୀ ଜାପାନୀ ଔପନ୍ୟାସିକା ସୁରାସାକି ସିକିବୁଙ୍କର ଏହି ଗେଞ୍ଜିକାହାଣୀ ଖେଳାଇ ଦେଇଛି ଉପନ୍ୟାସ ବା ନଭେଲ ନାମକ ନୂଆ ସାହିତ୍ୟିକ ବିଭବର ବିଜୁଳି ଚମକ । ଭାରତରେ ମୁନ୍‌ସି ପ୍ରେମଚାନ୍ଦ, ଫକୀରମୋହନ ସେନାପତି ଆଦି ଊନବିଂଶରୁ ବିଂଶଶତାବ୍ଦୀ ମଧ୍ୟରେ ବନେଇ ଦେଇଛନ୍ତି ଉପନ୍ୟାସର କାୟାକଳ୍ପମାନ । ଏମିତି ଏମିତି କେତେ ଅନୁବର୍ତ୍ତନ, ଉଦ୍‌ବର୍ତ୍ତନ ଓ ବିବର୍ତ୍ତନ ପରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆସିଯାଇଛି ବୋରାବୋରି ନୂଆଧାରଣାଗୁଡ଼ିକ ଆମ କଥାସାହିତ୍ୟକୁ । ସବୁଧାରଣା ମଧ୍ୟରେ ବଡ଼ ଚମତ୍କାର ଭାବରେ ଲେଖାଯାଇଛି କ୍ୟାମ୍ପସ ସାହିତ୍ୟ ।

**କ୍ୟାମ୍ପସ୍ ସାହିତ୍ୟର ସରିସର**

ଏ ସାହିତ୍ୟର ପରିସର ହେଉଛି ଶିକ୍ଷା ଓ ତାଲିମର ପରିସର । ବିଦ୍ୟାଳୟ, ମହାବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟଗୁଡ଼ିକ ସଭ୍ୟତାର କ୍ରମୋନ୍ନତି ସହିତ ସମୃଦ୍ଧ ହେବା ପରେ ସେଠାରେ ମଧ୍ୟ ସୃଷ୍ଟି ହେଉଛି ନୂଆଦୁନିଆ । ଏଠିକାର ପାତ୍ରପାତ୍ରୀ ହେଲେ ଶିକ୍ଷାବିତ୍, ଛାତ୍ର ଓ ଶୈକ୍ଷିକ ପରିବେଶ । ଗୋଟିଏ ଅଧ୍ୟାପନା,

ଅଧ୍ୟୟନ ଜଡ଼ିତ ପରିସରରେ ପ୍ରଥମେ ସଂଘର୍ଷ ହୁଏ ପରିଚିତିର । ତା'ପରେ ଆସେ ସାମାଜିକ ସ୍ତରବାଦର ଓ ପରିଶେଷରେ କୈଶୋରରୁ ଯୌବନକୁ ପାଦ ଦେଉଥିବା ଅସ୍ଥିରପାଦ ଛାତ୍ରବାଦର ମାନସିକତାର ପ୍ରାଦୁର୍ଭାବ ।

ତେବେ କଥା ହେଉଛି ପାଠକଟିଏ ନିଶ୍ଚୟ ସନ୍ଦିହାନ ଥାଇପାରେ ଯେ ଏହା କ୍ୟାମ୍ପସ୍‌ର ଛାତ୍ରଛାତ୍ରୀ, ଶିକ୍ଷକ ବା କର୍ମଚାରୀଙ୍କର ଦ୍ୱାରା ଲିଖିତ ସାହିତ୍ୟ ନୁହେଁ ତ ? ମୋଟାମୋଟି ଏହାର ଉତ୍ତର ନାହିଁ ବୋଲି କୁହାଯାଇପାରେ, କାରଣ, ଏ ଧରଣର ଲେଖାର ସ୍ରଷ୍ଟା ସବୁବେଳେ ତୃତୀୟ ପୁରୁଷ । ଯେହେତୁ ଗୋଟିଏ ମାନସ୍ତାତ୍ତ୍ୱିକ ପ୍ରବାହ ଏହାର ମୁଖ୍ୟ ଉପଜୀବ୍ୟ, ତେଣୁ ପ୍ରଥମ ପୁରୁଷ ବା ଦ୍ୱିତୀୟପୁରୁଷର ଏଥିରେ ଯୋଗଦାନ କରିବାର ଆବଶ୍ୟକ ନାହିଁ । ହଁ, ନିଜେ ପରୋକ୍ଷରେ ସ୍ରଷ୍ଟାମଣିଷଟି ଆତ୍ମନେପଦୀକୁ ଲୁଚେଇ ମଧ୍ୟ ଏପରି ନ ଲେଖିପାରିବ କିଆଁ ? ଏଣୁ ମହାବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟର ମୁଖପତ୍ରର ଲେଖାକୁ ଆମେ ଏହି ପର୍ଯ୍ୟାୟଭୁକ୍ତ କରିପାରିବା ନାହିଁ । କାରଣ ଅନେକ ସମୟରେ ଏହା ଏକଦେଶଦର୍ଶୀ ।

**ନିଜେ ପରୋକ୍ଷରେ ସ୍ରଷ୍ଟାମଣିଷଟି ଆତ୍ମନେପଦୀକୁ ଲୁଚେଇ ମଧ୍ୟ ଏପରି ନ ଲେଖିପାରିବ କିଆଁ ?**

ପାଶ୍ଚାତ୍ୟ ଜଗତରେ, ବିଶେଷ କରି ବ୍ରିଟିସ୍ ଓ ଆମେରିକା ଭୂଖଣ୍ଡରେ ସି.ପି ସ୍ନୋଙ୍କର ୧୯୫୧ ମସିହାରେ ପ୍ରକାଶିତ 'ଦି ମାଷ୍ଟରସ୍', ୧୯୫୪ରେ କିଙ୍ଗସ୍ଲେ ଆମିସ୍‌ଙ୍କର ଲିଖିତ 'ଲକିଜିମ୍', ୧୯୫୧ରେ ମାରି ମାକ୍‌କାର୍ଥିଙ୍କର 'ଦି ଗ୍ରୁଭସ୍ ଅଫ୍ ଏକାଡେମି' ଓ ୧୯୭୫ରେ ମାଲକମ୍ ବ୍ରାବରିଙ୍କର ଲିଖିତ 'ଦି ହିଷ୍ଟ୍ରିମାନ', ଏ ରୀତିର ମୁଖ୍ୟ ଉଦ୍‌ଗାତା ଭାରତ ଜନ୍ମିତ ଇଂରାଜୀ ଲେଖକ ଆର୍.କେ, ନାରାୟଣ, ଅନୁରାଧା ମାରଓ୍ୱା ରଏ, ଅନୀତା ଦେଶାଇ, ରୀତା ଯୋଶୀ, କାବେରୀ ଭଟ୍ଟ, ରଙ୍ଗାରାଓ ଚେତନ ଭଗତ ଇତ୍ୟାଦି ଏ ଧାରାରେ ମଧ୍ୟ ସେମାନଙ୍କର କୃତିତ୍ୱ ପ୍ରଦର୍ଶନ କରିଛନ୍ତି । ଭାରତର ଆଞ୍ଚଳିକ ଭାଷାରେ ଅହମିୟା ଲେଖକ ନବୀନ ବରୁଆଙ୍କ ଲିଖିତ କଟନ୍ କଲେଜ୍ (୧୯୬୫) ଉପନ୍ୟାସଟିକୁ ପ୍ରଥମ ଭାରତୀୟ କ୍ୟାମ୍ପସ୍ ଉପନ୍ୟାସ ରୂପେ ଗ୍ରହଣ କରାଯାଇଛି । ଏହି ସମୟରେ କଥାକାର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଉପନ୍ୟାସ 'ଶତାବ୍ଦୀର ନଚିକେତା' ମଧ୍ୟ ଓଡ଼ିଆ ସାହିତ୍ୟରେ ଆତ୍ମପ୍ରକାଶ କରିଛି । ଏଣୁ 'ଶତାବ୍ଦୀର ନଚିକେତା'କୁ ଭାରତୀୟ ଆଞ୍ଚଳିକ ଭାଷାର ପ୍ରଥମ ଉପନ୍ୟାସ କୁହାଯିବା ବିଧେୟ ମନେହୁଏ ।

'ଶତାବ୍ଦୀର ନଚିକେତା'ରେ ତିନି ମୁଖ୍ୟ ଚରିତ୍ର ବିଭୁପ୍ରସାଦ, ନଟବର ଓ ମନମୋହନ । ଏ ଉପନ୍ୟାସରେ ଶିକ୍ଷାନୁଷ୍ଠାନମାନଙ୍କରେ ରାଜନୈତିକ ହସ୍ତକ୍ଷେପ ଏକ ନିର୍ଦ୍ଦିଷ୍ଟ ଶିକ୍ଷାନୁଷ୍ଠାନ କୈନ୍ଦ୍ରିକ ହେଲେ ମଧ୍ୟ ଏହା ସାର୍ବଜନୀନ ଶିକ୍ଷାନୁଷ୍ଠାନ ଅଭିପ୍ରେତ ବୋଲି ମନେହୁଏ । ଯେଉଁଦିନ ଉଚ୍ଚଶିକ୍ଷା ପାଇଁ ବିଭୁପ୍ରସାଦ ତା'ବାପାଙ୍କ ସହିତ ଶିକ୍ଷାନୁଷ୍ଠାନରେ ପାଦ ଦେଇଛନ୍ତି ସେଦିନ ତାଙ୍କ ବାପା ଏହାର ଲାଇବ୍ରେରୀକୁ ଦେଖାଇ କହିଛନ୍ତି :- ବିଭୁପ୍ରସାଦ । ଏଇ ହେଉଛି ତୋର ପ୍ରକୃତ ମାଆ । ଏଇ ଜନନୀ ଜଠରରୁ ତୁ ବାସ୍ତବିକ କେବେ ଆତ୍ମପ୍ରକାଶ କରିବୁ ? କେବେ ତୁ ସଂସାରରୁ ଆଲୁଅକୁ ଆସିବୁ ? ଆଉ ସଂସାର ବି ଆସିବ ତୋର ଆଲୋକକୁ । ପ୍ରୋକ୍ତ ବାକ୍ୟଗୁଡ଼ିକରେ ଅତୀତରେ ନୀତି ଆଦର୍ଶକୁ ପାଥେୟକରି ସଂସ୍କାର ପରିବର୍ଦ୍ଧିତ ହେଉଥିବାର ଦୃଷ୍ଟାନ୍ତଟିଏ ପୈତୃକ ସୂତ୍ରରେ ଔପନ୍ୟାସିକ ବାଢ଼ି ଦେଇଛନ୍ତି । ଶ୍ରୀମଦ୍ ଭଗବତ୍ ଗୀତାରେ ଉଲ୍ଲେଖ ଅଛି - ନ ହି ଜ୍ଞାନେନ ସଦୃଶ ପବିତ୍ରମିହ ବିଦ୍ୟତେ । ତତ୍ସ୍ୱୟଂଯୋଗ ସଂସିଦ୍ଧଃ କାଳେନାତ୍ମାନି ବିନ୍ଦତି । ('ଜ୍ଞାନକର୍ମ ସନ୍ନ୍ୟାସଯୋଗଃ', ଶ୍ଳୋକ-୩୮) ଏଣୁ ଜ୍ଞାନର ମନ୍ଦିର ଶିକ୍ଷାନୁଷ୍ଠାନରୁ ଲବ୍ଧଜ୍ଞାନ ବ୍ୟକ୍ତିଚରିତ୍ରକୁ ସମୁଜ୍ଜ୍ୱଳ କରିବ ବୋଲି ପ୍ରାରମ୍ଭିକ ପ୍ରତ୍ୟୟଟିଏ ଗଢ଼ିଉଠିଛି ବିଭୁପ୍ରସାଦର ଅନ୍ତଃକରଣରେ । ବିଭୁପ୍ରସାଦ ଓ ନଟବରଙ୍କର ଛାତ୍ରଜୀବନରେ ଆସିଛି ଗୋଟିଏ ସାମୟିକ ଝଡ଼ ଏଇ ଶିକ୍ଷାନୁଷ୍ଠାନରେ । ହଷ୍ଟେଲରେ ପ୍ରଭାବଶାଳୀ ବ୍ୟକ୍ତିଙ୍କର ପ୍ରରୋଚନାରେ ଉପୁଜିଛି ବିଶୃଙ୍ଖଳା । ଏ ଦୁହେଁ ରହିଛନ୍ତି ଏକ ବେସରକାରୀ ମେସ୍‌ରେ । ସେ ମେସ୍ ଭାଙ୍ଗିଯାଇଛି ବହୁ ଘାତ-ପ୍ରତିଘାତରେ । ବିଭୁପ୍ରସାଦଙ୍କର ଗବେଷଣା ପୋଥିରେ ଡୋରି ବନ୍ଧା ହୋଇଛି । ତାଙ୍କର ଗବେଷଣାଗୁରୁ ଆନ୍ଦୋଳନରେ ଯୋଗଦେବା ପାଇଁ ପ୍ରସ୍ତୁତ ହେଉଥାନ୍ତି । ତାଙ୍କ ବାପାଙ୍କର ଅବସର ନେବାର ସମୟ ଉପନୀତ । ଅତଏବ ଅର୍ଥନୀତି ଓ ରାଜନୀତି ସ୍ୱପ୍ନଭଙ୍ଗ କରିଛି ଏହିଭଳି ଆଦର୍ଶବାଦୀ ନଚିକେତାମାନଙ୍କର । ଉପନିଷଦୀୟ ମାର୍ଗାଦର୍ଶରେ ଉପନ୍ୟାସଟିର କ୍ୟାମ୍ପସଜୀବନ ଅପେକ୍ଷା ଯଦିଓ ମହତ୍ତର

ଲକ୍ଷ୍ୟଟିଏ ଗତିଶୀଳ, ତଥାପି ଏହାକୁ କ୍ୟାମ୍ପସ୍ ଉପନ୍ୟାସ ଛଡ଼ା ଆଉ କ'ଣ କୁହାଯାଇପାରେ ?

**କ୍ୟାମ୍ପସ୍ ଜୀବନର ଦୁଇ ରୂପ**

ଏବେ ଆସିବା ଆଉ ଏକ ଉପନ୍ୟାସ 'ନେତିନେତି'କୁ । 'ନେତିନେତି'ରେ ରହିଛି ସେହିପରି ଦ୍ୱିତୀୟ ବିଶ୍ୱଯୁଦ୍ଧ ଓ ଭାରତଛାଡ଼ ଆନ୍ଦୋଳନର ପ୍ରେକ୍ଷାପଟର ଅସ୍ତିତ୍ୱବାଦ କଥା । ସୁପ୍ରସିଦ୍ଧ କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତି ମାନବେନ୍ଦ୍ର ଚରିତ୍ର ଜରିଆରେ ଦେଖାଇଛନ୍ତି ତାଙ୍କର କ୍ୟାମ୍ପସ ଜୀବନର ଦୁଇଟି ସ୍ୱରୂପ । ଜଣେ ବୋହେମିଆନ ଓ ପରବର୍ତ୍ତୀ ପର୍ଯ୍ୟାୟର ଗାନ୍ଧୀବାଦୀ ଯୁବକଟିର ସ୍ୱରୂପ ଚିତ୍ରଣରେ ଶ୍ରୀ ମହାନ୍ତି କେତେ ସିଦ୍ଧହସ୍ତ ଦେଖନ୍ତୁ ତ, "ପ୍ରଥମେ ଜୋରିମାନା, ରିଆଡମିସନ୍ ଫିସ୍ ସହିତ ଦୁଇମାସର ଦରମା ଦେଇ ନାଁ ଲେଖାଇଲି । ଗୁଜୁରାଟୀ ରେଷ୍ଟୁରାଣ୍ଟରେ ବାକି ଛିଡ଼ାଇଲି । ବୈଷ୍ଣବ ସାହୁ ଜଳଖିଆ ଦୋକାନର ବି । ତା'ପରେ ଗୋଟିଏ ଗୋଲଡ୍ ଫ୍ଲେକ୍, ସିଗ୍ରେଟ୍ ଟାଣି ଟାଣି ମୁଁ ଆସିଲି କମନରୁମକୁ ।"




ସେଦିନ ସେଇଠି ସାଇକଲ୍ ଧରି ଠିଆ ହୋଇ ମନେ ମନେ ମୁଁ ସଂକଳ୍ପ କଲି ଏ ଅବିଚାର, ଅପମାନ ବିରୁଦ୍ଧରେ ମୋତେ ଲଢ଼ିବା ପାଇଁ ପଡ଼ିବ । ପଦବାବୁଙ୍କ ପ୍ରତି ଏ ଅପମାନ, ସ୍ୱଦେଶରେ ଦେଶବାସୀଙ୍କ ପ୍ରତି ଗୋରାଶାସନରେ ଅବିଚାର, ଅପମାନର ପ୍ରତୀକ ।

ମାନବେନ୍ଦ୍ରଙ୍କ ଜୀବନରେ କଲେଜକ୍ୟାମ୍ପସ ଏକ ଚିଡିଆଖାନା ପାଲଟିଛି । ଏହି ଚେତନ ପ୍ରବାହଧର୍ମୀ ଉପନ୍ୟାସରେ ମାନବେନ୍ଦ୍ର ଲାଇବ୍ରେରୀ ଯାଇ ପାଠ ପଢୁଛି । ତିନିତିନିଜଣ ତରୁଣୀଙ୍କର ପ୍ରେମରେ ପଡୁଛି । ବାବାମଠ ଓ ବୋମାଧାରୀ ଦାଦାଙ୍କର ସଂସ୍ପର୍ଶରେ ମେସ୍‌ରେ ଆସୁଛି । ପଦାରବିନ୍ଦବାବୁଙ୍କର ପଛରେ ଧାଇଁ ପୋଲିସ ଲାଠି ଖାଇ କ୍ଷତବିକ୍ଷତ ହୋଇଛି । କାନ୍ତମାମୁଁଙ୍କର ଧାରାକୁ କେତେବେଳେ ଘୃଣା କରୁଛି ତ କେତେବେଳେ ପ୍ରଶଂସା ମଧ୍ୟ କରୁଛି । ଗୀତାର ବାଣୀକୁ ବୁଝି ଗୀତା ପ୍ରତି ଆକୃଷ୍ଟ ହେଉଛି । ସାଥୀମାନଙ୍କ ସହ ମିଶି ଥଟ୍ଟାମଜା କରୁଛି । ଏମିତି ନାନାଦି ବିଭବରେ ସରୁନାହିଁ-ସରୁନାହିଁ-ନେତିନେତି ।

ଏକଦା ଚହଳ ସୃଷ୍ଟି କରିଥିବା ଅନ୍ୟ ଏକ କ୍ୟାମ୍ପସ୍ ଉପନ୍ୟାସ ହେଉଛି କନିଷ୍କଙ୍କର 'ଘାଟ' । ୧୯୯୪ ମସିହାରେ ପ୍ରକାଶିତ ଏହି ଉପନ୍ୟାସଟି ଗୋଟିଏ ଗ୍ରାମାଞ୍ଚଳର କଲେଜ ସହିତ ଜଡ଼ିତ । ଘାଟରେ ରହିଛି ନୂଆ କଲେଜ ସହିତ ଗଢ଼ି ଉଠିଥିବା ବାଣିଜ୍ୟ ବ୍ୟବସାୟ ପ୍ରତିଷ୍ଠାନର କଥା । ଅଧ୍ୟୟନରତ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାମାନଙ୍କର ଚାରିତ୍ରିକ ସ୍ଖଳନର କଥା । ଏଥିସହ ଗ୍ରାମ୍ୟ ରାଜନୀତି, ବ୍ୟକ୍ତିଗତ ସ୍ୱାର୍ଥର ଚାପରେ ନଟକକାଙ୍କର ପ୍ରଦତ୍ତ ଅଢ଼େଇ ଏକର ସମ୍ପତ୍ତିରେ ପ୍ରତିଷ୍ଠିତ କଲେଜର ଦୁର୍ନାମ ଏଥିରେ ସ୍ପଷ୍ଟ ବାରି ହୋଇଯାଉଛି । ନଟକକାଙ୍କର କନ୍ୟା ମାଳତୀ ଓ ତା'ର ପ୍ରିୟ ବଉଳ ମଲ୍ଲୀ ଏହାର ଶିକାର ହୋଇଛନ୍ତି । ମଲ୍ଲୀ ଜନୈକ ଓଡ଼ିଆ ଅଧ୍ୟାପକ ସଞ୍ଜୟସାର୍‌ଙ୍କୁ ପ୍ରେମ କରି ଅନ୍ତଃସତ୍ତ୍ୱା ହୋଇଛି । କଲେଜ ସ୍ଥାପନାର ମୂଳ ଉଦ୍ଦେଶ୍ୟ ଘଟଣାଚକ୍ରରେ ଧୂଳିସାତ ହୋଇଛି । କଲେଜର ଲେଡିଜ୍ ହଷ୍ଟେଲର ରାଗିଂ, ସେକ୍ସ ର୍‌ୟାକେଟ୍, କଲେଜରେ ଅବାଧ କପି ଇତ୍ୟାଦି ନକାରାତ୍ମକ ବିଭବ କଲେଜ ପ୍ରତିଷ୍ଠାର ମହତ୍ତର ସ୍ୱପ୍ନକୁ ଭାଙ୍ଗି ଚୂରମାର କରିଦେଇଛି ।

'ଆକ୍ରାନ୍ତ ୩/୪'ରେ ଗୋଟିଏ କଲେଜର ଅବସ୍ଥା ଓ ଅବ୍ୟବସ୍ଥା ବିଷୟରେ କହିଛନ୍ତି ଔପନ୍ୟାସିକ ପଦ୍ମଜ ପାଳ । ଛାତ୍ର ଆନ୍ଦୋଳନ, ଅଧ୍ୟାପକ ଅଶାନ୍ତି, ଲାଇବ୍ରେରୀ ପୁସ୍ତକ ଅଭାବ, ଅଧ୍ୟାପକମାନଙ୍କର କ୍ଲାସ ନନେବା, ଅଧ୍ୟାପକ ମରୁଡ଼ି ପରି ସମସ୍ୟାରେ ଭାରାକ୍ରାନ୍ତ ହୋଇଛନ୍ତି ଅଧ୍ୟକ୍ଷ । କଲେଜ ଏପରି ଅବସ୍ଥାରେ ଧଡ଼ଧଡ଼ ଗାଡ଼ି ପରି ଚାଲିଛି । ଏହାର ମୁକାବିଲା ପାଇଁ ଅଧ୍ୟକ୍ଷଙ୍କ ନିଃସହାୟତାର ସ୍ୱର ରହିଛି ଏହିପରି । ଏ କ୍ଷେତ୍ର ଏକ ଭୟାବହ ଅଶାନ୍ତିର କ୍ଷେତ୍ର । ଆମେ ସମସ୍ତେ ଆକ୍ରାନ୍ତ, ରୁଗ୍‌ଣ, ମୁଁ ବି । ହୁଏତ ଅଧିକ ଆକ୍ରାନ୍ତ । କଲେଜ ଏପରି ୩/୪ ଅଂଶ ନାହିଁନାହିଁରେ ଚାଲିଥିବାରୁ କେବଳ ବାକି ରହିଛି ୧/୪ଅଂଶ ।

ପ୍ରଫେସର ଗଣେଶ୍ୱର ମିଶ୍ରଙ୍କର ନେତା, ଆରୋହୀ

ଆଦି ଉପନ୍ୟାସରେ ରହିଛି ଶିକ୍ଷାବ୍ୟବସ୍ଥା ଉପରେ ରାଜନୀତିକ ଦଳର ହସ୍ତକ୍ଷେପର ଚରମଦୃଶ୍ୟ ।

ଔପନ୍ୟାସିକ ପବିତ୍ରମୋହନ ପାଣିଗ୍ରାହୀଙ୍କର ଉପନ୍ୟାସ 'ଡଅଁର'ରେ ରହିଛି ବେସରକାରୀ କଲେଜର ନାନାଦି ଅବ୍ୟବସ୍ଥାର ବିକଳ ଚିତ୍ର । ଗଳ୍ପନାୟକ ଅତନୁମିଶ୍ରଙ୍କ ବୃତ୍ତିଗତ ଅଧ୍ୟାପନା ଜୀବନର ଅସହାୟତା, ଇଣ୍ଟରଭ୍ୟୁରେ ଧରାଧରି, ପରିଚାଳନା କମିଟିର ଅନୈତିକ ଚାପ, କୋର୍ଟ କଚିରିକୁ ଧାଁ ଦଉଡ଼ ସହକର୍ମୀମାନଙ୍କର ଛଳନା ଓ ଷଡ଼ଯନ୍ତ୍ର, ଛାତ୍ରଛାତ୍ରୀମାନଙ୍କର ଉତ୍ପାତ ଆଦିର ଚକ୍ରବ୍ୟୁହ ବେଶ ସହଜ ଭାବରେ ଏଥିରେ ସ୍ଥାନ ପାଇଛନ୍ତି । ସବୁ ସଂଘର୍ଷର ପାଣିଭଉଁରୀ ଭିତରେ ନାକବୁଡ଼ା ପାଣି ପିଇଚାଲିଛି ବିଚାରା ଅତନୁ । ଚମତ୍କାର ସ୍ଥିତିବାଦୀ କ୍ୟାମ୍ପସ୍ ଉପନ୍ୟାସ ଭାବରେ ଡଅଁରକୁ ପାଠକେ ଗ୍ରହଣ କରିପାରନ୍ତି ।

### ଶିକ୍ଷାବ୍ୟବସ୍ଥାର ବୈକଲ୍ୟ

ପ୍ରୋକ୍ତ ସମସ୍ତ ଉପନ୍ୟାସର ପୁରୋଭାଗରେ ନରହି ପାରିଲେ ବି ଏକ ପରିପୂର୍ଣ୍ଣ ଆଧୁନିକ ଶିକ୍ଷାବ୍ୟବସ୍ଥାରେ ବୈକଲ୍ୟ, ପରିଚାଳନା କମିଟିର ଅଯଥା ହସ୍ତକ୍ଷେପ, ମେସ୍‌ରେ ଜଣେ ଅନ୍ତେବାସିନୀଙ୍କର ସନ୍ଦେହଜନକ ଆତ୍ମହତ୍ୟା ପ୍ରେମ, ପ୍ରତାରଣା, ଧର୍ମଘଟ, ସ୍ୱପ୍ନାଭିଳାଷ ଓ ଅଭିସାର ତଥା ଅଭିଚାରର ପୃଷ୍ଠଭୂମି ଉପରେ ରଚିତ ହୋଇଛି ଆମ ସମୟର ଖ୍ୟାତନାମା କଥାକାର ଅନୀଲ କୁମାର ପାଢ଼ୀଙ୍କର ଉପନ୍ୟାସ 'ମେଘରାତି' । ସେହିପରି ମମତାମୟୀ ଚୌଧୁରୀଙ୍କର 'କ୍ୟାମ୍ପସ୍ କ୍ୟାମ୍ପସ୍' ଉପନ୍ୟାସରେ ରହିଛି ଗବେଷଣାର ଗାଇଡଙ୍କର ଗବେଷକ ଛାତ୍ରଛାତ୍ରୀଙ୍କର ପ୍ରତି ହୀନଦୃଷ୍ଟି ଓ ଯୌନଲାଳସା ଇତ୍ୟାଦିର ଚିତ୍ର । ଉପନ୍ୟାସ ବିଭବଟି ବ୍ୟତୀତ ଓଡ଼ିଆ ସାହିତ୍ୟରେ ମଧ୍ୟ ରଚିତ ହୋଇଛି ଅନେକ କ୍ୟାମ୍ପସ ଗଳ୍ପ । ତନ୍ମଧ୍ୟରୁ ଗାଳ୍ପିକ ଅରବିନ୍ଦ ରାୟଙ୍କର 'ଜହ୍ଲାଦ' ରାଜ୍ୟବର୍ଦ୍ଧନ ଧଳ ମହାପାତ୍ରଙ୍କର 'ସବୁଜ ପତ୍ରରେ ସୂର୍ଯ୍ୟାସ୍ତର ରଙ୍ଗ', ଯଶୋବନ୍ତ ସାମଲଙ୍କର 'ଦାଗ' 'ପାତ୍ରବାବୁଙ୍କ ଡାଏରୀରୁ ଦଶପୃଷ୍ଠା' ଇତ୍ୟାଦି ଉଲ୍ଲେଖନୀୟ ଏସବୁର ବହୁପୂର୍ବରୁ ଖ୍ୟାତନାମା କଥାକାର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କର 'ଅଦିନ ବଉଳ' ପାଠକମହଲରେ ଚାଞ୍ଚଲ୍ୟ ସୃଷ୍ଟି କରିପାରିଛି । ଏ ସବୁଥିରେ ବେସରକାରୀ କଲେଜର ସ୍ଥାପନର ଶ୍ରମ, ପରିଣାମର ବିଫଳତା ଅଧ୍ୟକ୍ଷ ଓ ଅଧ୍ୟକ୍ଷାଙ୍କର ବିକଳବିଧୃତ ଅବସ୍ଥିତି ବିଷୟ ବର୍ଣ୍ଣିତ ହୋଇଛି । ଏହି ଆଲୋଚକଙ୍କର ଦୁଇଟି ଗଳ୍ପ 'ନିଃଶବ୍ଦ ନୈମିଷା' ପୁନଶ୍ଚ ପ୍ରଦୋଷରେ ମଧ୍ୟ ଗୋଟିଏ ବେସରକାରୀ ଅଧ୍ୟାପକଙ୍କର ବିକଳଚିତ୍ର ପରିସ୍ଫୁଟିତ ହୋଇଛି । ପତ୍ରୋପନ୍ୟାସ ହୋଇଥିଲେ ମଧ୍ୟ ଔପନ୍ୟାସିକ ନରସିଂହ ସାହୁଙ୍କର 'ଝଡ଼ର କବରୀ' ଉପନ୍ୟାସର ସର୍ବାଧିକ ଭାଗ ବେସରକାରୀ କଲେଜର ଅଧ୍ୟାପକଙ୍କର ଅସହାୟତାର କଥା କହିଥାଏ ।

**ଉପନ୍ୟାସ ବିଭବଟି ବ୍ୟତୀତ ଓଡ଼ିଆ ସାହିତ୍ୟରେ ମଧ୍ୟ ରଚିତ ହୋଇଛି ଅନେକ କ୍ୟାମ୍ପସ ଗଳ୍ପ ।**

ମୋଟାମୋଟି କହିବାକୁ ଗଲେ ଆଲୋଚନାର ଦୀର୍ଘତ୍ୱ ଏଡ଼ାଇବା ପାଇଁ ଏ ସଂପର୍କୀୟ ସମସ୍ତ ସୃଷ୍ଟିର ଆକଳନ ଏ ଆଲୋଚକ ଦ୍ୱାରା ହୋଇପାରିନହିଁ । ଏଣୁ ପତ୍ରିକାର ପୃଷ୍ଠାକୁ ସମ୍ମାନ ଜଣାଇ କେବଳ ସୂଚନାମାତ୍ରରେ ଆଲୋଚନାଟିର ଉପସଂହାର ଆଙ୍କିବାକୁ ଅନୁମତି ପ୍ରାର୍ଥନା ବିନୀତ ଆଲୋଚକର ।

### ସହାୟକ ଗ୍ରନ୍ଥସୂଚୀ

୧. ଶତାବ୍ଦୀର ନଚିକେତା – ଶାନ୍ତନୁକୁମାର ଆଚାର୍ଯ୍ୟ - ଗ୍ରନ୍ଥମନ୍ଦିର ପ୍ରଥମ ସଂସ୍କରଣ -୧୯୬୫
୨. ନେତି ନେତି –ସୁରେନ୍ଦ୍ର ମହାନ୍ତି – କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର୍ - ୧୯୯୨
୩. ଘାଟ- କନିଷ୍କ- ପୂଜା ସଂଖ୍ୟା - ୧୯୮୨ ଅମୃତାନୟନ -୧୯୯୪, ବର୍ଷା ପବ୍ଲିକେଶନ - ୧୯୯୪
୪. ଆକ୍ରାନ୍ତ ୩/୪ ପଦ୍ମଜପାଳ -ଆକାଙ୍କ୍ଷା ପ୍ରକାଶନ -ଭଦ୍ରକ ଜୁନ୍-୨୦୦୭
୫. ନେତା - ପ୍ରଫେସର ଗଣେଶ୍ୱର ମିଶ୍ର - କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର - ୨୦୧୧
୬. ଆରୋହୀ - ପ୍ରଫେସର ଗଣେଶ୍ୱର ମିଶ୍ର - କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର
୭. ଡଅଁର - ପବିତ୍ର ମୋହନ ପାଣିଗ୍ରାହୀ - ଅଗ୍ରଦୂତ -୨୦୧୧ ବାଙ୍କାବଜାର କଟକ-୨୦୦୮
୮. ମେଘରାତି - ଅନୀଲ କୁମାର ପାଢ଼ୀ- ପଶ୍ଚିମା, ଭୁବନେଶ୍ୱର, ୧, ଜାନୁୟାରୀ ୨୦୧୬
୯. କ୍ୟାମ୍ପସ୍ କ୍ୟାମ୍ପସ୍ –ମମତାମୟୀ ଚୌଧୁରୀ –ପଶ୍ଚିମା, ଭୁବନେଶ୍ୱର ୧ ଜାନୁୟାରୀ -୨୦୧୯

□□

ଲେଖକଙ୍କ ଇ-ମେଲ ଠିକଣା:
gacharyalulu@gmail.com

ଗଳ୍ପ

# ଅଫେରା ପଥ



ପ୍ରଫୁଲ୍ଲ ବାରିକ

ଦିଲ୍ଲୀରୁ ହରିଦ୍ୱାର ରାସ୍ତା ତିନିଶ' କିଲୋମିଟର । ନିର୍ଦ୍ଧାରିତ ସମୟ ଅନୁଯାୟୀ ସନ୍ଧ୍ୟା ଛଅରେ ସେମାନେ ଛାଡ଼ିଲେ ଦିଲ୍ଲୀ । ନିଜ କାରରେ ସ୍ୱାମୀ-ସ୍ତ୍ରୀ, ସୋମେନ ଓ ସୌଦାମିନି । ରାତି ରାସ୍ତା । କାଁ ଭାଁ ଟ୍ରାଫିକ । ସାଢ଼େଦଶକୁ ପହଂଚିଗଲେ ହରିଦ୍ୱାରରେ । ହୋଟେଲରେ ରାତି କଟେଇ ସକାଳୁ ସ୍ନାନଶୌଚ ଅନ୍ତେ ବାହାରିଗଲେ ଗଙ୍ଗାଘାଟକୁ ।

ଚିରପ୍ରବାହିନୀ ଗଙ୍ଗା କୂଳରେ ବ୍ୟବସ୍ଥିତ ଘାଟ । ପବିତ୍ର ଗଙ୍ଗାକୂଳରେ ଯେତେସବୁ କର୍ମ କର୍ମାଣି । ଏତେ ସକାଳୁ ବି ଘାଟ ପରିସର ଲୋକାରଣ୍ୟ । ବ୍ରାହ୍ମଣମାନେ ଆପଣା ଆପଣା ଯଜମାନଙ୍କୁ ଧରି ବସିଛନ୍ତି କର୍ମରେ । କୋଉଠି ଶ୍ରାଦ୍ଧ ତ କୋଉଠି ଅସ୍ଥି ବିସର୍ଜନ । କୋଉଠି ପିଲାଙ୍କର ମୁଣ୍ଡନ ତ କୋଉଠି ଗଙ୍ଗାତର୍ପଣ । ପୁରୋହିତଙ୍କ ମନ୍ତ୍ର ଉଚ୍ଚାରଣରେ ଗୁଣୁଗୁଣଉଛି ସ୍ଥାନଟି । ଯଜମାନଙ୍କ ଧାଁ'ଧପାଳି କରୁଛି ଆହୁରି ବ୍ୟସ୍ତମୁଖର ସ୍ଥାନଟିକୁ ।

ପ୍ରକୃତରେ ପରିବେଶରୁ ଲାଗୁଚି ସେମିତି, ଯିମିତି ଲାଗେ ଆଶ୍ରମର ପରିବେଶ । ସୋମେନ ମନେମନେ ତାରିଫ କଲା ବ୍ରାହ୍ମଣଙ୍କ ରୁଚିକୁ ।

ଦୁଇଟି ପିତଳ ପାତ୍ରରେ ଅସ୍ଥିଧରି ଠିଆ ହେଇଛନ୍ତି ସେମାନେ ସ୍ୱାମୀ-ସ୍ତ୍ରୀ । ଜଣେ ଯୁବ ବ୍ରାହ୍ମଣ ଆସି ପଚାରିଲେ, ଭାଷା ଥିଲା ହିନ୍ଦୀରେ ତାଙ୍କର, ଯାହାର ଓଡ଼ିଆ ଇମିତି, ଆପଣ ଅସ୍ଥି ବିସର୍ଜନ କରିବେକି ? ସୋମେନ କହିଲା, ଆଜ୍ଞା, ଆପଣ ଦୟାକରି କରେଇଦେବେ କର୍ମ ଆମର ?

....ଏଥିରେ ଦୟା କ'ଣ ? ଇଏତ କର୍ମ ଆମର । ଆସନ୍ତୁ... ।

କହି ବ୍ରାହ୍ମଣ ଚାଲିବାକୁ ଉଦ୍ୟତ ହୁଅନ୍ତେ ସୋମେନ ପଚାରିଲା, ଏଠିତ ଘାଟ । ଆମେ ଯିବା କୁଆଡ଼େ ?

ବ୍ରାହ୍ମଣ ବୁଝେଇଲେ, ଦେଖୁଛନ୍ତି ଭିଡ଼କୁ ? କୌଣସି କର୍ମ କରିହେବ ଏଠି ଶାନ୍ତିରେ ? ଏଠୁ ଗୋଟେ କିଲୋମିଟର ଗଲେ ପଡ଼ିବ ଆଶ୍ରମଟିଏ । ଗଙ୍ଗା କୂଳରେ ଅବସ୍ଥିତ । ସେଠି ବି ଅଛି ଘାଟ । ଜନମାନବଶୂନ୍ୟ ନିରୋଳା ପରିବେଶ । ସେଇଠି ହେବ ଶାନ୍ତିରେ କର୍ମ । ଆପଣଙ୍କ ମନ ବୁଝିବ । ମୋତେ ବି ଭଲଲାଗିବ । କାମରେ ଉଭୟଙ୍କର ଆସିବ ସନ୍ତୁଷ୍ଟି । ନା କ'ଣ କହୁଛନ୍ତି ?

....ହଉ ଚାଲନ୍ତୁ । ହେଲେ ସେଠିକୁ ଚାଲି ଚାଲି ଯିବା ? ଗୋଟିଏ କିଲୋମିଟରଟି ?

ପଚାରିଲା ସୋମେନ ।

....କହିବେ ତ ଅଟୋ ବ୍ୟବସ୍ଥା କରିଦେବି । କରିବା... ?

ସୋମେନ କହିଲା, ଅଟୋର ଆବାଶ୍ୟକ ନାହିଁ । ଆମର ଗାଡ଼ି ଅଛି । ସେଥିରେ ଯିବା ।


ବ୍ରାହ୍ମଣଙ୍କ ନିର୍ଦ୍ଦେଶରେ ଗାଡ଼ି ଅଟକିଲା । ତିନିଜଣ ଓହ୍ଲେଇଲେ ଗାଡ଼ିରୁ । ବ୍ରାହ୍ମଣ କହିଲେ, ଅଧଘଣ୍ଟା ଭିତରେ ଆସୁଛି, ମୁଁ ସମସ୍ତ ଯୋଗାଡ଼ ଧରି । ଆପଣମାନେ ଏଠି ବସିଥାଆନ୍ତୁ । ଦର୍ଶନ କରୁଥାଆନ୍ତୁ ମାତା ଗଙ୍ଗାଙ୍କୁ ।

ବ୍ରାହ୍ମଣ ଚାଲିଗଲେ ସାମଗ୍ରୀ ଯୋଗାଡ଼ରେ ।

ସୋମେନ ଦେଖିଲା ସୁନ୍ଦର ସ୍ଥାନଟିଏ । ଗଙ୍ଗାନଦୀ କୂଳରେ । ନିରବ ନିସ୍ତବ୍ଧ ଶାନ୍ତ ପରିବେଶ । ଅଦୂରରେ ଆଶ୍ରମ । ଘାଟ ଆରମ୍ଭରେ ବୋର୍ଡ ଲାଗିଛି, ଯୋଉଠି ଲେଖା ଅଛି 'ପରମହଂସ ସ୍ୱାମୀ ଦୟାନନ୍ଦଗିରିଜୀ ମହାରାଜ ଘାଟ ଓ ଧ୍ୟାନସ୍ଥଳ' ସୋମେନକୁ ବୁଝିବାକୁ ଅଭାବ ରହିଲାନି ସ୍ଥାନଟିର ପରିଚୟ ସମ୍ପର୍କରେ । ପ୍ରକୃତରେ ପରିବେଶରୁ ଲାଗୁଚି ସେମିତି ଯିମିତି ଲାଗେ ଆଶ୍ରମର ପରିବେଶ । ସୋମେନ ମନେମନେ ତାରିଫ କଲା ବ୍ରାହ୍ମଣଙ୍କ ରୁଚିକୁ ।

ସନ୍ନିକଟରେ ପ୍ରବାହିତ ପବିତ୍ର ଗଙ୍ଗା । ସକାଳର ସୂର୍ଯ୍ୟ

କିରଣରେ ଝଲମଲ ଗଙ୍ଗାଜଳ । ଶିରିଶିରି ପବନ ସାଙ୍ଗକୁ ପକ୍ଷୀମାନଙ୍କର ପ୍ରାତଃକୂଜନ ସ୍ଥାନଟିକୁ ଶୋଭିତ କରୁଥାଏ ନୈସର୍ଗିକ ଶୋଭାଶ୍ରୀରେ । ପିତ୍ତଳପାତ୍ର ଦୁଇଟିକୁ ସୌଦାମିନିଙ୍କ ହାତକୁ ଦେଇ ସୋମେନ ଦେଖୁଥାଏ ସ୍ଥାନଟିକୁ ପ୍ରାଣଭରି ଓ ଅନୁଭବ କରୁଥାଏ ହୃଦୟରେ ପ୍ରଶାନ୍ତି । ଆଖି ପଡ଼ିଲା ଅନତି ଦୂରରେ ଗେରୁଆ ବସ୍ତ୍ର ପରିହିତ ଶ୍ମଶ୍ରୁଧାରୀ ଜଣେ ସନ୍ନ୍ୟାସୀ ଅନ୍ତେବାସୀ ଝାଡୁ ମାରି ସଫା କରୁଥିବାର ସ୍ଥାନଟିକୁ । ଧୀରେଧୀରେ ଆସି ସେ ପହଞ୍ଚିଲେ ତାଙ୍କ ପାଖରେ । ସୋମେନ ଦେଖୁଥାଏ ନିରବରେ ତାଙ୍କ କର୍ମକୁ । ସନ୍ନ୍ୟାସୀ ମଝିରେ ମଝିରେ ମୁହଁ ଉଠେଇ ଚାହିଁ ଦେଉଥାଆନ୍ତି ତାଙ୍କୁ । ନିକଟ ହେବାରୁ ସୋମେନ ଗଲା ତାଙ୍କ ପାଖକୁ । ମୁଣ୍ଡର ଚୁଟି ଓ ମୁହଁର ଦାଢ଼ି ଝୁଲି ରହିଛି ତଳକୁ । ଗେରୁଆ ପିନ୍ଧିବା ସହ ଘୋଡ଼ି ହେଇଛନ୍ତି ଦେହରେ ଗେରୁବସ୍ତ୍ର । ଋଷିପ୍ରତିମ ଚେହେରା । ଦେଖିଲେ ସଂଭ୍ରମ ସ୍ୱଜାଗ୍ରତ ହେଉଛି ମନରେ । କାମରେ ସମ୍ପୂର୍ଣ୍ଣ ନିଷ୍ଠ ସିଏ । ତେବେବି ମଝିରେ ମଝିରେ ଥରେ ମୁହଁ ଉଠେଇ ଚାହିଁ ନେବାକୁ ଭୁଲୁ ନାହାନ୍ତି । ଦୃଷ୍ଟିପଡ଼ିଲେ ଫେରେଇ ନେଉଛନ୍ତି ଆଖି । ସୋମେନ ଆଗ୍ରହରେ ପଚାରିଲା, ବାବା, ଆପଣ ଏ ଆଶ୍ରମର ଅନ୍ତେବାସୀ, ସନ୍ନ୍ୟାସୀ ?



.....ଜୀ... ।

ମୁହଁ ନଉଠେଇ ଉତ୍ତର ଦେଲେ ସନ୍ନ୍ୟାସୀ । ଏକ ଅକ୍ଷରର ଶବ୍ଦଟିଏ । ବିଜୁଳି ଲାଗିଲା ପରି ଲାଗିଲା ସୋମେନ ଛାତିରେ । ତଡ଼ିତର ଚମକ ଖେଳିଗଲା ସାରା ଶରୀରରେ ତାଳୁରୁ ତଳିପା । ସୋମେନ ଚମକିପଡ଼ି ଅନେଇଲା ସନ୍ନ୍ୟାସୀଙ୍କୁ । ତାଙ୍କ ପାଦରୁ ମଥା ଯାକେ ବୁଲୁଥାଏ ସୋମେନର ଆଖି । ପରବର୍ତ୍ତୀ ପ୍ରଶ୍ନ ସନ୍ନ୍ୟାସୀଙ୍କ ପ୍ରତି ସୋମେନର, ଆପଣ ଏ ଆଶ୍ରମରେ କେବେଠୁ ? ମୂଳରୁ, ନା ମଝିରୁ କେବେଠୁ ?

ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସନ୍ନ୍ୟାସୀ ଅନେଇଲେ ସୋମେନ ମୁହଁକୁ । ଚାରି ଆଖିର ହେଲା ମିଳନ । ଉତ୍ତର ଆସିଲା, ପ୍ରାୟ ପନ୍ଦର ବର୍ଷ ଏଠିମୋର ।

ସୋମେନ ମୁହଁରୁ ଅଚାନକ ବାହାରିଗଲା, ବାପା... ! ?

ଖସି ପଡ଼ିଲା ଝାଡୁ ହାତରୁ । ଅପ୍ରତିଭ ହେଲେ ସନ୍ନ୍ୟାସୀ । ନିରୁତ୍ତର ହେଇ ଆଉଥରେ ଝାଡୁ ଉଠେଇବାକୁ ଯାଉଛନ୍ତି, ସୋମେନ ତାଙ୍କ ପାଦଛୁଇଁ ନିଜେ ଧରିନେଲା ଝାଡୁକୁ ।

....ନାଇଁ ବାପା, ବହୁତ ହେଲା । ଆଉ ନୁହେଁ । ଆଜିକୁ ପନ୍ଦରବର୍ଷ ଧରି ଆପଣ ଲାପତା ଘରୁ । ଆପଣଙ୍କ ଅଜ୍ଞାତ ବାସରେ ଆମର ଅବସ୍ଥା କ'ଣ, କେବେ ଭାବିଛନ୍ତି ? ମୋତେ କ୍ଷମା କରନ୍ତୁ ବାପା । ଆମେ ଦୁହେଁ ଅପରାଧୀ । ଆପଣଙ୍କର ଅବସ୍ଥା ପାଇଁ ଆମେଇ ଦାୟୀ । ଆମକୁ ଅଭିଶାପ ଦିଅନ୍ତୁ । ଯାହା କରିବାର କରନ୍ତୁ । ଗ୍ରହଣ କରିବାକୁ ପ୍ରସ୍ତୁତ ଆମେ । କର୍ମଫଳ ଏବେ ଆଖିଆଗରେ । ଆପଣ ଫେରିଚାଲନ୍ତୁ । ଆମକୁ ଆଉ ଅଧିକ ଦୁଃଖ ଦିଅନ୍ତୁନି । ସନ୍ନ୍ୟାସୀ ରୂପୀ ବାପାଙ୍କ ପାଦ ଧରି ଅନୁନୟ ହେଉଥାଏ ସୋମେନ । ସନ୍ନ୍ୟାସୀ ନିରୁତ୍ତର । ଅବିଚଳିତ ସ୍ଥିତପ୍ରଜ୍ଞ । ତାଙ୍କ ଆଖିରେ ଭାସୁଛି ଅତୀତ ।

ସ୍ତ୍ରୀ ମଲାପରେ ଶବ ପାଖରେ ବସି ପୁଅ କଥା ଦେଇଥିଲା, କାନ୍ଦନା ବାପା । ବୋଉ ସିନା ଚାଲିଗଲା, ଆମେ ଅଛୁ । ବୋଉର ଅନୁପସ୍ଥିତି କେବେ ଦିନେ ଅନୁଭବ କରେଇ ଦେବୁନି ତମକୁ । ତମେ ଭୁଲିଯାଆ ବୋଉକୁ ।

କ୍ରିୟାକର୍ମ ପରେ ବୋହୂକୁ ଛାଡ଼ି ତାଙ୍କ ପାଖରେ ସୋମେନ ଗଲା ତା ଚାକିରି କ୍ଷେତ୍ରକୁ । ବର୍ଷଟିଏ ଯାଇଛି । ତା' ଦେଇଥିବା କଥାରୁ ରଙ୍ଗ ଛାଡ଼ିଛାଡ଼ି ଆସିଲା । ଶବ୍ଦସବୁ ମିଳେଇ ଯାଉଥିଲେ ପବନରେ । ଦାୟିତ୍ୱର ବୋଝ ମଥାକୁ ଭାରି ବୋଧ ହେଉଥିଲା । ବୋହୂର ପ୍ରତିଟି ବ୍ୟବହାରରେ ପ୍ରକାଶ ପାଉଥିଲା ଅସହିଷ୍ଣୁତା, ଅସହଣୀୟତା ।

ସେଦିନ ରାତିଥିଲା ତାଙ୍କ ଜୀବନର ଗୁରୁତ୍ୱପୂର୍ଣ୍ଣ ରାତି । ଯୋଉଠୁ ପଟ୍ରି ବଦଳେଇ ଗାଡ଼ି ନେଇଥିଲା ଭିନ୍ନ ଦିଗରେ ମୋଡ଼ । ପୁଅ ଆସିଥାଏ । ବୋହୂଙ୍କ ଜିଦ, ମୋତେ ଏ ନର୍କରୁ ଉଦ୍ଧାରକର । ମୁଁ ଆଉ ପାରିବି ନାଇଁ । ମୁଁ ବାହାହେଇ ଆସିଥିଲି କ'ଣ ଗାଁ'ରେ ରହି ଏଇକର୍ମ କରିବାକୁ ? ମୋତେ ନେଇଚାଲ, ନାଇଁତ, ଛାଡ଼ିଦେଇଆସ ମୋ' ବାପଘରେ । ତମେ ବୁଝ

ତମ ବାପାଙ୍କ କଥା । ଇଏ ମୋର ଶେଷ ଫଇସଲା । ସୋମେନ କାକୁତି ମିନତି ହେଇ ବୁଝାଉଥାଏ, ବାପା ସିଏ । ମୁଁ ଆଜି ଯାହାହେଇଚି, ତାଙ୍କରି ପାଇଁ । ସାଧାରଣ ଶିକ୍ଷକ, ପୁଣି ଗାଁ'ର ମଣିଷ ହେଇ ମୋତେ ମଣିଷ କରିବାକୁ ଖାଲି ସ୍ୱପ୍ନ ଦେଖି ନଥିଲେ, ସ୍ୱପ୍ନ ସାକାରରେ ଜଳାଞ୍ଜଳି ଦେଇଛନ୍ତି ଆପଣାର ସୁଖ ସ୍ୱାଚ୍ଛନ୍ଦ୍ୟକୁ । କମ ତ୍ୟାଗ କରିନାହାନ୍ତି ଜୀବନଗୋଟା । ବୋଉ ଶବ ପାଖରେ ମୁଁ କଥା ଦେଇଥିଲି, ଭଲରେ ରଖିବାକୁ ତାଙ୍କୁ । କେତେଟା ଦିନବା ବଂଚିବେ । ତମେ ଏମିତି କହିଲେ କ'ଣ କରିବି ଏବେ? ବାପାଙ୍କ ଜିଦ୍ ସେ ସହର ଯିବେନି । ରହିବେନି ଯାଇ ଆମ ପାଖରେ । ବୃଦ୍ଧାଶ୍ରମରେ ଛାଡ଼ି ଦିଅନ୍ତି । କ'ଣ କହିବ ଦେଶ ଦୁନିଆଁ ?

ସୋମେନ ବୁଝାଉଥିଲା ପାରୁପର୍ଯ୍ୟନ୍ତ ତା' ସ୍ତ୍ରୀକୁ ।

....ସେସବୁ କିଛି ମୋର ଶୁଣିବାର ନାହିଁ । ମୋତେ ମୋ' ବାପଘରେ ନେଇ ଛାଡ଼ିଆସ । ନ ନେବତ ମୁଁ ଚାଲିଯିବି ନିଜେ ।

ସୋମେନ ନିରୁତ୍ତର । ନିରୁପାୟ ବି ।

ସବୁ ଶୁଭୁଥିଲା ତାଙ୍କୁ । ରାତିରେ ପିଛାପଡ଼ିନି ଆଖି । ଭାସୁଥିଲା ସଂସାରର ନଙ୍ଗଳା ରୂପ ଆଖିରେ । ସମ୍ପର୍କ, ବନ୍ଧନ ଲାଗୁଥିଲା ମିଛ ମନଭୁଲା ବୁଢ଼ିଆଣୀସୂତା । ପରିଚୟ ପାଇବା ପରେ ଛିଣ୍ଡି ଯିବାକୁ ସମୟ ଲାଗିଲା ନାଇଁ । ମୋଟେବି । ମୁହୂର୍ତ୍ତେ ବି । ହଟି ଯାଇଥିଲା ଆଖିରୁ ଆସକ୍ତିର ପରଦା । ଅପେକ୍ଷା କରିଥିଲା ଜୀବନମୁକ୍ତ ମଞ୍ଚ, ଯୋଉଠି ଆସକ୍ତି ଆବିଳତା ଓ ଆତ୍ମୀୟତାର ମିଛ ଆଲିଙ୍ଗନ ଅପହଞ୍ଚ ।

ରାତି ପାହିଲା ବେଳକୁ ଖୋଜା ପଡ଼ିଲା ବାପାଙ୍କର । ଥିଲେ ତ ମିଳିବେ । ଗାଁ ସାରା ଲୋକଙ୍କର ଟିପାଟିପ୍ପଣୀ । ନାନାକଥା । ନାନା କଳ୍ପନା ଜଳ୍ପନା । ସୋମେନ ବହୁ କଷ୍ଟରେ ହଜମ କଲା ଦୁଃଖକୁ । ଭାଗ୍ୟର ଖେଳ ଭାବି ଗ୍ରହଣ କରିବାକୁ ବାଧ୍ୟ ହେଲା ସମୟର ଦାନକୁ ।

ସନ୍ନ୍ୟାସୀ ହଜି ଯାଇଥାନ୍ତି ଅତୀତର ଦିଗନ୍ତରେ । ଆଲୋକିତ ଇଲାକାରୁ ଦେଖାଯାଉଛି ସ୍ପଷ୍ଟ ସେ ନିରନ୍ଧ୍ର ଅନ୍ଧାରରେ ସଂଘଟିତ ଘଟଣାର ରୂପରେଖ । ତାଙ୍କୁ ନିରବ ରହିବା ଦେଖି ସୋମେନ କହିଲା, ବାପା, ଆପଣ ଫେରି ଚାଲନ୍ତୁ । ପଛେ ରୁହନ୍ତୁ ସନ୍ନ୍ୟାସୀ ହେଇ, ହେଲେ ରହନ୍ତୁ ଆମ ସହ । ଗୃହସ୍ଥ ବି ଅଛନ୍ତି ସନ୍ନ୍ୟାସ ନେଇ । ଆପଣ ଚାଲନ୍ତୁ । ଆପଣଙ୍କ ବିନା ଆମେ ରହି ପାରିବୁନି ।

ସୌଦାମିନି ଠିଆ ହେଇ ନିରବରେ ଦେଖୁଥାଏ ଦୃଶ୍ୟ । ତା' ଆଡ଼େ ଅନେଇ ସନ୍ନ୍ୟାସୀ ରୂପୀ ବାପା ପଚାରିଲେ, ସେ କଳସ ଦୁଇଟି କ'ଣ ? ଆଣିଛ କି ବାପା ବୋଉଙ୍କ ଅସ୍ଥି ବିସର୍ଜନ କରିବାକୁ ଗଙ୍ଗାରେ ?

....ହଁ ବାପା । ବାରବର୍ଷ ଅପେକ୍ଷା ଅନ୍ତେ ପଣ୍ଡିତ ପୁରୋହିତଙ୍କ ମତନେଇ ଏୟା କରିବାକୁ ଯାଉଥିଲି । ମୋର ଏଥିରେ ଦୋଷ ନାଇଁ । ଆମେ ସଂସାରୀ । ସଂସାର ନିୟମରେ ବନ୍ଧା । ସମାଜକୁ ଛାଡ଼ିତ ରହି ପାରିବୁନି ? ଆଉ ଏବେ ଏହାର ନାହିଁ ପ୍ରୟୋଜନ ।

....କିଏ କହିଲା ପ୍ରୟୋଜନ ନାହିଁ ? ସଂସାର ବନ୍ଧନରେ ବନ୍ଧା ତମେ । ବାରବର୍ଷ ବିତି ସାରିଛି ମାନେ ବାପା ତମର ମରିସାରିଛି । ତା' ଛଡ଼ା, ଯଦି ବି ମୁଁ ବଂଚିଛି, ସଂସାର ଜୀବନରୁ ମୁକ୍ତିପାଇ ଜିଉଁଛି ଏବେ ଅନ୍ୟ ଏକ ଜୀବନ । ଅତଏବ, ତମର ଭାବନା ଓ କର୍ମ ସତ୍ୟ । ବିସର୍ଜନ କରିଯାଅ ବାପା ବୋଉଙ୍କୁ ଗଙ୍ଗାରେ । ହେଲେ, ବଞ୍ଚି ଥାଉଥାଉ ମୋ ଅସ୍ଥି ପାଇଲ କୋଉଠୁ ?

**ସେ କଳସ ଦୁଇଟି କ'ଣ ? ଆଣିଛ କି ବାପା ବୋଉଙ୍କ ଅସ୍ଥି ବିସର୍ଜନ କରିବାକୁ ଗଙ୍ଗାରେ ?**

....ସିଏ ବି ପୁରୋହିତଙ୍କ ପରାମର୍ଶରେ । ଆପଣଙ୍କ ଅସ୍ଥି ଅନୁପସ୍ଥିତରେ ଛାଡ଼ି ଆସିଥିବା ବସ୍ତ୍ର ହେଲା ଅସ୍ଥିର ବିକଳ୍ପ । ଚଳିବ କହିଲେ ପଣ୍ଡିତ ପୁରୋହିତ ।

....ବାଃ ବାଃରେ ଦୁନିଆଁ । ବଞ୍ଚି ଥାଉଥାଉ ଆଖିରେ ଦେଖିବି ଆପଣା ଅସ୍ଥି ବିସର୍ଜନ । ଇଏ କ'ଣ କମ୍ କଥା କି ? ଜୁଟେନା ସମସ୍ତଙ୍କ ଭାଗ୍ୟରେ ।

ସୋମେନ ନୋଟା ଦୁଇଟିକୁ ଫିଙ୍ଗିଦେଇ ଦୂରକୁ ପାଦଧରି ଅନୁନୟ ହେଉଥାଏ ଅପରାଧର କ୍ଷମା ପାଇଁ । ଅନୁରୋଧ କରୁଥାଏ ଫେରି ଚାଲିବାକୁ ଘରକୁ । ସନ୍ନ୍ୟାସୀ ମୁକ୍ତକରି ପାଦକୁ ପୁଅ ହାତରୁ ନିରୁତ୍ତର ଏବଂ ଅବିଚଳିତ ଆଗେଇବାକୁ ଲାଗିଲେ ଆଶ୍ରମ ମୁହାଁ । ସୋମେନର ବାପା ବାପା ଡାକ ଭାସି ଚାଲିଥାଏ ପବନରେ ଗଙ୍ଗା ଲହରୀରେ ଅଳିଆ ଭାସିବା ପରି ।

□□

ଲେଖକଙ୍କ ଇ-ମେଲ ଠିକଣା:
prafullabarik988@gmail.com



ପ୍ରବନ୍ଧ

# ଓଡ଼ିଆ ବେତାର ସାହିତ୍ୟ: ସ୍ଥିତି ଓ ଗତି

**ରମାକାନ୍ତ ନାୟକ**

ସାହିତ୍ୟ ଜଗତର ବିପୁଳ ପରିମଣ୍ଡଳ ମଧ୍ୟରେ ବେତାର ସାହିତ୍ୟ ଏକ ନବଉନ୍ମେଷିତ ସାରସ୍ୱତ ବୈଭବ। ଭାରତ ସରକାରଙ୍କ ଦ୍ୱାରା ଏହାର ସ୍ୱୀକୃତ ପରିଭାଷା 'ଆକାଶବାଣୀ ସାହିତ୍ୟ' ବା 'ଅଲଇଣ୍ଡିଆ ରେଡ଼ିଓ ଲିଟରେଚର' ଭାବରେ ସୁବିଦିତ। ଜୀବନ ଓ ଜଗତର ସୁମଧୁର ଭାବାବେଗକୁ ମାଧୁର୍ଯ୍ୟ ବିମଣ୍ଡିତ ଉପସ୍ଥାପନର ଅଭିନବ କଳା କୌଶଳ ପ୍ରଦର୍ଶନରେ ସୁନିପୁଣ 'ବେତାର ସାହିତ୍ୟ', ଦୀର୍ଘକାଳ ବ୍ୟାପି ପୂର୍ଣ୍ଣଗର୍ଭା ସମ୍ପନ୍ନ ପ୍ରସ୍ଫୁଟିତ ହୋଇ ତାହାର କମନୀୟ ସୌରଭରେ ସମଗ୍ର ଜନଜୀବନକୁ ବହୁଳ ଭାବରେ ବିମୋହିତ କରିଆସିଛି। କେବଳ ଓଡ଼ିଆ କିମ୍ବା ସର୍ବଭାରତୀୟ ଭାଷା ନୁହେଁ, ବରଂ ସମସ୍ତ ପ୍ରାନ୍ତୀୟ ଭାଷା ସାହିତ୍ୟରେ ବେତାର ସାହିତ୍ୟ ଏକ ସ୍ୱତନ୍ତ୍ର ଶିଳ୍ପକଳା ଭାବରେ ଆବିର୍ଭୂତ। ବିଂଶ ଶତାବ୍ଦୀର ଚତୁର୍ଥ ଦଶକରେ, ଯେତେବେଳେ ପୃଥିବୀ ଏକ ଭୟାନକ ବିଶ୍ୱଯୁଦ୍ଧର ଘମାଘୋଟରେ ଭୀତତ୍ରସ୍ତ ଥିଲା, ସେହି ଆତଙ୍କିତ ପରିବେଶରେ ସାହିତ୍ୟ ଓ ସଂସ୍କୃତିକୁ ଉଜ୍ଜୀବିତ କରି ଅଗ୍ରଣୀ ଭୂମିକା ନିର୍ବାହ କରିଥିବା 'ଆକାଶବାଣୀ ସାହିତ୍ୟ' ଏକ ଯୁଗାନ୍ତକାରୀ ଅଧ୍ୟାୟର ସୂତ୍ରପାତ କରିଥିଲା।



ଏଥିରେ ଶବ୍ଦର ଉଚ୍ଚାରଣ ସହିତ ଅକ୍ଷରଗୁଡ଼ିକ ଜୀବନ୍ୟାସ ଲାଭ କରୁଥିବାରୁ ଏବଂ ଶ୍ରୋତାର ମନ ଓ ହୃଦୟକୁ ଅଚିରେ ସ୍ପର୍ଶକରିବାର ସାମର୍ଥ୍ୟ ବହନ କରୁଥିବାରୁ ବେତାର ସାହିତ୍ୟକୁ 'ଜୀବନ୍ତ ସାହିତ୍ୟ'ର ଆଖ୍ୟା ପ୍ରଦାନ କରାଯାଏ। ବେତାର ସମ୍ଭୂତ ତରଙ୍ଗାୟିତ ଶବ୍ଦମାଳା ସମାବେଶରେ ଉତ୍ପନ୍ନ ଧ୍ୱନି ଶ୍ରୋତାର କର୍ଣ୍ଣଗହ୍ୱରକୁ ସ୍ପର୍ଶ କରିବା ମାତ୍ରେ ଶ୍ରୋତା ଏକ ପ୍ରାଣବନ୍ତ ଜଗତରେ ବିଚରଣ କରି ଜୀବନର ତିକ୍ତ ମଧୁର ଅନାହତ ସଂବେଗକୁ ଅନୁଭବ କରେ। କଳ୍ପନା ଓ ଜ୍ଞାନାଲୋକରେ ଶ୍ରୋତା ସମଗ୍ର ବିଶ୍ୱକୁ ସଂଦର୍ଶନ କରିବାରେ ସମର୍ଥ ହୁଏ। ଦିଗନ୍ତ ବିସ୍ତାରୀ ସଭ୍ୟତା ଓ ସଂସ୍କୃତି ତତ୍‌କ୍ଷଣାତ୍ ତାହାର ମାନସପଟ୍ଟରେ ବିମ୍ବିତ ହୋଇଉଠେ। ଆଖିବୁଜି ଶୁଣିହୁଏ, କିନ୍ତୁ ଆଖିବନ୍ଦ କରି ଯେ ଅତ୍ୟନ୍ତ ଜୀବନ୍ତ ଭାବରେ ଦର୍ଶନ କରିହୁଏ, ତାହା ରେଡ଼ିଓ ସାହିତ୍ୟର ଅନ୍ୟତମ ବୈଚିତ୍ର୍ୟ।

ସମାଜ ଅନ୍ତର୍ଗତ ଅଗଣିତ ଅଶିକ୍ଷିତ ଓ ନିରକ୍ଷର ଜନତା କିନ୍ତୁ ବୁଦ୍ଧିଶୂନ୍ୟ ଅବା ନିରସ ନୁହନ୍ତି। ସେମାନେ ଔପଚାରିକ ଶିକ୍ଷାରୁ ବଞ୍ଚିତ ହୋଇଥାଇପାରନ୍ତି। ମାତ୍ର ସେମାନଙ୍କ ଜ୍ଞାନ ଓ ବୋଧଶକ୍ତି ଅଭିଜ୍ଞତାପ୍ରସୂତ ଓ ଶ୍ରୁତିନିର୍ଭର। ବିଦଗ୍‌ଧମାନଙ୍କ ପରି ପୁସ୍ତକ ଅଧ୍ୟୟନରେ ସେମାନେ ଅକ୍ଷମ ହେଲେ ସୁଦ୍ଧା ସେମାନଙ୍କ ହୃଦୟରେ ସ୍ୱତଃ ଜଟିଳ ତତ୍ତ୍ୱକୁ ବୁଝିବାର ସାମର୍ଥ୍ୟ କିଛି କମ୍ ନଥାଏ। ପରିସଂଖ୍ୟାନରୁ ଜଣାଯାଏ ଯେ ଏକଦା ଲିଖିତ ସାହିତ୍ୟର ପାଠକମାନଙ୍କ ସଂଖ୍ୟା ଅପେକ୍ଷାକୃତ ଭାବରେ ବେତାର ସାହିତ୍ୟର ବିମୁଗ୍‌ଧ ଶ୍ରୋତାମାନଙ୍କ ସଂଖ୍ୟା ଠାରୁ ଯଥେଷ୍ଟ ଅଧିକ ଥିଲା। ଓଡ଼ିଆ ଜନଜୀବନ ତଥା ଐତିହ୍ୟ ସମ୍ପନ୍ନ ଉତ୍କଳୀୟ ସଂସ୍କୃତିର ମୁଖପାତ୍ର ଥିଲା ଆକାଶବାଣୀ। ଜାତି, ବର୍ଣ୍ଣ, ଧର୍ମ, ବୟସ, ଧନୀ, ନିର୍ଧନ ନିର୍ବିଶେଷରେ ଆକାଶବାଣୀ ସାହିତ୍ୟ ସଭିଙ୍କ ହୃଦୟରେ ସାରସ୍ୱତ ଚେତନାର ମଧୁର ମୂର୍ଚ୍ଛନା ଝଙ୍କୃତ କରିପାରୁଥିଲା।

## ଦର୍ଶକ ନୁହେଁ, ଥାଆନ୍ତି ଶ୍ରୋତା

ବେତାର ସାହିତ୍ୟ ବିଶେଷତଃ ଶବ୍ଦ ସୃଜନ ମାଧ୍ୟମରେ ଅଭିବ୍ୟକ୍ତିର ବାତାବରଣ ସୃଷ୍ଟି କରୁଥିବା ହେତୁ ତାହା ଦୃଶ୍ୟ ନୁହେଁ, ଶ୍ରାବ୍ୟ। ଶବ୍ଦ ଆକାଶପରି ସର୍ବବ୍ୟାପି ଯାହାକୁ ଧ୍ୱନ୍ୟାତ୍ମକ ଓ ବର୍ଣ୍ଣାତ୍ମକ ଭେଦରେ ବିଭକ୍ତ କରାଯାଏ। ଶବ୍ଦକୁ ସାଧାରଣତଃ ଏକ ଚିହ୍ନ ବା ପ୍ରତୀକଭାବରେ ଗ୍ରହଣ କରାଯାଉଥିଲେ ମଧ୍ୟ

ବାସ୍ତବ କ୍ଷେତ୍ରରେ ଏହା ଚିହ୍ନ ବା ପ୍ରତୀକଠାରୁ ଅଧିକ ଗୁରୁତ୍ୱ ବହନ କରେ। ରେଡ଼ିଓରେ ଦର୍ଶକ ନଥାନ୍ତି; ଥାଆନ୍ତି ଶ୍ରୋତା। ଏଥିରେ ପ୍ରଦର୍ଶନକାରୀ ଶ୍ରୋତାଙ୍କୁ ଏବଂ ଶ୍ରୋତା ପ୍ରଦର୍ଶନକାରୀଙ୍କୁ ଦେଖିବା ବା ସେମାନଙ୍କ ପରସ୍ପର ଭାବଗତ ପ୍ରତିକ୍ରିୟାକୁ ଉପଲବ୍ଧି କରିବା ସମ୍ଭବପର ହୁଏନାହିଁ। ତେଣୁ ବ୍ରିଟିଶ ବ୍ରଡ଼କାଷ୍ଟିଂ କରପୋରେସନ୍ (ବିବିସି)ର ନାଟକ ବିଭାଗ ମୁଖ୍ୟ ଭେଲଜେଇଲଗଡ କହନ୍ତି "ରେଡିଓ ଏକ ଦୃଷ୍ଟିହୀନ ମାଧ୍ୟମ। ଏହି ମାଧ୍ୟମ ଦୃଷ୍ଟିହୀନ ହୋଇଥିବାରୁ ପ୍ରଦର୍ଶନକାରୀ ଯଥା: ଘୋଷକ, ସମ୍ବାଦ ପାଠକ, ଅଲୋଚକ, ବର୍ଣ୍ଣନାକାରୀ, ଉପସ୍ଥାପକମାନଙ୍କୁ ସେମାନଙ୍କ ଉପସ୍ଥାପନା ମାଧ୍ୟମରେ ଶ୍ରୋତାମାନଙ୍କ ମନରେ ଏକ ପ୍ରଭାବଶାଳୀ ଛାପା ସୃଷ୍ଟି କରିବାକୁ ପଡ଼ିଥାଏ।" ଏହାଫଳରେ ଶ୍ରୋତା ଶ୍ରବଣ କରୁଥିବାବେଳେ ତା'ର ମସ୍ତିଷ୍କରେ ଦୃଶ୍ୟର ଚିତ୍ରପଟ ପ୍ରକଟିତ ହୋଇଉଠେ। ଶ୍ରୋତାର ମାନସପଟରେ କଳ୍ପନାଶକ୍ତିକୁ ଜାଗ୍ରତ କରିବା ପାଇଁ ଏଥିରେ ଶବ୍ଦ ହିଁ ସର୍ବାପେକ୍ଷା ଶକ୍ତିଶାଳୀ ଆୟୁଧ ଭାବରେ ବିବେଚିତ ହୁଏ।

**ଶ୍ରୋତାର ଉପଲବ୍ଧି ନିର୍ଭର କରେ ଧ୍ୱନିଶ୍ରବଣ, ବାକ୍ୟଗ୍ରହଣ, ରୂପ ବିଶ୍ଳେଷଣ, ଅର୍ଥଗ୍ରହଣ ଓ ଚିନ୍ତାଶକ୍ତି ବା ଚେତନା ଉପରେ।**

ଅଭିବ୍ୟଞ୍ଜନା ଓ ଉପଲବ୍ଧିର ସଫଳତା ଉପରେ ଭାଷାର ସାର୍ଥକତା ନିର୍ଭର କରେ। ଅଭିବ୍ୟଞ୍ଜନା ପ୍ରଦାନ ଓ ଉପଲବ୍ଧି ଆଦାନ ସାଧକ ଯଥାକ୍ରମେ ବକ୍ତା ଓ ଶ୍ରୋତା। ବକ୍ତାର ଅଭିବ୍ୟଞ୍ଜନାର ସାର୍ଥକତା ନିର୍ଭର କରେ ଚିନ୍ତାଶକ୍ତି ବା ଚେତନା, ଭାଷା ଚୟନ, ଶବ୍ଦ ଚୟନ, ରୂପ ରଚନା, ବାକ୍ୟ ରଚନା, ମାଧ୍ୟମ ରଚନା ଓ ଧ୍ୱନି ଉଚ୍ଚାରଣ ଉପରେ। ସେହିପରି ଶ୍ରୋତାର ଉପଲବ୍ଧି ନିର୍ଭର କରେ ଧ୍ୱନି ଶ୍ରବଣ, ବାକ୍ୟ ଗ୍ରହଣ, ରୂପ ବିଶ୍ଳେଷଣ, ଅର୍ଥଗ୍ରହଣ ଓ ଚିନ୍ତାଶକ୍ତି ବା ଚେତନା ଉପରେ। ଭାଷା ପ୍ରୟୋଗ ପୂର୍ବରୁ ବକ୍ତାର ମନରେ ଏକ ଚେତନା ଉଦୟ ହୁଏ। ନିଜର ଭାବକୁ ପ୍ରକାଶ କରିବାକୁ ଯଥାଯଥ ଭାଷା ସେ ଚୟନ କରନ୍ତି। ଶ୍ରୋତାକୁ ଦୃଷ୍ଟିରେ ରଖି ବକ୍ତା ଶବ୍ଦ ଚୟନ କରନ୍ତି। ଦୃଷ୍ଟାନ୍ତ ସ୍ୱରୂପ ସାଧାରଣ ଶ୍ରୋତାଙ୍କ ପାଇଁ ସୁବୋଧ ସରଳ ଶବ୍ଦ ଏବଂ ଶିକ୍ଷିତ ଶ୍ରୋତୃମଣ୍ଡଳୀଙ୍କ ପାଇଁ ସାଧୁ ଶବ୍ଦର ପ୍ରୟୋଗ କରିବାକୁ ପଡ଼େ। ଅଭୀଷ୍ଟ ଶବ୍ଦ ସଂକଳନ ପରେ ବାକ୍ୟକୁ ବ୍ୟବହାରୋପଯୋଗୀ କରିବା ନିମନ୍ତେ ପୂର୍ବପ୍ରତ୍ୟୟ, ପରପ୍ରତ୍ୟୟ ଆଦି ସଂଯୋଗ କରି ଶବ୍ଦରୂପ ପରିବର୍ତ୍ତିତ କରି ପଦରେ ରୂପାନ୍ତର କରିବାକୁ ପଡ଼େ। ପରିଶେଷରେ ବ୍ୟାକରଣ ନିୟମ ଅନୁସରଣ କରି ବକ୍ତା ବାକ୍ୟ ରଚନା କରନ୍ତି।

ସାରସ୍ୱତ ସର୍ଜନଶୀଳତାର ଆଦିଗନ୍ତ ପରିବ୍ୟାପ୍ତ ବିସ୍ତୀର୍ଣ୍ଣ ପରିସର ମଧ୍ୟରେ ଆକାଶବାଣୀ ହିଁ ଏକ ଅନବଦ୍ୟ ଅଭିବ୍ୟକ୍ତି। ସାହିତ୍ୟସ୍ରଷ୍ଟା କବି, କଥାକାର, ପ୍ରାବନ୍ଧିକ, ନାଟକାର, ବକ୍ତାଙ୍କ ସହିତ କଳାଶିଳ୍ପୀ, ସଂଗୀତଜ୍ଞ, ବାଦ୍ୟକାର ଓ ବିବିଧବର୍ଗର ଅଗଣିତ ଶ୍ରୋତାମାନଙ୍କର ଏହା ଏକ ବିଚିତ୍ରବର୍ଣ୍ଣା ସମାରୋହ। ଶିକ୍ଷିତ ଅଶିକ୍ଷିତ, ଶିଶୁ, କିଶୋର, ଯୁବ, ବୃଦ୍ଧ ନିର୍ବିଶେଷରେ ମନୋରଞ୍ଜନ ଉଦ୍ଦେଶ୍ୟରେ ହେଉ ଅବା ଜ୍ଞାନ ଜିଜ୍ଞାସାକୁ ଚରିତାର୍ଥ କରିବା ପାଇଁ ହେଉ, ସମସ୍ତଙ୍କର ଏହା ଏକ ଉତ୍କୃଷ୍ଟ ଉପଭୋଗ୍ୟ ପରିସର। ବିଶିଷ୍ଟ ପ୍ରାବନ୍ଧିକ ଡ.ବ୍ରଜମୋହନ ମହାନ୍ତିଙ୍କ ଭାଷାରେ "ପ୍ରତ୍ୟେକ ଦୃଷ୍ଟିରୁ ବିଚାରକଲେ, ଆଧୁନିକ ନାଟକ, ଧାରାବାହିକ ନାଟକ, ରୂପକ, ସଂଗୀତ ରୂପକ, ଅଲୋଚନା, କବିତା, ସଂଗୀତ, ଗଳ୍ପ, ଉପନ୍ୟାସ ଏବଂ କଥିକା ଇତ୍ୟାଦି ସାହିତ୍ୟିକ ବିଭାବଗୁଡ଼ିକୁ ଆକାଶବାଣୀର ଦାନ ଅପରିସୀମ। ଏହି ଦାନ ଫଳରେ ଆଧୁନିକ ଓଡ଼ିଆ ସାହିତ୍ୟର ମାନ ଅନେକାଂଶରେ ଉନ୍ନତ ହୋଇଛି ଓ ଭାଷା ମାର୍ଜିତ ହୋଇ ଜାତୀୟ କ୍ଷେତ୍ରରେ ସମ୍ମାନ ବୃଦ୍ଧିର ସମ୍ଭାବନା ସୃଷ୍ଟି କରିଛି। ତେଣୁ ଆଧୁନିକ ଯୁଗରେ ଓଡ଼ିଆ ସାହିତ୍ୟକୁ ଆକାଶବାଣୀର ଅବଦାନ ଅନବଦ୍ୟ ଓ ଅବିସ୍ମରଣୀୟ। (ଓଡ଼ିଆ ସାହିତ୍ୟକୁ ଆକାଶବାଣୀର ଦାନ, ପୃ-୬୭୨)

### ଶବ୍ଦ ସାହିତ୍ୟିକ

ମାଇକ୍ରୋଫୋନ ମାଧ୍ୟମରେ ଯେଉଁ ଶବ୍ଦ ପ୍ରକାଶିତ ହୁଏ, ତାହା ପ୍ରାଣବନ୍ତ ହୋଇ ବିଚିତ୍ରବର୍ଣ୍ଣା ଭାବାବେଗ ସୃଷ୍ଟି କରୁଥିବାରୁ ବେତାର ଲେଖକଙ୍କୁ 'ଶବ୍ଦ ସାହିତ୍ୟିକ' କୁହାଯାଏ। ବେତାର ସାହିତ୍ୟର ପାଠକ ନଥାନ୍ତି, ଥାଆନ୍ତି ଶ୍ରୋତା। ବେତାର କାର୍ଯ୍ୟକ୍ରମଗୁଡ଼ିକର ଭାଷା ସାଧାରଣତଃ କଥିତ। ଭାଷା ଏହାର ପ୍ରଧାନ ଅବଲମ୍ବନ ହୋଇଥିବାରୁ, ଅନ୍ୟସବୁ ଉପକରଣ ଏଥିରେ ଗୌଣ। କଥିତ ଭାଷାର ମୁଖ୍ୟ ବିଶେଷତ୍ୱ ହେଉଛି ଏହା ପ୍ରତ୍ୟକ୍ଷ ଭାବରେ ବ୍ୟବହୃତ ହୋଇଥାଏ। କହିବା ଓ

ଶୁଣିବା ଭାଷାରେ ଯେଉଁ ଶକ୍ତି ବିଦ୍ୟମାନ ଥାଏ, ସେହିପରି ଶକ୍ତି ଲିଖିତ ଓ ପଠନ ଭାଷାରେ ଉପଲବ୍ଧ ହୁଏ ନାହିଁ। ଡ.ସୁରେନ୍ଦ୍ର ମହାନ୍ତିଙ୍କ ମତରେ, ବେତାର ସାହିତ୍ୟକୁ ଶବ୍ଦ ସାହିତ୍ୟ ବ୍ୟତୀତ କଥିତ ସାହିତ୍ୟ ଭାବରେ ନାମକରଣ କଲେ ଅଧିକ ସମୀଚୀନ ହେବ। (ବେତାର ସାହିତ୍ୟ କଳା, ପୃ-୮) ଶ୍ରବଣେନ୍ଦ୍ରିୟ ବା କର୍ଣ୍ଣର ସ୍ମରଣଶକ୍ତି ଅତ୍ୟନ୍ତ ସୀମିତ ଏବଂ ସେଥିପାଇଁ ସୀମିତ ଅବଧିପରେ ଏହା ଅନ୍ୟ ଦିଗକୁ ଗତିଶୀଳ ହୋଇଉଠେ। ମନକୁ ପୂର୍ଣ୍ଣରୂପେ ଶ୍ରବଣରେ ନିମଜ୍ଜିତ ରଖିବାକୁ ଦୃଶ୍ୟାବଳୀ ପରି ଭାଷାର ପରିବର୍ତ୍ତନ ବାଞ୍ଛନୀୟ। ତେଣୁ ବେତାର ମାଧ୍ୟମରେ ୧୦ ବା ୧୫ ମିନିଟ୍‌ରୁ ଅଧିକ ବକ୍ତବ୍ୟ ପ୍ରଦାନ କରାଯାଏ ନାହିଁ। ୩୦ ମିନିଟ୍‌ରୁ ୪୦ ମିନିଟ୍ ମଧ୍ୟରେ ନାଟକର ସମୟ ସୀମିତ ରହେ। ବେତାରର ସମସ୍ତ କାର୍ଯ୍ୟକ୍ରମଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ପରିବର୍ତ୍ତନ କରିବାକୁ ପଡ଼େ। ଶବ୍ଦ ପ୍ରବୃତ୍ତି, ଶବ୍ଦ ଚେତନା ବା ଶବ୍ଦ ଉତ୍ତେଜନାରେ ପରିବର୍ତ୍ତନ ନଥିଲେ, କାର୍ଯ୍ୟକ୍ରମକୁ ଶ୍ରବଣରେ ବା ଉପଭୋଗ କରିବାରେ ଶ୍ରୋତାର ଆଗ୍ରହ ରହେନାହିଁ।

ପ୍ରବନ୍ଧ ଓ ସମାଲୋଚନା ଯେତେ କ୍ଷୁଦ୍ର ହେବ, ସେତେ ଶ୍ରୋତାମାନଙ୍କ ଆଦୃତି ଲାଭ କରିବ। ଆଲୋଚକ ନିଜର ବର୍ଣ୍ଣନାକୁ ଅଧିକ ବିସ୍ତୃତ ନକରି ସ୍ୱଳ୍ପ ଶବ୍ଦ ଓ ସୀମିତ ବାକ୍ୟ ପ୍ରୟୋଗ କରି ଅଧିକ ଭାବ ପ୍ରକାଶ କରିବା ବିଧେୟ। ଆଳଙ୍କାରିକ ଭାଷା ବର୍ଜନ କରି ସରଳ, ସାବଲୀଳ, ସୁମଧୁର ଓ ଆକର୍ଷଣୀୟ ଭାଷା ମାଧ୍ୟମରେ ବକ୍ତାଙ୍କୁ ତାଙ୍କର ବକ୍ତବ୍ୟ ଉପସ୍ଥାପନ କରିବାକୁ ପଡ଼େ। ଆକାଶବାଣୀ କଟକ କେନ୍ଦ୍ରରୁ ପ୍ରସାରିତ ନାରୀମହଲ, ଶିଶୁ ସଂସାର, କିଶୋର ଚକ୍ର ପ୍ରଭୃତି କାର୍ଯ୍ୟକ୍ରମରେ ପୃଥକ ପୃଥକ ସ୍ୱାଦର କବିତା ଭିନ୍ନ ଭିନ୍ନ ଶ୍ରେଣୀର ଶ୍ରୋତାମାନଙ୍କ ଉଦ୍ଦେଶ୍ୟରେ ଆବୃତ୍ତି କରାଯାଏ। କବିତା ଯେପରି ଦୀର୍ଘ ନହେବ, ସେଥିପ୍ରତି ବିଶେଷ ଦୃଷ୍ଟି ଦେବା ସହିତ, ଛନ୍ଦଯୁକ୍ତ ଆବୃତ୍ତିକୁ ଅଗ୍ରାଧିକାର ଦିଆଯାଏ। ସାହିତ୍ୟ ପତ୍ରିକା 'ସାହିତ୍ୟ ସଂସଦ' କାର୍ଯ୍ୟକ୍ରମ ସମେତ ବିଭିନ୍ନ କାର୍ଯ୍ୟକ୍ରମରେ କ୍ଷୁଦ୍ରଗଳ୍ପକୁ ସ୍ଥାନିତ କରାଯାଏ। ଶିଶୁଙ୍କ ପାଇଁ ଗଳ୍ପର ପ୍ରାରମ୍ଭରେ କଥାର ନଥା ପରି କ୍ଷୁଦ୍ର ଗୀତିକା ଉପକ୍ରମ ସ୍ୱରୂପ ସନ୍ନିବେଶିତ କରାଯାଏ। "କଥାଟିଏ କହୁଁ, କି କଥା..." ଏହାର ଏକ ଦୃଷ୍ଟାନ୍ତ। ଏପରି ଉପକ୍ରମ ଶିଶୁମାନଙ୍କୁ କାର୍ଯ୍ୟକ୍ରମ ପ୍ରତି ଆକୃଷ୍ଟ କରେ। ଜଟିଳ ବିଷୟବସ୍ତୁ ସରଳ ଭାବରେ ପ୍ରକାଶ କରିବା ପାଇଁ ଏକ ନୂତନ ଓ ସୁନ୍ଦର ପନ୍ଥା ହେଉଛି 'ରୂପକ'। ଆକାଶବାଣୀରେ ପ୍ରସାରିତ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଏହାର ସ୍ଥାନ ସ୍ୱତନ୍ତ୍ର। ବେତାରକୁ କଳାରୂପେ ମାନ୍ୟତା ପ୍ରଦାନ କ୍ଷେତ୍ରରେ ରୂପକର ଅବଦାନ ଉଲ୍ଲେଖଯୋଗ୍ୟ। ଏହା ମାଧ୍ୟମରେ ଦେଶର ସ୍ୱାଧୀନତା ସଂଗ୍ରାମର ଇତିହାସଠାରୁ ଆରମ୍ଭକରି ଭୂଗୋଳ, ସଭ୍ୟତା, ସଂସ୍କୃତି, ବରପୁତ୍ରମାନଙ୍କର ଜୀବନୀ, ରାଉରକେଲା ଇସ୍ପାତ କାରଖାନା, ହୀରାକୁଦ ବନ୍ଧ ଭଳି ଯେକୌଣସି ବିଷୟକୁ ଭିତ୍ତିକରି ବର୍ଣ୍ଣନା ଓ ସଂଗୀତ ମାଧ୍ୟମରେ ଏକ ବା ଏକାଧିକ ବର୍ଣ୍ଣନାକାରୀଙ୍କ ଦ୍ୱାରା ରୂପକ ଉପସ୍ଥାପନ କରାଯାଏ। ଏହା ନାଟକଧର୍ମୀ, ମାତ୍ର ନାଟକ ନୁହେଁ। କେତୋଟି ଚରିତ୍ରର କଥୋପକଥନ ମାଧ୍ୟମରେ ସରଳ ରସାଳ ଓ ଆକର୍ଷଣୀୟ ଉପସ୍ଥାପନା ଶୈଳୀ ଯୋଗୁଁ ଏହା ଶ୍ରୋତାମାନଙ୍କ ପକ୍ଷରେ ଧୈର୍ଯ୍ୟଚ୍ୟୁତିର କାରଣ ହୁଏ ନାହିଁ।

**ପ୍ରବନ୍ଧ ଓ ସମାଲୋଚନା ଯେତେ କ୍ଷୁଦ୍ର ହେବ, ସେତେ ଶ୍ରୋତାମାନଙ୍କ ଆଦୃତି ଲାଭ କରିବ।**

ଜୀବନୀ ଓ ଭ୍ରମଣ ବୃତ୍ତାନ୍ତ ମଧ୍ୟ ଆକାଶବାଣୀର କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇଥାଏ। ବିଶେଷତଃ ଭ୍ରମଣକାହାଣୀ ଶିଶୁ ସଂସାର କାର୍ଯ୍ୟକ୍ରମର ଏକ ଅବିଚ୍ଛିନ୍ନ ଅଙ୍ଗ। ଏହାବ୍ୟତୀତ, ସମ୍ବାଦ, କୃଷି ସଂସାର ଓ ପଲ୍ଲୀଶ୍ରୋତା ମଣ୍ଡଳୀ କାର୍ଯ୍ୟକ୍ରମରେ ସାହିତ୍ୟର ଅପୂର୍ବ ଝଙ୍କାର ସ୍ପଷ୍ଟ ନିନାଦିତ ହୁଏ।

**ନାଟକର ପ୍ରଭାବ**

କଳା ଓ ସାହିତ୍ୟ ଦୃଷ୍ଟିରୁ ଆକାଶବାଣୀ ମାଧ୍ୟମରେ ପ୍ରସାରିତ ନାଟକଗୁଡ଼ିକ ବିଗତ ସାତ ଦଶନ୍ଧିରୁ ଅଧିକକାଳ ବ୍ୟାପୀ ଉତ୍କଳର ଜାତୀୟ ଚେତନାକୁ ଗଭୀର ଭାବରେ ପ୍ରଭାବିତ କରିଆସିଛି। ଶିକ୍ଷିତ, ଅଶିକ୍ଷିତ, କିଶୋର, ଯୁବା, ବୃଦ୍ଧ ପ୍ରଭୃତି ସମସ୍ତ ବର୍ଗର ଶ୍ରୋତାମାନଙ୍କୁ ବେତାର ନାଟକ ଆକୃଷ୍ଟ ଓ ରସାପ୍ଳୁତ କରିଆସିଛି। ଜାତିର ଜୀବନ ପ୍ରବାହ ମଧ୍ୟରେ ଯେଉଁ ମୁହୂର୍ତ୍ତଟି ଅତ୍ୟନ୍ତ ଗୌରବାବହ ହୋଇ ଜାତିର ମାନସପଟରେ ଚିରକାଳ ଉଦ୍ଭାସିତ ହୋଇ ରହିବାର ଯୋଗ୍ୟ, ପୁରାଣରେ ବର୍ଣ୍ଣିତ ନାନା ଆଖ୍ୟାୟିକା ମଧ୍ୟରେ ଯାହା ମାନବୀୟ ମନୋବୃତ୍ତିକୁ ଉତ୍ତେଜିତ କରିବାକୁ ସକ୍ଷମ, ନାନାପ୍ରକାର ସାମାଜିକ ସମସ୍ୟା ମଧ୍ୟରେ ଯାହା ଜାତୀୟଜୀବନକୁ ସାମୟିକ

ଭାବରେ ଉଦ୍‌ବେଳିତ କରେ ଏବଂ ଦୈନନ୍ଦିନ ସୁଖଦୁଃଖମୟ ଜୀବନ ପ୍ରବାହର ଯେଉଁ ମୁହୂର୍ତ୍ତଗୁଡ଼ିକ ବ୍ୟକ୍ତିଗତ ଜୀବନରେ ଗଭୀର ରେଖା ଅଙ୍କନ କରେ ସେହିସବୁ ସମସ୍ୟା, ସେହିସବୁ ଗୌରବାବହ ମୁହୂର୍ତ୍ତ, ସେହି ପ୍ରେରଣାଦାୟକ ଘଟଣାବଳୀର ଆବେଷ୍ଟନୀମାନଙ୍କୁ କେନ୍ଦ୍ରକରି, ଯଥାର୍ଥଭାବରେ ଚିତ୍ରିତ କରି ଓ କଳ୍ପନାର ମାୟାଜାଲ ବିସ୍ତାରକରି ସମାଜରେ ପ୍ରଚାର ପ୍ରସାର କରିବା ଓ ଅପାର ଆନନ୍ଦର ସ୍ଫୁରଣ କରିବା ହିଁ ବେତାର ନାଟକର ଆଭିମୁଖ୍ୟ। ନାଟକର ସର୍ବଜନବୋଧ ଭାଷା, ଏହାର କଥାବସ୍ତୁ ଓ ସର୍ବୋପରି ଏହାର ସାମାଜିକ ଅଙ୍ଗୀକାରବଦ୍ଧତା ବେତାର ନାଟକକୁ ଏକ ମର୍ଯ୍ୟାଦାପୂର୍ଣ୍ଣ ସ୍ଥାନ ପ୍ରଦାନ କରିଛି। କେବଳ ଯୁକ୍ତରାଷ୍ଟ୍ର ଆମେରିକା ବ୍ୟତୀତ ବିଶ୍ୱର ଅନ୍ୟ ସମସ୍ତ ଭାଷା ଓ ଦେଶରେ ବେତାର ନାଟକର ଏବେ ମଧ୍ୟ ଲୋକପ୍ରିୟତା ଅକ୍ଷୁଣ୍ଣ ରହିଛି।




ନାଟକ ହିଁ ଦୃଶ୍ୟକାବ୍ୟ। କିନ୍ତୁ ବେତାର ନାଟକ ଦୃଶ୍ୟ ପରିବର୍ତ୍ତେ ଶ୍ରାବ୍ୟ। ଦୃଶ୍ୟ ନହେବାରୁ ନାଟ୍ୟର ରସ ସୃଷ୍ଟିରେ ଅନେକ ଉପାଦାନ ବେତାର ନାଟକରେ ଅନୁପସ୍ଥିତ। ଏଥିରେ ଆଙ୍ଗିକ ଓ ଆହାର୍ଯ୍ୟ ଅଭିନୟର ଅବକାଶ ନଥାଏ। ଏହି ସମସ୍ତ ଅଭାବ ଅସୁବିଧା ସତ୍ତ୍ୱେ ମଞ୍ଚ ନାଟକ ଓ ବେତାର ନାଟକର ଆଭିମୁଖ୍ୟରେ କୌଣସି ପ୍ରଭେଦ ନଥାଏ। ବେତାର ନାଟକ ଶ୍ରାବ୍ୟ ହୋଇଥିବା କାରଣରୁ ଏଥିରେ ଶବ୍ଦ, ଧ୍ୱନି ଓ ସଂଗୀତ ସହାୟତାରେ ଦୃଶ୍ୟ ଉପକରଣର ଅଭାବକୁ ପୂରଣ କରାଯାଏ। ବେତାର ନାଟକର ଅଭିନେତାମାନଙ୍କୁ ଶ୍ରୋତା ଦେଖିପାରେ ନାହିଁ। ସେମାନଙ୍କର କଣ୍ଠସ୍ୱର ହିଁ ସେମାନଙ୍କର ପରିଚୟ। ତେଣୁ କଣ୍ଠସ୍ୱରରେ ନିର୍ଦ୍ଦିଷ୍ଟ ବୈଶିଷ୍ଟ୍ୟ ଥିବା ଶିଳ୍ପୀଙ୍କୁ ଏଥିପାଇଁ ଚୟନ କରାଯାଏ। ବେତାର ନାଟକ ସମୀକ୍ଷକ ଡ. ସିଦ୍ଧନାଥ କୁମାର ବେତାର ନାଟକକୁ ଆଠ ବିଭାଗରେ ବିଭକ୍ତ କରିଛନ୍ତି। ସେଗୁଡ଼ିକ ହେଉଛି (କ) ନାଟକ, (ଖ) ଧାରାବାହିକ ନାଟକ, (ଗ) ରୂପାନ୍ତର, (ଘ) ରୂପକ, (ଙ) ସ୍ୱଗତ ନାଟକ, (ଚ) ପଦ୍ୟ ନାଟକ, (ଛ) ସଂଗୀତ ରୂପକ, (ଜ) ପ୍ରହସନ। ନାଟ୍ୟ ସମୀକ୍ଷକ ଜୟନ୍ତ କୁମାର ଦାସ ଏହାକୁ ନଅ ଭାଗରେ ବିଭକ୍ତ କରିଛନ୍ତି ଯଥା- (କ) ନାଟକ, (ଖ) ଏକପାତ୍ରୀ, (ଗ) ଧାରାବାହିକ, (ଘ) ରୂପାନ୍ତର, (ଙ) ହାସ୍ୟରସାତ୍ମକ, (ଚ) ରୂପକ, (ଛ) ଅତି କଳ୍ପନାପ୍ରବଣ, (ଜ) ଗୀତିନାଟ୍ୟ, (ଝ) କାର୍ଟୁନ। କେତେକ ସମୀକ୍ଷକ ଅନୁବାଦ ନାଟକ ଓ କାବ୍ୟ ନାଟକକୁ ବେତାର ନାଟକର ସ୍ୱତନ୍ତ୍ର ବିଭାଗ ଭାବରେ ପର୍ଯ୍ୟାୟଭୁକ୍ତ କରନ୍ତି। ତେବେ ଓଡ଼ିଆ ଆକାଶବାଣୀରୁ ଏହାର ପ୍ରସାରଣ ସୀମିତ। ନାଟକର ଜାତୀୟ କାର୍ଯ୍ୟକ୍ରମରେ ଅନ୍ୟଭାଷାରୁ ଅନୂଦିତ ହୋଇ କେତେକ ନାଟକ ପ୍ରସାରିତ ହୁଏ। ଅତିକଳ୍ପନା ପ୍ରବଣ ଓ କାର୍ଟୁନ ବିଭାଗ ଓଡ଼ିଆ ରେଡ଼ିଓରୁ ପ୍ରସାରିତ ହେବାର ସୂଚନା ମିଳେନାହିଁ। ଓଡ଼ିଆ ବେତାର ନାଟକରେ ଧାରାବାହିକତାର ପରମ୍ପରା ଆରମ୍ଭ ହୋଇଥିଲା ୧୯୫୭ ମସିହାରେ। ଯାହାର ଆଦ୍ୟସ୍ରଷ୍ଟା ଥିଲେ ଯଶସ୍ୱୀ ନାଟ୍ୟକାର ଗୋପାଳ ଛୋଟରାୟ। ଭଗବାନ ନାୟକ ଶର୍ମାଙ୍କ 'ଝଙ୍କାର ପତ୍ରିକା'ରେ ପ୍ରକାଶିତ ପ୍ରବନ୍ଧ 'ବେତାର ନାଟକ' ଏବଂ ମନୀନ୍ଦ୍ର ମହାନ୍ତିଙ୍କର 'ବେତାର ନାଟକ' ଶୀର୍ଷକ ଆଲୋଚନା ବେତାର ନାଟକ ଶିଳ୍ପରୀତିର ବୈଶିଷ୍ଟ୍ୟ ସର୍ବପ୍ରଥମେ ପ୍ରଦର୍ଶନ କରି ସାହିତ୍ୟ ସମାଲୋଚକମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ସୁରେନ୍ଦ୍ରନାଥ ମହାନ୍ତିଙ୍କ 'ବେତାର ସାହିତ୍ୟକଳା' ଏ ଦିଗରେ ଅନ୍ୟଏକ ବଳିଷ୍ଠ ଉଦ୍ୟମ। ଦୈନିକ ପ୍ରଜାତନ୍ତ୍ରର ସାପ୍ତାହିକ ସ୍ତମ୍ଭ 'ରୂପ ରସ ଛନ୍ଦ'ରେ ସ୍ଥାନିତ ଅକାଶବାଣୀ ପରିକ୍ରମା ମଧ୍ୟ ଜନସାଧାରଣଙ୍କୁ ଆକର୍ଷଣ କରିପାରିଥିଲା ଏବଂ ବେତାର ସାହିତ୍ୟର ସୃଜନଶୀଳସ୍ଥିତିକୁ ସ୍ୱୀକୃତି ପ୍ରଦାନ କରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିପାରିଥିଲା।

**ଆକାଶବାଣୀର ଉଦାତ୍ତ ମନ୍ତ୍ର**

'ବହୁଜନ ହିତାୟ- ବହୁଜନ ସୁଖାୟ' ଉଦାତ୍ତ ମନ୍ତ୍ରରେ ଅଭିମନ୍ତ୍ରିତ ଆକାଶବାଣୀ କ୍ଳାନ୍ତ ଶ୍ରାନ୍ତ ମଣିଷମାନଙ୍କ ମନରେ ଭରିଦେଲା ନୂତନ ପ୍ରେରଣା ଓ ପୁଲକ। ଦିଗହୀନ ଅନ୍ଧକାର ମଧ୍ୟରେ ଉଦ୍ଦୀପ୍ତ କଲା ସାନ୍ତ୍ୱନା ଓ ସମ୍ବେଦନଶୀଳତାର ଅନିର୍ବାଣ ଦୀପଶିଖା। ମନୋରଞ୍ଜନ, ସୂଚନା, ଶିକ୍ଷାକୁ ପ୍ରକାଶନର ନୂତନଧାରା ଓ ସୌଷ୍ଠବରେ ପରିଧାପନ କରି ଗତାନୁଗତିକ

ଜୀବନଧାରାର ବଳୟ ମଧ୍ୟରୁ ବିନିର୍ମୁକ୍ତ ସହିତ ଏକ ସୁସ୍ଥ ଆଲୋକିତ ସମାଜ ଜୀବନ ନିମିତ୍ତ ମାର୍ଗ ପ୍ରଦର୍ଶନ କଲା। ବିଂଶ ଶତାବ୍ଦୀର ଚତୁର୍ଥ ଦଶକ ବେଳକୁ କଲିକତା, ବର୍ମା ଓ ଆସାମରେ ଅନେକ ଓଡ଼ିଆ ଭାଷାଭାଷୀ ଲୋକ ବାସ କରୁଥିବାରୁ ସେଠାକାର ବେତାର କେନ୍ଦ୍ରରୁ ସେମାନଙ୍କ ସକାଶେ ପ୍ରତିଦିନ ଅଧଘଣ୍ଟା ଲେଖାଏଁ ଓଡ଼ିଆ କାର୍ଯ୍ୟକ୍ରମ ପ୍ରସାରିତ ହେଉଥିଲା। ସେହି ଓଡ଼ିଆ ବିଭାଗକୁ ସର୍ବାଙ୍ଗସୁନ୍ଦର କରିବା ଉଦ୍ଦେଶ୍ୟରେ ସ୍ଥାନୀୟ ସାହିତ୍ୟିକ ଓ କଳାକାରଙ୍କ ସହିତ ଓଡ଼ିଶାରୁ ପ୍ରଥିତଯଶା କଳାଶିଳ୍ପୀ, ବକ୍ତା ଓ ସାହିତ୍ୟିକମାନଙ୍କୁ ନିମନ୍ତ୍ରିତ କରାଯାଉଥିଲା। ଏହି ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକ ଓ ପ୍ରତିଭାଶାଳୀ କଳାକାରମାନଙ୍କ ଯୋଗଦାନ ଯୋଗୁଁ ଅଳ୍ପଦିନ ମଧ୍ୟରେ ଓଡ଼ିଆ କାର୍ଯ୍ୟକ୍ରମର ମାନ ଯଥେଷ୍ଟ ଉଚ୍ଚକୋଟୀର ସେପାନକୁ ଉତ୍ତୀର୍ଣ୍ଣ ହୋଇ ଅନ୍ୟଭାଷାର କାର୍ଯ୍ୟକ୍ରମ ସହିତ ସମକକ୍ଷ ହୋଇପାରିଥିଲା। ନିଜର ସୁଖ ସ୍ୱାଚ୍ଛନ୍ଦ୍ୟକୁ ଦୃଷ୍ଟି ନଦେଇ ପ୍ରବାସରେ ଓଡ଼ିଶାର କଳା, ସାହିତ୍ୟର ପ୍ରଚାର ପାଇଁ ସେତେବେଳେ କଲିକତା ଯାତ୍ରା କରୁଥିବା ସୁପ୍ରସିଦ୍ଧ ସାହିତ୍ୟିକ,




ସାମ୍ବାଦିକ, ନାଟ୍ୟକାର ଓ କଳାକାରମାନଙ୍କ ମଧ୍ୟରେ ଥିଲେ ପଦ୍ମଭୂଷଣ କାଳିନ୍ଦୀ ଚରଣ ପାଣିଗ୍ରାହୀ, ସଚ୍ଚିଦାନନ୍ଦ ରାଉତରାୟ, ଲକ୍ଷ୍ମୀନାରାୟଣ ସାହୁ, ବୈକୁଣ୍ଠନାଥ ପଟ୍ଟନାୟକ, ମାୟାଧର ମାନସିଂହ, ସୁରେନ୍ଦ୍ର ମହାନ୍ତି, ନାଟ୍ୟକାର କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ, ସତ୍ୟନାରାୟଣ ରାଜଗୁରୁ, ଶିଶୁ ସାହିତ୍ୟିକ ଉଦୟନାଥ ଷଡ଼ଙ୍ଗୀ, ଉପେନ୍ଦ୍ର ତ୍ରିପାଠୀ, କବି ରାଧାମୋହନ ଗଡ଼ନାୟକ, ଅନନ୍ତ ପଟ୍ଟନାୟକ, ଡ. ବସନ୍ତ କୁମାର ବେଉରିଆ, 'ସମାଜ' ସମ୍ପାଦକ ରାଧାନାଥ ରଥ, ନନ୍ଦିନୀ ଶତପଥି, ସରଳାଦେବୀ ପ୍ରମୁଖ। ପରବର୍ତ୍ତୀ ସମୟରେ ଯେଉଁମାନଙ୍କ ଅବଦାନ ଯୋଗୁଁ ଓଡ଼ିଆ ବେତାର ସାହିତ୍ୟର ମୂଳଦୁଆ ଶକ୍ତିଶାଳୀ ହୋଇଥିଲା ସେମାନେ ଥିଲେ, ଲାଲା ନଗେନ୍ଦ୍ର କୁମାର ରାୟ, ନାଟ୍ୟକାର ଅଶ୍ୱିନୀ କୁମାର ଘୋଷ, ପଣ୍ଡିତ ଆର୍ତ୍ତକୁଳି ମିଶ୍ର, ଡା. ଅମୂଲ୍ୟ ମିଶ୍ର, ଅଧ୍ୟାପକ ମହେଶ୍ୱର ଦାସ, ଲଳିତ ମୋହନ ଦାସ, ଶ୍ରୀକୃଷ୍ଣ ବାରିକ, ଗୋକୁଳାନନ୍ଦ ଶ୍ରୀଚନ୍ଦନ, ବାଳକୃଷ୍ଣ ଦାସ, ଉଦୟନାଥ ସାହୁ, ପତିତପାବନ ମହାନ୍ତି, କୃପାସିନ୍ଧୁ ମହାନ୍ତି, ଜଗବନ୍ଧୁ ଦାସ, କୃପାସିନ୍ଧୁ ଦାସ, ଦାମୋଦର ଦାସ, ଗିରିଧାରୀ ପଣ୍ଡା, ସତୀଶ ଚନ୍ଦ୍ର ମିଶ୍ର, ଧ୍ରୁବଚରଣ ରଥ, କସ୍ତୁରୀଚରଣ ଦାସ, କୁମାରୀ ଇଲାମିତ୍ର, କିଶୋରୀ ଦେବୀ, ପ୍ରଭାବତୀ ଦେବୀ, ପଦ୍ମାବତୀ ଦେବୀ, କମଳା ଦେବୀ, ଉମା ଗୋଏଙ୍କା ପ୍ରଭୃତି ଯଶସ୍ୱୀ ସୃଜନଶିଳ୍ପୀଗଣ।

**ସର୍ବପ୍ରଥମ କାର୍ଯ୍ୟକ୍ରମ**

୧୯୪୮ ମସିହା ଜାନୁଆରୀ ମାସ ୨୮ ତାରିଖ ସନ୍ଧ୍ୟା ସାଢ଼େ ଛ'ଟାରେ ନବ ପ୍ରତିଷ୍ଠିତ କଟକ ବେତାର କେନ୍ଦ୍ରରୁ ସର୍ବପ୍ରଥମ ଓଡ଼ିଆ କାର୍ଯ୍ୟକ୍ରମ ପ୍ରସାରଣର ଶୁଭାରମ୍ଭ ହେଲା। ଏହାକୁ ଡ.ହରେକୃଷ୍ଣ ମହତାବଙ୍କ ପୌରୋହିତ୍ୟରେ ଉଦ୍‌ଘାଟନ କରିଥିଲେ ତତ୍‌କାଳୀନ ଓଡ଼ିଶାର ରାଜ୍ୟପାଳ ଡ.କୈଳାଶ ନାଥ କାଟଜୁ। ଏହାର ପ୍ରଥମ କେନ୍ଦ୍ର ନିର୍ଦ୍ଦେଶକ ଥିଲେ, ହଂସରାଜ ଲୁଥ୍ରା ଏବଂ ଆର.ଏନ୍.ଦାସ ଥିଲେ ଷ୍ଟୁଡିଓ ସୁପରଭାଇଜର। ପ୍ରଖ୍ୟାତ ସାରସ୍ୱତ ସାଧକମାନଙ୍କ ଆନ୍ତରିକ ସହଯୋଗ ଫଳରେ ଆକାଶବାଣୀ କଟକ କେନ୍ଦ୍ରର ଉତ୍ତରୋତ୍ତର ବିକାଶ ସାଧିତ ହେବା ସହିତ ସାହିତ୍ୟ ବିଭାଗ ସମୃଦ୍ଧ ହେଲା। ସମ୍ପ୍ରତି ପ୍ରତ୍ୟହ ପ୍ରାତଃ ଛ'ଘଟିକାରେ ଓଡ଼ିଆ ଭାଷାର ବରେଣ୍ୟ କବିମାନଙ୍କ ରଚିତ ଭକ୍ତି ସଂଗୀତ, ୭.୩୫ ମିନିଟରେ ସାମ୍ପ୍ରତିକ ବିଷୟକୈନ୍ଦ୍ରିକ 'କଥିକା', ଘ. ୭.୪୦ ମିନିଟରେ 'ଅତସୀ କୁସୁମ', 'ମଧୁମାଳତୀ', 'ରାଗ ମଞ୍ଜରୀ', 'ଅଞ୍ଜଳୀ', 'ଚିରସବୁଜ' ପ୍ରଭୃତି କାର୍ଯ୍ୟକ୍ରମରେ ଆଧୁନିକ ସଂଗୀତ ପ୍ରାଚୀନ ସଂଗୀତ, ପଲ୍ଲୀ ସଂଗୀତ, ରାଗ ସଂଗୀତ ଓ ଚିରନ୍ତନ କାଳଜୟୀ ରଚନାକୁ ସଂଗୀତରୂପରେ ପରିବେଷିତ କରାଯାଇ ଶ୍ରୋତାମାନଙ୍କ ମନରେ ଅଫୁରନ୍ତ ଆନନ୍ଦ ସଞ୍ଚାରକରେ। ସଂଧ୍ୟାରେ ଓଡ଼ିଶୀ ସଂଗୀତର ପରିବେଷଣ ସହିତ ସମ୍ବଲପୁରୀ ଗୀତ ଓ ପାଲା, ଦାସକାଠିଆ, କୀର୍ତ୍ତନ, ଘୋଡ଼ାନାଚ, ଗୋପାଳଙ୍କ ଗୋଳ, ଦଣ୍ଡନାଚ ପ୍ରଭୃତି


ଲୋକନୃତ୍ୟର ପ୍ରସାରଣ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିକୁ ଉଜ୍ଜୀବିତ କରେ। ମହିଳାମାନଙ୍କ ନିମିତ୍ତ 'ନାରୀମହଲ' ଓ ଶିଶୁମାନଙ୍କ କାର୍ଯ୍ୟକ୍ରମ 'ଶିଶୁ ସଂସାର', କିଶୋରମାନଙ୍କ ପାଇଁ 'କିଶୋର ଚକ୍ର' ଓଡ଼ିଆ ସାହିତ୍ୟର ଉତ୍କର୍ଷର ବାର୍ତ୍ତାବହ ଭାବରେ ଆଦୃତ ହୁଏ। ଓଡ଼ିଆ ସାହିତ୍ୟ ପତ୍ରିକା 'ସାହିତ୍ୟ ସଂସଦ' ସମ୍ପ୍ରତି ଏକ ବଳିଷ୍ଠ ବେତାର ସାହିତ୍ୟ ପତ୍ରିକା ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ପ୍ରତିମାସର ତୃତୀୟ ମଙ୍ଗଳବାର ରାତ୍ର ନ'ଘଟିକା ତିରିଶ ମିନିଟ ସମୟରେ ପ୍ରସାରିତ ଏହି କାର୍ଯ୍ୟକ୍ରମ ଓଡ଼ିଆ ଭାଷା ସାହିତ୍ୟ ଜଗତରେ ଏକ ଗୌରବୋଜ୍ଜ୍ୱଳ ପରମ୍ପରାର ସମ୍ଭ୍ରାନ୍ତ ଉଚ୍ଚାରଣ। ବିଶିଷ୍ଟ ସୃଜନସାଧିକା ପ୍ରଜ୍ଞା ପରମିତା ସାହୁଙ୍କ ସମ୍ପାଦନାରେ ଏହି ପତ୍ରିକା ଓଡ଼ିଶାର ପ୍ରାୟ ସମସ୍ତ ପ୍ରଖ୍ୟାତ ଲେଖକ, କବି, କଥାକାର, ପ୍ରାବନ୍ଧିକ, ଶିଶୁ ସାହିତ୍ୟିକମାନଙ୍କୁ ସ୍ଥାନିତ କରି ଏକ ଗରିମାମୟ ଅଧ୍ୟାୟ ଉନ୍ମୋଚିତ କରିଛି। ଗତ ଜୁନ୍, ଜୁଲାଇ ମାସ (୨୦୨୫)ରେ ଏହି ପତ୍ରିକା କାର୍ଯ୍ୟକ୍ରମରେ ବିଶିଷ୍ଟ ପ୍ରାବନ୍ଧିକ ଅସିତ କୁମାର ମହାନ୍ତି, ବାବାଜୀ ଚରଣ ପଟ୍ଟନାୟକ, ଅପର୍ଣ୍ଣା ମହାନ୍ତି, ରଞ୍ଜନ କୁମାର ଦାସ, ଇଂ. ପ୍ରଭାକର ସ୍ୱାଇଁ, ସତ୍ୟନାରାୟଣ ମିଶ୍ର, ଗାଳ୍ପିକ ଗୌରହରି ଦାସ, ପ୍ରବୋଧ କୁମାର, ଗୋବିନ୍ଦ ଚନ୍ଦ୍ର ଚାନ୍ଦ, କବି ଅପର୍ଣ୍ଣା ମହାନ୍ତି, ଗୌତମ ଜେନା, ପିତାମ୍ବର ତରାଇ, ଭଗବାନ ଜୟସିଂହ, ଡ. ଅମୀୟ ରଞ୍ଜନ ମହାପାତ୍ର, ଡ.ରାଜକିଶୋର ପାଢ଼ୀ, କଥାକାର ଅଜୟ କୁମାର ସ୍ୱାଇଁ, କବି ମିନତି ମିଶ୍ରଙ୍କ ଯୋଗଦାନ ଫଳରେ ଓଡ଼ିଆ ସାହିତ୍ୟର ପ୍ରକୃଷ୍ଟ ପ୍ରତିଛବି ଯେପରି ପ୍ରତିଫଳିତ ହୋଇଛି, ତାହାହିଁ ବେତାର ସାହିତ୍ୟ ସାର୍ଥକତାର ପ୍ରଶସ୍ତ ନମୂନା।

**ଅବଶ୍ୟ ବେତାର ଶ୍ରୋତାମାନଙ୍କର ସଂଖ୍ୟା ଦ୍ରୁତବେଗରେ ହ୍ରାସ ପାଉଛି।**

ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଅବସର ବିନୋଦନର ପ୍ରଧାନପନ୍ଥା ଥିଲା ପୁସ୍ତକ ଅଧ୍ୟୟନ ଏବଂ ଚଳଚ୍ଚିତ୍ର। କିନ୍ତୁ ପରବର୍ତ୍ତୀ କାଳରେ ବେତାର ଓ ଦୂରଦର୍ଶନର ପ୍ରସାରଣ ଜୀବନର ଏକ ପ୍ରଧାନ ଅଙ୍ଗ ହୋଇଗଲା। ସାମାଜିକ, ସାଂସ୍କୃତିକ, ରାଜନୈତିକ, ଅର୍ଥନୈତିକ ପ୍ରତ୍ୟେକ କ୍ଷେତ୍ରରେ ଏହା ଆଧିପତ୍ୟ ବିସ୍ତାରକଲା। ସମୟଚକ୍ରରେ ଚଳଚ୍ଚିତ୍ର ପ୍ରଭାବରେ ମଞ୍ଚ ନାଟକ ଜନଜୀବନରୁ ଅପସରି ଯିବାପରି, ଦୂରଦର୍ଶନ ପ୍ରଭାବରେ ବେତାର ସାହିତ୍ୟର ଲୋକପ୍ରିୟତା କ୍ଷୁଣ୍ଣ ହେଲା। ପୁନଶ୍ଚ ସ୍ମାର୍ଟଫୋନର ବହୁଳ ବ୍ୟବହାର ଟେଲିଭିଜନ ସଂସ୍କୃତିକୁ କ୍ଷତାକ୍ତ କରୁଛି। ବେତାର ଶ୍ରୋତାମାନଙ୍କର ସଂଖ୍ୟା ଦ୍ରୁତବେଗରେ ହ୍ରାସ ପାଉଛି। ଲୋକକଳା ଓ ସାହିତ୍ୟର ବଳିଷ୍ଠ ବାହକ ଧ୍ୱଂସମୁଖୀ ବେତାର ସଂସ୍କୃତିର ସଂରକ୍ଷଣ ପାଇଁ ସାମାଜିକ ସଚେତନତା ଓ ଉପାଦେୟ ପଦକ୍ଷେପର ଆବଶ୍ୟକତା ରହିଛି।

□□

ଲେଖକଙ୍କ ଇ-ମେଲ ଠିକଣା:
rknprincipalbbm@gmail.com




ପ୍ରକାଶ ପାଇଲା !

ଗ୍ରନ୍ଥ ମନ୍ଥନ

*ଶ୍ରୀଜଗନ୍ନାଥ ଓ ଓଡ଼ିଶା ସମ୍ପର୍କିତ କେତେକ ଦୁର୍ଲ୍ଲଭ ଗ୍ରନ୍ଥର ଆଲୋଚନା*

ଲେଖକ: ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର

ଆମାଜନରେ ଉପଲବ୍ଧ। ମୂଲ୍ୟ: ଟ.୨୭୯

ବି.କେ. ପବ୍ଲିକେଶନ୍ସ ପ୍ରା.ଲିଃ, ଭୁବନେଶ୍ୱର



ଅନୁଭୂତି

# ତମେ କୋଉଦିନ ସମ୍ପାଦକୀୟ ଲେଖିଥିଲ ?

**ବୈଷ୍ଣବ ଚରଣ ମହାନ୍ତି**

୧୯୮୩ରେ ଅନୁଗୁଳଠାରେ ଥିବା ରାଜ୍ୟ ପ୍ରୌଢ଼ଶିକ୍ଷା ସାଧନ କେନ୍ଦ୍ରରେ ଗଣମାଧ୍ୟମ ଉପରେ ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହେଉଥାଏ, ଆକାଶବାଣୀ କୃଷିସଂସାରର ମଙ୍ଗୁଳିଭାଇ(ଟିମା) ଯୋଗକୁ ଯାଇ ସେଠି ପହଞ୍ଚିଲେ। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ମତେ ଡାକି କହିଲେ-"ଜଣେ ଏଡ଼େ ବଡ଼ ଲୋକପ୍ରିୟ କଳାକାରଙ୍କୁ ଆମେ ପାଖରେ ପାଇଛେ, ଗୋଟାଏ ନାଟକ କଲେ କେମିତି ହୁଅନ୍ତା ?"

ପ୍ରୌଢ଼ଶିକ୍ଷା ସାଧନ କେନ୍ଦ୍ରରେ ସହକାରୀ ନିର୍ଦ୍ଦେଶକ ଭାବେ ମୁଁ କାମ କରୁଥାଏ। ରାତିରେ ମୁଁ ନାଟକ ଲେଖିଲି, ତା' ପରଦିନ ସକାଳୁ ରିହର୍ସାଲ୍ ହେଲା, ସନ୍ଧ୍ୟାକୁ ମଞ୍ଚସ୍ଥ ହେଲା ନାଟକ 'ବାଳିନନାଙ୍କ ଠିକଣା'। ଦେଶର ସବୁ ରାଜ୍ୟରୁ ଆସିଥିବା ପ୍ରତିନିଧି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଚ୍ଚପଦସ୍ଥ ଅଧିକାରୀମାନେ ପ୍ରଶଂସାରେ ପୋତି ପକାଇଲେ ମୋତେ। ସେଇ ନାଟକରୁ ମୋ' ଜୀବନର ମୋଡ଼ ବଦଳିଗଲା। ଭୁବନେଶ୍ୱର ଡିପିଆଇ ଅଫିସ୍‌ରୁ ଅଳ୍ପଦିନ ତଳେ ଅବସର ନେଇଥିବା ପ୍ରଡକ୍ସନ୍ ଅଫିସର୍ ତଥା ଖ୍ୟାତନାମା ନାଟ୍ୟକାର ଭଞ୍ଜକିଶୋର ପଟ୍ଟନାୟକ କହିଲେ- "ମୁଁ ନିକଟରେ ରିଟାୟାର୍ କରିଛି, ଶିକ୍ଷା ନିର୍ଦ୍ଦେଶାଳୟରେ ଲେଖକ ପୋଷ୍ଟଟାଏ ଖାଲି ଅଛି, ଏକ ନନ୍‌ଗେଜେଟେଡ୍ ଅଫିସର୍ ପୋଷ୍ଟ। ସାରା ଓଡ଼ିଶା ସରକାରରେ ଇଏ ମାତ୍ର ଗୋଟିଏ ପୋଷ୍ଟ, ଏମିତି ଆଉ ଗୋଟାଏ ଲେଖକ ପୋଷ୍ଟ କୋଉଠି ପାଇବନି, ଏହା ଏକ ସମ୍ମାନଜନକ ପଦବୀ। ତମେ ଯୋଉ ଚେୟାର ଖଣ୍ଡିକରେ ବସିବ, ସେ ଚେୟାରଟିକୁ ମାନସିଂହ ତିଆରି କରାଇଥିଲେ। ମାନସିଂହ, ଗଡ଼ନାୟକ, ବୈକୁଣ୍ଠ ପଟ୍ଟନାୟକ, ବିଭୂତି ପଟ୍ଟନାୟକ, ଶାନ୍ତନୁ ଆଚାର୍ଯ୍ୟ, ନରସିଂହ ମିଶ୍ର ଓ ମୁଁ ସେ ଚେୟାରରେ ବସିଥିଲୁ। ତା' ଉପର ପୋଷ୍ଟ ପ୍ରଡକ୍ସନ୍ ଅଫିସର, ଗୋଟାଏ କ୍ଲାସ-ଟୁ ପୋଷ୍ଟ। ମୁଁ ଆସିବା ପରେ ନରସିଂହ ମିଶ୍ର ସେଠିକି ଯାଇଛନ୍ତି, ସେ ବର୍ଷକ ପରେ ରିଟାୟାର୍ କଲେ ତମେ କ୍ଲାସ-ଟୁ ପାଇବା ନିଶ୍ଚିତ। ତମର ଯାହା ପ୍ରତିଭା ଅଛି, ତମେ ପାଇଯିବ, ଦରଖାସ୍ତ କର।"



*ଏବେ ବି ଅଫିସ୍‌ରେ ମହଜୁଦ ଅଛି ସେହି ଅଭିଶପ୍ତ ଚେୟାର।*

**ଅଭିଶପ୍ତ ଆସନ**

ମୁଁ ଦରଖାସ୍ତ କଲି, ପାଇଲି ବି। ଡିପିଆଇ ଅଫିସ୍‌ରେ ଯୋଗ ଦେବାର କିଛିଦିନ ପରେ ମୋ' ଅଫିସ୍ ପ୍ରକୋଷ୍ଠରେ ପହଞ୍ଚିଲେ ଗଡ଼ନାୟକ ଓ ଭଞ୍ଜବାବୁ। ଗଡ଼ନାୟକ କହିଲେ-"ତୁ ଏ ଭଞ୍ଜ କଥାରେ ପଡ଼ି ଭୁଲ୍ କଲୁ। ଏଇଟା ଗୋଟାଏ ଅଭିଶପ୍ତ ଆସନ। ମାନସିଂ ଏଇଠୁ ଡାଉନ୍ ଗ୍ରେଡ୍ ହେଇଥିଲେ, ମୋତେ ଏଇଠୁ ଡିସ୍‌ମିସ୍ କରାଯାଇଥିଲା, ବିଭୂତି ଏଠୁ ଅଧ୍ୟାପକ ଚାକିରିକି ପଳେଇ ବର୍ତ୍ତିଗଲା, ଭଞ୍ଜ କମ୍ପେଲ୍‌ସରି ରିଟାୟାରମେଣ୍ଟ୍‌ରୁ ଅଳ୍ପକେ ରକ୍ଷା ପାଇଗଲା। ବୈକୁଣ୍ଠ ପଟ୍ଟନାୟକ ଅବସର ନେବାର ଆଠବର୍ଷ ପରେ ପେନସନ୍ ପାଇନଥିଲେ; ପାଇଲେ କି ନା ମୁଁ ଜାଣିନି। ଇଏ, ଓଡ଼ିଶା ସରକାର, ସରକାରୀ କଳରେ କ'ଣ ଲେଖକକୁ ମର୍ଯ୍ୟାଦା ମିଳେ? ତଥାପି ଏ ଆସନ ଏକ ଅଭିଜାତ ଆସନ। ଦେଖୁନୁ, ଭଞ୍ଜବାବୁ ଖେଞ୍ଚା ଖାଇ ତା' ଚାକିରି କଇଁଥା ହେଇ ବି ତତେ ପୁଣି କେମିତି ଏଠିକି ଆସିବାକୁ କହିଲା। ହଁ, ବସିବା

ଆଗରୁ ଏ ଚେୟାରକୁ ନମସ୍କାର କରୁଥିବୁ, କେଡ଼େ ବଡ଼ବଡ଼ ଲେଖକ ଏ ଚେୟାରରେ ବସିଛନ୍ତି।"

ଭଞ୍ଜବାବୁ କହିଲେ- "ଖେଞ୍ଚା ଖାଇବାରେ ବି ଆନନ୍ଦ ଅଛି। ଲେଖକ ଚାକିରି କରେ ସିନା ସେ ଚାକର ନୁହଁ ସରକାରଙ୍କର।"

ମୁଁ ଭାବିଲି ଜଏନ୍ ତ କଲିଣି। ବୋଉ କଥା ମନେ ପଡ଼ିଲା-"ଈଶ୍ୱର ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ।"

ସାକ୍ଷରତା କର୍ମୀମାନଙ୍କ ପ୍ରାପ୍ୟ ଦେବାରେ ହେରଫେରକୁ କେନ୍ଦ୍ର କରି ବାଣପୁର ଚିଲିକାର କର୍ମୀମାନେ ପୁରୀ ପ୍ରୋଜେକ୍ଟ ଅଫିସ୍ ଘେରାଉ କଲେ। ସେ ହେରଫେରକୁ ଜିଲ୍ଲା ପ୍ରଶାସନ ଓ ତତ୍କାଳୀନ ଶିକ୍ଷାମନ୍ତ୍ରୀ ପରୋକ୍ଷରେ ସୁରକ୍ଷା ଦେଉଥାନ୍ତି। ସେତେବେଳେ ପ୍ରଥମ କରି ଜଣେ ଆଇ.ଏ.ଏସ୍. ଅଫିସର୍ ଗୋଲୋକଚନ୍ଦ୍ର ମହାପାତ୍ରଙ୍କୁ ଶିକ୍ଷା ନିର୍ଦ୍ଦେଶକ ଭାବେ ସରକାର ନିଯୁକ୍ତି ଦେଇଥାନ୍ତି। ଶିକ୍ଷା ସଚିବ ଥାଆନ୍ତି ପ୍ୟାରୀମୋହନ ମହାପାତ୍ର। ଜିଲ୍ଲା ପ୍ରଶାସନର ବିରୋଧ ସତ୍ତ୍ୱେ ଏ ଦୁହିଁଙ୍କ ପ୍ରଶାସନିକ ଦୃଢ଼ତା ଯୋଗୁଁ ଯୋଗ ଦେବାର ଦଶଦିନ ପରେ ପୋଲିସ୍ ସହାୟତାରେ କାର୍ଯ୍ୟଭାର ନେଇ ମୁଁ ଅଫିସ୍ ଭିତରେ ପଶିଲି।

**ସେ କହିଲେ, "ଯାହା କରିବି ମୁଁ କରିବି; ନା ପ୍ୟାରୀ, ନା ଗୋଲୋକ କିଛି କରିପାରିବେନି। ରଖିଲେ ରଖିବି ମୁଁ, ମାରିଲେ ମାରିବି ମୁଁ।"**

ମୋତେ ବାଣପୁର ଓ ଚିଲିକାରେ କ୍ୟାମ୍ପ ଅଫିସ୍ କରି ସମସ୍ୟା ସମାଧାନ କରିବାକୁ ସରକାରୀ ନିର୍ଦ୍ଦେଶ ଥିଲା। ସେ ନିର୍ଦ୍ଦେଶ ସହିତ ଏକ ଅଲିଖିତ ନିର୍ଦ୍ଦେଶ ଯୋଡ଼ିଲେ ସଚିବାଳୟର ତତ୍କାଳୀନ ଏଷ୍ଟାବ୍ଲିସ୍‌ମେଣ୍ଟ ଆସିଷ୍ଟାଣ୍ଟ ମହାପାତ୍ର ବାବୁ- "ଆପଣ କ୍ଲାସ୍-ଟୁ ପାଇଲେ; ମତେ ଆପଣ ଏବେ ଦି'ହଜାର ଟଙ୍କା ଦେବେ, ତା'ଛଡ଼ା ମୋତେ ଦୁଇ ଶହ ଟଙ୍କା 'ମାସିକିଆ' ଦେବେ; ସବୁ ପ୍ରୋଜେକ୍ଟ ଅଫିସର ଦିଅନ୍ତି। ଆଉ ହଁ, ଚିଲିକା ଚିଙ୍ଗୁଡ଼ି, ବାଲୁଗାଁ କଙ୍କଡ଼ା ଓ ଶୁଖୁଆ ତ ସବୁ ମାସରେ ଏକ୍ସ୍‌ଟ୍ରା ଦେବାକୁ ପଡ଼ିବ।"

## କୁମ୍ଭୀର ସହ କଳି

ପାଣି ଭିତରେ ଘରକରି କୁମ୍ଭୀର ସହ କଳି କରିବା ଅନୁଚିତ ମଣି ମୁଁ ମହାପାତ୍ର ବାବୁଙ୍କୁ ବିନୟ ହେଇ ଥରେ କହିଲି- "ଦେଖନ୍ତୁ ଆଜ୍ଞା! ମୁଁ କାହାକୁ ଲାଞ୍ଚ ଦେଇନି କି କାହାଠୁ ଖାଇନି। ଆପଣ ଏ ସିଟ୍‌ରୁ ଯିବା ପରେ ବା ମୁଁ ଏ ପୋଷ୍ଟରୁ ଯିବା ପରେ ବନ୍ଧୁ ହିସାବରେ ଯାହା ମାଗିବେ ଦେବି, କିନ୍ତୁ ମୋ' କାମ ପାଇଁ କାହାକୁ ମୁଁ ଲାଞ୍ଚ ଦେଇପାରିବିନି।"

ମହାପାତ୍ର ବାବୁ ବି ମୋତେ ବିନୀତ ହେଇ କହିଲେ- "ମୁଁ ଆପଣଙ୍କୁ ମାଗୁଛି, ଆପଣ ଆଜି ମୋତେ ଦେଉନାହାନ୍ତି। ମୋ' ହାତରେ କାମ, ଯାହା କରିବି ମୁଁ କରିବି; ନା ପ୍ୟାରୀ, ନା ଗୋଲୋକ କିଛି କରିପାରିବେନି। ରଖିଲେ ରଖିବି ମୁଁ, ମାରିଲେ ମାରିବି ମୁଁ। କେସ୍ କରିବେ ତ, କରନ୍ତୁ। ମୁଁ ମାଗୁଛି, ମତେ ଦେଉନାହାନ୍ତି, ଓକିଲଙ୍କୁ ଯାଚିକରି ଦେବେ, ସେଠି ଫଳ ମଧୁମୟ ହେବ କି ବିଷମୟ ହେବ ତା'ର କିଛି ଠିକଣା ନାହିଁ। ଏଠି ମୁଁ କିନ୍ତୁ ଦେବି ମଧୁମୟ ଫଳ। କୋର୍ଟକୁ ଗଲେ ଦୌଡ଼ିଦୌଡ଼ି କେଇଟା ଚପଲ ଘୋରି ହେବ ଠିକଣା ନାହିଁ, କେଇବର୍ଷ ପରେ ଫଳ ମିଳିବ ତା'ର ବି ଠିକ୍‌ଠିକଣା ନାହିଁ। ମୁଁ ତ ଆର ମାସରେ ଆପଣଙ୍କ ସର୍ଭିସ୍ ରେଗୁଲାଇଜେସନ୍ ଅର୍ଡ଼ର ବାହାର କରିଦେବି।"

ସେ ମହାପାତ୍ର ବାବୁ ଆସିଷ୍ଟାଣ୍ଟରୁ ଅଣ୍ଡର୍ ସେକ୍ରେଟେରୀ ହେଇ କ୍ଲାସ୍ ୱାନ୍ ପୋଷ୍ଟରୁ ଦଶ / ବାର ବର୍ଷ ତଳୁ ଅବସର ନେଇ କୋଉଠି ଆରାମରେ ଥିବେ। ଗୋଲୋକ ମହାପାତ୍ର ଓ ପ୍ୟାରୀବାବୁ ସ୍ୱର୍ଗକୁ ଗଲେଣି। ମୁଁ କିନ୍ତୁ ଏବେ ବି ମହାପାତ୍ର ବାବୁଙ୍କ କଥାର ସତ୍ୟତା ଅନୁକ୍ଷଣ ଅନୁଭବ କରୁଛି। ତାଙ୍କୁ ବହିନିଲାଞ୍ଚ ଦି'ହଜାର, ମାସିକିଆ ଦୁଇଶହ ଏବଂ ଚିଲିକା ଚିଙ୍ଗୁଡ଼ି ଓ ବାଲୁଗାଁ ଶୁଖୁଆ ଦେବାକୁ ମନା କରିଦେଲି ବୋଲି ମୋ' ଚାକିରି ରେଗୁଲାରାଇଜ୍ ହେଇପାରିଲାନି। ମୋତେ କ୍ଲାସ୍-ଥ୍ରୀକୁ ଖସାଇବାର ସରକାରୀ ନିର୍ଦ୍ଦେଶ ଆସିବାରୁ ମୁଁ କେସ୍ କରି ସ୍ଥଗିତାଦେଶ ଆଣିଲି। ମହାପାତ୍ର ବାବୁଙ୍କ ନଥିଚାଳନାରେ ମତେ ଅପମାନିତ କରିବାକୁ ମୋତେ ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ରର ଆସିଷ୍ଟାଣ୍ଟ୍ କୋଅର୍ଡ଼ିନେଟର ଭାବେ ବଦଳି କରାଗଲା।

ଅନୁଗୁଳ ସାଧନ କେନ୍ଦ୍ରରେ ଯିଏ ମୋ' ଅଧୀନରେ ଥିଲେ, ତାଙ୍କ ତଳ ପୋଷ୍ଟକୁ ଡେପୁଟେସନରେ ପଠାଗଲା ସରକାରଙ୍କ ଅବିଚାରକୁ ମୁଣ୍ଡପାତି ସହିନେଲି। ମୁଁ ଚାହୁଁଥିଲି ଭୁବନେଶ୍ୱରରେ ରହିବାକୁ, ପିଲାମାନେ ଜଗତସିଂହପୁରେ ରହୁଥିବାରୁ ମତେ ଯିବାଆସିବା କରିବା ସୁବିଧା ହେବ। ସବୁ

ଅପମାନକୁ ଈଶ୍ୱରଙ୍କ ବରଦାନ ଭାବି ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ରରେ ଆସିଷ୍ଟାଣ୍ଟ ପ୍ରୋଗ୍ରାମ କୋଅର୍ଡ଼ିନେଟର ଭାବେ ଯୋଗଦେଲି।

ନିର୍ଦ୍ଦେଶକ ଥାଆନ୍ତି ଜଣେ ପ୍ରମୋଟି ଆଇ.ଏ.ଏସ୍. ଅଫିସର। ଆଡ଼ମିନିଷ୍ଟ୍ରେଟିଭ୍ ଅଫିସର ଥାଆନ୍ତି ନଗଦାନଗଦି ଜଏଣ୍ଟ୍ ସେକ୍ରେଟେରୀ ଭାବେ ସେକ୍ରେଟେରୀଏଟ୍‌ରୁ ଅବସର ନେଇଥିବା ଦେବୀପ୍ରସନ୍ନ ଜେନା। ବଡ଼ ଦାଣ୍ଡୁଆ ଅଫିସର, ସବୁକଥା ଠୋ ଠୋ କରି କହନ୍ତି। ବଡ଼ ସ୍ପଷ୍ଟବାଦୀ। ନିର୍ଭୀକ। ଦକ୍ଷ। ତାଙ୍କ ଶଳା ସେତେବେଳେ ଥାଆନ୍ତି ମୁଖ୍ୟ ଶାସନ ସଚିବ ରାଜକିଶୋର ଭୁଜବଳ, କବି ଡମ୍ବରୁଧର ପରିଡ଼ାଙ୍କ ପୁଅ। ଜେନାବାବୁ ବଡ଼ ସାହିତ୍ୟ ରସିକ ଏବଂ କ'ଣ ପାଇଁ କେଜାଣି ଆମ ଦୁହିଁଙ୍କ ଭିତରେ ବୟସର ତାରତମ୍ୟ ସତ୍ତ୍ୱେ ସେ ମୋ' ସହ ସାଙ୍ଗ ଭଳି ମିଶିଲେ। ଅବସର ପାଇଲେ ଆମେ ବହୁତ୍ ଥଟ୍ଟାମଜା ହେଉ।



**ଲେଖିଲି ସମ୍ପାଦକୀୟ**

ରାଜ୍ୟ ଜନଶିକ୍ଷା ସାଧନକେନ୍ଦ୍ରରୁ ଜନଚେତନା ବୋଲି ଏକ ମାସିକ ପତ୍ରିକା ବାହାରୁଥାଏ। ତା'ର ମୁଖ୍ୟ ସମ୍ପାଦକ ହେଉଛନ୍ତି ସାଧନକେନ୍ଦ୍ରର ନିର୍ଦ୍ଦେଶକ। ଦିନେ ନିର୍ଦ୍ଦେଶକ ମୋତେ ଡାକି କହିଲେ, ଜନଚେତନା ପାଇଁ ସେ ମାସର ସମ୍ପାଦକୀୟ ଲେଖିବାକୁ। ମୁଁ ଲେଖିନେଇ ନିର୍ଦ୍ଦେଶକଙ୍କ ଟେବୁଲରେ ଥୋଇ ଆସିଲି। କିଛି ସମୟ ପରେ ମତେ ଡାକରା ଆସିଲା। ମୁହଁଟାକୁ ଘେଙ୍ଗେରା କରି କେମିତି ବିରକ୍ତିମିଶା ସ୍ୱରରେ ନିର୍ଦ୍ଦେଶକ କହିଲେ-"ଆପଣ କୋଉଦିନ ସମ୍ପାଦକୀୟ ଲେଖିଥିଲେ? ଏମିତି ଲେଖାଯାଏ ସମ୍ପାଦକୀୟ? ରୁହନ୍ତୁ, ଦେଖିବେ ସମ୍ପାଦକୀୟ କେମିତି ଲେଖାଯାଏ।"- ଏତକ କହି ଫାଇଲ୍‌ଟା ଏକ ପ୍ରକାର ଟେବୁଲ୍ ତଳକୁ ଫୋପାଡ଼ିଦେଲେ।

ଜଣେ ଅଫିସର୍ ମତେ ଏମିତି ଅପମାନଜନକ କଥା କହିବା ମୋ' ଜୀବନରେ ଏହା ଥିଲା ପ୍ରଥମ। ମୁଁ ମୋ' ଅଫିସ୍ ରୁମ୍‌କୁ ଫେରି ଆସି ମନମାରି ବସିଛି। ଦେବୀବାବୁ ଆସି ବସିଲେ ମୋ' ସାମ୍ନାରେ। କହିଲେ- "କ'ଣ ଝିଅଟିଏ ହେଇଚି କି? ମାଇପେ ଝିଅ ଜନମକଲା ଭଳିଆ କାହିଁକି ମୁହଁ କରିଚନ୍ତି? ଆପଣଙ୍କ ମୁହଁରୁ ପ୍ରତ୍ୟାବର୍ତ୍ତନଶୀଳ ମୌସୁମୀବାୟୁ ଭଳି ହସ କୁଆଡ଼େ ପଳେଇଛି?"

ମୁଁ ତାଙ୍କୁ ସବୁକଥା କହିଲି।

"ହୁଃ...ଇଏ ଗୋଟାଏ କଥା! ମୁଁ ଆପଣଙ୍କ ପାଖକୁ ସେଇଥିପାଇଁ ଆସିଛି ପରା। ଆପଣ ମୋ' ପାଇଁ ଶବ୍ଦ ଓ ବିଷୟ ବଦଳେଇ ଗୋଟାଏ ସମ୍ପାଦକୀୟ ଲେଖି ଦିଅନ୍ତୁ। ତା'ପରେ ଗର୍ଦ୍ଦଭ କଣ୍ଠରେ ମଲ୍ଲୀମାଳ ଶ୍ୟାମକୁ ଦେବି ବୃଢେ ଗାଇଲେ- 'ଚାଆ କପେ ବୈଷ୍ଣବେ ଦେବି, ମନ ତୋଷିବି...' କହି ପିଅନକୁ ଡାକିଲେ- 'ଆରେ କାଳିଆ! ଆମ ଦି'ଜଣଙ୍କ ପାଇଁ ଭଲ କରି ଚା ଦି'କପ୍ ଶୀଘ୍ର କରିଆଣିଲୁ'।"

ଚା'ପାନ ପରେ ଦେବୀବାବୁ ତାଙ୍କ ରୁମ୍‌କୁ ଗଲେ। ମୁଁ ବସି ପୁଣି ଶବ୍ଦ ଓ ପ୍ରସଙ୍ଗ ବଦଳେଇ ସମ୍ପାଦକୀୟ ଲେଖିଲି। କିଛି ସମୟ ପରେ ଦେବୀବାବୁ ପହଞ୍ଚି ମୁଁ ଲେଖିଥିବା ସମ୍ପାଦକୀୟକୁ ନିଜ ହାତରେ ଆଉଥରେ ଉତାରିଲେ। କହିଲେ- "ମୁଁ ଯାଉଛି ଡିରେକ୍ଟରଙ୍କ ରୁମ୍‌କୁ। ହୁଏତ ଆପଣଙ୍କୁ କିଛି ସମୟ ପରେ ଡାକରା ଆସିପାରେ। ନ ହେଲେ ବି କିଛି ଗୋଟାଏ ବାହାନା କରି ଦଶ ମିନିଟ୍ ପରେ ଡିରେକ୍ଟରଙ୍କ ପାଖକୁ ଆପଣ ଆସିବେ।"- ଏତକ କହି ସେ ଉଠିଗଲେ।

ସତକୁ ସତ ଦଶ ମିନିଟ୍ ପରେ ଡିରେକ୍ଟରଙ୍କ ପାଖରୁ ଡାକରା ଆସିଲା। ମୁଁ ଗଲି। ଡିରେକ୍ଟର ମନଧ୍ୟାନ ଦେଇ ଦେବୀବାବୁ ଦେଇଥିବା କାଗଜ ଖଣ୍ଡକୁ ପଢୁଥାନ୍ତି ଓ ମୁଣ୍ଡଟାକୁ ହଲେଇ ହଲେଇ ସତେ ଅବା ଅଦିନ ଭସାମେଘର କୁଣ୍ଡାଝରା ଝିପିଝିପି ବର୍ଷା ଭଳି ନିରବରେ ପ୍ରଶଂସା ଝରାଉଥାଆନ୍ତି। କିଛି ସମୟ ପରେ ମୁଣ୍ଡଟେକି ଦେବୀବାବୁଙ୍କୁ ଚାହିଁଲେ ଓ କହିଲେ- "ଆଃ... ଚମତ୍କାର... ବଢ଼ିଆ ..., ଏକ୍ସଲେଣ୍ଟ...।"ତା'ପରେ ମୋ' ଆଡ଼କୁ କାଗଜଖଣ୍ଡକ ବଢ଼େଇ ଦେଇ କହିଲେ- "ନିଅନ୍ତୁ। ପଢ଼ନ୍ତୁ। ସମ୍ପାଦକୀୟ କେମିତି ଲେଖାହୁଏ ଦେଖନ୍ତୁ।

ହୁଁଃ... ଲେଖିଆଣିଥିଲେ ସମ୍ପାଦକୀୟ !"

ମୁଁ ସେ ଲେଖା ଉପରେ ଆଖି ପହଁରେଇ ଆଣିବା ପରେ ଡିରେକ୍ଟର ମୋ'ଠାରୁ ଉତ୍ତର ଚାହିଲେ-"କେମିତି ହେଇଛି ? ଭଲ ହେଇନି ? ସମ୍ପାଦକୀୟ ହେଉଛି ପତ୍ରିକାର ଏରୁଣ୍ଡି ବନ୍ଧ। ସମ୍ପାଦକୀୟରୁ ପାଠକ ତଉଲି ନବ ପତ୍ରିକାର ଓଜନ କେତେ। ଦେବୀବାବୁଙ୍କର ଅଭିଜ୍ଞତା ଅଛି। ସେଥିପାଇଁ ତାଙ୍କୁ ମୁଁ କହିଲି।..."

କଥା ଛଡ଼େଇ ନେଇ ଦେବୀବାବୁ କହିଲେ- "ନାଇଁ, ନାଇଁ ଲେଖାଲେଖିରେ ମୋର ସେମିତି କିଛି ଅଭିଜ୍ଞତା ନାହିଁ; ବରଂ ବୈଷ୍ଣବବାବୁ ଜଣେ ପ୍ରତିଷ୍ଠିତ ସାହିତ୍ୟିକ, ସେ ମୋ'ଠାରୁ ଭଲ ଲେଖନ୍ତି।"

ଡିରେକ୍ଟର କହିଲେ-"ଆପଣଙ୍କର ଯା'ହେଲେ ଅଭିଜ୍ଞତା ଅଛି। ଏବେ ପରା ବୈଷ୍ଣବବାବୁ ଗୋଟାଏ ସମ୍ପାଦକୀୟ ଲେଖିଆଣିଥିଲେ। ହେଇଟି ତାକୁ ମୁଁ ତଳେ ଫୋପାଡ଼ି ଦେଇଛି।"

ଦେବୀବାବୁ କହିଲେ-"ଏ ଯୋଉ 'ଜନଚେତନା' ଏବେ ଆମର ଏଠୁ ବାହାରୁଛି, ଯା' ନାଆଁ ପ୍ରଥମେ ଥିଲା 'ଚେତନା'। ଏସ୍.ଆର୍.ସି. ଯେତେବେଳେ ଅନୁଗୁଳରେ ଥିଲା, ବୈଷ୍ଣବବାବୁ ଏହାର ସମ୍ପାଦନା କରୁଥିଲେ। ହୁଏତ ଚାରି / ପାଞ୍ଚ ବର୍ଷଧରି ସେ ଏହାର ସମ୍ପାଦକ ଥିଲେ ଏବଂ ଏ ପତ୍ରିକା ସେତେବେଳେ ବେଶ୍ ନାଆଁ କରିଥିଲା।"

**ଡିରେକ୍ଟର କହିଲେ, "ଏ ସମ୍ପାଦକୀୟଟା ପଢ଼ିଦେଲେ ପାଠକ ତଉଲି ନେବ ଆମ ପତ୍ରିକାର ଓଜନ କେତେ।"**

ଡିରେକ୍ଟର କହିଲେ- "ହେଲା ଯେ... ଦିନକୁ ଦିନ ପରା ଯୁଗ ବଦଳୁଛି। ସିଏ କୋଉ କୋଡ଼ିଏ ବର୍ଷ ତଳର କଥା। ସେଇ ପୁରୁଣା ଶବ୍ଦ ଆଉ ଶୈଳୀକି ଧରି ବସିଲେ ହବ ? ଆପଣଙ୍କ କଣ୍ଟେଣ୍ଟ୍ ଯେମିତି ହେଇଛି, ଶବ୍ଦଗୁଡ଼ାକ ସେମିତି ବିଫିଟିଙ୍ଗ୍ ହେଇଛି। ଏ ସମ୍ପାଦକୀୟଟା ପଢ଼ିଦେଲେ ପାଠକ ତଉଲି ନେବ ଆମ ପତ୍ରିକାର ଓଜନ କେତେ। ରିଅଲି ଆଇ ଆମ୍ ଥ୍ୟାଙ୍କ୍‌ଫୁଲ୍ ଟୁ ୟୁ।"

ଟେବୁଲ୍ ପାଖରେ ପଡ଼ିଥିବା ମୋର ପୂର୍ବ ଲେଖାଟିକି ଉଠେଇଆଣି ଡିରେକ୍ଟର ଦେବୀବାବୁଙ୍କୁ ଦେଇ କହିଲେ ଦେଖନ୍ତୁ କ'ଣ ଲେଖିଥିଲେ ବୈଷ୍ଣବ ବାବୁ। ଏମିତି ଲେଖାଯାଏ ସମ୍ପାଦକୀୟ ?"

## ସେ ହିଁ ଲେଖିଛନ୍ତି

ଦେବୀବାବୁ କହିଲେ-"ଏ ଯୋଉ ସମ୍ପାଦକୀୟଟା, ପ୍ରକୃତରେ ମୁଁ ଲେଖିନି। ଆପଣ ଭାବୁଛନ୍ତି ମୁଁ ଲେଖିଛି ବୋଲି କି ? ୟାକୁ ବୈଷ୍ଣବବାବୁ ହିଁ ଲେଖିଛନ୍ତି। ମତେ କ'ଣ ଲେଖିଆସିବ ସମ୍ପାଦକୀୟ ! ଆପଣ ମତେ କହିବାରୁ ମୁଁ ବୈଷ୍ଣବବାବୁଙ୍କୁ ଅନୁରୋଧ କଲି। ସିଏ ସେଇଠି ମୋରି ଆଗରେ ଦଶମିନିଟିରେ ଗାରେଇଦେଲେ। ତାଙ୍କ ଅକ୍ଷରକୁ ସେ ନିଜେ ହିଁ କହନ୍ତି ମାଙ୍କଡ଼ ଭଳିଆ ଅକ୍ଷର। ସେଥିପାଇଁ ତାଙ୍କ ଲେଖାକୁ ମୁଁ ମୋ' ଅକ୍ଷରରେ ଉତାରି ଆଣିଛି। ଅବଶ୍ୟ ମୁଁ ତାଙ୍କୁ କହିନି ଇଏ ଆମ ପତ୍ରିକାର ସମ୍ପାଦକୀୟ ବୋଲି। କହିଲି ଓଡ଼ିଆ ସାହିତ୍ୟର ସାମ୍ପ୍ରତିକ ସମସ୍ୟା ଉପରେ ମୋତେ ପୃଷ୍ଠାଟେ ଲେଖିଦିଅନ୍ତୁ। ସେ ଲେଖିଦେଲେ।"

ତଟକା ଗରମ ଆଳୁଚପ୍ ଭଳି ଦିଶୁଥିବା ଡିରେକ୍ଟରଙ୍କ ଫୁଲୁକା ଗାଲ ଦି'ଟା ନିମିଷକରେ ଶୁକୁଟା ବରା ଭଳି ସେମେଟିଗଲା। ଅଡ଼େଇ କିଆରିଆ ତମ୍ପ ଭଳି ଫଣା ଟେକି ଫଁ ଫଁ ହେଉଥିବା ଡିରେକ୍ଟରଙ୍କ ଅବସ୍ଥା ଯେ ଏମିତି ଧଣ୍ଡ ଭଳି ଜାକିହେଇଯିବ ମୁଁ କେବେ କଳ୍ପନା ବି କରିନଥିଲି।

ଧୀରେ ମୁଁ ସେ ସ୍ଥାନ ଛାଡ଼ି ମୋ' ରୁମ୍‌କୁ ଚାଲିଆସିଲି। ଦେବୀବାବୁ ଯେ ଏମିତି ଗୋଟାଏ କାଣ୍ଡ କରିବସିବେ ଏ କଥା ମୁଁ ଭାବି ନଥିଲି। କିଛି ସମୟ ପରେ ଦେବୀବାବୁ ସିଆଡ଼ୁ ହାତ ଲମ୍ବେଇକି ଆସିଥିଲେ ହ୍ୟାଣ୍ଡସେକ୍ କରିବା ପାଇଁ। ହସିହସି କହିଲେ- "ଗଦ କେମିତି କାଟୁ କଲା ?"


ମୁଁ କହିଲି- "ହେଃ... ଅତି ହେଇଗଲା !"

ଦେବୀବାବୁ କହିଲେ- "ହଇଓ ବାବୁ! ସମ୍ପାଦକୀୟ ଲେଖିବା କାମ ତମର। ତମେ ଲେଖି ପାରିବନି ବୋଲି ଅନ୍ୟ ଜଣକ ପାଖରେ ନେହୁରା ହେଲ। ସେଥିରେ ପୁଣି ଏରେ ନାକଛିଞ୍ଚଡ଼ା, ଏତେ ଉଲୁଗୁଣିଆ ମନ୍ତବ୍ୟ ! ହେଇଚି ପାନେ ଠିକ୍। ଆସ, ଏଇ ଖୁସିରେ କିଛି ଖାଇବା ହେଇଯାଉ।"

ଆମେ ଦୁହେଁ ଜଳଖିଆ ଦୋକାନ ଆଡ଼େ ମୁହାଁଇଲୁ।

□□

ଲେଖକଙ୍କ ଇ-ମେଲ ଠିକଣା:
baishnabamohanty@gmail.com



ପ୍ରବନ୍ଧ

# ଆମ ଭାଷାରେ ବର୍ଣ୍ଣ ବିଚାର

ଦେବୀପ୍ରସନ୍ନ ପଟ୍ଟନାୟକ

ସାମ୍ରାଜ୍ୟବାଦୀ ମାନସିକତା ଭାରତର ଅର୍ଥନୀତି, ରାଜନୀତି ଓ ସଂସ୍କୃତିକୁ ଆଜି ବି ନିୟନ୍ତ୍ରଣ କରୁଛି । ଆପଣା ଭାଷା ପ୍ରତି ହୀନମନ୍ୟତା, ପରମ୍ପରାକୁ ଅସ୍ୱୀକାର ଏବଂ ଏକଭାଷିକତାର ଚଷମା ପିନ୍ଧି ବହୁଭାଷିକତାକୁ ଦେଖିବା ଏହାର ପରିଣାମ ।

ଜଣା ଇତିହାସ କାଳରୁ ଆଜି ଏକବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରାୟ ଅଢ଼େଇ ହଜାର ବର୍ଷର ନିରବଚ୍ଛିନ୍ନ ଇତିହାସର ସ୍ୱୀକୃତି ହେତୁ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ସମ୍ମାନ ମିଳିଲା। ତା'ର ଅର୍ଥ ନୁହେ ଯେ ଓଡ଼ିଆ ଭାଷା ଅପରିବର୍ତ୍ତିତ ହୋଇ ରହିଛି । ପରିବର୍ତ୍ତନ ହେଉଛି ସୃଷ୍ଟିର ନିୟମ। ବାସ୍ତବତାର ପରିବର୍ତ୍ତନ ସାଙ୍ଗେ ସାଙ୍ଗେ ଭାଷାର ପରିବର୍ତ୍ତନ ହାତ ଧରାଧରି ହୋଇ ଚାଲିଛନ୍ତି ।



ବୈଦିକ ସଂସ୍କୃତିରେ ସ୍ୱରବର୍ଣ୍ଣର ହ୍ରସ୍ୱ, ଦୀର୍ଘ, ପ୍ଲୁତ ବିଭାଗ ଥିଲା । ପାଣିନିଙ୍କ ବେଳକୁ ପ୍ଲୁତ ଲୋପ ପାଇଗଲାଣି । ଆଧୁନିକ ଭାରତୀୟ ଭାଷାମାନଙ୍କରେ ଉଚ୍ଚାରଣରେ ହ୍ରସ୍ୱ ଦୀର୍ଘ ବିଭାଗ ଲୋପ ପାଇଗଲାଣି । କିନ୍ତୁ ଏହି ପରିବର୍ତ୍ତନ ସ୍ୱୀକାର କରିବାକୁ ଅନେକେ ନାରାଜ । ଓଡ଼ିଆରେ କଣ: କଅଣ, ଶାନ୍ତ: ସାଆନ୍ତ, ଯିବ: ଜିଇବ, ଫେରେ: ଫେଏରେ ଆଦି ମଧ୍ୟରେ ପାର୍ଥକ୍ୟ ହ୍ରସ୍ୱ ଦୀର୍ଘ ନୁହେ । ଏହା ଗୋଟିଏ ଏବଂ ଦୁଇଟି ଅକ୍ଷର (ସିଲାବଲ୍) ମଧ୍ୟରେ ପାର୍ଥକ୍ୟ । ଏହି ସମସ୍ୟାର ବିଚାର ପାଇଁ ମୁଁ ଗୋଟିଏ ଭୌତିକ ବିଜ୍ଞାନ ଛାତ୍ର ଶ୍ରୀକାନ୍ତ ପଣ୍ଡାଙ୍କୁ ଦେଇ ପିଏଚ.ଡି କରେଇଛି ।

### ପ୍ରୟୋଗ ଆଧାରିତ ବ୍ୟାକରଣ

ଭାଷାର ବ୍ୟାକରଣ ପ୍ରୟୋଗ ଆଧାରିତ । ପାଣିନି ତାଙ୍କ ପୂର୍ବରୁ ୧୩ଜଣ ବୈୟାକରଣ ଥିବା ଲେଖିଛନ୍ତି । ଏମାନେ ହେଉଛନ୍ତି ଭାଷାରେ ପରିବର୍ତ୍ତନର ଉଦାହରଣ । ପାଣିନି ଚାରିହଜାର ସୂତ୍ରରେ ଆଠଟି ଅଧ୍ୟାୟରେ ସଂସ୍କୃତ ବ୍ୟାକରଣ ଲେଖିଛନ୍ତି । ତାଙ୍କ ପୂର୍ବରୁ କିମ୍ବା ତାଙ୍କ ପରେ କେହିହେଲେ କୌଣସି ଭାଷାର ଏପରି ବ୍ୟାକରଣ ଲେଖିନାହାନ୍ତି । ତେଣୁ ଆଜି ପୃଥିବୀର ସବୁ ଭାଷା ବିଜ୍ଞାନୀ ତାଙ୍କୁ ସ୍ମରଣ କରିଥାନ୍ତି ।

ଓଡ଼ିଆରେ ଲେଖା ମଧୁବାବୁଙ୍କ ବର୍ଣ୍ଣବୋଧ ଛଡ଼ା ଗୋବିନ୍ଦ ରଥଙ୍କ 'ବର୍ଣ୍ଣବୋଧକ', ମଧୁସୂଦନ ମିଶ୍ରଙ୍କ 'ବର୍ଣ୍ଣ ନିର୍ଣ୍ଣୟ', ଘନଶ୍ୟାମ ମିଶ୍ରଙ୍କ 'ବର୍ଣ୍ଣ ପରିଚୟ', କପିଳେଶ୍ୱର ବିଦ୍ୟାଭୂଷଣଙ୍କ 'ବର୍ଣ୍ଣଶିକ୍ଷା', ଅଭିନ୍ନ ନାୟକଙ୍କ 'ବର୍ଣ୍ଣବୋଧକ', ବଳରାମ ଦାସଙ୍କ 'ଶିକ୍ଷା ମଞ୍ଜୁସ୍ୱୀ', କାଳିପ୍ରସାଦ ଦାସଙ୍କ 'ବର୍ଣ୍ଣ ବିଜ୍ଞାନ', ଚତୁର୍ଭୁଜ ପଟ୍ଟନାୟକଙ୍କ 'ବାଳବୋଧିନୀ', ଗୋବିନ୍ଦଚନ୍ଦ୍ର ପଟ୍ଟନାୟକଙ୍କ 'ବର୍ଣ୍ଣବିଜ୍ଞାନ', ଜଗନ୍ନାଥ ରାଓଙ୍କ 'ପ୍ରଥମ ପାଠ' କିମ୍ବା ତାହା ପରବର୍ତ୍ତୀ ମଧୁ ବର୍ଣ୍ଣବୋଧ ଛଡ଼ା କୌଣସି ବର୍ଣ୍ଣ ପରିଚୟ ପୁସ୍ତକ ମୁଁ ଅଧ୍ୟୟନ କରିନାହିଁ । କିନ୍ତୁ ଏହି ବହିମାନଙ୍କରେ ଦିଆଯାଇଥିବା ବର୍ଣ୍ଣସଂଖ୍ୟା କିମ୍ବା ବର୍ଣ୍ଣକ୍ରମ ବିଷୟରେ ଆଲୋଚନା ମଧ୍ୟ ମୁଁ ଦେଖିନାହିଁ ।

### ବର୍ଣ୍ଣ ଓ ବର୍ଣ

ମଧୁରାଓ ତାଙ୍କ ଜୀବଦ୍ଦଶାରେ ବର୍ଣ୍ଣବୋଧରେ ଥିବା 'ବର୍ଣ୍ଣ'କୁ ବର୍ଣ୍ଣ ଓ ବର୍ଣ ଦୁଇପ୍ରକାର ଲେଖିଛନ୍ତି । ସେହିପରି ବେଓ୍ୱା, ସଓ୍ୱା ପରି ଶବ୍ଦରେ ଥିବା ଓ୍ୱ ଅକ୍ଷରଟି ଓ୍ୱ(ଓ ତଳେ ବ ଫଳା) କିମ୍ବା ବ(ବ ମଧ୍ୟରେ ବିନ୍ଦୁ ଦେଇ) ଲେଖାଯିବା ବିଷୟରେ କିଛି ଆଲୋଚନା ହୋଇଛି । ଓଡ଼ିଶାରେ ନାସିକ୍ୟ ବର୍ଣ୍ଣ ସମ୍ବନ୍ଧରେ ଗୋଟିଏ ପ୍ରବନ୍ଧ ମୁଁ 'ଇଣ୍ଡିଆନ ଲିଙ୍ଗୁଇଷ୍ଟିକ୍‌ସ'ରେ ଲେଖିଥିଲି ।

ବର୍ଣ୍ଣ ସଂସ୍କାରର ନେତୃତ୍ୱ ନେଇଥିଲେ ସତ୍ୟବାଦୀ ଗୋଷ୍ଠୀ । ଗୋପବନ୍ଧୁ ଆପଣାର ଦସ୍ତଖତକୁ ଗୋପବନ୍ଧୁ ଦାସ କରିଥିବା ବେଳେ ଗୋଦାବରୀଶ ତାଙ୍କ ଦସ୍ତଖତକୁ ଗୋଦାବରିସ ମିସ୍ର କରିଛନ୍ତି । ତାଙ୍କୁ ଗାଳି ଦେବା ଅପେକ୍ଷା ବରଂ ସାହାସିକତା ପାଇଁ ସାବାସି ଦେବା ଉଚିତ । ଅନୁସ୍ୱାର ବିଷୟରେ ସେଇ ଏକା କଥା । ଯଦି ପଣ୍ଡିତ, ପଂଡିତ ଏକା ସାଙ୍ଗରେ ଚାଲେ ଏବଂ ଭୁଲ ଭୂଲ ଏକା ସାଙ୍ଗରେ ଚାଲେ ତେବେ ଗୋଟିଏ ଠିକ ଆଉ ଗୋଟିଏ ଭୁଲ କହିବା ଅନୁଚିତ ହେବ । ନିଜକୁ ଭାଷାବିତ୍ ବୋଲାଉଥିବା ପଣ୍ଡିତମାନେ ଏ ବିଷୟରେ ସଚେତନ ହେବା ଉଚିତ ।

'ଆମେ ଓଡ଼ିଆ ଭାଷାବିତ୍‌ମାନେ ବର୍ଣ୍ଣମାଳାରୁ କେବଳ କାଟିବା, କମେଇବା, ଛାଡ଼ିବା, ଛିଣ୍ଡେଇବା, ଉପାଡ଼ିବା, ଉଠେଇବା କଥା କୁହନ୍ତି ।' ଯେଉଁମାନେ ସ୍ୱରବର୍ଣ୍ଣକୁ ୬ରୁ ୧୬ କିମ୍ବା ବ୍ୟଞ୍ଜନ ବର୍ଣ୍ଣକୁ ୩୪ରୁ ୫୩ କରିବାକୁ କହୁଛନ୍ତି ସେମାନେ ତ କମେଇବା କିମ୍ବା ଛିଣ୍ଡେଇବା କଥା କହୁନାହାନ୍ତି। ତେଣୁ ଯୁକ୍ତିରେ ଏ ପକ୍ଷପାତିତା କାହିଁକି ?

**ବର୍ତ୍ତମାନ ତିନୋଟି 'ସ'ର ଉଚ୍ଚାରଣ ଗୋଟିଏ 'ସ' ଏବଂ ଦୁଇଟି 'ଜ'ର ଉଚ୍ଚାରଣ ଗୋଟିଏ 'ଜ' ହୋଇଯାଇଛି ।**

ନାସିକ୍ୟ ବିଷୟରେ ମୋର କହିବା କଥା ଯେ ଓଡ଼ିଆର ପାଞ୍ଚଟି ନାସିକ୍ୟ ବର୍ଣ୍ଣ ଓ ଅକ୍ଷର ହେଉଛନ୍ତି ଙ,ଞ,ଣ,ନ,ମ । ଏଥିରୁ ଙ ଞ ବ୍ୟବହାର କରି ଓଡ଼ିଆ ଶବ୍ଦ ନାହିଁ କହିଲେ ଚଳେ । ବର୍ଗୀୟ ବ୍ୟଞ୍ଜନ ଯୋଗରେ ଯୁକ୍ତାକ୍ଷର ଗଠନ ଏକ ସାଧାରଣ କଥା । ଉଦାହରଣ:-

ଙ+କ,ଖ,ଗ,ଘ । ଙ୍କ,ଙ୍ଖ,ଙ୍ଗ,ଙ୍ଘ - ପଙ୍କ, ପଙ୍ଖା, ସାଙ୍ଗ, ଜଙ୍ଘ

ଞ+ଚ,ଛ,ଜ,ଝ । ଞ୍ଚ, ଞ୍ଛ,ଞ୍ଜ,ଞ୍ଝ - ପାଞ୍ଚ, ଚାଞ୍ଛ, ସଞ୍ଜ, ବାଞ୍ଛ

ଣ+ଟ,ଠ,ଡ,ଢ । ଣ୍ଟ,ଣ୍ଠ,ଣ୍ଡ,ଣ୍ଢ - ଅଣ୍ଟା, ସଣ୍ଠଣା, ଦାଣ୍ଡ, ଷଣ୍ଢ

ନ+ତ,ଥ,ଦ,ଧ । ନ୍ତ,ନ୍ଥ,ନ୍ଦ,ନ୍ଧ - କିନ୍ତୁ, କାନ୍ଥ, କାନ୍ଦ, କାନ୍ଧ

ମ+ପ,ଫ,ବ,ଭ । ମ୍ପ,ମ୍ଫ,ମ୍ବ,ମ୍ଭ - କମ୍ପ, ବାମ୍ଫ, ଶିମ୍ବ, ଦମ୍ଭ

ଓଡ଼ିଆ ବ୍ୟାକରଣ ନାସିକ୍ୟ ଯୁକ୍ତାକ୍ଷରକୁ ଅନୁସ୍ୱାର+ବର୍ଗୀୟ ବ୍ୟଞ୍ଜନ ରୂପେ ଲେଖିବାକୁ ଅନୁମତି ଦେଇଥାଏ । ଉଦା:- ପଙ୍କ-ପଂକ, ପଙ୍ଖା-ପଂଖା, ସାଙ୍ଗ-ସାଂଗ, ଜଙ୍ଘ-ଜଂଘ, ପାଞ୍ଚ-ପାଂଚ, ଚାଞ୍ଛ-ଚାଂଛ, ସଞ୍ଜ-ସଂଜ, ଅଣ୍ଟା-ଅଂଟା, ସଣ୍ଠଣା-ସଂଠଣା, ଦାଣ୍ଡ-ଦାଂଡ, ଷଣ୍ଢ-ଷଂଢ, କିନ୍ତୁ-କିଂତୁ, କନ୍ଥା-କଂଥା, କାନ୍ଦ-କାଂଦ, ଦମ୍ଭ-ଦଂଭ, କମ୍ପ-କଂପ, ବାମ୍ଫ-ବାଂଫ, ସିମ୍ବ-ସିଂବ, ଦମ୍ଭ-ଦଂଭ । ଏଠି ମନେରଖିବାକୁ ହେବ ଯେ ଅନୁସ୍ୱାରଟି ଅକ୍ଷରକୁ ଛାଡ଼ି ଲେଖାଯିବ । ନୋହିଲେ ପଣ୍ଡିତ ନୀଳକଣ୍ଠ ଏହି ଧାରା ପ୍ରବର୍ତ୍ତନ କଲାବେଳେ ବିରୋଧୀ ପକ୍ଷ ପଂଡିତକୁ ଫଡ଼ିତ କହି ଥଟ୍ଟା ସାର ହେବ । ଉଚ୍ଚାରଣ ଓ ବନାନର ପାର୍ଥକ୍ୟ ନବୁଝିଥିବା ଲୋକ କେବଳ ଅନୁସ୍ୱାର ନୁହେ କାର ଲେଖିଲାବେଳେ ସେଇ ଏକ ସମସ୍ୟାର ସମ୍ମୁଖୀନ ହୁଅନ୍ତି । ଅକ୍ଷରକୁ ଲାଗି ଆକାର ଦେଲେ 'ଚ' 'ଗ' ହୋଇଯିବାର ସମ୍ଭାବନା ଏଡ଼େଇ ହେବନାହିଁ । ଏହି ସମ୍ଭାବନା ଏଡ଼େଇବା ପାଇଁ ଗୋଟିଏ ନୂଆ ଅକ୍ଷର 'ଗ୍ଚ' ତିଆରି କରିବାକୁ ହେଲା ।

**ଉଚ୍ଚାରଣ ଓ ବନାନ**

ଉଚ୍ଚାରଣ ଓ ବନାନ ମଧ୍ୟରେ ପାର୍ଥକ୍ୟ ପିଲାଙ୍କୁ ଆରମ୍ଭରୁ ଶିଖେଇବାକୁ ହେବ । ଓଡ଼ିଆ ବର୍ଣ୍ଣମାଳାରେ ତିନୋଟି ସ- ସ, ଶ, ଷ ଏବଂ ଦୁଇଟି ଜ- ଜ ଓ ଯ ଅଛି । ଗୋଟିଏ ସମୟରେ ଏମାନଙ୍କ ମଧ୍ୟରେ ଉଚ୍ଚାରଣ ପାର୍ଥକ୍ୟ ଥିଲା । ବର୍ତ୍ତମାନ ତିନୋଟି ସ ର ଉଚ୍ଚାରଣ ଗୋଟିଏ ସ ଏବଂ ଦୁଇଟି ଜ ର ଉଚ୍ଚାରଣ ଗୋଟିଏ ଜ ହୋଇଯାଇଛି । ଉଦା:- ଉଚ୍ଚାରଣରେ ସର, ବନାନରେ ସର 'ଦୁଧସର' ଓ ଶର 'କାଣ୍ଡଶର' । ଧ୍ୱନି ପରିବର୍ତ୍ତନ ହେତୁ ବନାନ ବିଷୟରେ ଯେପରି ଆଲୋଚନା ହେବା କଥା ହୋଇନାହିଁ । ବଙ୍ଗଳାରେ ବନାନ ଅଭିଧାନ ତିଆରି ହୋଇଛି। ଓଡ଼ିଆରେ ଏହା ବ୍ୟକ୍ତିଗତ କ୍ଷେତ୍ରରେ ପରନିନ୍ଦାରେ ସୀମିତ ।

ଆଉ ଗୋଟିଏ କଥା ଏଠି କହିଦେବା ଦରକାର। ଲେସି ସାହେବ ତାଙ୍କ ବ୍ୟାକରଣରେ ର ହ୍ରସ୍ୱଉକାର ସହିତ ସମାନ ଉଚ୍ଚାରଣ ହେଉଥିବାରୁ ଏହାକୁ ସ୍ୱରବର୍ଣ୍ଣ ମଧ୍ୟରେ ରଖିବା ଅନୁଚିତ ବୋଲି କହିଛନ୍ତି।

**ବର୍ଣ୍ଣର ସଂଖ୍ୟା**

ବର୍ତ୍ତମାନ ବର୍ଣ୍ଣସଂଖ୍ୟା । ଓଡ଼ିଆ ବୈୟାକରଣମାନେ ସ୍ୱରବର୍ଣ୍ଣ ସଂଖ୍ୟାକୁ ୬,୮,୧୧,୧୩ ଭାବେ ବିଚାର କରିଛନ୍ତି। କେହି କେହି ସ୍ୱର ସଂଖ୍ୟା ୧୬ ବୋଲି ମଧ୍ୟ କହନ୍ତି । 'ପୌରାଣିକ ମତରେ ସ୍ୱରବର୍ଣ୍ଣ ସଂଖ୍ୟା ୧୬ (ଷୋଡଶା) ଓ ବ୍ୟଞ୍ଜନବର୍ଣ୍ଣ ସଂଖ୍ୟା ୩୪ (ଚଉତିଶା) । ଏହିପରି ବର୍ଣ୍ଣସଂଖ୍ୟା ୫୦ ଥିଲା । ସମୟକ୍ରମେ ପରିବର୍ତ୍ତନଶୀଳ ଭାଷା ପାଇଁ

ଉଚ୍ଚାରଣ ଦୃଷ୍ଟିରୁ ଧ୍ୱନି ସଂଖ୍ୟାରେ ପରିବର୍ତ୍ତନ ଆସିଛି । ସ୍ୱରବର୍ଣ୍ଣ ଅଂ ଅଃ କୁ ବାଦ୍ କରି ସଂଖ୍ୟା ୧୪ ଓ ଏବେ ମାତ୍ର ୧୧ଟି ସ୍ୱର ଧ୍ୱନି ଓଡ଼ିଆଭାଷାରେ ବ୍ୟବହୃତ ହେଉଛି । ଓଡ଼ିଆ ଭାଷାର ଶବ୍ଦ ପାଇଁ 'ଂ,ଃ' ସହ 'ଁ' ଯୋଗହୋଇ ବ୍ୟଞ୍ଜନ ବର୍ଣ୍ଣ ପରେ ରହିଛି ହେଲେ ଏହି ତିନୋଟି ଚଉତିଶାର ଅନ୍ତର୍ଭୁକ୍ତ ନୁହେଁ । ଫଳରେ ପ୍ରଚଳିତ ଓଡ଼ିଆ ଭାଷାରେ ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନବର୍ଣ୍ଣ ସହ ଆଯୋଗବାହ ବର୍ଣ୍ଣ ରହିବା ଦ୍ୱାରା ସଂଖ୍ୟା ୫୦ରୁ ୫୩ ହୋଇଛି ।'

**ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନବର୍ଣ୍ଣ ସହ ଆଯୋଗବାହ ବର୍ଣ୍ଣ ରହିବା ଦ୍ୱାରା ସଂଖ୍ୟା ୫୦ରୁ ୫୩ ହୋଇଛି ।'**

ନିର୍ମଳକାନ୍ତ ମହାନ୍ତିଙ୍କର, 'ଓଡ଼ିଆବର୍ଣ୍ଣ' ବିଷୟରେ ଏଇଠି ଦୁଇଟି କଥା କୁହାଯିବା ଉଚିତ ।

୧. ଅ+ଅ=ଆ ନୁହେଁ । ଆ ଗୋଟିଏ ସ୍ୱତନ୍ତ୍ର ସ୍ୱରଧ୍ୱନି, ସ୍ୱର ସନ୍ଧିରେ ଅ+ଅ=ଆ ହୋଇଥାଏ ।
(ବକ+ଅସୁର=ବକାସୁର)

୨. ସ୍ୱରବର୍ଣ୍ଣ ୧୬ରୁ ୬ ଏବଂ ବ୍ୟଞ୍ଜନବର୍ଣ୍ଣ ୫୦ରୁ ୩୪ ହେବାକୁ ବର୍ଣ୍ଣବିଭ୍ରାଟ, ବର୍ଣ୍ଣବିଚ୍ଛେଦ କିମ୍ବା ବର୍ଣ୍ଣବିପର୍ଯ୍ୟୟ କହିବାର କୌଣସି ଯଥାର୍ଥତା ନାହିଁ । ଏହା ଭାଷା ପରିବର୍ତ୍ତନର ସାଧାରଣ ନିୟମର ଅସ୍ୱୀକୃତି ।

□□

ଲେଖକଙ୍କ ଇ-ମେଲ ଠିକଣା:
pattanayakdp@gmail.com





**ପୃଷ୍ଠା: ୫୪୪ ମୂଲ୍ୟ: ୪୦୦ଟଙ୍କା**
**ସମ୍ପାଦକ: ପୀତବାସ ରାଉତରାୟ**
**ପ୍ରଚ୍ଛଦ ଓ ଅଳଙ୍କରଣ: ବଳଦେବ ମହାରଥା**
**ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ, ଭୁବନେଶ୍ୱର**
**ଫୋନ୍: ୯୪୩୭୫୭୪୬୪୯**

*ପଢ଼ନ୍ତୁ !*


# ଅମୃତପୁରୁଷ ଶ୍ରୀଜଗନ୍ନାଥ

ଚଳିତ ବର୍ଷ ରଥଯାତ୍ରା ଉପଲକ୍ଷେ ଶ୍ରୀ ପୀତବାସ ରାଉତରାୟଙ୍କ ଦ୍ୱାରା ସମ୍ପାଦିତ ହୋଇ ପ୍ରକାଶ ପାଇଥିବା ପୁସ୍ତକ 'ଅମୃତ ପୁରୁଷ ଶ୍ରୀଜଗନ୍ନାଥ'ରେ ସ୍ଥାନ ପାଇଛି ୧୦୦ ରୁ ଉର୍ଦ୍ଧ୍ୱ ରଚନା । ଏହି ସଂଖ୍ୟାର ବିଶେଷ ଆକର୍ଷଣ ହେଲା ଶ୍ରୀମନ୍ଦିରରେ ନିଯୁକ୍ତ ଶ୍ରୀଜଗନ୍ନାଥଙ୍କ ୨୭ଜଣ ସେବାୟତଙ୍କ ଅନ୍ତରଙ୍ଗ ଅନୁଭୂତି, ୩୦ ଜଣ ଅନନ୍ୟ ଭକ୍ତଙ୍କ ଅନୁଭବ ଓ ଅନୁଭୂତି, ୩ ଜଣ ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ଓଡ଼ିଆ ପ୍ରତିଭାଙ୍କ ସହ ସାକ୍ଷାତକାର, ୭ ଜଣ ଜାତୀୟ ଓ ପ୍ରାଦେଶିକ ସ୍ତରରେ ପୁରସ୍କୃତ ପ୍ରତିଭାଙ୍କ ଜୀବନ କଥା, ପଦ୍ମଶ୍ରୀ ରଜତ କରଙ୍କ ଏକ ଅପ୍ରକାଶିତ ରଚନା, ଜନ୍ମ ଶତବାର୍ଷିକୀ ସାହିତ୍ୟିକା ବିଦ୍ୟୁତ୍‌ପ୍ରଭା ଦେବୀଙ୍କ ଶ୍ରୀଜଗନ୍ନାଥଙ୍କୁ ନେଇ ରଚନା, ଦୁଇ ଜଣ ଶ୍ରୀମନ୍ଦିର ପ୍ରାକ୍ତନ ପ୍ରଶାସକଙ୍କ ଅନୁଭୂତି, ଦୁଇଟି ମଠର ଚମକପ୍ରଦ କାହାଣୀ, ୪ଜଣ ଖବରକାଗଜ ଓ ପତ୍ରିକା ସମ୍ପାଦକଙ୍କ ମନୋଜ୍ଞ ରଚନା, ଶ୍ରୀଜଗନ୍ନାଥ କୈନ୍ଦ୍ରିକ ୫ଟି ମନୋଜ୍ଞ ଗଳ୍ପ, ୫ଟି ଚିନ୍ତାଶୀଳ ପ୍ରବନ୍ଧ ଓ ୧୨ଟି କବିତା, ଦୁଇଟି ବିରଳ ପୁସ୍ତକ ପ୍ରକାଶନରେ ଶ୍ରୀଜଗନ୍ନାଥଙ୍କ ଅମୃତ ସ୍ପର୍ଶର କାହାଣୀ ଓ ପ୍ରଥମ ଥର ପାଇଁ ଭୁବନେଶ୍ୱରରୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ପାଇଁ ବଉଳ ଗଛ ନିର୍ବାଚନର ପ୍ରଚ୍ଛଦ କାହାଣୀ । ଏହା ସହିତ ରହିଛି ଶ୍ରୀ ଜଗନ୍ନାଥଙ୍କ ଗୁପ୍ତ ଲୀଳାକ୍ଷେତ୍ର ମାରଦାରେ ଚିତ୍ରଶିଳ୍ପୀ ଶିବିରରେ ଅଙ୍କାଯାଇଥିବା ୨୦ଟି ଚିତ୍ରର ରଙ୍ଗିନ୍ କ୍ରୋଡପତ୍ର ।

**ଧାରାବାହିକ ବ୍ୟଙ୍ଗ**

# ମୌନବକ୍ତା

**ଅଜୟ କୁମାର ମିଶ୍ର**



ଚଳନ୍ତି ରାଇଜରେ କିଏ କ'ଣ କରୁ ବା ନ କରୁ, ଘଣ୍ଟୁ କିନ୍ତୁ ଚଳନ୍ତା ଗାଡ଼ି । ବେଳେବେଳେ ଧର୍ମଘଟୁଆ, ଟାୟାର ଉଜାଳୁଆମାନେ ତିଳକୁ ତାଳ କରି ବଜୁରିକୁ ପାହାଡ଼ ପ୍ରମାଣ କରି ରାସ୍ତାଘାଟରେ ଅଯଥା ଛଇ ଦେଖାଇ ବନ୍ଦବାନ୍ଦ କରି ନିଜର ଗାଲୁପଣ ମାରନ୍ତି । ଶାନ୍ତିପୂର୍ଣ୍ଣ ଧର୍ମଘଟ ଓ ବନ୍ଦ ପାଳିବା ବାହାନାରେ ଅସୁମାରି ଉପଦ୍ରବ କରି, ନିଜ ନାମ ଖବରକାଗଜରେ ଛାପା କରାଇ, ମନ୍ତିରୀ ମୁତୁରାଙ୍କ ଖାସ୍ ଲୋକ ହେଇଯାଆନ୍ତି । ଯା'ଙ୍କ ବୋବାଳି ଅଲଗା ପ୍ରକାରର । ଡାଆଁଣି ହେଇ ଲାଗନ୍ତି, ପୁଣି ଦଳ ବଦଳିଲେ ଗୁଣିଆଁ ପ୍ରକାରେ ଝଡ଼ାଫୁଙ୍କା କରନ୍ତି । ଏମିତି ଜଣେ ହରତାଳିଆଙ୍କ ବେମାରିଆ ବାପା ବି, ବନ୍ଦ ଯୋଗୁଁ ବଡ଼ମେଡିକାଲ ଯିବା ବାଟରେ ଡାଇରେକ୍ଟ ଯମଘରେ ହାଜର । ବନ୍ଦ ପାଳୁଆ ଏଇ ହରତାଳୁଆଙ୍କ ଯୋଗାଡ଼ରୁ ବାପା ହରିବୋଲ ହେବା ପରେ ବି ତାଙ୍କ ଚେତା ପଶିଲାନି । ନିଜ ହରତାଳ ନିଶାରୁ ବାପା ଗଲେ । ହରତାଳିଆ ଓ ହରତାଳେଇ ବନ୍ଦୁଆ ଓ ବନ୍ଦେଇମାନଙ୍କ ପାଖରେ ତାଙ୍କ ପତିଆରା ଲତାଟି ବଢ଼ି ବଢ଼ି ମନ୍ତିରୀମୁତୁରା ଗଛ ଯାଏ ମାଡ଼ିଗଲା ।




ଘଣ୍ଟୁ ଏସବୁ ଦେଖି ହରତାଳୁଆଙ୍କ ସହିତ ମହାର୍ଦ୍ଦିଆ ବନ୍ଧୁ ସାଜିଲା । ବିନା ଉଦ୍ଦେଶ୍ୟରେ ଏଯାବତ ଘଣ୍ଟୁ କିଛି କରିନାହିଁ, କରେନାହିଁ, କରିବାର ବି ନାହିଁ । ହରତାଳୁଆଙ୍କ ସହ ଫେବ୍ରିକଲ୍ ଯୋଡ଼ ପଡ଼ି, ନେତାଙ୍କ ପାଖରେ ହାଜର । ଦେଖିଲା, ନେତା ନେତିରୀଏ ଭାଷଣ ଦେବାକୁ ହାଉଯାଉ । ଆଉଦଳେ ଭାଷଣ ଲେଖୁଆ ବି ଏମାନଙ୍କ ପାଇଁ ତଥ୍ୟ-ଅତଥ୍ୟ ମିଶାଇ ଗୋଡ଼ିମିଶା ଚାଉଳ ଭଳିଆ ଭାଷଣ ଲେଖୁ ଲେଖୁ ଭାଷଣ ପାଇଁ ଡକରା ହୁଅନ୍ତି । ଏ କି ପ୍ରକାର କଥା? "ଭାଷଣରେ କି ରସ ଅଛି, ବକୁଥିବା ଲୋକ ସିନା ଜାଣିଛି ।" ସନ୍ଧାନିଆ ଦୂରବିକ୍ଷଣିଆ ଓ ଅଣୁବିକ୍ଷଣିଆ ଦୃଷ୍ଟିରେ ଯା ମୂଳ ବିନ୍ଦୁକୁ ପରୀକ୍ଷା ନିରୀକ୍ଷା କରି, ଘଣ୍ଟୁ ଜାଇଁଲା ଏଠି ଗୋଟେ ବକ୍ତାଭୋକ ଅଛି । ସଂଜରେ ବିଲୁଆ ଭଳି ଭାଷଣମଞ୍ଚରେ ହୁକେ ହୋ ନ ହେଲେ ଏମାନଙ୍କ ଛାତିରେ ଘଡ଼ଘଡ଼ି ପଡ଼େ, ଭାରି ଯନ୍ତ୍ରଣା । ଯମ ଡାକରାକୁ ଏଡ଼ାଇ ଆସୁଥିବା ଦଳେ ଏଇ ଅଭ୍ୟାସବଶତଃ ଜବରଦସ୍ତ ମଞ୍ଚ ଖୋଜି ଲୋଡ଼ି ଆପେ ଆପେ ହାଜର ।

**ମଞ୍ଚ ବେଙ୍ଗଳା**

ଗାଆଁରେ ଧାନବେଙ୍ଗଳା ପଡ଼ିଲେ, ଚାଷୀଟି ନିଜ ବଳଦ ସହ, ଆଉ କେତେଘରୁ ଯୋଗାଡ଼୍କରି ବଳଦ ଖୋଜିଆଣି, ନିଜ ବେଙ୍ଗେଳାରେ ଯୋଚନ୍ତି । ସମୟ ବଦଳିଗଲାଣି, ଖୋଇ ବି ବଦଳିଗଲାଣି । ଏବେ ମଞ୍ଚ ବେଙ୍ଗେଳାରେ ଯୋଚା ହେବା ପାଇଁ ବଳବନ୍ତ ବଳଦେ ଚାଷୀ ଖୋଜି ଖୋଜି ଛାଆଁଙ୍କୁ ହାଜର । କେହି ନ ଡାକିଲେ ବି, ନିଜ ତରଫରୁ ଦୂତ ପ୍ରେରଣ କରି, ବେଙ୍ଗେଳାକାରଙ୍କୁ ଖବର ପଠାନ୍ତି । ତାଙ୍କୁ ସେଠି ଟିକେ ଥାନ ଦେଲେ, ସେ ମଞ୍ଚୁଆଙ୍କ କି କି ଉପକାରରେ ଲାଗିବେ, ତାହା ବି ନିଜ ତରଫରୁ ଯାଚି କଲ୍ୟାଣ ମାଗି ଓଳିଗି ନ୍ୟାୟରେ ତତ୍କ୍ଷଣାତ ଯୋଗାଡ଼ କରିପକାନ୍ତି ।

ଶ୍ରୀକ୍ଷେତ୍ରରେ କଳାଠାକୁରଙ୍କ ସଂଧ୍ୟା ଆଳତିରେ ହୁଏତ ଓଲମ ବିଲୋମ ହେଇପାରେ, ଦୁଆରଫିଟାରେ ଅକସ ରହିପାରେ, ମାତ୍ର ରାଜଧାନୀରେ ସଂଜ ହେଲେ ସଭା ହେବାରେ ଢିଲା ନଥାଏ । କୌଣସି କୌଣସି ଉଦ୍ଦେଶ୍ୟ ସାଧନ ପାଇଁ, ନାନା ଯୋଜନା, ନାନା ଫିକର । ତେଣୁ ଏଥିପାଇଁ ସଭା ହୁଏ, ମନ୍ତିରୀମୁତୁରା, ଅତି ନିକୁଞ୍ଜରେ ବିଭିନ୍ନ ବିଭାଗର

ମୁଣ୍ଡିଆଳଙ୍କୁ ଥାପି, ସଭା ଚାଲେ । ବକ୍ତା ବାଚାଳଙ୍କ ପାଇଁ ଚିନ୍ତା ନାହିଁ; ଏମାନେ ନିଜ ତରଫରୁ କୁହାପୋଛା କରି ହାଜର । ଭାଷଣଠାରୁ ପଦବୀ ଟେକାଣ, ସଭାକାରଙ୍କ ଟେକାଣରେ ସମୟ ଯାଏ । ଶୁଣାଳିମାନେ ବି ଚାହିଁଚତୁରା ।

ବିପଦପଡୁଆ ହରିଭଗତିଆ, ସଂକଟତାରଣ ମନ୍ତ୍ର ଜପିବା ଭଳି, ଶୁଣାଳି ଶୁଣାଳିନୀମାନେ, ବକ୍ତାଙ୍କ ଯୋଗୀଥାଳର ବାରମିଶା ଚାଉଳ ଭଳିଆ, ଆବୁରୁଜାବୁରୁ ଭାଷଣ ସଂକଟରୁ ମୁକ୍ତି ପାଇଁ ଅଭିସଂପାତ ବର୍ଷନ୍ତି । "ରଇଜଳାର ତୁଣ୍ଡକଣ୍ଟୁ ଏତେ ? ସେ ଯାହା ଗପୁଚି, ତା' ପିଲା ମାଇପେ ତାକୁ ଶୁଣିବେ କି ? ଗୋଟାଏ କଥାକୁ ଜପୁଚି, ଏ ଇଡିଅଟ୍‌ଟା ନିଜ ମୂର୍ଖାମି ବି ଜାଣିପାରୁନି । ତା' ପାଟିରେ ଖୋଡ଼ ଫୁଟନ୍ତା କି, ସେ ଭାଷଣ ବାନ୍ତି ବନ୍ଦ କରନ୍ତା । ସଭାନାଥଙ୍କ ତାଗିଦ୍ ପରେ ବି ଏମାନେ ଇଲିସୀରଙ୍କୁଣା ମାଛକଣ୍ଟା ନ ଛାଡ଼ିବା ଭଳିଆ, ମାଇକ୍ରୋଫୋନ୍‌କୁ ଜାବୁଡ଼ି ଧରୁଛନ୍ତି ।" ଭାଷଣ ଫାଷଣ ମିଛ, ଆମ ପାଇଁ ଆସିଥିବା ଜଳଖିଆ ପୁଡ଼ିଆ ଧରିଲେ, ଆମେ ଏଠୁ ଖଲାସ । ଶଶୁରପୁତ୍ରର ଏମନ୍ତ ଅତ୍ୟାଚାରରୁ ମୁକ୍ତି ପାଇଁ ତ୍ରାହି ତ୍ରାହି ରଡ଼ନ୍ତି ଶୁଣାଳି ଶୁଣାଳିନୀମାନେ । କେହି କେହି ସଭାପରର ପୀରତିଭୋଜନ ଥାନରେ ବି ଆଗୁଆ ପତର ପିଲେଟ୍ ଧରି ଧାଡ଼ି ବାନ୍ଧନ୍ତି । ମିଟିଂରେ ସିଟିଂକରି ସେମାନେ ଇଟିଂବିଳାସୀ, ନ ହେଲେ ଚିଟିଂରେ ପଡ଼ିବେ ଯେ । ସଭା ଆୟୋଜକ ବି ଏମନ୍ତ ଶୁଣାଳିମାନଙ୍କୁ କୁକୁରକୁ ଥୋପ ହଲେଇ ଅଟକେଇବା ଭଳିଆ, ଟିଫିନ ପକେଟ୍ ଦେଖାଇ ଶେଷ ଯାଏ ଚିଟିଂକରି ସଭାକୁ ଫିଟିଂକରି ରଖନ୍ତି ।

**ପାଳି ଧରୁ ଧରୁ ପାଳିଆଟି ଗାୟକ ହେବା ପ୍ରକାରେ, ଏମାନେ ଅତିଥି ପରିଚୟ ଧନ୍ୟବାଦ ଦେଣନେଣ କରି ବକ୍ତା ବୋଲାନ୍ତି ।**

## ଗୋବେଷିକିଆଙ୍କ ରୀତି

ଗୋବେଷିକିଆମାନଙ୍କ କ୍ଷେତ୍ର ଅଧ୍ୟୟନ ରୀତିରେ ଘଣ୍ଟୁ ବିଭିନ୍ନ ସଭା-ସମିତିରେ କେହି ଡାକୁ କି ନ ଡାକୁ, ନିଜ ତରଫରୁ ନିଜେ ହାଜର ହୋଇଯାଏ । ବସୁଧୈବ କୁଟୁମ୍ବକମ୍ ରୀତିରେ ସେ "କ୍ୟାପିଟାଲ ଟୁ ଆତ୍ମୀୟମ୍" ରୀତି ବ୍ରତ ଧାରଣକରି ଏମନ୍ତ କରେ । ବହୁ ମଞ୍ଚରେ ବକ୍ତା ନାମକ ଜୀବମାନେ ଏଣୁତେଣୁ ବଖାଣ କରନ୍ତି । ଘଣ୍ଟୁ ଦେଖିଲା ଏପରି ଅଗଡ଼ଧାଡୁଆ ବତୀପେଲା ବକ୍ତାଙ୍କ ସଂଖ୍ୟା ଶହେକେ ଛ'କୋଡ଼ି । ବିଚାରିଲା, ଏମନ୍ତ ଅଖାଦ୍ୟମାନଙ୍କୁ ସଭାବାଲାଏ କେମନ୍ତେ ହଜମ କରୁଛନ୍ତି ? କିଛିଦିନ ପରେ ଭେଦୁଆ ରୀତିଧରି ହନୁ ଲଙ୍କାଗଡ଼ ଠାବ କଲା ଭଳିଆ ଭିତିରି ରହସ୍ୟ ଭେଦିଲା ।

ବକ୍ତାମାନଙ୍କ କିସମ ଜମି କିସମ ଭଳି ଅଲଗା ଅଲଗା । ଦେଖିଲା କେତେଜଣ ବକ୍ତା ଅଛନ୍ତି ଅର୍ଥଦାନୀ ବକ୍ତା । ଏମାନେ ସଭାବାଲାଙ୍କ ସଭାଖର୍ଚ୍ଚା ପାଇଁ, କିଛି କିଛି ଅର୍ଥଦେଇ ବକ୍ତା ପାର୍ଟ କରନ୍ତି । ଗାଁ ଯାତ୍ରାରେ ଅର୍ଥଦାନୀ ପାର୍ଟିୟର୍, ପାରୁ କି ନ ପାରୁ ବଡ଼ ବଡ଼ ରୋଲ୍ କଲା ଭଳି ଏ ରୀତି । ତାଙ୍କ ଗାଆଁ ଡ୍ରାମାରେ ଟିମା ସାହୁ ହଜାର ଟଙ୍କା ଦେଇ ଅର୍ଜ୍ଜୁନ ପାର୍ଟ କଲା, ହେଲେ ମଞ୍ଚରେ ଡାଇଲଗ୍ ଭୁଲଭାଲ୍ କଲେ ବୋଲି ଲୋକେ ଛି ଛାକର କଲେ । କେହି କେହି ବକ୍ତା ବି ଜଳଖିଆ ଖର୍ଚ୍ଚା ତୁଲାଉଥିବା କଥା ଘଣ୍ଟୁ ଆବିଷ୍କାର କଲା ।

ଅର୍ଥଦାନୀ ବକ୍ତା ତଳକୁ ରହିଲେ ଶ୍ରମଦାନୀ ବକ୍ତା । ଏମାନେ ନିଜେ ବା ନିଜ ଲୋକଙ୍କୁ ସଭାବାଲାଙ୍କ ନିକଟରେ ପୂରା ସଅଁପି ଦିଅନ୍ତି । ଛାମୁଡ଼ିଆ ବନ୍ଧା, ମଞ୍ଚସଜ୍ଜା, ମାଇକ୍ ଟଙ୍ଗା, ଚୌକି ପକା ପ୍ରଭୃତି ନାନା କାର୍ଯ୍ୟରେ ସ୍ୱେଚ୍ଛାସେବକ ରୀତିରେ ଶ୍ରମଦାନ କରନ୍ତି । ଉଦ୍ଦେଶ୍ୟ ମଞ୍ଚରେ କେମିତି ବସିବେ, ଭାଷଣ ଯାହା ହେଉ ନ ହେଉ, ଗହଣରେ ଫଅଟ୍ ଛପାହେଉ, କାଗଜରେ ନାଆଁ ବାହାରୁ ।

ଏମିତି ବୁଝିଲା ବେଳକୁ ଜାଣିଲା ଯେ, ଟେଣ୍ଟବାନ୍ଧୁଆ, କାର୍ଡବାଣ୍ଟୁଆ, ବ୍ୟାଚ୍‌ମାରୁଆ, ମାନପତ୍ର ପାଠୁଆ, ଫୁଲମାଳ ପକାଳୁଆ, ଜଗନ୍ନାଥ ଫଅଟ ପାଖରେ ଦୀପ ଲଗାଣ ବେଳେ ଦିଆସିଲି ମାରୁଆ – ପର୍ଯ୍ୟାୟକ୍ରମେ ଶେଷ ବେଳକୁ ମଞ୍ଚରେ ବସିବା ପାଇଁ ଥାନ ନ ଥିଲେ ବି ନିଜ ହାତରେ ନିଜ ପାଇଁ ଚୌକିଟିଏ ଟେକି ନେଇ ମଞ୍ଚରେ ନିଜକୁ ନିଜେ ଖପେଇବା ଭଳିଆ ଲୋକ ବି ଅଭାବ ନାହାନ୍ତି । ଦି'ଧାଡ଼ି କଥା ଉଦ୍‌ଗାରିଦେଲେ, ଏମାନଙ୍କ କାମ ଶେଷ । ପାଳି ଧରୁ ଧରୁ ପାଳିଆଟି, ଗାୟକ ହେବା ପ୍ରକାରେ, ଏମାନେ ଅତିଥି ପରିଚୟ ଧନ୍ୟବାଦ ଦେଣନେଣ କରି ବକ୍ତା ବୋଲାନ୍ତି । ମାହାନ୍ତି ପାଖରେ ଚଳପ୍ରଚଳ ହେଲେ, ମାହାନ୍ତି ଗାଆଁରେ ଘରକଲେ, ବି ଦଳେ ଆଗରୁ ମାହାନ୍ତି ହେବା ନ୍ୟାୟରେ ମଞ୍ଚ ଚଳପ୍ରଚଳ

ହେଉ ହେଉ, ଦଳେ ବି ବକ୍ତା ଖାତାରେ ନାମ ଦରଜ କରନ୍ତି ।

ଗେଣ୍ଡୁ ଗବେଷଣା କରି ଜାଇଁଲା ଯେ, ଦଳେ ଅଛନ୍ତି ଶ୍ରୋତାଯୋଗାଣିଆ ବକ୍ତା । ପୁଅଝିଅଙ୍କୁ ପୋଷୁଥିବା ବାପାଙ୍କ କଥା, ପୁଅଝିଅ ଶୁଣନ୍ତିନି । ନିଜ ଘରଣୀ ବି ଘରୁଆ କଥାକୁ ଏକାନେ ପୂରାଇ ସେ କାନେ କାଢ଼େ । ଏଣୁ ଆଜି ଭାଷଣ ଶୁଣି ଆୟୁକ୍ଷୟ କରିବ କିଏ ? ପୁଣି ଆବୁରୁଜାବୁରୁ ଘାଣ୍ଟ ତୁଉଣ ଭଳିଆ ଆଲୁକୁଚି ମାଲୁକୁଚି ଭାଷଣ ଶୁଣି ଶୁଣି ଶ୍ରୋତା ଥେୟା । ତେଣୁ ମଞ୍ଚକୁ ମୁହଁ ମୋଡ଼ିଦେଲେଣି । ମାତ୍ର ବେଙ୍ଗେଳା ପାଇଁ ବଳଦ ଦରକାର, ସଭା ପାଇଁ ଶ୍ରୋତା ଦରକାର । ଏଣୁ ଶ୍ରୋତାଏ ହତାଶ ହେଇ, ମଞ୍ଚ ମାଡ଼ିବାକୁ ନାରାଜ । ବଡ଼ ବଡ଼ ଅକ୍ଷରରେ ବ୍ୟାନର ଲେଖାଯାଏ - "ରାଇଜ ସ୍ତରୀୟ କବି ସମ୍ମେରଳ" - ଦେଖିବା ବେଳକୁ ଗାଁର, ଅତି ନିକୁଛନଇ ପଞ୍ଚାୟତର ଜଣେ ଦି'ଜଣ ଗାଆଁ ବାହାରିଆ କବି-କବାଙ୍କୁ ନେଇ ସମ୍ମିରଳୀ ହୁଏ । ସେମିତି ସଭାରେ ପଢ଼ିଥିବା ଯାଏ କବି ରହନ୍ତି, ନିଜ କବିତା ପଢ଼ି ସାରି ପାତାଳି ହେଇଯାଆନ୍ତି । ଅବଶ୍ୟ ଖିଆପିଆ ଥିଲେ, ଛାମୁଡ଼ିଆ ବାହାରେ ଆଳାପ-ମେଳାପରେ ମାତନ୍ତି ।



## ଦାଦେନିଆଁ ସଭା

ଅଧିକ ଲୋକ ନ ହେଲେ ସଭାଟା ଦାଦେନିଆଁ ଲାଗେ, ତେଣୁ ଶୁଣାଳି ଶୁଣାଳିନୀମାନେ ଲୋଡ଼ା ପଡ଼ନ୍ତି । ତେଣୁ ଜଣେ ଜଣେ ଅଧେପକ, ଅଧେପିକା, ମାଷ୍ଟ୍ର-ମାଷ୍ଟ୍ରାଣୀଙ୍କୁ ଅଗତ୍ୟା ଲୋଡ଼ନ୍ତି ସଭାଯୋଗାଡ଼ିଆ । ଗାଈକି ବାନ୍ଧିଲେ ବାଛୁରି ବଳେ ଧାଇଁବ, ଏମାନଙ୍କୁ ମଞ୍ଚରେ କିଛି ସମୟ ପାଇଁ ଥାନ ଦେଇଦେଲେ ଏମାନଙ୍କ ପିଲାମାନେ ଦର୍ଶକଦର୍ଶିକା, ଶୁଣାଳି-ଶୁଣାଳିନୀ ସାଜିବେ । ଏଇ ଭରସାରେ ଏମାନଙ୍କୁ ବକ୍ତା ଭାବରେ କଳସ ଥାପିଲା ଭଳିଆ, ବକ୍ତା ପ୍ରକାରେ ଥପାଯାଏ, ଯାଙ୍କ ପିଲାଏ ଶୁଣାଳି ହେଇ ଗହଳି ବଢ଼ାନ୍ତି ।

ଆଉ ଦଳେ କାର୍ଡବାଣ୍ଟୁଆ, ବୁଲି ବୁଲି ନିମନ୍ତ୍ରଣ କାର୍ଡ ବାଣ୍ଟୁ ବାଣ୍ଟୁ କ୍ରମେ କ୍ରମେ ଯାତ୍ରାରେ ଡ୍ୟାନ୍ସପିଲା ହିରୋଇନ୍ ହେବା ଭଳିଆ, ଭାଷଣ ଶୁଣୁଶୁଣୁ ବକ୍ତା ହେଇଯାଆନ୍ତି । ନିଜ ଗାଡ଼ିରେ ନିଜ ତେଲ ଖର୍ଚ୍ଚ କରି, ଏମାନେ ଶ୍ରୋତା ଯୋଗାଡ଼ରେ ବ୍ୟସ୍ତ । ପୁଣି ଏମାନଙ୍କ ସହିତ ମଞ୍ଚବାଲାଏ ବି ଶତକଡ଼ା ହିସାବ ଛଡ଼େଇଲେଣି । କୋଡ଼ିଏ ଶ୍ରୋତା ରହିଲେ ପାଞ୍ଚମିନିଟ୍, ତିରିଶ ଶ୍ରୋତା ଆଣିଲେ ସାତମିନିଟ୍ ଓ ଚାଳିଶ ଶ୍ରୋତା ଆଣିଲେ ଦଶ ମିନିଟ୍ ପାଇଁ ଏମାନେ ବକ୍ତା ହେଇପାରିବେ । ଏଇ ରେଟରାଟ୍ ହିସାବ ପରେ ଦଳେ ମଞ୍ଚକାଙ୍ଗାଳିଆ ନିଜ ନିଜ ବିଦ୍ୟାଳୟରେ ପିଲାଙ୍କୁ ତାଗିଦ୍‌କଲେ, ଛାତ୍ରାବାସରେ ଫତୁଆ ଜାରିକରି ଶ୍ରୋତା ଯୋଗାଡ଼ିଲେ ।

ଏମିତି ତଲାସ କରୁ କରୁ ଘଣ୍ଟୁ ମଞ୍ଚରେ ଭେଟିଲା କେତେଟା ରଚନିଆଁ ବକ୍ତାଙ୍କୁ । ରଚନା ଲେଖାବେଳେ, ପିଲାଏ ପ୍ରଶ୍ନପତ୍ରରେ ଯାହା ଆସୁନା କାହିଁକି, ପ୍ରଥମେ ଶୀର୍ଷକ ସହିତ ଲିଙ୍କ୍‌ଟିଏ ଯୋଡ଼ି ଆରମ୍ଭ କରନ୍ତି ରଚନା । ବିଷୟ ହେଲା 'ବନ୍ୟା' । 'ଗାଈର ଆତ୍ମକାହାଣୀ' ପଢ଼ିଥିବା ପିଲାଟି ଉତ୍ତର ଲେଖେ - ବନ୍ୟା ହେଉଛି ପ୍ରକୃତିର ବରଦାନ । ବନ୍ୟାରେ ନଈ, ପୋଖରୀ, କୂଅ, କେନାଲ ସବୁ ପୂରିଉଠେ । ସବୁ ଭସେଇନିଏ ବନ୍ୟାଜଳ । ମଣିଷ, ପଶୁ, ପକ୍ଷୀ - ସମସ୍ତଙ୍କୁ ଭସେଇ ନିଏ । ଗାଈକୁ ବି ବନ୍ୟା ଭସାଇନିଏ । ଗାଈ ହେଲା ଗୋମାତା, ଗୋଟାଏ ଚାରିପଦିଆ ପ୍ରାଣୀ । ଗାଈ ନିରାମିଷ ଭୋଜନ କରେ, ଘାସ ଖାଏ, ନଡ଼ାକୁଟା ଖାଏ, ଗାଈ କ୍ଷୀରଦିଏ, କ୍ଷୀରରୁ ଦହି, ଲହୁଣି ଓ ଛେନା, ଘିଅ ଇତ୍ୟାଦି ପ୍ରସ୍ତୁତ ହୁଏ । କ୍ଷୀର, ଦହି, ଘିଅ ସହ ମହୁ ଓ ଗୁଡ଼ ମିଶିଲେ ପଞ୍ଚାମୃତ ହୁଏ । ପଞ୍ଚାମୃତ ଅତି ପବିତ୍ର । ଏମିତି 'ବନ୍ୟା' ରଚନାରୁ ଲମ୍ବିଯାଏ ଖିଅ - ଗାଈ ଚମଡ଼ାରୁ ବାଦ୍ୟ ହେବାଯାଏ । ଶେଷରେ ବନ୍ୟା ବି ଚମଡ଼ା ଓ ବାଦ୍ୟକୁ ଭସେଇ ନେଇ ବଡ଼ ବିପଦ ସୃଷ୍ଟିକରେ ବୋଲି ଉପସଂହାର ଚୋଳାଯାଏ ।

ଏମିତି ହେଉଛି ରଚନିଆଁ ବକ୍ତାଙ୍କ ଭାଷଣ । ବିଷୟ ଓ ପ୍ରସଙ୍ଗ ପାଇଁ ଚିନ୍ତାନାହିଁ, ସେମାନେ ଭାବନ୍ତି, ତାଙ୍କ ସାମନା ଲୋକେ ଦର୍ଶକ ବା ଶ୍ରୋତା ନୁହନ୍ତି, ବରଂ ତାଙ୍କ ଜମିଦାରୀ ଇଲାକାର ବିଚରା ବିକଳିଆ ରଇତ । ତାଙ୍କୁ ଯାହା ଶୁଣାଇଲେ ବି ଶୁଣିବାକୁ ବାଧ୍ୟ । ଆରମ୍ଭ କରନ୍ତି ଖାଦ୍ୟ ସମସ୍ୟାର ଭାଷଣ । ରାଜନୀତିରେ ତ ଅପରପକ୍ଷିଆଙ୍କ ଦୁର୍ନୀତି ଗୋଇ ଖୋଳିତାଡ଼ି, ସେମାନଙ୍କ ଚରିତ୍ରକୁ ଚୂନପତର କରିବାର ଭାଷଣ । ସଭାକୁ

ଆସିବା ବେଳେ ଘରୁ ସେ ଚୁଡ଼ାଚକଟା ଖାଇ ଆସିଲେ । ଚୁଡ଼ାଚକଟାକୁ କଳରେ ରଖି ଦାନ୍ତ ମାରୁ ମାରୁ ଦୈବାତ୍ ତାଙ୍କ କଳଦାନ୍ତ ମଡ଼ ମଡ଼ ହେଇ ଭାଙ୍ଗିଗଲା । କାରଣ ଚୁଡ଼ାରେ ଥିବା ଗୋଡ଼ିର ଏମନ୍ତ କାଣ୍ଡ । ଏ ସରକାରରେ ଚୁଡ଼ାରେ ଖାଲି ଗୋଡ଼ି ନୁହେଁ, କ'ଣ କ'ଣ ସହିତ କ'ଣ କ'ଣ ମିଶି ଜୀବନଟାକୁ ଖିନିଖରାପ କରିସାରିଲେଣି । ପଲ୍ଲୀରୁ ପାର୍ଲାମେଣ୍ଟ ଯାଏ ଲମ୍ବେ ଦୁର୍ନୀତିର ଲମ୍ବା ଫର୍ଦ୍ଦ । ଗାନ୍ଧୀ ଜୟନ୍ତୀର ଗାନ୍ଧୀସ୍ମୃତି ଉଚ୍ଚାରଣ କାଳରେ ଏମନ୍ତ ଭାଷଣ ଶୁଣୁଶୁଣୁ ଶୁଣାଳିଏ ଟୀର୍ଥକାବା । ପ୍ରସଙ୍ଗ ବାଟେ ପ୍ରସଙ୍ଗ, ଭାଷଣ ବାଟେ ଭାଷଣ ଚାଲେ ।

**ହସ୍ତମୁଦି ମାହାଲ**

ଧର୍ମ ଭାଷଣ ତ ପ୍ରବଞ୍ଚନିଆଁଙ୍କ ହସ୍ତମୁଦି ମାହାଲ । କେବଳ ସମୟକୁ ଅପେକ୍ଷା । ପୁଣି ଧାରାବିବରଣିଆଁଙ୍କ କଥା ଆଉ ନିଆରା । କାଗଜରେ କାଟତି ବଢ଼ାଇବାକୁ, ଖବରର ଟାରିଫ ବଢ଼ାଇବାକୁ ଅନେକ ସଂସ୍ଥା ଡାହା ମିଛ କହିବାରେ କ୍ଷୋଳଣା ଯତ୍ନ କରନ୍ତି । ବଉଦ ଚଉଠେ ଦେଖୁ ନ ଦେଖୁଣୁ ଘଡ଼ଘଡ଼ିଆ ବର୍ଷା ହେବା ଘୋଷଣା କରି ବିନା କାରଣ ନଥାଇ କାର୍ଯ୍ୟ ଉତ୍ପାଦନ କରନ୍ତି । ତେମନ୍ତ ପ୍ରକାରେ ଧର୍ମୁଆବକତାଙ୍କ ଖୋଇ । ଭାଗବତରେ ରାମାୟଣ, ମହାଭାରତରେ ଚଉପାଇ ଖେଚୁଡ଼ି କରି ମଞ୍ଚରେ ପରମ ନାଦ ବା ପରମାଦ ବି ଭେଇଥାନ୍ତି । ଧରମର ଧରମଭାଇ, ଧରମରବାପା ଏମାନେ । ପୂରା ରାଣ ଦେଲେ ବି ଏମାନେ ପୁରାଣିଆ ଭାଷଣ ବନ୍ଦ କରି, ନିଜ ଘୋଷା କଥାକୁ ବୋଲି ବୋଲି ଭରଣ ଭରଣ ତାଳି ଅମଳ କରନ୍ତି ଏଇ ହରିବୋଲିଆ ବକ୍ତା । ପୁଣି ଏମାନଙ୍କ ସାଙ୍ଗରେ ବଜନ୍ତରୀ ଓ ପାଳିଧରା ସମସ୍ତେ ଗୋଟାଏ ପଲଟଣ ।

ସବୁ ପ୍ରକାରର ବକ୍ତାଙ୍କୁ ପରଖ କରୁ କରୁ ଘଣ୍ଟୁ ଗୋଟାଏ ନୂଆଧାରା ତିଆରିରେ ମଗଜ ଖେଳେଇଲା । ଏଥର ବିଭିନ୍ନ ମଞ୍ଚର ଚାହିଦା ଅନୁଯାୟୀ ସେ ବକ୍ତା ଯୋଗାଣ କରିବାର ଯୋଜନା କଲା । ମଞ୍ଚ ମଞ୍ଚ ବୁଲି ବୁଲି, ବଡ଼ କଦରରେ ଅବକ୍ତା, ଅଣବକ୍ତା, ଚାରେଣିଆଁ, ଆଠେଣିଆଁ, ବାରେଣିଆଁ, ଚଉଦାଣିଆଁ ବକ୍ତାମାନଙ୍କ ଠିକଣା ପତ୍ତା ସଂଗ୍ରହକରି, ନିଜ ଖତିଆନରେ ଟିପା କରେଇ ଖୋଲିଲା 'ବକ୍ତା ଯୋଗାଣ କେନ୍ଦ୍ର' । ସମସ୍ତଙ୍କୁ ଏକାଠି କରି ହରତାଳ ଭିଆଇଲା । ସରକାରୀ ବାବୁମାନଙ୍କ ନିକଟକୁ, ଏମାନଙ୍କ ଭିତରୁ କେଇଟା ପଦାଫୁଟାଣିଆଁଙ୍କୁ ନେଇ ଭେଟ କରାଇଲା, ଏମାନଙ୍କର ବିଭିନ୍ନ ଦଫାର ଦାବୀମାନ ଜଣେଇଲା ।

> **ଘଣ୍ଟୁ ଜାଣେ, ବିଭିନ୍ନ ବାବାମାନଙ୍କର ସଂଘ ଅଛି, ବିଭିନ୍ନ ବାଆଜିଙ୍କ ବତୀପେଲା ସଂଘ ଅଛି ।**

ଘଣ୍ଟୁ ଜାଣେ ଯେ ଏ ରାଜ୍ୟରେ ସବୁ ଘଟେ । ବିଭିନ୍ନ ବାବାମାନଙ୍କର ସଂଘ ଅଛି, ବିଭିନ୍ନ ବାଆଜିଙ୍କ ବତୀପେଲା ସଂଘ ଅଛି । ସାରଥିଆ, ସୁରିଆ, ଅନକୁଳିଆ, ପ୍ରତିକୁଳିଆ, ବୁଦ୍ଧିଆ, ନିର୍ବୁଦ୍ଧିଆ ସଂଘମାନ ହରତାଳକରି, ବାଆଜିଭତ୍ତା ପାଇଁ ଘମାଘୋଟ ଲଢ଼େଇ କରିଛନ୍ତି । ତେଣୁ ବକ୍ତାମାନଙ୍କୁ ନେଇ ବଡ଼ ବକ୍ତା ସଂଘଟିଏ ଗଢ଼େଇ ଦାବିମାନ ତିଆରି ହରତାଳ କରେଇଲା । ସଭାବାଲାଏ ତା' ପାଖରୁ ନିଜ ଚାହିଦା ମୁତାବକ ବକତା ପାଇବାକୁ, କିଛି ମାନଦେୟ ବି ଦେଲେ । ବେଳେ ବେଳେ କେତେକ ବଡ଼ ବଡ଼ ଉଚ୍ଛବରେ ବକ୍ତା ଅଭାବ ପଡ଼ିବା ଦେଖି, କେତେକ ନିହାତି ମୂର୍ଖଙ୍କୁ ମୁଖ୍ୟବକ୍ତା ଭାବରେ କିଛି ଟ୍ରେନିଂ ଦେଇ ଠେଲିଦେଲା ।

ସେଦିନ ଗୋଟାଏ ବଡ଼ ସରକାରୀ ସଭା, ଚାରିଆଡ଼େ ଜୟନ୍ତୀ, ଯେତେ ବକ୍ତା ଦେଲେ ବି ଆଉ ଅକୁଳାଣ । ଶେଷରେ ଗୋଟାଏ ଚୌରସିଆକୁ ବେଶପୋଷାକ ପିନ୍ଧେଇ ମଞ୍ଚକୁ ମୁଖ୍ୟବକ୍ତା ଭାବରେ ମଞ୍ଚକୁ ଠେଲିଦେଲା । ଠାଣିମାଣିରୁ ଲୋକେ ଦେଖିଲେ ଏ ବାବୁ ଗୋଟାଏ କିଛି ଭଲ ଭାଷଣ ଦେବେ । ମଞ୍ଚରେ ମୁଖ୍ୟବକ୍ତା ଭାଷଣରେ ଘଣ୍ଟୁଠାରୁ ଶିଖିଥିବା କାଇଦାରେ ସେ କହିଲେ – 'ଯାହା ହଉଚି ଭଲ ହଉଚି, ଯାହା ହେବ ଭଲ ହେବ ।' ମାଇକ୍ରୋଫୋନ୍ ଛାଡ଼ି ନିଜ ଚୌକିରେ ବସିଲେ । ତାଙ୍କର ଏ ରୀତିରେ କେତେକ ପ୍ରତିକ୍ରିୟା ଆସିବା ବେଳେ ଘଣ୍ଟୁ କହିଲେ – 'ମିତଂ ଚ ସାରଂ ଚ ବଚୋ ହି ବାଗ୍ମିତା' । ଅଳପ କହୁଁ, ସୁଆଦ ରହୁ ।

ଆଜି ତ ଏତିକି କହିଲେ । ଆଗକୁ ଆପଣମାନେ ମୌନବକ୍ତାଙ୍କୁ ପାଇବେ । ଶ୍ରୋତାଏ ଘଣ୍ଟୁକୁ ଧନ୍ୟ ଧନ୍ୟ କଲେ । କାରଣ ଅଣସରିଆ ଭାଷଣ ଗୁଳୁଗୁଳିରୁ ସେମାନେ ବଂଚିଯାଇ ତୁରନ୍ତ ଭୋଜନ ପରେ ଜାଗା ଛାଡ଼ିବେ ।

□□

ଲେଖକଙ୍କ ଇ-ମେଲ ଠିକଣା:
ajayamishraodia@gmail.com

ଗଳ୍ପ

# ସୃଜାମ୍ୟହଂ



**ସୁଶୀଳ କୁମାର ନନ୍ଦ**

ବିକାଶ ସହିତ ଥିବା ପାଞ୍ଚ ବର୍ଷର ବନ୍ଧୁତ୍ୱ ଅବକ୍ଷୟମୁଖୀ ହୋଇ ଶେଷରେ ସେଥିରେ ଯବନିକା ପଡ଼ିଯିବା ଅସହ୍ୟ ଥିଲା ସୁଚିତ୍ରା ପାଇଁ। ଆହୁରି ଭୟପ୍ରଦ ଥିଲା ତା'ର ପାର୍ଶ୍ୱ ପ୍ରତିକ୍ରିୟା। ସଂସାରଟା ଯେପରି ଏକ ହିଂସ୍ର ସିଂହ ପ୍ରାୟ ତା ଉପରକୁ ଲମ୍ଫ ଦେଉଥିଲା ତାକୁ ଝୁଣି ଝୁଣି ତା'ର ରକ୍ତ, ମାଂସ ଖାଇଦେବା ପାଇଁ। ସେ ନିଜକୁ ବହୁତ ଅସହାୟ ମଣୁଥିଲା। ତାକୁ ଲାଗୁଥିଲା ଯେପରି ସେ ଏ ଦୁନିଆରେ ଏକମାତ୍ର ଦୁଃଖୀ। ବାକି ସବୁ ବେଶ ସୁଖରେ ଅଛନ୍ତି। ତା' ଆଡ଼କୁ ଚାହିଁ ସତେ ଯେପରି ସମସ୍ତେ ବିଦ୍ରୂପ କରୁଛନ୍ତି। ଅଟ୍ଟହାସ୍ୟ କରୁଛନ୍ତି।

ଏ ବିକାଶଟା କେମିତି ଏମିତି ଗୋଟେ ରହସ୍ୟମୟ ବ୍ୟକ୍ତିତ୍ୱ ପାଲଟିଗଲା ? ଦୀର୍ଘ ପାଞ୍ଚବର୍ଷ ତା' ସହ ନିବିଡ଼ ବନ୍ଧୁତ୍ୱ ମଧ୍ୟରେ ରହିଆଇବି ସେ ତାକୁ ଠିକ୍ ଭାବେ ପଢ଼ିପାରିଲା ନାହିଁ। ଏଥିପାଇଁ ସେ ନିଜକୁ ବି ଦାୟୀ କରିପାରିବ ନାହିଁ। ଗୋଟେ ଲୋକ, ତା' ପାଇଁ ସବୁ କରୁଛି। ସେ ଯେପରି ନିରାପଦରେ ଚାକିରି କରିପାରିବ, ନିରାପଦରେ ଘରେ ପହଞ୍ଚି ପାରିବ, କାହା ସହ ମିଶିବ, କାହା ସହ ନ ମିଶିବ, ସେ ବିଷୟରେ ଦିଗ୍‌ଦର୍ଶନ, ତା'ର ସମସ୍ତ ବ୍ୟକ୍ତିଗତ ସମସ୍ୟା, ଆବଶ୍ୟକତାର ପରିପୂରଣ, ମାର୍କେଟିଂ ବେଳେ ତା'ର ଏସ୍କର୍ଟ ହେବା, ଆହୁରି କେତେ କ'ଣ। ଭଲ ପାଇବା ନଥିଲେ ଜଣେ ଅନ୍ୟ ଜଣକ ପାଇଁ କାହିଁକି ଏତେ କଥା କରିବ ? ଭଲ ପାଇବାର ଅନ୍ତିମ ପର୍ଯ୍ୟାୟ ତ ବିବାହ। ଆଉ ତା'ର ବିବାହ ବୟସ ଗଡ଼ି ଗଡ଼ି ଯାଉଛି। ତା'ର ବୟସ ତିରିଶି ଛୁଇଁଲାଣି। ବିବାହ କଥା ପକାଇଲା ବେଳକୁ ସେ ଏମିତି କରଛଡ଼ା ଦେଲା କାହିଁକି ? ଏମିତି ଗୋଟେ ଉତ୍ତର ଦେଲା କାହିଁକି, ଯାହା ତାକୁ ଅବୋଧ ବୋଧ ହେଲା ? ଗୋଟେ କେବଳ ବାହାନା ଭଳି ଲାଗିଲା।



ବିକାଶର ଉତ୍ତର ଥିଲା, "କ୍ଷମା କରିବ ସୂଚୀ ! ତୁମକୁ ବିବାହ କରିବାକୁ ମୁଁ ଅକ୍ଷମ। ଅକ୍ଷମତାର କାରଣ ମୋ' ଭିତରେ ଗୋଟେ ଅଗ୍ନି ପ୍ରଜ୍ୱଳିତ ହେଉଛି, ଯାହାର ଶିଖା ଆକାଶ ଆଡ଼କୁ ଲମ୍ବି ଲମ୍ବି ଯାଉଛି ସିନା, କିନ୍ତୁ ନିର୍ବାପିତ ହେବାର ନାମ ନେଉନାହିଁ। ସୂଚୀ ! ମୁଁ ନିକଟ ଭବିଷ୍ୟତ କିମ୍ବା ଟିକିଏ ଦୂର ଭବିଷ୍ୟତରେ ଆତଙ୍କବାଦୀଟାଏ ହୋଇଯିବାର ପ୍ରବଳ ସମ୍ଭାବନା ଅଛି। ଏଭଳି ସମ୍ଭାବନା ଭିତରେ ତୁମକୁ କିମ୍ବା ଅନ୍ୟ କାହାକୁ ମୁଁ କିପରି ବିବାହ କରିପାରିବି ? ସୂଚୀ! ପ୍ରକୃତରେ ମୁଁ ଚାହେଁ, ତୁମେ ବି ବିବାହ କରନି। ତୁମେ ହିଁ ମୋ' ଶକ୍ତିର ପରମ ଉତ୍ସ। ତୁମକୁ ହରାଇଲେ ମୁଁ ଶକ୍ତିହୀନ ହୋଇଯିବି। ଆଉ ଶକ୍ତିହୀନ ହୋଇଗଲେ ମୁଁ ଆତଙ୍କବାଦୀଟାଏ କିପରି ହୋଇପାରିବି ? ମୁଁ ଚାହେଁ, ତୁମେ ସବୁବେଳେ ମୋ' ପାଖେ ପାଖେ ଥାଅ। ସ୍ତ୍ରୀ ହିସାବରେ ନୁହେଁ, ଏବେ ଯେମିତି ଅଛ ସେମିତି। ଯଦିଓ ଏପରି ଚାହିଁବାଟା ନିଶ୍ଚିତ ଗୋଟେ ଘୋର ଅନ୍ୟାୟ।"

ସୁଚିତ୍ରା ବିକାଶକୁ ଏକ ଭୟାତୁର ପ୍ରଶ୍ନ କରିଥିଲା, "ତୁମେ କାହା ପାଇଁ, କେଉଁ ଶ୍ରେଣୀ ପାଇଁ ଆତଙ୍କି ବନିବାକୁ ଚାହଁ ? ତୁମର ଚରିତ୍ର ଯାହା, ତୁମେ ଚାହିଁଲେ ବି ଗୋଟାଏ ଆତଙ୍କବାଦୀ ହୋଇପାରିବ ନାହିଁ। ସେଥିପାଇଁ ତୁମ କଲିଜାଟା ତୁମ ଭଳି ଗୋଟେ ଶାନ୍ତ, ଶିଷ୍ଟ, ପରୋପକାରୀ ମଣିଷର ନହୋଇ ଗୋଟେ ହିଂସ୍ର ବ୍ୟାଘ୍ର କି ସିଂହର ହୋଇଥିବା ଦରକାର।"

ବିକାଶ କହିଲା, "ତୁମେ ଏବେକାର ଆତଙ୍କିଙ୍କ ଚରିତ୍ରକୁ ଭଲ ଭାବେ ଅନୁଧ୍ୟାନ କରିନ ସୂଚୀ! ସେମାନଙ୍କ ଭିତରୁ ଅଧିକାଂଶ ଉଚ୍ଚ ଶିକ୍ଷିତ, ମେଧାବୀ । କିଏ ଇଞ୍ଜିନିୟର

ତ କିଏ ଆଇ.ଟି ପ୍ରଫେସନାଲ। ଦେଖିଲେ ତୁମକୁ ମନେ ହେବ ସେମାନେ ବହୁତ ଶାନ୍ତ ଓ ସରଳ। କିନ୍ତୁ କି ଭୟଙ୍କର କାଣ୍ଡ ସେମାନେ ଘଟାଉଛନ୍ତି ଓ ଘଟାଇପାରନ୍ତି, ତାହା ତୁମେ ଟିଭି, ନିଉଜ୍‌ପେପରରୁ ଜାଣି ପାରୁଥିବ। ନିଜର ଜ୍ଞାନର ଦୁରୁପଯୋଗ କରି ସେମାନେ ଗୋଟାଏ ବିମାନକୁ ଉଡ଼ାଇ ଦେଇପାରନ୍ତି। ଶହ ଶହ ଲୋକଙ୍କୁ ନିମିଷକେ ମୁଠାଏ ମୁଠାଏ ପାଉଁଶରେ ପରିଣତ କରିପାରନ୍ତି। ସେଥିପାଇଁ ସାମାନ୍ୟତମ ଅନୁଶୋଚନା ବି ସେମାନେ କରନ୍ତିନି। ସେଇଟା କୁଆଡ଼େ ତାଙ୍କ ପାଇଁ ଲକ୍ଷ୍ୟ ପ୍ରାପ୍ତି ପାଇଁ ହତ୍ୟା। ତେଣୁ ତାହା ଘଟାଇବା ପୂର୍ବରୁ କିମ୍ବା ଘଟାଇବା ପରେ ସମ୍ପୂର୍ଣ୍ଣ ନିର୍ବିକାର ରହି, ସେଥିପାଇଁ ନିଜକୁ ବା ନିଜ ସଂଗଠନକୁ ଗର୍ବର ସହ ଦାୟୀ ଘୋଷଣା କରି ପରବର୍ତ୍ତୀ ସଂହାର କ୍ରିୟା ପାଇଁ ବରଂ ଯୋଜନା ପ୍ରସ୍ତୁତି ପାଇଁ ସେମାନେ ଲାଗିପଡ଼ନ୍ତି। ତେଣୁ ମୁଁ ବି ଇଚ୍ଛା ଏବଂ ଚେଷ୍ଟା କଲେ ଜଣେ ଅସାଧାରଣ ଆତଙ୍କିଟାଏ ହୋଇପାରିବି।"

"କ'ଣ ନକ୍ସଲ୍ କି ମାଓଇଷ୍ଟ ହେବ ? ପୋଲିସ୍‌ର ଗୁଳି ଖାଇ କେଉଁ ଜଙ୍ଗଲ କି ପାହାଡ଼ ଖୋଲରେ ଅସହାୟ ଭାବେ ମରିବ? ବିକାଶ ହସିଲା । କହିଲା, ମୋ'ର ହେବାକୁ ଥିବା ଷ୍ଟାଟସ୍‌କୁ ତୁମେ ତଳେ ପକାଉଛ ସୁଚୀ ! ମୁଁ କିଭଳି ଆତଙ୍କିଟାଏ ହେବି କି କିଭଳି ଆତଙ୍କି ସଂଗଠନଟାଏ ଗଢ଼ିବି, ତାହା ଏବେ ପରିପ୍ରକାଶ କରିପାରିବିନି। ତୁମକୁ ତାହା ଜାଣିବା ପାଇଁ ଧୈର୍ଯ୍ୟର ସହ କିଛିବର୍ଷ ଅପେକ୍ଷା କରିବାକୁ ପଡ଼ିପାରେ। କରିପାରିବ ? ଏମିତି ସିଙ୍ଗଲ୍ ଅବସ୍ଥାରେ ? କାରଣ ଡବଲ, ଟ୍ରିପଲ ହେଇଗଲେ ତୁମେ ସବୁକଥା ଜାଣି ବି ମୋତେ କୌଣସି ପ୍ରକାର ସାହାଯ୍ୟ କରିପାରିବନି। କିନ୍ତୁ ତୁମର ସାହାଯ୍ୟ ସେତେବେଳେ ମୋ'ର ବେଶୀ ଦରକାର ହେବ।"

ଏମିତି କଅଣ ଗୁଡ଼େ ଆଜେ ବାଜେ କଥା କହିଯାଉଛି ବିକାଶ ! ଏହା ତ ପାଗଳାମୀର ପୂର୍ବ ଲକ୍ଷଣ। ସୁଚିତ୍ରା ବିକାଶକୁ ଅଟକାଇ ଦେଇ କହିଲା, "ଥାଉ ଏବେ ଏସବୁ କଥା। ଯେତେବେଳେ ଯାହା ହେବ, ଦେଖାଯିବ। ମୁଁ ତୁମ ସହ ଏବେ ଅଛି। ଭବିଷ୍ୟତରେ ସିଙ୍ଗଲ୍ ରହେ କି ଡବଲ୍ ରହେ, କି ଟ୍ରିପଲ୍ ହୁଏ, ତୁମ ପାଇଁ କିଛି କରିବାକୁ ପଡ଼ିଲେ ମୁଁ ନିଶ୍ଚୟ ତାହା କରିବି।" 'ଧନ୍ୟବାଦ', ଏତିକି କହି ତା'ଠାରୁ ବିଦାୟ ନେଇଥିଲା ବିକାଶ। ପ୍ରାୟ ପାଞ୍ଚବର୍ଷ ତଳେ।

ଆଜି ପ୍ରାୟ ପାଞ୍ଚ ବର୍ଷ ପରେ ସେ ସମୟ ଆସିଯାଇଛି। ବିକାଶ ପାଇଁ କିଛି କରିବାକୁ ପଡ଼ିବ। କେଉଁଠି ଥିଲା ବିକାଶ ଏ ପାଞ୍ଚବର୍ଷ ? କୌଣସି ଖୋଜ୍ ଖବର ନଥିଲା ତା'ର। ଆଉ ଆଜି ତାହାର ଖୋଜ୍ ଖବର ଅଟକିଛି ବ୍ରହ୍ମପୁର ଜେଲ୍‌ରେ। ଏକ ସଙ୍ଗୀନ ମାମଲାରେ ସେ ଜେଲ୍‌ରେ ଅଛି। ସେ କୁଆଡ଼େ ଗୋଟେ ଝିଅକୁ ରେପ୍ କରିବାକୁ ଉଦ୍ୟତ ହେଉଥିଲା। ଆଉ ସେ ଝିଅକୁ ତା' କବଳରୁ ରକ୍ଷା କରିବାକୁ ଚେଷ୍ଟିତ ତିନିଜଣ ଯୁବକଙ୍କ ମଧ୍ୟରୁ ସେ ଜଣକୁ ଛୁରିଭୁଷି ହତ୍ୟା କରିଛି। ସେ ଗୋଟାଏ ମର୍ଡରର, ଗୋଟାଏ ରେପିଷ୍ଟ। ତାକୁ ଫାଶିଦଣ୍ଡ ଦେବା ପାଇଁ ସୋସିଆଲ୍ ମିଡିଆରେ ପ୍ରବଳ ଦାବି।

ଏ ବିକାଶ କ'ଣ ତା'ର ସେ ପାଞ୍ଚ ବର୍ଷ ତଳର ବିକାଶ? ଫଟୋ ତ କହୁଛି ସେଇୟା। କିନ୍ତୁ ତା ବିକାଶ ଗୋଟାଏ ରେପିଷ୍ଟ, ମର୍ଡରର୍ କିପରି ହୋଇପାରିବ? ତା' ସହ ପାଞ୍ଚ ବର୍ଷର ସମ୍ପର୍କ ଭିତରେ, ଭଲ ପାଇବା ଭିତରେ, ସେ ତ କେବେ ତା' ଦେହ ସ୍ପର୍ଶ କରିବା ଦୂରେଥାଉ, ତା' ଆଡ଼କୁ ଥରଟେ କାମୁକ ଦୃଷ୍ଟି ବି ପକାଇ ନାହିଁ। ବରଂ ସେ ନିଜେ ତା' ପ୍ରତି କେବେ କେବେ ଗୋପନରେ କାମାସକ୍ତ ହୋଇ ଉଠିଛି। ସେ ଯଦି ଚାହିଁ ଥାଆନ୍ତା, ଥାଉ ସେ କଥା। ଏବେ ତା' ସହିତ ଥରଟେ ଭେଟ କରିବାକୁ ହେବ। ମାନବିକତା ଦୃଷ୍ଟିରୁ, ତା'ର ଏକଦା ବନ୍ଧୁ ହୋଇଥିବା ଦୃଷ୍ଟିରୁ, ଘଟଣାର ସତ୍ୟତା ପରଖିବା ଦୃଷ୍ଟିରୁ। ଭାଗ୍ୟକୁ ସେ ଏବେ ଜଣେ ପଞ୍ଜୀକୃତ ଓକିଲ। ତା'ର ପ୍ରଫେସନ୍, ବିଦ୍ୟା, ବୁଦ୍ଧିକୁ ଉପଯୋଗ କରିବାର ଏକ ପ୍ରକୃଷ୍ଟ କ୍ଷଣ ଆସିଯାଇଛି। ଅବଶ୍ୟ ଯଦି ସେ ନିଶ୍ଚିତ ହୁଏ ଯେ ବିକାଶ ପାଇଁ ତା'ର ଲଢ଼ିବା ପଛରେ ଯଥେଷ୍ଟ ଯୌକ୍ତିକତା ଅଛି।

ଜେଲ୍ ଭିତରେ ସୁଚିତ୍ରା। ଅନୁମତି ମିଳିସାରିଛି। କିନ୍ତୁ କେମିତି ବିକାଶ ଆଖି ସହିତ ଆଖି ମିଳାଇ ସେ ତାକୁ ଚାହିଁ ପାରିବ? ଗୋଟାଏ ଅଭ୍ୟାସଗତ ଅପରାଧୀ ଅପରାଧ ଭିଆଇଲେ ତାହା ଆଶ୍ଚର୍ଯ୍ୟଜନକ ହେବନାହିଁ। କିନ୍ତୁ ଏକ ସତ୍ ଚରିତ୍ର ପୁରୁଷ ରୂପେ ଦେଖି ଆସିଥିବା ବିକାଶକୁ ଜେଲ୍

**ବିକାଶ ପାଇଁ କିଛି କରିବାକୁ ପଡ଼ିବ। କେଉଁଠି ଥିଲା ବିକାଶ ଏ ପାଞ୍ଚବର୍ଷ ? କୌଣସି ଖୋଜ୍ ଖବର ନଥିଲା ତା'ର।**

ଭିତରେ ଏକ ବଦ୍ ଚରିତ୍ର, ନାରୀ ବଳାତ୍କାରୀ, ହତ୍ୟାକାରୀ ପୁରୁଷ ରୂପରେ ସେ ଦେଖିପାରିବ କିପରି ?

ବିକାଶ ରହୁଥିବା କ୍ଷୁଦ୍ର କୋଠରିଟି ସାମ୍ନାରେ ଏବେ ଠିଆ ହୋଇଛି ସୁଚିତ୍ରା। ସୁଚିତ୍ରାର ଉପସ୍ଥିତି ସମ୍ପର୍କରେ ବିକାଶକୁ ଜଣାଇ ଦେଇଛି ପ୍ରହରୀ। ତାକୁ ସମୟ ଦିଆହୋଇଛି ମାତ୍ର ପାଞ୍ଚ ମିନିଟ୍। ବିକାଶ ମୁହଁ ଫେରାଉନି। ଏ ସ୍ୱଳ୍ପ ସମୟର ବି ଅପଚୟ କରୁଛି। ଅଗତ୍ୟା ସୁଚିତ୍ରା ତାକୁ ଡାକିଲା, ବିକାଶ! ଏଥର ବିକାଶ ଉଠିଲା। ମଦ ଖାଇ ଝୁଲିଲା ଭଳି ତା' ପାଖକୁ ଆସିଲା। ଆଖି ତା'ର ସତରେ ମଦ ଖାଇଥିଲା ଭଳି ଲାଲ୍ ପଡ଼ିଯାଇଥିଲା।

ଇଏ ବିକାଶ ତ ? କୁଆଡ଼େ ହଜିଗଲା ତା'ର ସେ ସୁନ୍ଦର ପୂରିଲା ପୂରିଲା ଚେହେରା? ବହୁତ ପତଳା ହୋଇଯାଇଛି ସେ। ତେବେ ମାଂସପେଶୀଗୁଡ଼ା ବହୁତ ଉନ୍ନତ ଦିଶୁଛନ୍ତି। ମୁହଁରେ ଅଳ୍ପ ଅଳ୍ପ ଦାଢ଼ି। ତା' ମଧ୍ୟରେ ଦୁଇ ଚାରିଟା କଟାଦାଗ ସ୍ପଷ୍ଟ ଦିଶୁଛି। ଏମିତି ତ ତା'ର ମୁହଁ ନଥିଲା। ତା'ର ଗୋରା ତକତକ ମୁହଁଟାରେ ବିନ୍ଦୁ ମାତ୍ର ଦାଗଟାଏ ବି ନଥିଲା।



ସୁଚିତ୍ରାଆଡ଼େ କିଛି ସମୟ ସ୍ଥିର ଭାବେ ଚାହିଁ ରହିଲା ବିକାଶ। ଶେଷରେ କହିଲା, "ମୁଁ ହାରିଗଲି ସୂଚୀ! ଏତେଶୀଘ୍ର ହାରିଯିବି ବୋଲି ଭାବିନଥିଲି। ଆହୁରି ଅନେକ ଯୁଦ୍ଧ ମୋ'ର ଜିତିବାର ଥିଲା। ଏବେ ଆଉ ମୁଁ କୌଣସି ଯୁଦ୍ଧ ଲଢ଼ିପାରିବିନି। ବଳି ପଡ଼ିବାକୁ ଯାଉଥିବା ସେ ନିରୀହାଗୁଡ଼ାଙ୍କୁ ଆଉ ମୁଁ ରକ୍ଷା କରିପାରିବି ନାହିଁ।"

'ଏବେ ଭାବପ୍ରବଣ ହେବାର ବେଳ ନୁହେଁ', ଘଟଣାଟା ଯାହା ସତ ସତ କୁହ। ଯୁଦ୍ଧରେ ହାରିଯିବାଟା ଦୁଃଖଦ ହୋଇପାରେ, କିନ୍ତୁ ପାପ ନୁହେଁ। ଅବଶ୍ୟ ଯଦି ଧର୍ମଯୁଦ୍ଧ ହୋଇଥାଏ। ସମୟ ଅଳ୍ପ। ମୋତେ କେବଳ କୁହ, ତୁମେ ସେ ମଣିଷଟାକୁ ମାରିଛ, କି ନାହିଁ ?'

'ସେତିକି ତ ଆତ୍ମସନ୍ତୋଷ। ମୁଁ ତାଙ୍କ ଭିତରୁ ଜଣକୁ ମାରି ଦେଇପାରିଛି। କିନ୍ତୁ ଆଉ ଦୁଇ ଜଣଙ୍କୁ ମାରି ପାରିଲି ନାହିଁ, ବିକାଶର ଉତ୍ତର।'

'ଆଉ ପୋଲିସ୍ କେସ୍ ଅନୁସାରେ ତୁମେ ଯେଉଁ ସେ ଝିଅଟାକୁ ରେପ୍ କରିବାକୁ ଉଦ୍ୟତ ହେଉଥିଲ?'

ଦୀର୍ଘ ନିଶ୍ୱାସଟାଏ ପକାଇଲା ବିକାଶ। କହିଲା, "ତୁମେ ବି ସେଇ କଥା ବିଶ୍ୱାସ କରୁଛ ସୂଚୀ।" ସୁଚିତ୍ରା ଟିକିଏ ରାଗିଲା ସ୍ୱରରେ କହିଲା, "ମୋତେ 'ସୂଚୀ' ବୋଲି ଡାକିବନି କହି ଦେଉଚି। ସେପର୍ଯ୍ୟନ୍ତ, ଯେପର୍ଯ୍ୟନ୍ତ ତୁମେ ନିଷ୍କଳଙ୍କ ବୋଲି ମୁଁ ନିଶ୍ଚିତ ହୋଇନାହିଁ। ପୋଲିସ୍ ପାଖରୁ ମୁଁ ଯେଉଁ ଭିଡିଓ ଦେଖିଚି, ସେଥିରେ ସ୍ପଷ୍ଟ ଦେଖାଯାଉଛି, ତୁମେ ସେ ଝିଅକୁ ଭିଡ଼ାଓଟରା କରୁଥିଲ।"

"ତେବେ ଏ ଅପରାଧୀଟାକୁ ଆଉ କାହିଁକି ଦେଖା କରିବାକୁ ଆସିଛ? ମୋ' ଭାଗ୍ୟକୁ ଭାରତୀୟ ନ୍ୟାୟପାଳିକା ହାତରେ ଛାଡ଼ିଦିଅ। ଆସିଥିଲ ଦେଖାକରିବାକୁ। ସେଥିପାଇଁ ତୁମକୁ ହୃଦୟରୁ କୃତଜ୍ଞତା ଜଣାଉଛି।" ଈଶ୍ୱର ତୁମକୁ ଭଲରେ ରଖନ୍ତୁ।

"ତୁମର ଏ ନମ୍ରତା, କୃତଜ୍ଞତା ଜ୍ଞାପନ ମୋ'ର କେଉଁ କାମକୁ ନୁହେଁ। ମୁଁ ଜଣେ ଓକିଲ ହିସାବରେ ଆସିଛି। ମୋ'ର ସତ୍ୟଟା ଜାଣିବା ଦରକାର। ଭାବପ୍ରବଣତାପୂର୍ଣ୍ଣ କଥାବାର୍ତ୍ତା କର ନାହିଁ। ସତ୍ୟଟା ବଖାଣ।"

ସତ୍ୟଟା ଶୁଣିବ? ତେବେ ଶୁଣ। ସେ ଝିଅଟିକୁ ସେ ତିନିଜଣ ଟୋକା ମଟର ସାଇକେଲରେ ଉଠାଇ ନେବାକୁ ଉଦ୍ୟମ କରୁଥିଲେ। ଜଣେ ଗୋଟିଏ ମଟର ସାଇକେଲକୁ ଷ୍ଟାର୍ଟରେ ରଖି ତା' ଉପରେ ବସିଥିଲା। ଆଉ ଦୁଇଜଣ ସେ ଝିଅଟିକୁ ଜବରଦସ୍ତ ମୋଟର ସାଇକେଲ ଉପରକୁ ଉଠାଇନେବା ପାଇଁ ପୁରା ଦମ୍ ଲଗାଇ ଦେଇଥିଲେ। ଝିଅଟି ପ୍ରାଣପଣେ ସେମାନଙ୍କର ପ୍ରତିରୋଧ କରୁଥିଲା ଏବଂ ସାହାଯ୍ୟ ପାଇଁ ଚିତ୍କାର କରୁଥିଲା। ଏଇଭଳି କେସ୍‌ର ସମ୍ମୁଖୀନ ହେବା ପାଇଁ ମୁଁ ନିଜକୁ ଏତେ ବର୍ଷ ହେଲା ଦୈହିକ, ମାନସିକ ଭାବେ ପ୍ରସ୍ତୁତ କରୁଥିଲି। ଆଉ ସେଦିନ ପରୀକ୍ଷାର ବେଳ ଆସିଗଲା। ଏଭଳି କେସ୍ କେତେ ଘଟି ଯାଉଥିଲା। କିନ୍ତୁ


**ସୁଚିତ୍ରା ସେଠାରୁ ବାହୁଡ଼ିଲା। ବିକାଶ ପାଇଁ କିଛି କରିବାକୁ ହେବ। କିଛି ନୁହେଁ, ଅନେକ କିଛି।**

ମୋ' ସାମ୍ନାରେ ନୁହେଁ। ସେଦିନ ପ୍ରଥମ କରି ମୋ'ର ଖୁବ୍ ନିକଟରେ ସେ ଘଟଣା ଘଟୁଥିଲା, ଯାହା ଫଳରେ ମୁଁ ସେ ଝିଅର ଚିତ୍କାର ଶୁଣିପାରିଲି। ପକେଟ୍‌ରେ ମୋର ଛୋଟ ଭୁଜାଲିଟିଏ ଥିଲା, ଯାହା ମୁଁ ପ୍ରାୟତଃ ସବୁବେଳେ ପକେଟ୍‌ରେ ରଖିଥାଏ, ଆବଶ୍ୟକ ସ୍ଥଳେ ପ୍ରୟୋଗ କରିବା ପାଇଁ। ବିଜୁଳି ବେଗରେ ମୁଁ ଧାଇଁଗଲି ଘଟଣା ସ୍ଥଳକୁ। ଛାଡ଼, ଛାଡ଼ ବୋଲି ଚିତ୍କାର କରି ମୁଁ ସେ ଝିଅଟିକୁ ସେମାନଙ୍କ କବଳରୁ ମୁକୁଳାଇବା ପାଇଁ ଆପ୍ରାଣ ଉଦ୍ୟମ କଲି। ସେ ଝିଅଟିକୁ ସେମାନେ ଆଗକୁ ଭିଡୁଥାଆନ୍ତି। ମୁଁ ପଛକୁ ଭିଡୁଥାଏ। ମୋ'ର ଉପସ୍ଥିତି ଦେଖି ମୋଟର ସାଇକେଲରେ ବସିଥିବା ଯୁବକଟା ତା ସାଥୀ ଦୁଇଜଣଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିଲା। ସେମାନେ ହୋଇଗଲେ ତିନିଜଣ। ମୁଁ ଏକା। ମୋ'ର ବଳ ଧୀରେ ଧୀରେ ଶେଷ ହୋଇ ଆସୁଥାଏ। ସେ ତିନିଜଣଙ୍କର ଛଅଟା ହାତ ମୋ' ଉପରେ ବିଧା, ଚାପୁଡ଼ା, ମୁଷ୍ଟି ଆଘାତ ବୃଷ୍ଟିକରି ଚାଲିଥାଆନ୍ତି। ସମ୍ଭବ ନଥିଲା ନିଜକୁ ରକ୍ଷାକରି ସେମାନଙ୍କର ପ୍ରତିରୋଧ କରି ସେ ଝିଅଟିକୁ ସୁରକ୍ଷା ଦେବା ପାଇଁ। ଅନନ୍ୟୋପାୟ ହୋଇ ମୁଁ ଜଣକ ପେଟରେ ଭୁଜାଲି ଭୁଷିଦେଲି। ବା କହିପାର ମୋ' ଭୁଜାଲିଟା ତା ପେଟରେ ଭୁଷି ହୋଇଗଲା। କାରଣ ସେତେବେଳେ ମୁଁ ଠିକ୍ ଭାବେ କାହାକୁ ଦେଖିପାରୁ ନଥିଲି। ରକ୍ତର ସୁଅ ଛୁଟିଲା ତା' ପେଟରୁ। ଫଳତଃ ଆଉ ଦୁଇଜଣ ଭୟଭୀତ ହୋଇ ଆଉ ମୋ' ସାଙ୍ଗରେ ନଲଢ଼ି ତାଙ୍କର ସେ ଆହତ ସାଙ୍ଗଟାକୁ ନେଇ ପଳାୟନ କଲେ। ଭୟଭୀତା ସେ ଝିଅଟା ମଧ୍ୟ ସେଇ ସୁଯୋଗରେ କୁଆଡ଼େ ପଳାଇଲା। ମୁଁ କିନ୍ତୁ କୁଆଡ଼େ ପଳାଇ ନଯାଇ ସେଇଠି ବସି ରହିଲି। କାହିଁକି କୁଆଡ଼େ ପଳାଇ ନଯାଇ ସେଠାରେ ବସି ରହିଲି, ସେ କଥା କହିପାରିବି ନାହିଁ। ପ୍ରାୟ ଘଣ୍ଟାଏ ପରେ ପୋଲିସ୍ ପାର୍ଟି ଆସିଲେ। ମୋତେ ଆରେଷ୍ଟ କରି ଥାନାକୁ ନେଲେ। ଥାନାରେ ଜାଣିଲି ମୋ' ବିରୁଦ୍ଧରେ ଯେଉଁ ଅଭିଯୋଗପତ୍ର ସେମାନେ ଦେଇଛନ୍ତି, ସେଥିରେ ଦର୍ଶାଇଛନ୍ତି ଯେ ମୁଁ କୁଆଡ଼େ ସେ ଝିଅଟାକୁ ବଳାତ୍କାର କରିବାକୁ ଉଦ୍ୟମ କରୁଥିଲି ଓ ସେମାନେ ତାକୁ ମୋ' କବଳରୁ ରକ୍ଷା କରିବାକୁ ଯାଇ ନିଜର ଜଣେ ସାଥୀକୁ ହରାଇଛନ୍ତି, ଯାହାକୁ ମୁଁ ହତ୍ୟା କରିଛି। ପୋଲିସ୍ ବି ତାଙ୍କ କଥାକୁ ସମର୍ଥନ କରି ନିଜର ଅନୁସନ୍ଧାନ ପତ୍ରରେ ସେଇ କଥା ହିଁ ଲେଖିଛନ୍ତି।'

ସମୟ ସରିଯାଇଥିଲା। ଗୋଟାଏ ଦୀର୍ଘ ନିଶ୍ୱାସ ପକାଇ ସୁଚିତ୍ରା ସେଠାରୁ ବାହୁଡ଼ିଲା। ବିକାଶ ପାଇଁ କିଛି କରିବାକୁ ହେବ। କିଛି ନୁହେଁ, ଅନେକ କିଛି। ସାନ ଦରଜାରୁ ବଡ଼ ଦରଜା ପର୍ଯ୍ୟନ୍ତ ସବୁକୁ ଖଟଖଟେଇବାକୁ ପଡ଼ିବ। ସତ୍ୟକୁ ଅନ୍ଧକାର କୋଠରି ମଧ୍ୟରୁ ଟାଣିଆଣି ଆଲୋକର ମହାମଞ୍ଚ ଉପରେ ଉପସ୍ଥାପିତ କରିବାକୁ ହେବ। ତା' ନହେଲେ ଆଉ କେହି ବିକାଶ ଜନ୍ମ ନେଇପାରିବେ ନାହିଁ। ନାରୀ ସୁରକ୍ଷା କେଉଁ ଆଇନ୍ କି ସରକାର କରିପାରିବେ ନାହିଁ। ଅନ୍ତତଃ ଏ ଦେଶରେ ନୁହେଁ। କରିପାରିବେ ଯଦି ଏଇଭଳି କେତେଟା ବିକାଶ।

□□

ଲେଖକଙ୍କ ଇ-ମେଲ ଠିକଣା:
sushilnanda06@gmail.com




## ଏ ସଂଖ୍ୟାର ମଲାଟ ଚିତ୍ର

ଏହି ସଂଖ୍ୟାର ପ୍ରଚ୍ଛଦପଟରେ ସ୍ଥାନ ପାଇଛି ମହାନଦୀ କୂଳରେ ବାଙ୍କୀର ବିପରୀତ ଦିଗରେ ଅବସ୍ଥିତ ପ୍ରସିଦ୍ଧ ଅଂଶୁପା ହ୍ରଦର ମନୋରମ ଦୃଶ୍ୟ ।

ଏହି ଫଟୋଚିତ୍ରଟିକୁ ଉତ୍ତୋଳନ କରିଛନ୍ତି, ବିଶିଷ୍ଟ ସୌଖୀନ ଫଟୋଗ୍ରାଫର ସ୍ୱାତୀ ମହାପାତ୍ର।

ଏହି ଫଟୋଟି ଉତ୍ତୋଳନ କରିବା ପାଇଁ ସେ ଗୋଟିଏ 'କ୍ୟାନନ୍-୫-ଡି, ମାର୍କ-୪' କ୍ୟାମେରା ବ୍ୟବହାର କରିଥିଲେ।

ପ୍ରବନ୍ଧ

# ସାନ୍ତାଳୀ ଲୋକନାଟକର ଭାଷା ବିଭବ



ଆନ୍‌ପା ମାର୍ଣ୍ଡି

ପ୍ରଖ୍ୟାତ ଉର୍ଦ୍ଦୁ ‘ଛନ୍ଦ କବିତା’ ବା ‘ସାଏରୀ’ ଲେଖକ ମିର୍ଜା ଗାଲିବ୍‌ଙ୍କ ଭାଷାରେ –

“ଉମ୍ର ଭର୍ ଗାଲିବ୍ ୟେ ଭୁଲ୍ କରତା ରହା
ଧୂଲ୍ ଚେହେରେ ପେ ଥି ଔର ମୈଁ
ଆଇନା ସାଫ୍ କରତା ରହା”

ଏହାର ଅର୍ଥ – “ଜୀବନସାରା ଏଇ ଭୁଲ୍ ମୁଁ କରିଯାଉଥିଲି, ଦାଗ ମୋ’ ଚେହେରାରେ ଥିଲା ଆଉ ମୁଁ ସବୁବେଳେ ଆଇନା ସଫାକରି ଚାଲିଥିଲି।”

ପ୍ରକୃତରେ ମଣିଷ ଯାହାକୁ ଭୁଲ ବୋଲି ଭବୁଥାଏ, ତା’ ଭିତରେ ବି ଅନେକ ଠିକ୍ କଥା ଲୁଚି ରହିଥାଏ। ସାନ୍ତାଳୀ ଲୋକ ନାଟକ ‘ସାଓଁତା ସିଂରା.ଇ’ ଓ ‘ଧେଙ୍ଗଲ୍’ ଆଲୋଚନା କରିବା ସମୟରେ ସେଥିପାଇଁ ଏହାକୁ ମନେ ପକାଇବା ଉଚିତ ବୋଲି ଭାବିଲି। ବାସ୍ତବରେ ଲୋକ ସଂସ୍କୃତି ଭିତରେ ଲୋକ ନାଟକର ଜନ୍ମ ଏବଂ ବିକାଶ ହୋଇଛି। ଗ୍ରାମୀଣ ଜନସାଧାରଣଙ୍କ ସରଳ ଜୀବନକୁ ଆଶ୍ରୟ କରି ମୁଖରୁ ମୁଖକୁ ପ୍ରସାରିତ ରଚନା ଯେତେବେଳେ ନାଟ୍ୟଲକ୍ଷଣଯୁକ୍ତ ହୁଏ, ତାକୁ ଆମେ ଲୋକନାଟକ କହୁ। ସମାଜର ପରିବର୍ତ୍ତନ ସାଥିରେ ମଧ୍ୟ ଲୋକନାଟ୍ୟ ଧାରାର ଆଭିମୁଖ୍ୟ, ବିଷୟ, ଆଙ୍ଗିକ ଆଦି ପରିବର୍ତ୍ତିତ ହୋଇଥାଏ, କୌଣସି ଏକ ନିର୍ଦ୍ଦିଷ୍ଟ ଆଦବକାଇଦା ବା ଛାଞ୍ଚକୁ ଆଧାର କରି ଆଗେଇବା ଲୋକନାଟକର ଧର୍ମ ନୁହେଁ।

ସାନ୍ତାଳୀ ସଂସ୍କୃତିରେ ବୈଶାଖ ଓ ଜ୍ୟେଷ୍ଠ ମାସରେ ପ୍ରକୃତିକୁ ସନ୍ତୁଷ୍ଟ କରିବା ପାଇଁ ‘ଧଂଗେଳ’, ‘ବିର ସିଙ୍ଗ୍ରାଇ’ ବା ‘ଗିରା ସେନ୍ଦ୍ରା’ ନୃତ୍ୟ ଅନୁଷ୍ଠିତ ହୁଏ। ପାଠକଙ୍କ ହୃଦୟଙ୍ଗମ କରିବାର ବାଟକୁ ଆଉ ଟିକିଏ ଅଧିକ ସହଜ କରିବା ପାଇଁ ନିମ୍ନ ତାଲିକାରେ ସୂଚାଇଛି।

| ସଂଖ୍ୟା | ଇଂରାଜୀ ମାସ | ଓଡ଼ିଆ ମାସ | ସାନ୍ତାଳୀ ମାସ | ସାନ୍ତାଳୀ ପର୍ବ ପର୍ବାଣୀ |
|---|---|---|---|---|
| ୧ | ଏପ୍ରିଲ୍-ମେ’ | ବୈଶାଖ | ବା.ଇଶା.କ୍ | ମାଃ ମଣେ, ଗୁରୁ ଗମକେ ଜାନାମ |
| ୨ | ମେ’-ଜୁନ୍ | ଜ୍ୟେଷ୍ଠ | ଝେଷ୍ଟ | ଦାଃ ସେନ୍ଦରା |
| ୩ | ଜୁନ୍-ଜୁଲାଇ | ଆଷାଢ଼ | ଆଶାଲ୍ | ଆ.ଶା.ଲିଆ. |
| ୪ | ଜୁଲାଇ-ଅଗଷ୍ଟ | ଶ୍ରାବଣ | ଶାନ୍ | ହାରିୟାଲ୍ ସିମ୍ |
| ୫ | ଅଗଷ୍ଟ-ସେପ୍ଟେମ୍ବର | ଭାଦ୍ରବ | ଭାଦର | ଜାନ୍ତାଳ୍, ନାଓ୍ୱାଇ |
| ୬ | ସେପ୍ଟେମ୍ବର-ଅକ୍ଟୋବର | ଅଶ୍ୱିନ | ଦାସାଁୟ | ଦାସାଁୟ ଏନେଜ |
| ୭ | ଅକ୍ଟୋବର-ନଭେମ୍ବର | କାର୍ତ୍ତିକ | ସାହରାୟ | ସହରାୟ ବଂଗା |
| ୮ | ନଭେମ୍ବର-ଡିସେମ୍ବର | ମାର୍ଗଶୀର | ଆଘାଣ | ମାଃ ମଣେ |
| ୯ | ଡିସେମ୍ବର-ଜାନୁଆରୀ | ପୌଷ | ପୁସ୍ | ଏର ସିଦ୍ |
| ୧୦ | ଜାନୁଆରୀ-ଫେବୃୟାରୀ | ମାଘ | ମାଘ୍ | ଗୁର୍ ମାହାଁ (ଗୁରୁ ଗମକେ ବଂଗା ଦିଶମ) |
| ୧୧ | ଫେବୃୟାରୀ-ମାର୍ଚ୍ଚ | ଫାଲଗୁନ | ଫା.ଗୁନ୍ | ବାହା ବଂଗା (ଫୁଲ ପୂଜା) |
| ୧୨ | ମାର୍ଚ୍ଚ-ଏପ୍ରିଲ୍ | ଚୈତ୍ର | ଚା.ତ୍ | ଏରଃ (ଧାନ ବୁଣା) |

ଏଠାରେ ସାନ୍ତାଳୀ ଶବ୍ଦରେ ଉଚ୍ଚାରଣଗତ ପାର୍ଥକ୍ୟ ଦର୍ଶାଇବା ପାଇଁ ଗମ୍ଭୀରକାରୀ ବିନ୍ଦୁ . ବା 'ଗା.ହଲା. ଟୁଡାଃ'ର ବ୍ୟବହାର କରାଯାଏ। ଉଦାହରଣ ସ୍ୱରୂ-

୧- କାଁତ୍ – କାନ୍ଥ
 କାଁ.ତ୍ – କାତି
୨- ଦାଲ୍ - ପିଟିବା
 ଦା.ଲ୍ – ଡାଲି
୩- ପାଲ୍ - ପଟିବା ଚାଷ କ୍ଷେତ୍ର
 ପା.ଲ୍ – ଘରର ଶ୍ରେଣୀ
୪- ସାଲ୍- କମାରଶାଳ
 ସା.ଲ୍- ସମ୍ବର
୫- ବାଦ୍ – ଉପେକ୍ଷା କରିବା
 ବା.ଦ୍ – ବିଲ

ଓଡ଼ିଆ ଲୋକସଂସ୍କୃତିର ଗୋଟିଏ ବଳିଷ୍ଠ ପାରମ୍ପରିକ ମନୋରଞ୍ଜନର ମାଧ୍ୟମ ପାଲା ଓ ଦାସକାଠିଆ ଭଳି ସାନ୍ତାଳୀ ସଂସ୍କୃତିରେ ମଧ୍ୟ 'ସାଓଁତା ସିଙ୍ଗରାଇ', 'ବିର ସିଙ୍ଗରାଇ', 'ଧେଙ୍ଗଲ୍' ଓ 'ବିର ସେନ୍ଦରା'ର ପ୍ରଚଳନ ରହିଛି। ଗାଁ ଭିତରେ ପାଲାର ଆସର ଜମେ, କିନ୍ତୁ 'ସାଓଁତା ସିଙ୍ଗରାଇ' ବା 'ଧେଙ୍ଗଲ୍'ର ଆସର ଗାଁ'ଠାରୁ କିଛି ଦୂରରେ ପାହାଡ଼ ପାଖରେ ଜମେ। ଗୋଟିଏ ଦଳରେ ଆଠରୁ ଦଶଜଣ ଭିତରେ ଲୋକଥାନ୍ତି। ଦର୍ଶକମାନେ ଚାରି ପାଖରୁ ଦେଖି ଉପଭୋଗ କରନ୍ତି।





## ସାଓଁତା ସିଙ୍ଗରାଇ

ପାଲାରେ ଯେମିତି ଜଣେ ଗାୟକ ଥାନ୍ତି ଏବଂ ଦୁଇଜଣ ପାଳିଆକାର ଥାନ୍ତି, ସେହିଭଳି 'ସାଓଁତା ସିଙ୍ଗରାଇ'ରେ ମଧ୍ୟ ପାରମ୍ପରିକ ପୋଷାକରେ ଜଣେ ମୁଖ୍ୟ ଗାୟକ ଥାନ୍ତି। ସେ କାହାଣୀ କହିବା ସହିତ ମଝିରେ ମଝିରେ ସୁନ୍ଦର ସ୍ୱରରେ ଗୀତ ମଧ୍ୟ ଗାଆନ୍ତି। ହାତରେ କେନ୍ଦରା ଧରିଥାନ୍ତି। ପାଳିଆକାର ଭାବରେ ଦୁଇଜଣ ଯୁବକ ସାନ୍ତାଳ ଯୁବତୀ ବେଶରେ ରୂପ ଧାରଣ କରିଥାନ୍ତି। ହାତରେ ବେହେଲା ଭଳି ଦୁଇଟି ବାଦ୍ୟଯନ୍ତ୍ର ସରଞ୍ଜାମ ଧରିଥାନ୍ତି, ତହାକୁ ସାନ୍ତାଳୀ ଭାଷାରେ 'ବାନାମ' କୁହାଯାଏ। ଅନ୍ୟ ଦୁଇଜଣ ତାଙ୍କ ପାଖରେ ପାରମ୍ପରିକ ବେଶରେ କେନ୍ଦରା ବଜାଉଥାନ୍ତି। ଏହାସହିତ ଦୁଇଜଣ ବିଦୂଷ ଭଳି ବେଶ ହୋଇ ମଜାଳିଆ କଥା ମାନ ମଝିରେ ମଝିରେ କହି ଲୋକମାନଙ୍କୁ ହାସ୍ୟରସ ଯୋଗାଇଥାନ୍ତି।

ମୟୂରଭଞ୍ଜର ବିଜାତଳା, ଭୁଲବେଡ଼ା, ଧିରିଘୁଟୁ, ବଳସେୟା, ପାଟପୁର, ହାତିଶିକଳି, ଜଗନ୍ନାଥପୁର, କରନଡ଼ି ଭଳି ବହୁତ ଗାଁରେ ଏହି ଆସର ଜମେ। ଦର୍ଶକ ଭିଡ଼ରେ ଯେତେବେଳ ପର୍ଯ୍ୟନ୍ତ କୌଣସି ସ୍ତ୍ରୀ ଲୋକ ଆସିନଥାନ୍ତି ସେତେବେଳ ଯାଏଁ ଟିକେ ଅବାଗିଆ (ନନ୍‌ଭେଜ) ଶବ୍ଦର ପ୍ରୟୋଗ ବିଦୂଷକମାନେ କରନ୍ତି ହାସ୍ୟରସର ଧାରାକୁ ପ୍ରଲମ୍ବିତ କରିବା ପାଇଁ। କୌଣସି ସ୍ତ୍ରୀଲୋକ ଆସିବା ପୂର୍ବରୁ ଯେତେବେଳ କେବଳ ପୁରୁଷଲୋକ ଥିବେ ସେତେବେଳେ 'ଧେଙ୍ଗଲ୍' ବା ଆମିଷ ମିଶ୍ରିତ ଶବ୍ଦ (ଅଶ୍ଳୀଳ ନୁହେଁ କିନ୍ତୁ ସେହିଭଳି) ପ୍ରୟୋଗ ହେଉଥିବା କାର୍ଯ୍ୟକ୍ରମ ଏବଂ ସ୍ତ୍ରୀ ଲୋକମାନେ ଆସିଗଲେ ସ୍ଥାନଟି ଶୁଦ୍ଧପୂତ ହେଲା ଭଳିଆ ସତର୍କର ସହିତ ଶବ୍ଦ (ଗଙ୍ଗା ଜଳ ତୁଲ୍ୟ)ର ପ୍ରୟୋଗ କରନ୍ତି, ତାହାକୁ 'ସାଓଁତା ସିଙ୍ଗ୍ରାଇ' ବୋଲି କୁହାଯାଏ। ସମୁଦାୟ ପାଞ୍ଚ ଛଅଟି ଦଳ ଥାନ୍ତି। ସେମାନଙ୍କ ମଧ୍ୟରେ ଏଭଳି ପ୍ରତିଯୋଗିତା ହୁଏ ଯେ ଶୁଣିବା ଲୋକ ଆଚମ୍ବିତ ନହୋଇ ରହିପାରନ୍ତି ନାହିଁ। ତେଣୁ ଯେମିତି ସୁନ୍ଦର ସୁନ୍ଦର ମନୋମୁଗ୍ଧକର ଗୀତ ଓ କାହାଣୀ ଉପସ୍ଥାପନ କରି ଦର୍ଶକଙ୍କୁ ବିମୋହିତ କରି ରଖିବେ ତାର ଭରପୂର ପ୍ରୟାସ କରିଥାନ୍ତି। ଗୋଟିଏ ଗୀତ ଉଦାହରଣ ସ୍ୱରୂପ ଦେଖାଯାଉ, ଯେମିତି ସାନ୍ତାଳୀରେ –

"ଆଲାକ୍ ଜାଡି ନାଣି ଞେଲେତ ଫେଡ଼ାତ୍ ବାନୁ
ଜିଓ୍ୱି ଜୀବନ ଅନକା ତାଲାଂ ଗାଲାଂ ମିଦୁଃ।
ବାବେର ନାଣି ଗେସେ ଞେଲ କାତେମ ରାଳାୟ
ମାୟାତେ ତଲ ଜାଲି ଚେକାମ ରାଳାୟ।
ଡିପା ବାଂତେ ଅଗମ ଦରେୟା ଦାଃଦ ହେଲକଓ୍ୱଃ
ଗାତେ ବାଂତେ ଜୁଆନ ଜିଓ୍ୱିଦ ହେଲକାଓ୍ୱଃ।"

ଅର୍ଥାତ୍ –

"ଅମରପୋଇ ଲତା ଦେଖିଲେ ତାର ମୂଳ ମିଳେ ନାହିଁ
ଜୀବନରେ ଆମେ ସେମିତି ବାନ୍ଧି ହେଉ।
ଦଉଡ଼ି ଲତା ସିନା ଦେଖି ଖୋଲି ଦେବ
ମାୟାରେ ବନ୍ଧା ହୋଇଥିବା ବନ୍ଧନକୁ କେମିତି ଖୋଲିବ।
କୂଳ ନଥିବା ପରି ସମୁଦ୍ର ପାଣି ଉଛୁଳୁଥାଏ
ସାଥି ବିନା ଯୌବନ ପ୍ରାଣ ଟଳମଳ ହେଉଥାଏ।"

'ଧେଙ୍ଗଲ୍' ହେଉଥିବା ସ୍ଥାନରେ ଅଗଣିତ ଲୋକ ଏକତ୍ର ହୋଇଥାନ୍ତି। ପ୍ରତିଯୋଗିତାରେ ବିଜୟୀ ହେବା ପାଇଁ ପ୍ରତ୍ୟେକ ଦଳ ଭିନ୍ନଭିନ୍ନ କୌଶଳ ପ୍ରୟୋଗ କରୁଥାନ୍ତି। ପ୍ରତ୍ୟେକ ଗଛ ମୂଳରେ ଏହାର ଆସର ଜମିଥାଏ। ବାଦ୍ୟ ବାଦକମାନେ ମଝିରେ ମଝିରେ ଆନନ୍ଦ ଉତ୍ତେଜକ ଶବ୍ଦ ଉଚ୍ଚାରଣ କରୁଥାନ୍ତି, ଯେପରିକି, "ଟିୟା.ଲ ଟିୟା.ଲ ଟିୟା.ଲ", "ସାୟାଲ୍ ସାୟାଲ୍ ସାୟାଲ୍" ଓ "ଲାବୟ ଲାବୟ ଲାବୟ" ଇତ୍ୟାଦି। ବାଦକଗଣ ବାୟନ କରୁଥିବା ବାଦ୍ୟଯନ୍ତ୍ର ମଧ୍ୟରେ ମାଦଳ, ବଡ଼ ବଡ଼ କଡ଼ା ନାଗରା, ଛୋଟ ନାଗରା, କେନ୍ଦରା, ଚଡ଼ଚଡ଼ି, ଚଅଁର, ଝୁମର, ଝାଞ୍ଜ, ଘଣ୍ଟି ପ୍ରଭୃତି ଥାଏ ପ୍ରଧାନ। ଯେଉଁମାନେ ଚଅଁର ଧରି ବୁଲାଉଥାନ୍ତି ସେମାନେ ବାଦ୍ୟର ତାଳ ଅନୁସାରେ ଆନନ୍ଦରେ ନୃତ୍ୟ ମଧ କରୁଥାନ୍ତି।

**ପ୍ରତିଯୋଗିତାରେ ବିଜୟୀ ହେବା ପାଇଁ ପ୍ରତ୍ୟେକ ଦଳ ଭିନ୍ନଭିନ୍ନ କୌଶଳ ପ୍ରୟୋଗ କରୁଥାନ୍ତି।**

**ବାଦକଙ୍କ ନିପୁଣତା**

'ଧେଙ୍ଗଲ' ଓ 'ସାଓ୍ୱଁତା ସିଙ୍ଗରାଇ' କାଳରେ ଏଭଳି ନିପୁଣ ବାଦକଙ୍କୁ ଦେଖିଲେ ଯେକୌଣସି ଦର୍ଶକ ଅଭିଭୂତ ନହୋଇ ଆଉ ଚାରାନାହିଁ। ବାଦ୍ୟ ବାଜଣା ସରିବା ମାତ୍ରେ 'ସମାଜ ସିଙ୍ଗରାଇ' ଅର୍ଥାତ କଥକ ଗପ କହିବା ଆରମ୍ଭ କରିଦିଅନ୍ତି। ଏପରି ଗପ ଅନେକ ମନ ମୁଗ୍ଧକର ହୋଇଥାଏ। ଗପ ମଝିରେ କଥକ ଯେକୌଣସି ମୁଗ୍ଧକର ପ୍ରଶ୍ନ ପଚାରି ଦିଅନ୍ତି ଓ ବିଦୂଷକ ଦ୍ୱୟ ବୁଲିବୁଲି ଲୋକମାନଙ୍କୁ ତା'ର ଉତ୍ତର ପାରନ୍ତି। ସମସ୍ତ ଲୋକ ଏହି କାର୍ଯ୍ୟକ୍ରମର ଭରପୂର ମଜା ନିଅନ୍ତି।

ସେହିଭଳି କେତୋଟି 'କୁଦୁମ' ବା କୌତୁକ ପ୍ରଶ୍ନର ଉଦାହରଣ ଦେଖାଯାଉ –

ପ୍ରଶ୍ନ – କୁଦୁମରେ କୁଳିଦ୍ କୁଳିଦ୍, ଅତ୍ରେ ତୁକା ଚଟ୍ରେ ବିଲି (ଅର୍ଥ – ତଳେ ଚଢ଼େଇ ବସା ଉପରେ ଅଣ୍ଡା)

ଉତ୍ତର – ମାତକମ୍ (ଅର୍ଥ- ମହୁଲ ଫୁଲ)

ପ୍ରଶ୍ନ – ମଣେହଲ୍ ତେକ ସିୟୁଃଆ ଗେଲ୍ ହଲ୍ ତେକ କାରହାୟା (ଅର୍ଥ - ପାଞ୍ଚ ଜଣ ହଳ କରିବେ, ଦଶ ଜଣ ମାଟି ସମାନ କରିବେ)

ଉତ୍ତର – ଦାନ୍ତକାଠି ଘଷିଲା ବେଳେ ପାଞ୍ଚ ଆଙ୍ଗୁଳିରେ ଦାନ୍ତଘଷା ଓ ଦଶ ଆଙ୍ଗୁଳିରେ ଜିଭଛେଲିବା।

ପ୍ରଶ୍ନ – ଜିଁଦ୍ଦ ଦାରେରେ ଗଜ୍ ବାହା (ଜିଅନ୍ତା ଗଛରେ ମଲା ଫୁଲ)

ଉତ୍ତର – ହାତରେ ଚିତା ଖଦେଇ

ପ୍ରଶ୍ନ – ମିଦ୍‌ଟାଂ ବୁଢୀ ଦୁଆର ରେଗେ ତରଜେ ଗିଡ଼ିୟା (ଗୋଟିଏ ବୁଢ଼ି ଅଗଣାରେ ହିଁ ପାଉଁଶ ପକାଏ)

ଉତ୍ତର – କଙ୍କଡ଼ା

ପ୍ରଶ୍ନ - ଧାଲ୍ ଦିଶମ୍ ହଲ୍ ଦ ପାଛଲା ତେକ ସିୟୁଃଆ (ଧାଲ୍ ଦେଶର ଲେକେ ପଛ ଆଡ଼କୁ ହଳ କରନ୍ତି)

ଉତ୍ତର – କୁକୁଡ଼ା

ଏହିଭଳି କୌତୁକ ପ୍ରଶ୍ନମାନ ପଚାରି ଜନସାଧାରଣଙ୍କ ବୁଦ୍ଧିର ପରୀକ୍ଷା କରନ୍ତି। ଏଥିରୁ ବହୁତ ନୂଆନୂଆ କଥା ଶିଖିବାକୁ ମିଳିଥାଏ।

ମୋଟରେ କହିବାକୁ ଗଲେ 'ସାଓ୍ୱଁତା ସିଙ୍ଗରା.ଇ' ଓ 'ଧେଙ୍ଗଲ୍' ଆଲୋଚନା ସହିତ ଅନେକ ଜିନିଷ ଯାହା ଶିକ୍ଷଣୀୟ ତାହାର ଅବତାରଣା କରିଛି। ପାଠକଗଣଙ୍କ ବୌଦ୍ଧିକ ବିକାଶରେ ଏହା ନିଶ୍ଚୟ ସହାୟକ ହେବ।

**ସହାୟକ ଗ୍ରନ୍ଥ ସୂଚୀ:**


୧. ଗ୍ଲିମ୍ପସେସ୍ ଅଫ୍ ସାନ୍ତାଳି ଟ୍ରାଡିସନ୍, ପାରାଓ ମୁର୍ମୁ, ପ୍ରକାଶକ: ରଶ୍ମି ମୁର୍ମୁ।

୨. ପୃଥିବୀର ଲୋକକଥା-ସାନ୍ତାଳ, ଇଂରାଜୀ- ସେସିଲ୍ ହେନେରି ବେମ୍ପାସ, ଓଡ଼ିଆରେ ଅନୁବାଦ- ଲକ୍ଷ୍ମୀଧର ମହାନ୍ତି, ପ୍ରଥମ ପ୍ରକାଶକ- ଗୋବିନ୍ଦପୁରର ରେଭରେଣ୍ଡ ଡକ୍ଟର କ୍ୟାମ୍ପେବଲ, ୧୮୯୧, ଦ୍ୱିତୀୟ ପ୍ରକାଶ-୨୦୧୨

୩. ଓଡ଼ିଆ ସାହିତ୍ୟ ଓ ଆଦିବାସୀ ସଂସ୍କୃତି, ସଂକଳକ- ଓଡ଼ିଶା ସାହିତ୍ୟ ଏକାଡେମୀ, ପ୍ରଥମ ପ୍ରକାଶ-୧୯୮୧, ଦ୍ୱିତୀୟ ପ୍ରକାଶ-୨୦୦୪

୪. ସାନ୍ତାଳୀ ସାହିତ୍ୟର ଇତିହାସ, ଲେଖିକା - ଡ ଦମୟନ୍ତୀ ବେଶ୍ରା, ପ୍ରକାଶକ- ଧିଗିଜ ପବ୍ଲିକେଶନ,୨୦୧୨।


□□


ଲେଖକଙ୍କ ଇ-ମେଲ ଠିକଣା:
marndi4581@gmail.com

ସାକ୍ଷାତକାର

# ସୁସାହିତ୍ୟିକ କଇଳାଶ ପଟ୍ଟନାୟକଙ୍କ ସହିତ ସାରସ୍ୱତ ଆଳାପ

**ସୁବିଦିତ ସାରସ୍ୱତ ସ୍ରଷ୍ଟା କଇଳାଶ ପଟ୍ଟନାୟକ ଏକାଧାରରେ ଜଣେ ସମାଲୋଚକ, ଲୋକବିଦ୍ୟାବିତ୍, ଗାଳ୍ପିକ, ଔପନ୍ୟାସିକ । ୬୯ବର୍ଷ ବୟସ୍କ ଏହି ସୁସାହିତ୍ୟିକ ବିଶ୍ୱଭାରତୀର ପ୍ରଫେସର ତଥା ଓଡ଼ିଆ ବିଭାଗର ବିଭାଗାଧ୍ୟକ୍ଷ ଭାବରେ ବହୁ ବର୍ଷ ଧରି ଦାୟିତ୍ୱ ନିର୍ବାହ କରିବା ସହ, ସେଠାରେ ଥିବା 'ଭାଷା ଭବନ'ର ଅଧ୍ୟକ୍ଷ ତଥା ବିଲୁପ୍ତପ୍ରାୟ ଭାଷା କେନ୍ଦ୍ରର ଚେୟାରମ୍ୟାନ୍ ପଦ ମଧ୍ୟ ମଣ୍ଡନ କରିଛନ୍ତି । ଏ ଯାବତ୍ ତାଙ୍କର ୩୪ଟି ପୁସ୍ତକ ପ୍ରକାଶିତ । ତାଙ୍କ ସହିତ ବାର୍ତ୍ତାଳାପ କରିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସମ୍ପାଦକ ନିହାର ଶତପଥୀ ।**



**ସାହିତ୍ୟ ଚର୍ଚ୍ଚା:** ଆପଣ ତ ଏକାଧାରରେ ଜଣେ ଔପନ୍ୟାସିକ, ଗାଳ୍ପିକ, ସମାଲୋଚକ ତଥା ଅନୁବାଦକ ମଧ୍ୟ । କିନ୍ତୁ ସାହିତ୍ୟର ଗୋଟିଏ ଦିଗ ଆପଣଙ୍କ ଦ୍ୱାରା ଅଛୁଆଁ ହୋଇ ରହିଯାଇଛି; ସେହି ବିଭାଗଟି କ'ଣ ଆପଣ ନିଜର ଧର୍ମପନ୍ନୀ କବୟିତ୍ରୀ ଗିରିବାଳା ମହାନ୍ତିଙ୍କୁ ହସ୍ତାନ୍ତର କରିଦେଇଛନ୍ତି ? ଆମେ କବିତାର କଥା କହୁଛୁ ।

**କଇଳାଶ ପଟ୍ଟନାୟକ:** ଆଚ୍ଛା, ତା'ହେଲେ ଦୁଇଟି ବିଭାଗ ମୋ' ପାଇଁ ନିଷିଦ୍ଧ ହୋଇଯାଇଛି; ଗୋଟିଏ ହେଲା କବିତା, ଅନ୍ୟଟି ନାଟକ ।

**ସାହିତ୍ୟ ଚର୍ଚ୍ଚା:** ତେବେ ଆରମ୍ଭରୁ କେବେ ବି କ'ଣ ଆପଣ କବିତା ଲେଖିନାହାନ୍ତି ?

**କଇଳାଶ ପଟ୍ଟନାୟକ:** କାଁ ଭାଁ କେବେ କେମିତି ଲେଖିଛି । କବିତାରୁ ତ ସମସ୍ତେ ଆରମ୍ଭ କରନ୍ତି । ମୁଁ ବି ସ୍କୁଲ୍ ପଢ଼ିବା ବେଳେ ହୁଏତ ଆରମ୍ଭ କରିଥିଲି; ପରବର୍ତ୍ତୀ ସମୟରେ ହୁଏତ ବଦଳିଗଲା ଧାରା । ତାହା ସ୍ତ୍ରୀଙ୍କୁ ଦେଇ ଦେଲି ବୋଲି ନୁହଁ; ସେ ତ ବହୁତ ପରେ ମୋ ଜୀବନରେ ଆସିଲେ । ସେ ତ ମୋ' ଜୀବନକୁ ଆସିବାବେଳକୁ ଜଣେ ପ୍ରତିଷ୍ଠିତା କବୟିତ୍ରୀ ହୋଇସାରିଲେଣି ।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କର ପ୍ରଥମ ପରିଚୟ ଜଣେ ସମାଲୋଚକ ଭାବରେ ବୋଲି ଆମେ ଭାବୁ । ସେ ଦୃଷ୍ଟିରୁ ଗିରିବାଳା ମହାନ୍ତିଙ୍କ ସମସ୍ତ କବିତାର ପ୍ରଥମ ସମାଲୋଚକ ମଧ୍ୟ କ'ଣ ଆପଣ ?

**କଇଳାଶ ପଟ୍ଟନାୟକ:** ନା, ପ୍ରଥମ ଶ୍ରୋତା/ ପାଠକ ହୋଇପାରେ, କିନ୍ତୁ ପ୍ରଥମ ସମାଲୋଚକ ନୁହେଁ । ଏଇଟା ସ୍ୱାଭାବିକ ଯେ ଜଣେ ଲେଖିସାରି ଅନ୍ୟ ଜଣକୁ ଶୁଣାଇବାକୁ ଚାହେଁ । ତେଣୁ ଆଶୁ ଶ୍ରୋତାଜଣକ ହେଲି ମୁଁ ।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କର ଆଉ ଗୋଟିଏ ଅଗ୍ରଣୀ ପରିଚୟ ଜଣେ ଲୋକବିଦ୍ୟାବିତ୍ ବା ଫୋକ୍‌ଲୋରିଷ୍ଟ ଭାବରେ। କିନ୍ତୁ ଆପଣଙ୍କୁ କେବଳ ଜଣେ ଲୋକବିଦ୍ୟାବିତ୍ ନୁହଁ, ଲୋକକଥାର ପୁନଃନିର୍ମାତା ବୋଲି ମଧ୍ୟ କୁହାଯାଏ। ଆପଣଙ୍କର କେଉଁ ନିର୍ଦ୍ଦିଷ୍ଟ କୃତିରୁ ଏହି ପରିଚୟଟି ସୃଷ୍ଟି ହୋଇଛି ବୋଲି ଭାବନ୍ତି ?

**କଇଲାଶ ପଟ୍ଟନାୟକ:** ପ୍ରକୃତରେ ପୁରୁଣା କାହାଣୀ ପ୍ରତି ମୋର ଦୁର୍ବଳତା ବହୁତ ଦିନର, ଏପରିକି ପିଲା ବେଳୁଁ ମଧ୍ୟ। ଏମ୍.ଏ ପଢ଼ିବା ବେଳେ ଯେତେବେଳେ ଲୋକସାହିତ୍ୟର ବିଶେଷ ଅଧ୍ୟୟନ ମୁଁ କଲି, ସେତେବେଳଠାରୁ ଏହି ମନୋବୃତ୍ତି ମୋ'ର ବଢ଼ିଗଲା। ମୁଁ ପଞ୍ଚତନ୍ତ୍ର, ବୃହତ୍ କଥା,ଦଶକୁମାର ଚରିତ - ଏହି ଜାତୀୟ ଦେଶ ବିଦେଶର ପୁରୁଣା ରଚନା ଓ ପୁରୁଣା କାହାଣୀ ସବୁ ପଢ଼ିବା ଆରମ୍ଭ କଲି। ସେଇଥିରୁ ଧୀରେ ଧୀରେ ମୋ'ର ମନେ ହେଲା ଯେ ଏମାନଙ୍କ ଭିତରେ ଏମିତି କିଛି ସମ୍ଭାବନା ରହିଛି, ଯେଉଁଟା କି ସମକାଳରେ ମଧ୍ୟ ପ୍ରଯୁଜ୍ୟ। ସେଇ ସମ୍ଭାବନାଗୁଡ଼ିକୁ ଖୋଜି କାହାଣୀରେ ରୂପଦେବାକୁ ଆରମ୍ଭ କଲି।

**ସାହିତ୍ୟ ଚର୍ଚ୍ଚା:** ଏହି ଧାରାର ପ୍ରଥମ ରଚନା ଆପଣଙ୍କର କେଉଁଟି ଥିଲା ?

**କଇଲାଶ ପଟ୍ଟନାୟକ:** ମୋ'ର ପ୍ରଥମ ଗଳ୍ପ ୧୯୭୬ ଜୁନ୍ ମାସରେ ଯେତେବେଳେ 'ଆସନ୍ତାକାଲି' ପତ୍ରିକାରେ ପ୍ରକାଶ ପାଇଲା, ସେଇଟା ବି ଥିଲା ସେଇ ପ୍ରାଚୀନ କାହାଣୀର ଫର୍ମାଟ୍‌ରେ ଗୋଟିଏ ଗପ। ପରବର୍ତ୍ତୀ ସମୟରେ ବି ପଞ୍ଚତନ୍ତ୍ରର ବାରଟି ଗଳ୍ପ 'ବିନୋଦ ଦ୍ୱାଦଶ', 'ଶୁଣ୍ ଅବୋଲକରା' ଆଦି ସଙ୍କଳନମୋର ପ୍ରକାଶ ପାଇଲା।

**ସାହିତ୍ୟ ଚର୍ଚ୍ଚା:** ଲୋକସାହିତ୍ୟକୁ ନେଇ ଆପଣଙ୍କର ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଚର୍ଚ୍ଚା ୧୯୮୯ ମସିହାରେ ପ୍ରକାଶ ପାଇଥିଲା, 'ଲୋକସାହିତ୍ୟର ଚର୍ଚ୍ଚା' ନାମରେ। ଏହା ବୋଧହୁଏ ଥିଲା ଏ ସମ୍ପର୍କୀୟ ଆପଣଙ୍କର ପ୍ରଥମ ଆଲୋଚନା ପୁସ୍ତକ।

**କଇଲାଶ ପଟ୍ଟନାୟକ:** ହଁ, ଏହା ଥିଲା ଲୋକ ସାହିତ୍ୟ ତତ୍ତ୍ୱ ସମ୍ପର୍କୀତ ଆଲୋଚନାଗୁଡ଼ିକର ଏକ ସମାହାର। ବର୍ତ୍ତମାନ ଏହାର ତୃତୀୟ ପରିବର୍ଦ୍ଧିତ ସଂସ୍କରଣ ପ୍ରକାଶିତ ହୋଇସାରିଲାଣି।

**ସାହିତ୍ୟ ଚର୍ଚ୍ଚା:** ଓଡ଼ିଆ ସମାଲୋଚନା ସାହିତ୍ୟକୁ ଆପଣ ନିଜସ୍ୱ ଢ଼ଙ୍ଗରେ ସବଳ କରିଛନ୍ତି। ଏହା ଆରମ୍ଭ ହୋଇଥିଲା, ୧୯୮୮ରେ ପ୍ରକାଶିତ ଆପଣଙ୍କର 'ଓଡ଼ିଆ ଉପନ୍ୟାସର ସମାଜତତ୍ତ୍ୱ'ରୁ। ଏଥିରେ ଉପନ୍ୟାସରେ ସମାଜତତ୍ତ୍ୱର କଥା ଆପଣ ଯାହା ଆଲୋଚନା କରିଛନ୍ତି, ଏହି ଦିଗଟି ବିନା କ'ଣ ଉପନ୍ୟାସର ସର୍ଜନ ଅସମ୍ଭବ ?

**କଇଲାଶ ପଟ୍ଟନାୟକ:** ଦେଖନ୍ତୁ, ମଣିଷ ହେଉଛି ଗୋଟିଏ ସାମାଜିକ ପ୍ରାଣୀ, ଏବଂ ଲେଖକ ହେଉଛି ଜଣେ ମଣିଷ। ତେଣୁ ସମାଜର ପ୍ରଭାବ ତା'ଉପରେ ସବୁବେଳେ ପଡ଼ିବ। ଅନେକ ଲେଖକ ସମାଜକୁ ବଦଳାଇବା ପାଇଁ କଲମ ଧରନ୍ତି, ଅନେକ ଲେଖକ ସମାଜକୁ ଯଥାବତ୍ ରୂପ ଦେବାପାଇଁ ମଧ୍ୟ କଲମ ଧରିଥାଆନ୍ତି। ଆଉ ଗୋଟିଏ ଧରଣର ମଧ୍ୟ ଉପନ୍ୟାସ ଥାଏ ଯେଉଁଥିରେ ସମାଜର ଅନ୍ତର୍ବାସ୍ତବତା ଦର୍ଶାଇ ଦିଆଯାଇଥାଏ। ଏହାର ସଂଖ୍ୟା କମ୍ ହେଲେ ବି, ଏହାର ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ ଭୂମିକା ଅଛି।

**ମଣିଷ ହେଉଛି ଗୋଟିଏ ସାମାଜିକ ପ୍ରାଣୀ, ଏବଂ ଲେଖକ ହେଉଛି ଜଣେ ମଣିଷ। ତେଣୁ ସମାଜର ପ୍ରଭାବ ତା'ଉପରେ ସବୁବେଳେ ପଡ଼ିବ।**

**ସାହିତ୍ୟ ଚର୍ଚ୍ଚା:** ତେବେ ଏହି ସନ୍ଦର୍ଭରେ ଗୋଟିଏ ପ୍ରସଙ୍ଗ ଆମ ମନକୁ ଆସୁଛି; ଓଡ଼ିଆ ସମାଲୋଚନା ସାହିତ୍ୟକୁ ଜନମାନସର ନିକଟବର୍ତ୍ତୀ କରିବାପାଇଁ ତାହାର ଭାଷାକୁ ଆଉ ଟିକିଏ ସରଳ, ଆଉ ଟିକିଏ ମନଛୁଆଁ କରିବାର ଆବଶ୍ୟକତା ଅଛି କି ?

**କଇଲାଶ ପଟ୍ଟନାୟକ:** ମୋର ମନେହେଉଛି ଯେ, ଅଛି। ସମାଲୋଚନା ସାହିତ୍ୟର ଧର୍ମ ଆଉ କ'ଣ କି ! ମୂଳ କୃତିକୁ ଆଉ ଟିକିଏ ସରଳ କରି ସେ ବୁଝାଇଦିଏ।

**ସାହିତ୍ୟ ଚର୍ଚ୍ଚା:** ଆମର ଧାରଣା ହୁଏ ଯେ ଆମ ଭାଷାରେ ସମାଲୋଚନା ସାହିତ୍ୟ ଧୀରେ ଧୀରେ କମିକମି ଯାଉଛି; ଏହା ଆଉ ବେଶି ଲେଖା ହେଉନାହିଁ, ବା ପଢ଼ା ମଧ୍ୟ ହେଉନାହିଁ। ତେଣୁ ଏହାକୁ ଟିକିଏ ପାଠକ-ଅନୁକୂଳ କଲେ ଏହି ସମସ୍ୟାରୁ ମୁକ୍ତି ମିଳନ୍ତା; ନା କ'ଣ ?

**କଇଲାଶ ପଟ୍ଟନାୟକ:** ଆଜ୍ଞା, ଯିଏ ପଢୁନାହିଁ ସିଏ ପଢ଼ିବ ନାହିଁ; ସରଳ କରନ୍ତୁ, ସୁଗମ କରନ୍ତୁ, ବା ଯାହା ବି କରନ୍ତୁ।


**ସାହିତ୍ୟ ଚର୍ଚ୍ଚା:** ୧୯୯୮ ମସିହାରେ

'ଫକୀରମୋହନଙ୍କ ଦୁଷ୍ପ୍ରାପ୍ୟ ରଚନାବଳୀ' ଆପଣ ସଂକଳିତ କରିଛନ୍ତି । ଯେହେତୁ ଏହା ଆପଣ କରିଛନ୍ତି, ସେହେତୁ ଏଇ ପ୍ରଶ୍ନଟି ଆମ ମନକୁ ଆସୁଛି; ଫକୀରମୋହନଙ୍କ ଦ୍ୱାରା ରଚିତ 'ମହାଭାରତ'ର ପୂର୍ଣ୍ଣାଙ୍ଗ ରୂପ ଏ ପର୍ଯ୍ୟନ୍ତ ଲୋକଲୋଚନକୁ ଆସି ପାରିନାହିଁ । ଏ ବିଷୟରେ ଆପଣଙ୍କର ମତ କ'ଣ ?

**କଇଲାଶ ପଟ୍ଟନାୟକ:** ପ୍ରକାଶିତ ହୋଇପାରିନାହିଁ କାରଣ ତାହା ପ୍ରକୃତରେ ଦୁଷ୍ପ୍ରାପ୍ୟ ହୋଇଯାଇଛି । ତେବେ ଅନେକେ କହନ୍ତି ଯେ ତାହା କାହାରିକାହାରି ପାଖରେ ଅଛି । ଏହା ଲୋକଲୋଚନକୁ ନ ଆସିପାରିବା ଦୁର୍ଭାଗ୍ୟର କଥା ।

**ସାହିତ୍ୟ ଚର୍ଚ୍ଚା:** ଆମେ ଆମ ପତ୍ରିକାରେ ଲେଖିଥିଲୁ ଯେ ଏହାର ମୂଳ ପାଣ୍ଡୁଲିପି କଟକରେ ତାଙ୍କର ଅଣନାତୁଣୀଙ୍କ ଘରେ ମହଜୁଦ ଅଛି । ଏପରିକି ଫକୀରମୋହନଙ୍କ 'ଆତ୍ମଚରିତ'ର ପ୍ରକୃତ ପାଣ୍ଡୁଲିପିଟି ମଧ୍ୟ ତାଙ୍କ ପାଖରେ ଅଛି । କିନ୍ତୁ ବିଭିନ୍ନ ମାଲିମକଦ୍ଦମା କାରଣରୁ ତାହା ପ୍ରକାଶିତ ହୋଇପାରୁନାହିଁ । ଏହା ଚିନ୍ତାର ବିଷୟ ନୁହେଁ କି?

**କଇଲାଶ ପଟ୍ଟନାୟକ:** ନିଶ୍ଚିତ ଭାବରେ ଚିନ୍ତାର ବିଷୟ । ସେଇଟା କାହାରି ବ୍ୟକ୍ତିଗତ ସମ୍ପତ୍ତି ହୋଇ ରହିବା ଉଚିତ ନୁହେଁ । ବରଂ ଫକୀରମୋହନ ଯେଉଁ ଉତ୍ତୁଙ୍ଗତାରେ ପହଞ୍ଚିଛନ୍ତି, ତାଙ୍କର ସବୁକିଛି ଆମର ଜାତୀୟ ସମ୍ପତ୍ତି ଭାବରେ ପରିଗଣିତ ହେବା କଥା ।




**ସାହିତ୍ୟ ଚର୍ଚ୍ଚା:** ଆପଣ ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ' ବଙ୍ଗଳା ଅନୁବାଦ କରିଛନ୍ତି । ଏହି କାଳଜୟୀ କୃତିଟି ଆମର ପ୍ରତିବେଶୀ ରାଜ୍ୟର ପାଠକମାନଙ୍କ ଦ୍ୱାରା କିଭଳି ଭାବରେ ଆଦୃତ ହୋଇଛି ?

**କଇଲାଶ ପଟ୍ଟନାୟକ:** ଏହାକୁ ସେଠାର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଥିବା 'ତୁଳନାତ୍ମକ ସାହିତ୍ୟ' ବିଭାଗରେ ଗୁରୁତ୍ୱର ସହ ଅଧ୍ୟୟନ କରାଯାଉଛି । ଏହା ଚର୍ଚ୍ଚିତ ମଧ୍ୟ ହୋଇଛି ।

**ସାହିତ୍ୟ ଚର୍ଚ୍ଚା:** କିନ୍ତୁ ଏହା ତୁଳନାତ୍ମକ ସାହିତ୍ୟର ଏକ ଦୃଷ୍ଟାନ୍ତ ଭାବରେ ସୀମିତ ହୋଇ ରହିଯିବା ଉଚିତ ନୁହେଁ ବୋଲି ଆମେ ଭାବୁ । ଲକ୍ଷ୍ମୀପୁରାଣର ପ୍ରଭାବ ଓଡ଼ିଶାର ଗଣଜୀବନରେ ବ୍ୟାପକ ଭାବରେ ଆସ୍ଥାନ ଜମାଇ ପାରିଛି, ଆପଣଙ୍କର ଏହି ଅନୁବାଦର ପ୍ରସାର ଫଳରେ ସେହି ଧାରା ବଙ୍ଗଳାର ସାଧାରଣ ସମାଜ ଭିତରେ ମଧ୍ୟ ପ୍ରସାରିତ ହୋଇପାରିଛି କି ?

**କଇଲାଶ ପଟ୍ଟନାୟକ:** ନା, ହୋଇପାରିନାହିଁ । କାରଣ ବଙ୍ଗଳାରେ ଯାହା ଜନପ୍ରିୟ, ତା'ହେଲା 'ଲକ୍ଷ୍ମୀର୍ ପାଞ୍ଚାଲି' । ସେଇଟି ମାର୍ଗଶୀର ମାସରେ ଲକ୍ଷ୍ମୀ ଉପାସନା କ୍ରମରେ ଘରେଘରେ ପଠିତ ହୁଏ । ଅବଶ୍ୟ ଆମ ଲକ୍ଷ୍ମୀ ପୁରାଣର ଆଖ୍ୟାୟିକାଟି ମଧ୍ୟ ସେଠାରେ ସୁବିଦିତ ।

**ସାହିତ୍ୟ ଚର୍ଚ୍ଚା:** ଆପଣ ଜଣେ ସଫଳ କଥାକାର ମଧ୍ୟ । କିନ୍ତୁ ସେହି ଗୋଟିଏ ଉପନ୍ୟାସ 'ସ୍ଥାବର ଜଙ୍ଗମ'ରେ ହିଁ ଅଟକିଗଲେ କାହିଁକି ?

**କଇଲାଶ ପଟ୍ଟନାୟକ:** ନାଇଁ, ଅଟକିଛି କି ନାହିଁ ମୁଁ ଜାଣିନି; ମୁଁ ଭାବୁଛି ଯେ ସେଇଟା ଗୋଟିଏ 'କମା' ବି ହୋଇପାରେ । ସେଇ ଉପନ୍ୟାସ ଟି ପ୍ରକାଶିତ ହେବାବେଳେ ବି ସେଇଟା ଗୋଟିଏ 'ଅପ୍ରତ୍ୟାଶିତ ଉଦ୍ଭାସନ' ବୋଲି ମୁଁ କହିଛି ।

**ସାହିତ୍ୟ ଚର୍ଚ୍ଚା:** ଏହି ଉପନ୍ୟାସଟି ତ ମାନବେତର ଚରିତ୍ରମାନଙ୍କୁ ନେଇ ଆପଣ ଲେଖିଛନ୍ତି ସମ୍ପୂର୍ଣ୍ଣ ଭାବରେ । ଏ ଦୃଷ୍ଟିରୁ ଏହା ଏକ ରୋଚକ ସୃଷ୍ଟି । ଏହାର ସିକ୍ୱେଲ୍ ଭାବରେ ଆଉ ଏକ ଉପନ୍ୟାସ ଲେଖା ଯାଇପାରେ, ନା କ'ଣ ?

**କଇଲାଶ ପଟ୍ଟନାୟକ:** 'ମାନବେତର' ନୁହେଁ, ମୁଁ ତାକୁ 'ଅଣମାନବୀୟ' ବୋଲି କହେ । ତେବେ ସେ ଉପନ୍ୟାସର 'ସିକ୍ୱେଲ'...ସେହି ଦିଗରେ ମୁଁ କେବେ ଭାବିନି । ସେଇଟା ହୋଇପାରେ, ଅସମ୍ଭବ ନୁହଁ ।

**ସାହିତ୍ୟ ଚର୍ଚ୍ଚା:** ଏମିତି ଉପନ୍ୟାସ ବ୍ୟତିରେକେ, ଆପଣଙ୍କ ଗଳ୍ପସାହିତ୍ୟର ସଂଖ୍ୟା ମଧ୍ୟ ଖୁବ୍ ସୀମିତ । ଏହାର କାରଣ କ'ଣ ଏଇଆ ଯେ ଆପଣ ନିଜକୁ ମୁଖ୍ୟତଃ ବ୍ୟସ୍ତ ରଖିଛନ୍ତି ସମାଲୋଚନା-ସାହିତ୍ୟ ଓ ଲୋକ-ସାହିତ୍ୟର ଅଧ୍ୟୟନ ଓ ଗବେଷଣାରେ ?

**କଇଳାଶ ପଟ୍ଟନାୟକ:** ନାହିଁ, ଗୋଟିଏ ସମୟରେ ତ ସେଇଟା ସମାନ୍ତରାଳ ଭାବରେ ଚାଲିଥିଲା । କଥା ହେଲା, ଭିତରୁ ଯେଉଁ ସମୟରେ ଯେଉଁପ୍ରକାର ଅନୁପ୍ରେରଣା ଆସୁଥାଏ, ତା'କୁ ନେଇ ମୁଁ ଲେଖେ ।

**ସାହିତ୍ୟ ଚର୍ଚ୍ଚା:** ଆପଣ ତ ବିଭିନ୍ନ ସାହିତ୍ୟିକ କାର୍ଯ୍ୟକ୍ରମରେ ଭାଗ ନେବାପାଇଁ ପୃଥିବୀର ବିଭିନ୍ନ ସ୍ଥାନ ପରିଭ୍ରମଣ କରିଛନ୍ତି । ସେସବୁ ସ୍ଥାନରେ ସାହିତ୍ୟ ପ୍ରତି ଜନରୁଚିକୁ ଆପଣ ଯଦି ଲକ୍ଷ୍ୟ କରିଥିବେ, ଆପଣ କଣ ଭାବନ୍ତି ଯେ ତାହା ତୁଳନାରେ ଓଡ଼ିଶାରେ ସାହିତ୍ୟ ସହିତ ସଂସର୍ଗର ପ୍ରକୃତି ଟିକିଏ ଭିନ୍ନ ?

**କଇଳାଶ ପଟ୍ଟନାୟକ:** ଦେଖନ୍ତୁ, ପଢ଼ିବାର ଅଭ୍ୟାସଟା ହେଉଛି ମୂଳ କଥା । ମୋର ମନେହୋଇଛି, ଯେଉଁଠି ଖବରକାଗଜ ଗୋଟିଏ କିଣି ପଢ଼ିବାପାଇଁ ମୁଁ କୁଣ୍ଠିତ, ସେଠି ସାହିତ୍ୟ ପତ୍ରିକା କି ସାହିତ୍ୟ ବହି ଖଣ୍ଡେ କିଣିବା କଥା ମୁଁ ଭାବିପାରିବିନି । ଅଥଚ ମୁଁ ନିଜେ ଦେଖିଛି ଯେ ଚୀନ ଦେଶର ବୁଲେଟ୍ ଟ୍ରେନ୍‌ରେ ମଧ୍ୟ ଲାଇବ୍ରେରୀ ଥାଏ । ସାନ ଛୁଆ ଓ ତାର ବାପାଙ୍କୁ ଏକ ସଙ୍ଗରେ ବସି ପଢ଼ିବାର ଦେଖିଛି । ଏହି ମାନସିକତା ଯଦି ଆମେ ତିଆରି କରି ନ ପାରୁ, ତାହେଲେ ବୋଧହୁଏ ଏ ସାହିତ୍ୟ ସଂସର୍ଗ କଥାଟା ଆମପାଇଁ ମିଛ ହୋଇଯିବ ।

**କଥା ହେଲା, ଭିତରୁ ଯେଉଁ ସମୟରେ ଯେଉଁପ୍ରକାର ଅନୁପ୍ରେରଣା ଆସୁଥାଏ, ତା'କୁ ନେଇ ମୁଁ ଲେଖେ ।**

**ସାହିତ୍ୟ ଚର୍ଚ୍ଚା:** ଆପଣ ତ ବିଶ୍ୱଭାରତୀର ଓଡ଼ିଆ ବିଭାଗ ସହିତ ତିନି ଦଶକରୁ ଅଧିକ ସମୟ ଧରି ଜଡ଼ିତ, ଏହି କାଳ ମଧ୍ୟରେ ଓଡ଼ିଆ ଭାଷା ଓ ସାହିତ୍ୟର ଅଧ୍ୟୟନ ଓ ଗବେଷଣାରେ ଏହି ବିଶ୍ୱବିଦ୍ୟାଳୟର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ଆମେ ଭାବୁ । ଏ ବିଷୟରେ ଆପଣଙ୍କର ମତ କ'ଣ ?

**କଇଳାଶ ପଟ୍ଟନାୟକ:** ଏବେ ଅଛି ମଧ୍ୟ । କାରଣ ଆମ ବିଶ୍ୱଭାରତୀର ଓଡ଼ିଆ ବିଭାଗ ଗୋଟିଏ 'ମଡର୍ଣ୍ଣ ସ୍କୁଲ୍' ଭାବରେ ପରିଚିତ । ଆମେ ଆଧୁନିକ ଚିନ୍ତାଧାରାକୁ ଗୁରୁତ୍ୱ ଦେଉ; ଏବଂ ସେଇ ଧରଣର ଗବେଷଣା ପାଇଁ ମଧ୍ୟ ପିଲାଙ୍କୁ ଉତ୍ସାହିତ କରୁ ।

**ସାହିତ୍ୟ ଚର୍ଚ୍ଚା:** ଗବେଷଣାର କଥା ପଡ଼ିଛି ଯେତେବେଳେ, ବର୍ତ୍ତମାନ ଓଡ଼ିଶାର ଅଧିକାଂଶ ଉଚ୍ଚ ଶିକ୍ଷାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗରେ ଗବେଷଣାର ମାନ ଦିନକୁ ଦିନ କମିଯାଉଛି ବୋଲି ଯାହା କୁହାଯାଏ, ସେଥିରେ ଆପଣ ସହମତ କି ?

**କଇଳାଶ ପଟ୍ଟନାୟକ:** ମୁଁ ୨୦୦ ପ୍ରତିଶତ ସହମତ; ଏବଂ ଏଥିପାଇଁ ପିଲାମାନେ, ଅର୍ଥାତ୍ ଗବେଷକମାନେ ଅଦୌ ଦାୟୀ ନୁହନ୍ତି; ବରଂ ଯେଉଁ ଶିକ୍ଷକମାନେ ତତ୍ତ୍ୱାବଧାରକ ହୋଇଛନ୍ତି, ସେମାନେ ଯଦି ଠିକ୍ ଭାବରେ ନିଜ ଦାୟିତ୍ୱ ପାଳନ କରନ୍ତେ, ତେବେ ଏହାର ମାନ କ୍ରମୋନ୍ନତି ଦିଗରେ ଯାଆନ୍ତା । ତେବେ କିଛିକିଛି ଭଲ ଗବେଷଣା ମଧ୍ୟ କରାଯାଉଛି ।

**ସାହିତ୍ୟ ଚର୍ଚ୍ଚା:** ବିଶ୍ୱଭାରତୀରେ ଥିବାବେଳେ ଆପଣ ଗୋଟିଏ ସୁସମ୍ପାଦିତ ଗବେଷଣାମୂଳକ ପତ୍ରିକା ପ୍ରକାଶ କରୁଥିଲେ, 'ବିଶ୍ୱଭାରତୀ ଦୀପିକା' ନାମରେ । ପରବର୍ତ୍ତୀ ସମୟରେ ଏହା ବନ୍ଦ ହୋଇଗଲା କାହିଁକି ?

**କଇଳାଶ ପଟ୍ଟନାୟକ:** ୧୯୮୧ ମସିହାରୁ ଏହି ପତ୍ରିକାଟି ବାହାରୁଥିଲା । ଯେଉଁମାନେ ବିଭାଗୀୟ ମୁଖ୍ୟ ରହନ୍ତି, ସେମାନେ ତା'ର ସମ୍ପାଦକ ହୁଅନ୍ତି । ଓଡ଼ିଶା ସରକାରଙ୍କର ଗୋଟିଏ ଛୋଟିଆ ଗ୍ରାଣ୍ଟ ଆସୁଥିଲା ସେମିନାର ଆଦି ପାଇଁ । ପରବର୍ତ୍ତୀ ସମୟରେ ସେହି ଗ୍ରାଣ୍ଟ ବନ୍ଦ ହୋଇଗଲା । ତା'ପରେ ଅବଶ୍ୟ ବ୍ୟକ୍ତିଗତ ଉଦ୍ୟମରେ ଏହାର କିଛି ସଂଖ୍ୟା ବାହାରିଛି, କିନ୍ତୁ ତା'ପରେ ଧୀରେ ଧୀରେ ସେଇଟା ଆଉ ହୋଇପାରିଲା ନାହିଁ ।

**ସାହିତ୍ୟ ଚର୍ଚ୍ଚା:** ଶେଷକୁ ପଚାରିବାକୁ ଚାହିବୁ, ବର୍ତ୍ତମାନ ଆପଣ କିଛି ନୂଆ ପୁସ୍ତକ ଲେଖିବାରେ ନିଜକୁ ବ୍ୟସ୍ତ ରଖିଛନ୍ତି କି ?

**କଇଳାଶ ପଟ୍ଟନାୟକ:** ଓଡ଼ିଆ ଡିଟେକ୍‌ଟିଭ୍ ଉପନ୍ୟାସ ସମ୍ପର୍କରେ ଆମର କୌଣସି ଆଲୋଚନା ପୁସ୍ତକ ନାହିଁ । ଏହି ଧରଣର ଉପନ୍ୟାସରେ ଗୋଟିଏ ଅଲଗା ଶିଳ୍ପକୌଶଳ ଅଛି ବୋଲି ମୁଁ ବିଶ୍ୱାସ କରେ । ଏହି ବିଷୟକୁ ନେଇ ମୋର କିଛି ଆଲୋଚନା ପ୍ରକାଶିତ । ସେସବୁକୁ ନେଇ ଗୋଟିଏ ବହି କରିବାର ପରିକଳ୍ପନା କରୁଛି ।

**ସାହିତ୍ୟ ଚର୍ଚ୍ଚା:** ହେଉ ତେବେ, ଅପେକ୍ଷା କରିଛୁ ଯେ କେବେ ପାଠକମାନେ ଆପଣଙ୍କର ସେହି ବହିଟି ପଢ଼ିବାକୁ ପାଇବେ । ଆଜିର ଏହି ଆଲୋଚନା ପାଇଁ ଆପଣଙ୍କୁ ଅଶେଷ ଧନ୍ୟବାଦ ଜଣାଉଛୁ ।

ଗଳ୍ପ



# ବୁକ୍‌ମାର୍କ

**ସାଗରିକା ଦାସ**

ବୁକ୍ ମାର୍କ, ଯାହାକୁ ଦେଖିଲେ ଲାଗେ ବହୁ ପୁରୁଣା ସ୍ମୃତିଟିଏ, ପାସୋରି ଯାଇଥିବା ପରି ବୋଧ ହେଉଥାଏ କିନ୍ତୁ ସବୁ ମନେପଡ଼ିଯାଏ। ମନଭିତରେ ପୁଣି ଅନେକ ସ୍ମୃତି ଉଦ୍‌ଜୀବିତ ହୋଇଉଠେ । ଲାଗେ, ଅନ୍ଧାର ଝଡ଼ବର୍ଷା ରାତିରେ କେହିଜଣେ ହଠାତ୍ ଲଣ୍ଠନ ଜଳେଇ ଦେଇଛି ଆଉ ସ୍ମୃତିର ସହର ଆଲୋକିତ ହୋଇଉଠିଛି।

XXXXX

ସେଦିନ ଖୋଲା ଛାତରେ ସନ୍ଧ୍ୟାଧୂପ ପର ଝାପ୍‌ସା ଆଲୁଅ ଅନ୍ଧାରରେ, ଥଣ୍ଡାପବନ ଆଶାରେ ବୁଲୁବୁଲୁ ଅଚାନକ ଝୁଣ୍ଟିପଡ଼ିଲି। ପାଖରେ ମୋ' ପିଲାମାନେ ଥିବାରୁ ପଡୁପଡୁ ରକ୍ଷା ପାଇଗଲି। ମୋବାଇଲ ଲାଇଟ୍‌ରେ ଦେଖିବାବେଳକୁ ଚାବି ଲାଗି ତାଲାଟିଏ ତଳେ ପଡ଼ିଛି । ପାଦ ଓ ଆଙ୍ଗୁଠିରେ ବହୁତ କଷ୍ଟ ହେଉଥାଏ। କିନ୍ତୁ ପିଲାଙ୍କୁ କହିବି କ'ଣ? ଅନ୍ଧାରରେ ବି ସେମାନଙ୍କର ଖେଳ ଚାଲିଥାଏ । ଖରାଛୁଟି, ଜେଜେବାପାଙ୍କ ଘର, ପୁଣି ଜହ୍ନରାତି ପିଲାଙ୍କୁ ସମ୍ଭାଳେ କିଏ ? ସଭିଏଁ ମିଶି ଖେଳରେ ମାତିଥାନ୍ତି। ସମସ୍ତଙ୍କର ମୋବାଇଲ ମୋ' ପାଖରେ। ତାଙ୍କ ସହିତ ଖେଳରେ ମାତିଥିଲେ ବି ମୋ' ମନ କିନ୍ତୁ ତାଲା-ଚାବି ପାଖରେ। କିଏ ଅଣିଲା ଯାକୁ ଛାତକୁ? ଛାତରୁ ତଳକୁ ଆସିଲା ପରେ ବଡ଼ଯା' ସାନ ଦୁଇଯା', ଶାଶୁ, ଖୁଡ଼ୀଶାଶୁ ଏମିତି ସମସ୍ତଙ୍କୁ ପଚାରୁ ପଚାରୁ ଜଣାପଡ଼ିଲା ତୃତୀୟ ମହଲାର ଶିଢ଼ିଘରର ଚାବିତାଲା ଖୋଲି ଖବରକାଗଜ ରଖିବାପରେ ବନ୍ଦ କରିବାକୁ ଭୁଲିଯାଇଛି ଆମ ଟହଲିଆ ନଟିଆ ଓ ପିଲାମାନେ ତାଙ୍କ ଚିରାଚରିତ ରୀତିରେ ଖେଳି ଫୋପାଡ଼ି ଦେଇଛନ୍ତି ନେଇ ଛାତରେ। ନଟିଆ ନିଜ ଉପରୁ ଦୋଷ ଛଡ଼ାଇବାକୁ କହିଲା- ସେ ବହିଘର ବହୁତ ଅସନା ହୋଇଗଲାଣି, ସଫାସଫି ପାଇଁ ପରା ଖୋଲା ଛାଡ଼ିଥିଲି ।

ତା' ପରଦିନ ଘରକାମ ସାରି ଦୁଇ ଯା' ଓ ନଟିଆ ମିଶି ସେ ରୁମ ସଫା କରିବାରେ ଅଣ୍ଟା ଭିଡ଼ିଦେଲୁ ।


ରହଣିଆ ବାସ୍ନା, ଅଳନ୍ଧୁ ଧୂଳି, ଗଦାଗଦା ବହିରେ ଭରପୂର ରୁମ୍‌ଟିକୁ ବହୁ ପରିଶ୍ରମରେ ସଫାକରି, ରଦ୍ଦି କାଗଜଗୁଡ଼ାକ ଛାତ ଉପରେ ଗଦେଇ ତଳକୁ ଆସିଲୁ। ପ୍ରବଳ ପରିଶ୍ରମ ପରେ ରାତିରେ ଭଲ ନିଦ ହୋଇଯାଇଥିଲା । ପରଦିନ ସକାଳୁ ଲୁଗା ଶୁଖେଇବାକୁ ଗଲାବେଳେ ଦେଖିଲି, ବହି କାଗଜ ସବୁ ବିଛୁଡି ପଡ଼ିଛି । ମନଟା ଖଟାହୋଇଗଲା । କିଏ କଲା ଏସବୁ ?

> **ହଠାତ କାହିଁକି ମନହେଲା ତାଙ୍କ ପିଛା କରିବାକୁ। ତାଙ୍କର ଆଚରଣ ମୋତେ ଅଡୁଆ ଲାଗୁଥାଏ ବୋଲି ମୁଁ ସନ୍ଦେହରେ ପଡ଼ିଯାଇଥିଲି ।**

ଏତେ ପରିଶ୍ରମ ଆମେ କଲୁ ଅଥଚ କିଏ ଏମିତି ରଦ୍ଦି ଖେଳେଇ ମେଳେଇ ଦେଲା? ଏସବୁ ପିଲାମାନଙ୍କର କାମ ଛଡ଼ା ଆଉ କାହାର ହେବ ? ବିରକ୍ତିକର ପରିସ୍ଥିତିରେ ବି ମନକୁମନ କହିଲି 'ହଉ ଛାଡ଼ ରଦ୍ଦିରେ ତ ଯିବ ସବୁ'। ନିଜକୁ ପ୍ରବୋଧନା ଦେଇ ଛାତରୁ ଓହ୍ଲାଇଲା ବେଳକୁ ଦେଖିଲି ଦାଦାଶ୍ୱଶୁର ଶିଢ଼ି ଚଢ଼ି ଚଢ଼ି ଆସୁଛନ୍ତି। ସେ ଟିକେ ଆଁରେଇ ବାଁରେଇ ହେବାର ଦେଖି ମୁଁ ମୁଣ୍ଡପୋତି ପଳେଇ ଆସୁଥିଲି, ହଠାତ କାହିଁକି ମନହେଲା ତାଙ୍କ ପିଛା କରିବାକୁ। ତାଙ୍କର ଆଚରଣ ମୋତେ ଅଡୁଆ ଲାଗୁଥାଏ ବୋଲି ମୁଁ ସନ୍ଦେହରେ ପଡ଼ିଯାଇଥିଲି ।

ବୟସ ତାଙ୍କର ସତୁରି ଉପରେ ହେବ, ପ୍ରାୟ ଛାତ ଉପରକୁ ଆସନ୍ତି ନାହିଁ। ବୟସଜନିତ ବେମାରି ଯୋଗୁଁ ତାଙ୍କୁ ଖୁଡ଼ୀଶାଶୁ ଖୁବ ଶାସନରେ ରଖିଥାନ୍ତି। ଆଜି ପୁଣି ଏ ଆଡ଼େ କାହିଁକି ? ଯେହେତୁ ମୁଁ ଏଠିକାର ନିତିଦିନିଆ ବାସିନ୍ଦା ନୁହଁ, ତେଣୁ ମୋ' ଉପରେ ତାଙ୍କ ସ୍ନେହ ଅଧିକ । ତାଙ୍କ ଭାଷାରେ- 'ତୁମେ ମା' ଦୂରରେ ରହିଛ, ତେଣୁ ଘରର କଚିରିମିଚିରିଠାରୁ

ଦୂରେଇ ରହିଛ । ସେମିତି ସବୁଦିନେ ରହିବ ।' ସଂସାର ପାଣି ଯେତେ ଘାଣ୍ଟିଲେ ସେତେ ଗୋଳିଆ। ସବୁକଥାକୁ ଦବାଇ ଦେଇ ଉପରେ ଶାନ୍ତ ରହିବା ଓ ଠିକଣା ସମୟରେ ଉଚିତ ଲୋକଙ୍କୁ ଠିକ୍ ଜବାବ ଦେବାର ମୋ' ଗୁଣ ଓ ସାହସକୁ ଉଭୟ ଦାଦା ଓ ଖୁଡ଼ୀ ବହୁତ ପସନ୍ଦ କରନ୍ତି। ସେଇ ଦମ୍ଭରେ ମୁଁ ତାଙ୍କର ପିଛା କଲି । ଦାଦା ଯାଇ ବସିପଡ଼ିଲେ ବହିଗଦା ପାଖରେ ଚେୟାରଟିଏ ଟାଣିନେଇ। କ'ଣ ସବୁ ଖୋଜିବାରେ ଲାଗିପଡ଼ିଲେ । ଅଫିସ କାଗଜପତ୍ର ପରି ଲାଗୁଥିଲା କିଛି ଟାଣି ବାହାର କରିଲେ ସେ ଗଦାରୁ। ପୁଣି ତରତରରେ ଖୋଜି ଚାଲିଥାନ୍ତି ସେ। ମୋଟା ମୋଟା ବହିର ପୃଷ୍ଠା ଖେଳାଇ ଚାଲିଥାନ୍ତି। ମୋ' ଆଶ୍ଚର୍ଯ୍ୟର ସୀମା ରହିଲାନି। ମୋ' ଆସିବା ଶବ୍ଦରେ ଚମକିପଡ଼ିଲେ ଦାଦା ଓ ମୋତେ ଅନାଇଲେ ମୁହଁ ବୁଲେଇ। ତାଙ୍କ ମୁଖଭଙ୍ଗୀ ଦେଖି ମୋ' ହୋସ୍ ଉଡ଼ିଗଲା। ସେ କ'ଣ କିଛି ଚୋରା ଚଇତାଳି ଖୋଜିବାରେ ବ୍ୟସ୍ତ?



ନିଜ ମନୋଭାବକୁ ଲୁଚେଇବାକୁ ଯାଇ କହିଲି, 'କ'ଣ ଖୋଜୁଛନ୍ତି, ସାହାଯ୍ୟ କରିବି କି? ସେ କିଛି କହୁନଥାନ୍ତି। ବାରବାର ମୁଁ ପଚାରିବାରେ ସେ କହିଲେ- କିଛି ପାଇଛ କି ମା'?

ମୁଁ ଭାବିଲି, ଏ ବହିଗଦାରେ ପୁଣି କାହାର କିଛି ଦରକାରୀ ଜିନିଷ ଥାଏ? ଏତେବର୍ଷ ଧରି ବନ୍ଦ ହୋଇ ପଡ଼ିଥିଲା, କାହାର କିଛି ଦରକାରରେ ଆସୁନଥିଲା । ଆମେ ଯେମିତି ସଫାସଫି କରି ରଦ୍ଦିରେ ଫିଙ୍ଗିବାକୁ ବାହାରିଛୁ, ସବୁ ଦରକାରୀ କାଗଜ କ'ଣ ଉଜ୍ଜୀବିତ ହୋଇଉଠିଲା? ଜିନିଷ ଓ ପ୍ରବୃତ୍ତି ଜମେଇବା ସହଜ କିନ୍ତୁ କମ୍ କରିବା କଷ୍ଟ।

'କିଛି ଓଡ଼ିଆ ବହି ପାଇଛ? ମାନେ ମୋଟା ବାଇଣ୍ଡିଙ୍ଗ, ପୃଷ୍ଠାସବୁ ଫିଟି ଖୋଲି ଯାଇଥିବ।'

ଥଙ୍ଗେଇ ଥଙ୍ଗେଇ କହିଲେ ଦାଦାଶ୍ୱଶୁର ।

କିଛି ବୁଝିପାରୁ ନଥାଏ ମୁଁ ଏଇ ବହିସ୍ତୂପରୁ କାହାକୁ ସେ ଇସାରା କରୁଛନ୍ତି, ତଥାପି ଖୋଜୁଥାଏ । ସବୁତ ବର୍ଷ ବର୍ଷର ପୁରୁଣା, ଅଯଥା ସାଇତା ବହି, ଖାତା, କାଗଜ, ଫାଇଲ ଇତ୍ୟାଦିର ବଡ଼ଗଦିଟାଏ ଠୁଳ ହୋଇଛି। ତା ମଧ୍ୟରୁ ନାମ ନଜାଣିଲେ କିପରି ଖୋଜିବି?

ବହିର ନାଁ 'ସରାଇଘର।' ଟିକେ ଥମିଯାଇ କହିଲେ, 'ଆଉ କିଛି ପାଇଛକି ? ଫାଇଲ, ପଲିଥିନ୍ ପ୍ୟାକେଟ୍ ସହିତ କିଛି ପେପର?

ଦାଦା ଖୁବ୍ ଆଶାୟୀ ଥିଲେ ଓ ମୁଁ ଖୁବ୍ ନିରାଶ ଥିଲି।

ମୁଁ ଭାବୁଥାଏ, ଦାଦାଶ୍ୱଶୁର ଏତେବଡ଼ ଚାକିରି କରିଥିଲେ, ରିଟାଏର୍ଡ଼ ପ୍ରଫେସର । ସେ ଏଇ ଗଦାରେ ଏମିତି କି ଦରକାରୀ ଜିନିଷ ଲୁଚାଇ ରଖିଥିଲେ ?

ମୁଁ କହିଲି - ହଁ କାଗଜ ତ ଅନେକ ମିଳିଛି, କିନ୍ତୁ ଆପଣଙ୍କ କେଉଁଟି ଦରକାର?

ସେ କହିଲେ - ମୋର ଏଲ୍ଆଇସି ପେପର୍ ପ୍ରାୟ ଚାଳିଶ ବର୍ଷ ତଳର। ଏଇ ଘରେ କୁଆଡ଼େ ରହିଗଲା ଯେ, ଜମା ମିଳିଲାନି। ମୁଁ କିଛିଦିନ ଖୋଜାଖୋଜି କରି ପୁଣି ଏଜେଣ୍ଟ ସହ ଯୋଗାଯୋଗ କଲି । ମାତ୍ର ସନ୍ଧାନ ପାଇଲିନି। ବହୁବର୍ଷ ଏମିତି ବିତିଗଲାଣି। ଭାବୁଛି କମ୍ପ୍ୟୁଟର ଯୁଗରେ କାଗଜ ଟୁକୁଡ଼ାଏ ମିଳିଗଲେ ଯଥେଷ୍ଟ। ହଁ ଏଇଠି ନ ହେଲେ ବି ସେ 'କାଗଜ ଘରେ' ଥାଇପାରେ।

ମୁଁ ପ୍ରାୟ ଚିହିଁକି ଉଠିଲି। ପୁଣି ସେ 'କାଗଜ ଘର' ଘଣ୍ଟାଚକଟା ହେବ? ହେ ପ୍ରଭୁ !

ଯେତେ ପରିଶ୍ରମ ଆମେ କରିଛୁ ସେଦିନ, ଆମେ ହିଁ ଜାଣୁ ।

ମନୋଭାବକୁ ଘୋଡ଼େଇ କହିଲି - ଏତେ ପୁରୁଣା ଦିନର କାଗଜ କ'ଣ ମିଳିବ? ବିଗତ ଚାଳିଶବର୍ଷ ଧରି ଆପଣ ତା' ବିନା ଖୁସିରେ ତ ଅଛନ୍ତି। ଆଉ କ'ଣ ଦରକାର ?


ସେଇଠୁ ଉଠିଆସିଲା ବେଳକୁ ଏକ ତୀବ୍ର ଓ ବ୍ୟତିବ୍ୟସ୍ତ ଦୃଷ୍ଟିରେ ମୋତେ ଅନେଇ ରହିଥିଲେ ଦାଦା ।

ତା'ପରଦିନ ରୋଷେଇଘର ବାରଣ୍ଡାରେ ବସି ନଡ଼ିଆପାତି ଛେଲୁ ଛେଲୁ ଖୁଡ଼ୀ ପାଟିକରି କହୁଥିଲେ, 'ସେଦିନ ଖରାବେଳଟାରେ ନ ଶୋଇ କି କାମ ଲଗାଇଲ କି ବୋହୂମା' ? ତାଙ୍କର ସେ ପୁରୁଣା ରୋଗ ପୁଣି ଆରମ୍ଭ ହେଲାଣି

ନା' କ'ଣ ? ଏଲ୍.ଆଇ.ସି. ଲୋନ, ବୀମା' ହଜିଯାଇଥିବା କାଗଜ କିଏ ଖାଇଗଲା – ଏମିତି ଖାଲି ଗପୁଛନ୍ତି । କେଜାଣି କି ବୀମା କରିଥିଲେ ? କେବେ ଦେଖିନି ମୁଁ ପଇସାପତ୍ର ବଳକା ହେବାର । ସବୁତ ଖର୍ଚ୍ଚବାର୍ଚ୍ଚ କରି ବସୁଥିଲେ । ଇଏ ପୁଣି ବୀମା ନା' ଆଉ କିଛି କରିଥିଲେ ବା !'

ଖୁଡ଼ୀଶାଶୁ ପୁଣି କହିଲେ,'ସମସ୍ତେ ମିଶି ଚଳିଯାଉଛୁ ଏଇଠି । ବେଳ ଆସି ସରିବାକୁ ବସିଲାଣି ସେଇ ପେନସନ୍ ଗଣ୍ଡାକରେ ଶାନ୍ତି ନାହିଁ ଯା'ଙ୍କର ।' କିଛିକ୍ଷଣ ପରେ ରାଗରେ ଗରଗର ହୋଇ କହିଲେ, 'ତୁମେ ସେ ରଦ୍ଦି ଜଲଦି ସଫାକର । କେଜାଣି ଏଲ.ଆଇ.ସି. କାଗଜପତ୍ର ନା ପ୍ରେମପତ୍ର ଗୁଡ଼ାଏ ଲୁଚାଇ ରଖିଥିଲେ ସେଥିରେ ?'

ଖୁଡୀଙ୍କ ନିଜ ବୋହୂ ସୁମି ଓ ମୁଁ ପରସ୍ପର ଅନାଅନି ହୋଇ ଚୁପଚାପ ହସି ନିଜ କାମରେ ଲାଗିଥାଉ । ବଡ଼ ପରିବାର ଅସରନ୍ତି କାମ । ମୋ' ବଡ଼ ଯା' ମୋନାଆପା ତରବରରେ ଆସି ସମସ୍ତଙ୍କୁ ଜଳଖିଆ ପରଷିଦେଲେ । ଶେଷରେ ଆମେ ତିନିହେଁ ଖାଇବସିବା ବେଳେ କହିଲେ, 'କାହିଁକି ତୁମେ ଦି'ଜଣ ସେ ବହିସ୍ତୁପ ଘାଣ୍ଟୁଥିଲ ? ମୋ' ବାହାଘରର ପ୍ରଥମ ବର୍ଷରୁ ହିଁ ଏକଥା ଜାଣିଯାଇଥିଲି ଯେ ଏଠିକାର ସମସ୍ତଙ୍କର ହୃଦର ସେଇ ବହି ଘରେ ସାଇତା ହୋଇଛି । ସବୁ କାରସାଦିର ମାଧ୍ୟମ ସେଇ ବହି । ତୁମେ ସେ ଅଳିଆଗଦା କାମ ସାରିଦିଅ ଜଲଦି । ତୁମ ଦେଢଶୁର ବି ଏଇନା ସେ ବହିଘରେ ପଶି କଅଣ ଖୋଜୁଛନ୍ତି, ରଦ୍ଦି ଘାଣ୍ଟିଲା ପରେ । କି ପୃଷ୍ଠାପତ୍ର ଓଲଟାଇବା ବାକି ରହିଯାଇଥିଲା ତାଙ୍କର ଭଗବାନ ଜାଣନ୍ତି ।'



ଆମର ଚାପା ହସ, ତାଙ୍କରି ଇଙ୍ଗିତ ଭରା ତାଚ୍ଛଲ୍ୟରେ ପୁଣି ଉକୁଟି ଉଠିଲା । ତିନିହେଁ ହସି ହସି ନିଜ ନିଜ କାମରେ ଚାଲିଗଲୁ । ଏହା ହିଁ ଯୌଥ ପରିବାରର ମଧୁରତା । ତୁମ ରାଗ-ରୋଷ, କଟୁତା, ମଧୁରତା, ସ୍ନେହ ଆଦର, ବିଦ୍ୱେଷ, ସମାଲୋଚନା, ସବୁକିଛି ବାଣ୍ଟିବା ପାଇଁ ଲୋକ ମହଜୁଦ ସବୁବେଳେ ।

ତା'ପରଦିନ ରୋଷେଇଘର କାମ ଶୀଘ୍ର ସାରି ଦୁଇଯା' ଓ ନଟିଆ ସିଧା ଚାଲିଲୁ ଛାତକୁ । ଉଦ୍ଦେଶ୍ୟ ଥିଲା, ବସ୍ତା ବସ୍ତା କରି ବହିଖାତା ସବୁ ତଳକୁ ଓହ୍ଲାଇ ଆଣି ପଛଗେଟ ପାଖେ ଗଦାକରିବା ଓ ସବୁଦିନ ସକାଳେ 'ମୁଁ ସଫେଇବାଲା' ଗୀତ ବଜାଇ ଆସୁଥିବା ମ୍ୟୁନିସିପାଲିଟି ଟ୍ରକରେ ବୋଝେଇ କରିଦେବା । ଆଧାରୁ ଅଧିକ କାମ ହୋଇଗଲାଣି ମାଡ଼ିଆସିଲା ତୀବ୍ର ଧୂମାଳ ପବନ ଓ ଖରାଦିନିଆ ଝଡ଼ । ବାଧ୍ୟହୋଇ ବହିସ୍ତୁପରେ ଆଖା, ପାଲ ଘୋଡ଼େଇ ଆଧାରୁ କାମ ଛାଡ଼ିଆସିଲୁ । ସତେକି ସଭିଙ୍କ ସ୍ୱପ୍ନ ଜବରଦସ୍ତି ଘୋଡ଼େଇ ହୋଇଯାଇଛି ପାଲତଳେ ।

ପରଦିନ ସକାଳୁ ସବା ସାନ ନଣନ୍ଦଙ୍କ ଲାଲ ଲାଲ ଆଖିମୁହଁ ଦେଖି ଆମର ହୋସ୍ ଉଡ଼ିଗଲା । ଯା'ଙ୍କର ପୁଣି ହେଲା କ'ଣ ? ବଡ଼ଯା' ଓ ଶାଶୁ ତାଙ୍କୁ ବୁଝାଇ ବୁଝାଇ ନୟାନ୍ତ । 'ଏତେବର୍ଷ ବାହାଘର ପରେ ବି ପିଲାଙ୍କ ପରି କାନ୍ଦୁଛ ? ଛିଃ ! କାନ୍ଦନି । ଏସବୁର ମହତ୍ତ୍ୱ ତୁମେ ପରେ ବୁଝିବ । ପାଠ ତ ଏତେ ପଢ଼ିଲ, ଯାହା ବାକି ରହିଛି ପରେ କରିନେବନି ? ଶାଶୁଘରୁ ସହଯୋଗ ଟିକେ ମିଳିଥିଲେ ତୁମେ କରିପାରିଥାନ୍ତ । ହଉ, ଦୁଇ ତିନିଟି ବର୍ଷ ଯାଉ ସାନଝିଅ ସ୍କୁଲ ଗଲେ ତୁମେ ଆରମ୍ଭ ପୁଣି କରିଦେବ ତୁମ ଅଧାରେ ଥିବା ପି.ଏଚ.ଡି କାମ ।

ଘରର ସବା ସାନଝିଅ ଜବା, ଭାରି ଅଳିଅଳି ସେ । ବାହାଘର ପରେ ନିଜ ସ୍ୱାସ୍ଥ୍ୟ ଓ ପରିବାର ଜଂଜାଳ ନେଇ ଏମିତି ବ୍ୟସ୍ତ ରହିଲେ ଯେ, ସାତ / ଆଠ ବର୍ଷ ହେଲାଣି ତଥାପି ଅଧା ରଖିଥିବା ପାଠ ସାରିପାରିଲେ ନାହିଁ । ସେଇ ଦୁଃଖରେ ସେ କାନ୍ଦୁଥିଲେ । ବହିର ଅଳିଆ ଗଦାରୁ ତାଙ୍କ ପୁରୁଣା ବହି ସନ୍ଧିରୁ ପୃଷ୍ଠାପତ୍ରଟିଏ ଗଳିପଡ଼ିଥିଲା । ସେଇଟି ଥିଲା ସେଇ ସମ୍ବନ୍ଧୀୟ ଜରୁରୀ କାଗଜଟିଏ, ଯାହା କି ହଜିଯାଇଥିଲା । ମିଳିଥାଆନ୍ତା କିପରି ?

ସେ ଯେ ତାଙ୍କ ପୁରୁଣା ବହିର ପୃଷ୍ଠାପତ୍ର ହୋଇଯାଇଥିଲା । ଅଚାନକ ବହିଗଦାରୁ ହିଁ ବାହାରିଲା । ଝିଅଙ୍କ ସବୁକାନ୍ଦ ତ ବାପଘରେ ହିଁ ବାହାରେ ନା ?

ସେଠି ପହଞ୍ଚିଲେ ଝିଅଟିଏ କିଛି ସମୟ ପାଇଁ ଭୁଲିଯାଏ କି ସେ କାହାର ବୋହୂ, କାହାର ସ୍ତ୍ରୀ ଅବା କାହାର ମାଆ ।

ହଷ୍ଟେଲରୁ ଖରାଛୁଟିରେ ଘରମୁହାଁ ହୋଇଥିବା ଓ ପାଠପଢ଼ାର ଶେଷ ପାହାଚରେ ଥିବା ମୋ' ସାନଦିଅର ଲୋକେଶ, ସାରା ଦ୍ୱିପ୍ରହର ସେଇ ଛୋଟ କାଗଜଘରେ ଭିତରେ ପଶି କଅଣ ସବୁ ଘାଣ୍ଟୁଥିଲେ । ଆମକୁ ରଦ୍ଦି ଉଠାଇବାରେ ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇ ବହୁପ୍ରକାର ବାହାନା ଦେଖାଇ ଆହୁରି ଗୋଟିଏ ଦିନ ଟାଳିଦେଲେ ଆମ ସଫେଇ କାମ। ଦିନସାରା ଟଣାଓଟରା, ଫୋପଡ଼ାଫିଙ୍ଗା କରି ଶେଷରେ ବିଜୟଦର୍ପରେ ସେ ଘରୁ ବାହାରି ଆସିଲେ। ଆପଣାଛାଏଁ ଦୁଇ /ତିନି ଭାଇ ମିଶି ଛାତ ଉପରର ରଦ୍ଦିକୁ ବୋହିଆଣି ତଳେ ପୂର୍ବ ନିର୍ଦ୍ଧାରିତ ଜାଗାରେ ଜମା କରିଦେଲେ । ଆମେ ଦୁଇ ଯାଆ ବହୁତ ଖୁସି । ବାଃ ! କାମ ସରିଗଲା। କାଲି ସକାଳୁ 'ମୁଁ ସଫେଇବାଲା, ସାରା ସହରରେ ମୋ ନା' ହଲ୍ଲା ' ଗାଡିରେ ନଦିଦେଲେ ଏ ସମସ୍ତ ପ୍ରହସନ ସରିଯିବ। ଆମମାନଙ୍କ ସନ୍ଧାନୀ ଆଖିରୁ ଦିଅରଙ୍କର ଛାତି ପକେଟ୍‌ରେ ଥିବା ମୟୂରପୁଚ୍ଛ ଓ ତା' ସହିତ କିଛି ଶୁଖିଲା ପତ୍ର ଓ ଫୁଲ ଯାହାକି ବହିର ପୃଷ୍ଠାପତ୍ର ରୂପେ ଚାପିହୋଇ ରହିଥିଲା ଏତେବର୍ଷ ବାଦ୍ ଗଲାନି। ସାନ ଦିଅର ତ ତେଣୁ ଥଟ୍ଟାମଜାରେ ନା ନା କଥା କହିଲୁ । 'ସ୍କୁଲ ଦିନରୁ ପ୍ରେମ ?'

'ଅନାଅନି ଚାଲିଥିବ ଏବେ ବି ନୁହଁ?'

'ଇସ୍ କି ବାସ୍ନା, ଏବେ ବି ବାସୁଛି ମହମହ।'

ମୁରୁକି ହସି ଦିଅର କହିଲେ, 'ଖାଲି ସେତିକି ନୁହେଁ, ଅଧାପଢ଼ା ଦରକାରୀ ବହି ବି ପାଇଲି। ପଢ଼ିବ କି ଭାଉଜ ?'

ସନ୍ଧ୍ୟାଧୂପ ଓ ଆଳତି ପରେ ସବୁଦିନେ ଦାଣ୍ଡ ବାରଣ୍ଡାରେ ମାଳା ଜପ କରନ୍ତି ଜେଜେ ଶ୍ୱଶୁର। ଶରୀର ନରମି ଗଲାଣି କିନ୍ତୁ ମୁଣ୍ଡଟି ପୂରା ଠିକ୍ ଅଛି। ଘରଟି ବଡ଼ ଓ ଚଲାବୁଲାକୁ ସେ ଆଉ ପାରୁନଥିବାରୁ ପ୍ରାୟ ହୁଇଲଚେୟାରରେ ବସିରହନ୍ତି। ସେଥିରେ ବସି ସାରା ଘର ବୁଲିଆସନ୍ତି ସେ। ସେଦିନ ଜପ ସରିବା ପରେ ଗେଟ୍ ପାଖେ ଗଦା ହୋଇଥିବା ବହିସ୍ତୂପକୁ ଦେଖି ହଠାତ୍ ନଟିଆକୁ ଡାକପକାଇଲେ ଜେଜେ, 'ଏସବୁ କ'ଣ କିରେ ନଟୁ ?' ନଟିଆ ବୁଝାଇଦେଲା ସମଗ୍ର ଘଟଣା। ସେମିତି ହୁଇଲ ଚେୟାରରେ ବସି ସେ ତାଙ୍କର ପିଲାମାନଙ୍କୁ ଡାକ ପକାଇଲେ। ମୋ' ଶ୍ୱଶୁର, ଦାଦା ଶ୍ୱଶୁର, ଦେଢ଼ଶୁରଙ୍କୁ ଡାକି କହିଲେ, 'ବୋଉର ଭାଗବତ ବହିଟା, ନାଲିଆ ରଙ୍ଗର ମଲାଟ, ମନେଅଛି ? ଯା' ଭିତରେ କେଉଁଠି ନାହିଁ ତ! ଖୋଜିଦେଲରେ ଟିକେ। କାଳେ ମିଳିଯିବ ?'

**ଏଥର ସାରାଘର ହୁଲସ୍ଥୁଳ। ଜେଜେବାପା ଓ ଜେଜେମାଆର ବହୁବର୍ଷର ନିତିଦିନିଆ ପଢ଼ାବହି ଖଣ୍ଡକ କାହିଁକି ଖୋଜୁଛନ୍ତି ?**

ଏଥର ସାରାଘର ହୁଲସ୍ଥୁଲ। ଜେଜେବାପା ଓ ଜେଜେମାଆର ବହୁବର୍ଷର ନିତିଦିନିଆ ପଢ଼ାବହି ଖଣ୍ଡକ କାହିଁକି ଖୋଜୁଛନ୍ତି ? ବଡ଼ ଲାଇଟ୍ ଗୋଟେ ଲାଗିଲା ଗେଟ୍ ପାଖରେ। କାଗଜଘର ଓ ସବୁ ବହିପତ୍ର ଥାକ ସବୁ ଖୋଜା ଚାଲିଲା। ଆମ ଦୁଇଯାଆଙ୍କ ଉପରେ ସଭିଏଁ ଖପ୍ପା। ଯେତେକ ଅଯଥା ବେପାର ଏଇ ସଫେଇ କାମ। ରୋଷେଇଘର ବାରଣ୍ଡାରେ ମୋ' ଶାଶୁ ଓ ଖୁଡ଼ୀଶାଶୁ ଗପୁଥିଲେ ପୁରୁଣା କଥା। କଛିବର୍ଷ ପୂର୍ବେ କିପରି ଭାଗବତ ପଢୁପଢୁ ଜେଜେମାଆ ଚାଲିଗଲେ ଅଚାନକ। କ'ଣ ଦିନେ ଦୁଇଦିନ ବେମାର ପଡ଼ିଥିଲେ। ନିତିଦିନିଆ କାମ ସାରି ଏମିତି ବସି ପଢୁପଢୁ ଧିରେ ଆଖି ବୁଜି ଦେଲେ। ବୋଉ କହୁଥିଲେ, ଜେଜେମାଆ ସବୁବେଳେ ପୃଷ୍ଠାପତ୍ର ବା ବୁକମାର୍କ ପାଇଁ ଅଶ୍ୱତ୍ଥପତ୍ରଟିଏ ଓ ଜେଜେବାପାଙ୍କ ଫଟୋଟିଏ ରଖୁଥିଲେ।

ଖୋଜାଖୋଜିର ଅନ୍ତ ହେଲା ପ୍ରାୟ ତିନି ଚାରିଘଣ୍ଟା ପରେ। କେଉଁ ସନ୍ଧିରେ ଧୂଳି ଧୂସରିତ ହୋଇ ପଡ଼ିଥିଲା ପୁରୁଣା ଲାଲ ରଙ୍ଗର ବାଇଣ୍ଡିଙ୍ଗ ମୋଟା ବହି ଖଣ୍ଡେ । ତାକୁ ଧରି ଖୁବ୍ ଯତ୍ନରେ ଦେଖୁଥିଲେ ଜେଜେବାପା । ମୁଖମଣ୍ଡଳ ଖୁବ୍ ଉଜ୍ଜ୍ୱଳ ଆନନ୍ଦରେ, ହସଖିଅଟିଏ ଲାଖିଥିଲା। ସତେ ଅବା ଜେଜେମାଆର ହାତ ସ୍ପର୍ଶ ପାଉଛନ୍ତି ସେ। ଖୋଲି ଦେଖୁ ଦେଖୁ ତା' ଭିତରୁ ଖସିପଡ଼ିଲା ତାଙ୍କ ଯୁବାବୟସର ଫଟୋଟିଏ ଓ ଶୁଖିଲା ଝୁରଝୁର ଅଶ୍ୱସ୍ଥ ପତ୍ରଟିଏ, ଏକାଦଶ ସ୍କନ୍ଧ ତ୍ରୟୋବିଂଶ ଅଧ୍ୟାୟରୁ। ଏସବୁ କାହିଁକି ସେ ରଖୁଥିଲେ, ସେ ମନସ୍ତତ୍ତ୍ୱ ବୁଝିବା ଆମ ପାଇଁ ବହୁତ କଷ୍ଟସାଧ୍ୟ ଥିଲା । ସେଇ ବୁଝାମଣାର ସଂସାରକୁ ଆମେ ଆଜି ଆଗେଇନେଉଛୁ ।

କାହା ପାଇଁ ପୃଷ୍ଠାପତ୍ର ହଜିଲା ଧନ ତ କା ପାଇଁ

ଚୋରା ଚଇତାଳି । ବେଳେ ବେଳେ ଅତୀତର ସୁଖ ବା ଦୁଃଖର ସ୍ମୃତି ତ ଜୀବନର ମାନଦଣ୍ଡ। ଜେଜେବାପା କହିଲେ, 'ସେ ପଢ଼ା ଯେଉଁଠି ଛାଡ଼ିଥିଲା, ସେଇଠୁ ଆରମ୍ଭ ହେବ ଓ ତା' ପୁଣ୍ୟତିଥି ଅଗରୁ ସରିବ।' ପୃଷ୍ଠାପତ୍ରର ପ୍ରଭାବରୁ ଭାଗବତ ବୋଲାହେଲା ଘରେ।

**କାହା ପାଇଁ ପୃଷ୍ଠାପତ୍ର ହଜିଲା ଧନ ତ କା ପାଇଁ ଚୋରା ଚଇତାଳି । ବେଳେ ବେଳେ ଅତୀତର ସୁଖ ବା ଦୁଃଖର ସ୍ମୃତି ତ ଜୀବନର ମାନଦଣ୍ଡ।**

ମନଟି ହୋଇ କର୍ମ ମୟ
ନାନା ପ୍ରକାରେ ସୃଜେଦେହ ॥
ପ୍ରାଣୀ ଜୀବନ ଅନ୍ତକାଳେ
ମନ ଇନ୍ଦ୍ରିୟ ପଞ୍ଚମେଳେ ॥
ପ୍ରାଣ ସଙ୍ଗତେ ଛାଡ଼ି ବେଗେ
କର୍ମାନୁସାରେ ଜନ୍ମ ଲଭେ ॥
ଏ ଆତ୍ମା ମନ ପଛେ ପଛେ
ସ୍ୱଭାବେ ବୁଲି ପ୍ରତ୍ୟକ୍ଷେ ॥

ହରିବୋଲ, ହରି ହରିବୋଲ ଶବ୍ଦରେ ଘରଟି ପୂରିଲା ପୂରିଲା ଲାଗୁଥିଲା ସଞ୍ଜବେଳେ ।

□□

ଲେଖିକାଙ୍କ ଇ-ମେଲ ଠିକଣା:
sagarika.ala@gmail.com

---

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ଏକ ନିରୁତା ସାହିତ୍ୟ ପତ୍ରିକା। ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ।

୨. ପ୍ରବନ୍ଧ, ସମାଲୋଚନା, ଗଳ୍ପ, ରମ୍ୟରଚନା, ବ୍ୟଙ୍ଗ, କବିତା, ଅନୁବାଦ ଓ ଶିଶୁଗଳ୍ପ ଆଦି ଯେକୌଣସି ବିଭାଗର ଲେଖା ପଠାଇ ପାରନ୍ତି। ଆମେ ଗଦ୍ୟ ରଚନାଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦେଉ।

୩. ପତ୍ରିକାରେ କେବଳ ଭାଷା ଓ ସାହିତ୍ୟ ଉପରେ ଆଧାରିତ ପ୍ରବନ୍ଧମାନ ପ୍ରକାଶିତ ହୁଏ। ଅବଶ୍ୟ କେବଳ ରଥଯାତ୍ରା ଓ ଦଶହରା ଅବସରରେ ପ୍ରକାଶିତ ସଂଖ୍ୟାରେ ଏହାର କିଛି ବ୍ୟତିକ୍ରମ ହୋଇଥାଏ।

୪. ପତ୍ରିକା ପାଇଁ କୌଣସି ପ୍ରବନ୍ଧ ଲେଖିବା ଆରମ୍ଭ କରିବା ପୂର୍ବରୁ ଦୟାକରି ଆମକୁ ତାହାର ବିଷୟ ସମ୍ପର୍କରେ ପୂର୍ବରୁ ଇ-ମେଲ୍ କିମ୍ବା ହ୍ୱାଟ୍ସଆପ୍ ଯୋଗେ ଜଣାନ୍ତୁ। ଆବଶ୍ୟକ ହେଲେ ଏ ବିଷୟରେ ଫୋନ୍‌ରେ ମଧ୍ୟ ଆଲୋଚନା କରିପାରନ୍ତି।

୫. ଲେଖାଗୁଡ଼ିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ। ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ପଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି।

୬. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ। ଏପରିକି ଫେସ୍‌ବୁକ୍ ଇତ୍ୟାଦିରେ ପ୍ରକାଶିତ ଲେଖା ମଧ୍ୟ ପଠାନ୍ତୁ ନାହିଁ।

୭. କବି ଓ ଲେଖକମାନଙ୍କୁ ଅନୁରୋଧ, ପୂର୍ବରୁ ଆମର ପତ୍ରିକାଟି କେବେ ଥରଟିଏ ହେଲେ ପଢ଼ିନଥିଲେ, ଦୟାକରି କୌଣସି ଲେଖା ପଠାନ୍ତୁ ନାହିଁ।

୮. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ।

୯. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ।

୧୦. ଲେଖକମାନଙ୍କ ପାଖକୁ ମାନଦେୟ ସ୍ୱରୂପ ଛଅ ମାସ ପାଇଁ ପତ୍ରିକା ପଠାଇବାର ବ୍ୟବସ୍ଥା ଅଛି। ମାତ୍ର ସାହିତ୍ୟ ଚର୍ଚ୍ଚା ପରିବାରର ସଦସ୍ୟମାନଙ୍କୁ ଏହି ମାନଦେୟ ପ୍ରେରିତ ହୁଏନାହିଁ।

୧୧. ଚୟନ କରାଯାଇଥିବା ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବାକୁ ନିବେଦନ।

୧୨. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି।

୧୩. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସମ୍ପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସମ୍ପାଦନା ମଣ୍ଡଳୀର ରହିଛି।


ରମ୍ୟରଚନା

# ମୁଁ ସାହିତ୍ୟିକ ହେବି



ନାରାୟଣ ଚନ୍ଦ୍ର ଶତପଥୀ

ସୁକେଶ ବାବୁଙ୍କର ଏକା ଜିଦ୍ ସେ ସାହିତ୍ୟିକ ହେବେ । ଯାହା ହେବାର ହେଉନା କାହିଁକି ସେ ନିଶ୍ଚୟ ସାହିତ୍ୟିକ ହେବେ ହିଁ ହେବେ । ଏଥିପାଇଁ ପାଞ୍ଚ ପଚିଶ ଖର୍ଚ୍ଚ ପଡ଼ିଲେ ବି ସେ ସାହିତ୍ୟିକ ହେବେ । ଦେଖ ହୋ, ସେ ବଗଡ଼ା ଚାଉଳର ଭାତଖିଆ ନଟବର ସାହିତ୍ୟିକ ହୋଇଗଲା । କ'ଣ ଖଣ୍ଡେ ଦି'ଖଣ୍ଡ ବହି ଲେଖିଦେଲା, ନିଜ ଖର୍ଚ୍ଚରେ ଛାପିଦେଲା । ଗୋଟେ ପ୍ରକାଶକର ନାଆଁ ବସେଇଦେଲା । ତା'ପରେ - ତା'ପରେ ସେ ସାହିତ୍ୟିକ ବନିଗଲା । ଅଥଚ ସୁକେଶ ବାବୁଙ୍କର ଦୁଇଟା ଗପ ଏବେ ଦୁଇଟା ପତ୍ରିକାରେ ବାହାରି ପଡ଼ିଛି । କେବଳ ସେତିକି ନୁହେଁ, ଆଉ ଦୁଇଟି କବିତା ଦୈନିକ ଖବରକାଗଜ ପରିମଳରେ ବାହାରି ପଡ଼ିଲା । ଅଥଚ ତାକୁ କେହି ପଚାରିଲେ ନାହିଁ କି ଫେସବୁକରେ ଦେଲାପରେ ଗୋଟେ ଲାଇକ୍ କିମ୍ବା କମେଣ୍ଟ କିମ୍ବା ସେୟାର କିଛି ବି ପାଇଲାନାହିଁ । ସୁକେଶ ବାବୁ କ'ଣ ମାହାଳିଆ ଲୋକ । ତା' ଗପ, କବିତା ପଢ଼ି ବାରିଦିଅନ୍ତୁ ତ କେଉଁ ଗୁଣରେ ତାଙ୍କ ଲେଖା କମ୍ । ଠିକ୍ ଅଛି, ଘରେ ପଡ଼ିଥିବା ଗୋଟେ ଅଧାଲେଖା ଉପନ୍ୟାସଟାକୁ ସାରିବାକୁ ପଡ଼ିବ । 'ଡାଏରୀ'ରେ ଲେଖିଥିବା କୋଡ଼ିଏ ତିରିଶ କବିତାକୁ ଟିକେ ବଢ଼େଇ କବିତା ବହିଟେ ପ୍ରକାଶ କରିଦେଲେ ତାଙ୍କ ନାଆଁ ଯାଇ କେଉଁଠି ନା କେଉଁଠି ପହଞ୍ଚିଯିବ । ଆରେ ଏ ନଟବର ନିଜକୁ କ'ଣ ଭାବୁଛି କି? ଏକା ସାଇରେ ଘର । ସାଇଭାଇ ଅଥଚ ନଟବର ତାଙ୍କ କଥାକୁ ଶୁଣୁନାହିଁ ମାନେ ତାକୁ ଖାତିର କରୁନାହିଁ । ସେ ମନେ ମନେ ହେଣ୍ଡିମାରୁଛି । ହଉ, ରହରେ ପୁଅ ଏ ସୁକେଶ ବି କୌଣସି ଗୁଣରେ କମ୍ ନୁହଁ । ଏଇ ଉପନ୍ୟାସ, କବିତା ବହି ଦୁଇଟା ବାହାରିଗଲେ ସେ ଏକାଧାରରେ ଔପନ୍ୟାସିକ ଓ କବି ପଦବୀ ପାଇଯିବେ । ନା, ତାଙ୍କୁ ଏ କାମ କରିବାକୁ ହେବ । ଅଲବତ କରିବାକୁ ହେବ । ଆର ସାହି ଗୁଣ୍ଡୁରି ବି କହୁଥିଲା, ଲେଖା ଲେଖିବତ ନଟବର ପରି । ଆଉ ଏ ସୁକେଶ ଭାଇନା? କୋଉଗୁଣରେ ସରି ଯେ । ଭାଙ୍ଗିଦେବି ତା' ଦମ୍ଭ ଭାଙ୍ଗିଦେବି । ଏ ସୁକେଶ ଜଣେ ସାଧାରଣ ଲୋକ କିନ୍ତୁ କଥାପଡ଼ିଲେ ସାଂଘାତିକ ହୋଇପାରେ ଏକଥା ନଟବର ଆଉ ଗୁଣ୍ଡୁରି ବୁଝିବା ଦରକାର ହେବ । ସୁକେଶ ବାବୁ ଲେଖାକୁ ବେଖାତିର । କମ୍ କଥା ନୁହଁ? ଏତେ ଦିମାକ ତାଙ୍କର । ରହରେ ପୁଅ ଦେଖେଇ ଦେଉଛି କେମିତି ତୁମ ଆଖି ଝଲସିଯିବ । ହୁଁ । ବିଧାତାଏ ମାରିଲେ ସାମନାରେ ଥିବା ଟେବୁଲଟାକୁ । ଟେବୁଲ କଡ଼ରେ ଥିବା କପ୍‌ପ୍ଲେଟ୍ ଦୁଇଟି ଚଟାଣରେ ପଡ଼ି ଠଣ୍ଠଣ୍ ଶବ୍ଦ କରୁ କରୁ ଭାଙ୍ଗି ୨/୩ ଖଣ୍ଡ ।



ସୁକେଶବାବୁ ସେଇ ଶବ୍ଦରେ ଚମକି ପଡ଼ିଲେ । ଆରେ ଏ ଦୁଇଟାଙ୍କର ପଞ୍ଚତ୍ୱ ପ୍ରାପ୍ତ ହୋଇଗଲା, ଉଁଃ ବହୁଦିନର ସାଥୀ ଏ ଦୁଇଟି । ସେ ବି ଆଜି ରୁଠିଗଲେ । ସୁକେଶ ବାବୁ ମୁଣ୍ଡରେ ହାତଦେଲେ । ସତରେ ସୁଖ ବେଳେ ସମସ୍ତେ ଥାଆନ୍ତି, କିନ୍ତୁ ଦୁଃଖବେଳେ ସବୁ ସାଥୀ ଛାଡ଼ି ଚାଲିଯାଆନ୍ତି । ଅଗେ ନଟବର ଗଲା, ତା'ପରେ ଗୁଣ୍ଡୁରି ଆଉ ଏବେ? ଏବେ ଏ କପ୍‌ପ୍ଲେଟ୍ ଦୁଇଟା । ମୁଣ୍ଡରେ ହାତ ରଖି ଆଖି ଦୁଇଟାକୁ ବୁଜି ବସିପଡ଼ିଲେ କିଛି ସମୟ । ତା'ପରେ...

## ଅଧାଲେଖା ପାଣ୍ଡୁଲିପି

ତା'ପରେ ନିରାଶ ଭାବରେ ଅଧାଲେଖା ପାଣ୍ଡୁଲିପିଟାକୁ ଧରି କିଛିକ୍ଷଣ ତାକୁ ଦେଖିଲେ । ଆରେ ଏଟା ଏତେ ମୋଟା ହେଲା କିପରି ? ସେ ଆଶ୍ଚର୍ଯ୍ୟ ହୋଇ ପାଣ୍ଡୁଲିପିଟାକୁ ଖେଳେଇଲେ । ଆରେ ଏ ସୁକେଶଟା ଗୋଟେ ବୁଦ୍ଧୁ । ଉପନ୍ୟାସଟି ସଂପୂର୍ଣ୍ଣ ହୋଇଯାଇଛି । ଆଉ ସେ ଜାଣିପାରି ନାହାନ୍ତି । ହା, ତୁ ବୁଦ୍ଧୁ, କେତେବେଳେ ଲେଖିଦେଇଛୁ ଅଥଚ ମନେନାହିଁ । ଆଁ, ସେ ଲେଖିଲେ କେତେବେଳେ ? ମନେ ପକାଇବାକୁ ବହୁତ ଚେଷ୍ଟାକଲେ । ନାଃ, କିଛି ମନେ ପଡୁନି । ଏମିତି ବି ହୋଇପାରେ, ଜୟଦେବଙ୍କ ଗୀତଗୋବିନ୍ଦରେ ଯେମିତି ଶ୍ରୀକୃଷ୍ଣ ଆସି ପଦପୂରଣ କରିଥିଲେ, ସେମିତି ଯଦି ଭଗବାନ ଆସି କେତେବେଳେ ଲେଖିଦେଇଥିବେ । ବାସ୍ ଏଥର ବାଜିମାତ୍ । ଭଗବାନ ନିଜେ ଆସି ଲେଖିଲେଣି ମାନେ ସୁକେଶବାବୁର ଏବେ କଚେ ପୁଅ ବାର । ସାହିତ୍ୟିକ ହେବା ସୁନିଶ୍ଚିତ । ଏବେ ପ୍ରକାଶକ ଖୋଜିବାକୁ ହେବ । କିଏ ପ୍ରକାଶ କରିପାରିବ ? ଦେବୀ କୃପା ଅଛି, ଅର୍ଥ ନିଶ୍ଚୟ ପ୍ରକାଶକ ମିଳିଯିବେ । ସେ ଆଉ ଲେଶ ମାତ୍ର ଅପେକ୍ଷା କରିପାରିବେନି । ତା'ପରେ ଉଠି ପ୍ୟାଣ୍ଟସାର୍ଟ ପିନ୍ଧି ମୁଣ୍ଡଟାକୁ ବାଗେଇକରି କୁଣ୍ଡେଇ, ସାର୍ଟଟାରେ ଟିକେ ସେଣ୍ଟ୍ ପକେଇ ସୁକେଶ ବାବୁ ଫଟାଫଟ୍ ତୟାର ।

## ପ୍ରକାଶକଙ୍କୁ ଓଲିକି

"ଦେଖନ୍ତୁ ଆଜ୍ଞା, ମୁଁ ଖୁବ୍ ସରଳ ଲୋକ । ଛନ୍ଦକପଟ କିଛି ଜାଣେନା ।" ସୁକେଶବାବୁ ଜଣେ ପ୍ରକାଶକଙ୍କ ପାଖରେ ପହଞ୍ଚି ଗୋଟେ ସରୁ ଓଲିକି ମାରି କହିବାକୁ ଆରମ୍ଭକଲେ । ଏବେ ପରିମଳ ଖବରକାଗଜରେ ମୋର ଦୁଇଟା କବିତା ପଢ଼ିଥିବେ । ଆଃ, କବିତା ନୁହେଁ ତ ସତେ ଯେମିତି ମଧୁଝରା, ପଢ଼ିଲେ ମନ ପ୍ରଫୁଲ୍ଲ ହୋଇଯିବ । ଆଉ ପତ୍ରିକା ଓଁକାର ସାହିତ୍ୟ ଆଉ ମନ ମଉଜ ପତ୍ରିକା ଦେଖିଥିବେ । ସେଥିରେ ମୋର ଦୁଇଟା ଗପ ବାହାରିଛି । ଗପ ନୁହଁ ତ ଥରେ ଆରମ୍ଭକଲେ ଶେଷ ନକରି ରହିପାରିବେ ନାହିଁ । ବୁଝିଲେ ଆଜ୍ଞା, ମୋ' ଲେଖା ତ ନୁହଁ, ସତେ ଯେପରି ବଜ୍ରବାଟୁଳି । ଛାଡ଼ନ୍ତୁ, ନିଜ ଢୋଲ ନିଜେ ବଜେଇବାଟା ଭଲନୁହଁ । କେବଳ ଆପଣଙ୍କୁ କହୁଛି, ମୋର ଗର୍ବ ଅହଂକାର ବୋଲି କିଛି ନାହିଁ । ହଁ, ନିଜ ଧେଣ୍ଡୁରା ନିଜେ ପିଟିବ । ଏଇ ନଟରେ ନିଜ ଢୋଲ ନିଜେ ବାଡ଼େଇ ଚାଲିଛି ନା, ଆଜ୍ଞା ମୁଁ ସେପରି ନୁହଁ ।' ସୁକେଶବାବୁ ବନ୍ଦ ହେଲେ ।

'ଆଚ୍ଛା ବାବୁ କ'ଣ ପାଇଁ ଆସିଛନ୍ତି ଏବେ ଦୟାକରି ପ୍ରକାଶ କରନ୍ତୁ ।' ପ୍ରକାଶକ ମହାଶୟ କହିଲେ ।

'ହେଇ ତ ଆପଣ କହିସାରିଲେଣି ପ୍ରକାଶ । ପ୍ରକାଶ ପାଇଁ ଆସିଛି ।' 'ପ୍ରକାଶ କି ପ୍ରକାଶକ ହେ ଲେଖକ ମହାଶୟ ?' ପ୍ରଶ୍ନକଲେ ପ୍ରକାଶକ ମହାଶୟ । ସେଇ ପ୍ରକାଶ ଆଜ୍ଞା, ମୁଁ ଗୋଟେ ଉପନ୍ୟାସର ପାଣ୍ଡୁଲିପି ଧରି ଆସିଛି ଆପଣ ପ୍ରକାଶ କରିବେ ବୋଲି । ହଁ ଆଜ୍ଞା ! ମୁଁ ବହୁତ ଜାଣିଛି ଆପଣଙ୍କ ପ୍ରକାଶିତ ବହିଗୁଡ଼ିକ ବିଷୟରେ । ଆପଣଙ୍କୁ ମିଛ ମତେ ସତ, ଆପଣଙ୍କ ଦ୍ୱାରା ପ୍ରକାଶିତ ଅନେକ ବହି ମୁଁ ପଢ଼ିଛି । କାରଣ ଆପଣ ସେଇ ପ୍ରକାଶକ ଯିଏ ବଜାରକୁ ବଛା ବଛା ଲେଖକଙ୍କ ବଛା ବଛା ବହି ସବୁ ପ୍ରକାଶ କରିଛନ୍ତି । ନାଁ କ'ଣ ଆଜ୍ଞା ।' ସୁକେଶବାବୁ ଢକ ଢକ କରି ପାଣି ପିଇଲା ପରି ପ୍ରଶଂସାଗୁଡ଼ାକ ସତେ ଯେପରି ପ୍ରକାଶକ ମହାଶୟଙ୍କୁ ପିଆଇଦେଲେ । 'ଆରେବାବୁ, ବହି ଏବେ ବଜାରେ ବିକ୍ରି ହେଉଛି ? ଲୋକେ ପାଠପଢ଼ା ବହି ବ୍ୟତୀତ ଆଉକିଛି ବହି କିଣୁଛନ୍ତି । ବଜାର ମାନ୍ଦା । ଏ ବେଳରେ ମୁଁ ବହି ପ୍ରକାଶକରି ମୋ' ନିଜର ଲସ୍ କରିବାକୁ କେମିତି ଯିବି ? ଉଠ, ଆଉ କଥାବାର୍ତ୍ତା ନାହିଁ କି ବହି ପ୍ରକାଶ କରିବାର ନାହିଁ ।' ପ୍ରକାଶକ ମହାଶୟ ନିରସ କଣ୍ଠରେ କହିଲେ ।

**ଆପଣ ସେଇ ପ୍ରକାଶକ ଯିଏ ବଜାରକୁ ବଛା ବଛା ଲେଖକଙ୍କ ବଛା ବଛା ବହି ସବୁ ପ୍ରକାଶ କରିଛନ୍ତି ।**

'କ'ଣ କହୁଛନ୍ତି ଆଜ୍ଞା, ଆପଣଙ୍କ ମୁହଁରୁ ଆଉ ନିରାଶା ଶୋଭା ପାଉନାହିଁ ଆଜ୍ଞା । ଆପଣଙ୍କ ପ୍ରକାଶିତ ବହିଗୁଡ଼ାକ ତ ସରକାର କିଣି ନେଉଛନ୍ତି କାହିଁକି ? କାହିଁକି ନା ଆପଣ ଶ୍ରେଷ୍ଠ ବହି ପ୍ରକାଶ କରନ୍ତି, ଅଥଚ.....' । ସୁକେଶବାବୁ ଚୁପ୍ ହେଲେ ।

'ନାହିଁ, କ୍ଷମା କରିବେ ଲେଖକବାବୁ । ମୁଁ ରିସ୍କ ନେଇପାରିବି ନାହିଁ ।'

'ଓହୋ, ଆପଣ ମୋ' ଲେଖା ବୋଧେ ପଢ଼ିନାହାନ୍ତି । ଥରେ ପଢ଼ନ୍ତୁ ଜାଣିବେ ସୁକେଶ ଲେଖକ କେମିତିକିଆ


ଲେଖକ । ଦେଖନ୍ତୁ ଆଜ୍ଞା, ଆପଣ ପ୍ରକାଶ କରିଥିବା ଅଧିକାଂଶ ଗଦ୍ୟ ହେଉ ବା ପଦ୍ୟ ହେଉ, ଲେଖକ ବା କବିମାନେ ରାତାରାତି ସାହିତ୍ୟିକ ହୋଇଯାଉଛନ୍ତି । କିନ୍ତୁ ଆପଣ... ।'

'ଆଚ୍ଛାବାବୁ, ଆପଣ କ'ଣ ସାହିତ୍ୟିକ ହେବା ପାଇଁ ମୋ' ପାଖକୁ ଆସିଛନ୍ତି ?'

"ଆଜ୍ଞା ସେଇଥିପାଇଁ, କେବଳ ସେଇଥିପାଇଁ ଆସିଛି ।" ସୁକେଶବାବୁ ଖୋସାମତିଆ ସ୍ୱରରେ କହିଲେ, 'ସାହିତ୍ୟିକ ହେବି, ଲୋକଙ୍କଠାରୁ ବାହାବା ଶୁଣିବି । ସରକାରଙ୍କଠାରୁ ପ୍ରଶଂସା ପାଇବି । ହୁଏତ କାହା ପକ୍ଷରୁ କିଛି ଉପାଧି ବା ସମ୍ବର୍ଦ୍ଧନା ପାଇବି । ଆଉ ସେଥିରେ ଆପଣଙ୍କର ବିଜ୍ଞାପନ ବି ହେଇଯିବ ।' ସୁକେଶବାବୁ ପ୍ରକାଶକଙ୍କୁ ଟେକାଟେକି କରି କହିଲେ ।

'ଆପଣ ସାହିତ୍ୟିକ ହେବେ ?' ପ୍ରକାଶକଙ୍କର ପ୍ରଶ୍ନ ।

'ଆପଣ ଏପର୍ଯ୍ୟନ୍ତ କ'ଣ ଭାବୁଥିଲେ କି ? ମୁଁ କ'ଣ ଚାରଣ ପରି ଗାଇ ଚାଲିଥିଲି ନା କ'ଣ ? ଆମ ଗାଁର ନଟିଆ ସାହିତ୍ୟିକ ହୋଇଗଲା । ଅଥଚ ମୁଁ....' କହିଚାଲିଥିଲେ ସୁକେଶବାବୁ ।



'ଥାଉ, ଆଉ କହିବା ଦରକାର ନାହିଁ । ଆପଣ ସାହିତ୍ୟିକ ହେବା ବେଶ୍ ଭଲକଥା ।' ପ୍ରକାଶକ କହିଲେ, ମନରେ ବିଚାରକଲେ ଜିଅଳ ନ ପିଟୁଣୁ ବାଳିଆ ଧରାପଡ଼ିଗଲା । ଉତ୍ତମ ଶିକାର । ୟା'କୁ ଛାଡ଼ିଲେ ଚଳିବନାହିଁ । ନଇଲେ ବ୍ୟବସାୟରେ ଘାଟା ହୋଇଯିବ ।

'ଆଚ୍ଛା, ପାଣ୍ଡୁଲିପିଟା ଦେଲେ ମୁଁ ଦେଖେ । ଏ ପାଣ୍ଡୁଲିପି ବହି ହେଲେ ଆପଣଙ୍କୁ ସାହିତ୍ୟିକ ବନାଇପାରିବ ନା ନାହିଁ' ମୁହଁରେ ସ୍ମିତହସ ଫୁଟାଇ କହିଲେ ପ୍ରକାଶକ ମହାଶୟ ।

ସୁକେଶବାବୁ ଖୁବ୍ ଉଲ୍ଲସିତ ହୋଇ ପାଣ୍ଡୁଲିପିଟା ପ୍ରକାଶକଙ୍କୁ ଦେଇଦେଲେ । ତା'ପରେ ହସି ହସି କହିଲେ, 'କ'ଣ ଦେଖିବେ ଆଜ୍ଞା ! ଏମିତିକା ଉପନ୍ୟାସ ଆପଣ କେବେ ପ୍ରକାଶ କରିନଥିବେ ।'

**ପାଣ୍ଡୁଲିପିର ଓଜନ**

ପ୍ରକାଶକ ମହାଶୟ ପାଣ୍ଡୁଲିପିଟାକୁ ଲେଉଟାଇ ପଲଟେଇ ଦେଖିଲେ ସତେ ଯେମିତି ପାଣ୍ଡୁଲିପିର ଓଜନ ପରଖୁଛନ୍ତି ।

'ଆଜ୍ଞା ! ସୁକେଶବାବୁ ସାହିତ୍ୟିକ ହେବା ପାଇଁ ଆପଣଙ୍କୁ ଦେଇ କିଛି ପଇସା ଖର୍ଚ୍ଚ କରିବାକୁ ପଡ଼ିବ । ଆପଣ ହଁ ମାରିଲେ ମୁଁ ଏ ପାଣ୍ଡୁଲିପିକୁ ବହି ଆକରରେ ଛାପିଦେବି । ଏ ପାଣ୍ଡୁଲିପି ଛାପିବା ପାଇଁ ଆପଣଙ୍କୁ ଖର୍ଚ୍ଚ କରିବାକୁ ପଡ଼ିବ । ଅବଶ୍ୟ ଏହାର ବଜାରରେ ବିକ୍ରିବଟାର କାମ ମୁଁ ଚଳେଇବାକୁ ଚେଷ୍ଟାକରିବି । ଆପଣଙ୍କୁ ଗୁଡ଼େ ବହି ମୋଫତରେ ବାଣ୍ଟିବାକୁ ହେବ । ମହାନ ମହାନ ସାହିତ୍ୟିକମାନଙ୍କୁ ଏ ବହି ଦେଇ ତାଙ୍କୁ ଆପଣଙ୍କ ଆଡ଼କୁ ଢଳାଇବାକୁ ହେବ । ତା'ପରେ ଓଜନିଆ ଔପନ୍ୟାସିକ, ଗାଳ୍ପିକ, କବି ଦେଖି ତାଙ୍କୁ ମଧ ମୋଫତରେ ଦେବାକୁ ପଡ଼ିବ । ଦେଖନ୍ତୁ ! ମୁଁ ପରେ ସବୁ ଉପାୟ ବତାଇଦେବି । ମୋ'ପରି ପ୍ରକାଶକ ଆଉ ପ୍ରସିଦ୍ଧ ପ୍ରକାଶନ ସଂସ୍ଥା ଥାଉ ଥାଉ ଆପଣଙ୍କୁ କାହିଁ ଉପରକୁ ଉଠାଇ ଦେବ । କିନ୍ତୁ...

"ଓହୋ ମୁଁ କ'ଣ ବୁଝିଲି ନାହିଁ । ଖର୍ଚ୍ଚ ପାଇଁ ଚିନ୍ତା କରିବାର ନାହିଁ । ଥରେ ଖାଲି ସାହିତ୍ୟିକ ଷ୍ଟାମ୍ପଟା ମୋ' ଉପରେ ବସିଗଲେ ବଳେ ମୋ' ପାଖକୁ ପ୍ରକାଶକମାନଙ୍କର ଲାଇନ ଲାଗିଯିବ ଖଣ୍ଡେ ଖଣ୍ଡେ ଉପନ୍ୟାସ ପାଇଁ । ତା'ପରେ ବଜାରରେ ମୋ' ବହି ବ୍ୟାପିଯିବ । ତା'ପରେ ପଇସା ମୋ' ପାଖକୁ ଛୁଟିବ । ଆପଣ କାହିଁକି ବ୍ୟସ୍ତ ହେଉଛନ୍ତି । ଖର୍ଚ୍ଚବାର୍ଚ୍ଚ ପାଇଁ ଏ ସୁକେଶ ଔପନ୍ୟାସିକ ଓ କବି କେବେ ପଛେଇଯିବ ନାହିଁ । ଆଉଗୋଟେ କବିତା ବହିର ପାଣ୍ଡୁଲିପି କାଲି ଦେଇଦେବି । ସେଟାକୁ ବି ଆପଣ ଛାପିଦେବେ । ଏକାଧାରରେ ଔପନ୍ୟାସିକ ଆଉ କବି ପାଲଟିଯିବି । ତା'ପରେ... ।"

"ଶୁଣନ୍ତୁ ଲେଖକ ମହାଶୟ, ୟା'ପରେ ଅନେକ କାମ କରିବାକୁ ଅଛି, ବହି ବାହାରିଯିବ । ଆପଣ ମୋଫତରେ

ବାଣ୍ଟିବା କଥା ବାଣ୍ଟିବେ । ତା'ପର ପଦକ୍ଷେପ ହେଲା, ଆପଣ କୌଣସି ସାହିତ୍ୟ ସଂସଦର ଆଜୀବନ ସଦସ୍ୟ ହୋଇଯିବେ । ପଇସା ଦେଲେ ସେମାନେ ଖୁସିରେ ଆପଣଙ୍କୁ ତାଙ୍କ ସଂସଦର ସଭ୍ୟ କରିନେବେ । ଆପଣଙ୍କର ପ୍ରକାଶିତ ବହି ନଥାଉ ଆପଣ ସାହିତ୍ୟିକ ପାଲଟିଯିବେ ।" ପ୍ରକାଶକ ମହାଶୟ ଆଖିର ଭୂରୁ ନଚାଉ ନଚାଉ କହିଲେ ।

"ଏତିକି ମାତ୍ର କାମ ତ ?"

"ଓହୋ, ନଈ ନ ଦେଖୁଣୁ ଛାନିଆ କାହିଁକି ? ଏସବୁ ଢପଢ଼ଗିଆ କାମ ନୁହଁ । ଧୀରକାମ । ଧୀରେ ଧୀରେ ଆପଣଙ୍କ ନାଆଁ ସେଇ ସଂସଦବାଲା ପ୍ରଚାର କରିଦେବେ । ଆପଣ କୋଉ ସଭାରେ ଭାଷଣ ଦେଇଥାନ୍ତୁ ବା ନ ଥାନ୍ତୁ, କବିତାପାଠ କରିଥାନ୍ତୁ ବା ନ କରିଥାନ୍ତୁ, ଆପଣଙ୍କ ନାଆଁ ସେମାନେ ବିଭିନ୍ନ ଖବରକାଗଜରେ ବାହାର କରିଦେବେ । ପଇସା ପାଇଲେ ଶୀର୍ଷରେ ବସାଇଦେବେ । ତା'ପରେ..."

"ତା'ପରେ ଆଉ କ'ଣ ଆପଣଙ୍କ ନାଆଁରେ ଡିବିଡିବି ବାଜିଯିବ, ଆଉ ଆପଣ ସାହିତ୍ୟିକ ହୋଇଯିବେ । କିନ୍ତୁ..."

"ଓହୋ, ଆଉ ପୁଣି କିନ୍ତୁ କ'ଣ ?"

**ସେ ୟା'ଭିତରେ ଦଶ/ବାରଜଣ ତଥାକଥିତ ମୁଣ୍ଡିଆ ସାହିତ୍ୟିକଙ୍କ ସହ ଦେଖାକରି ସେମାନଙ୍କ ମନ ଜାଣିଗଲେ ।**

"ଆହେ ବାବୁ, ଏସବୁ ହେଲା ବିଷମ କାମ । ସେତିକିରେ ଆପଣଙ୍କ କାମ ଶେଷ ହୋଇଯିବନି ।"

"ତେବେ ?"

### ବହି ଉନ୍ମୋଚନର ବାଗ

"ହାତ ଖୋଲା କରିବାକୁ ହେବ । ଆପଣ ଆପଣଙ୍କ ଦ୍ୱାରା ଲିଖିତ ଦୁଇଟାଯାକ ବହିର ଉନ୍ମୋଚନ କରାଇବେ । ଆପଣ ସେଇ ମହାନ ମହାନ ବ୍ୟକ୍ତିଙ୍କ ମଧ୍ୟରୁ ୨/୩ ଜଣଙ୍କୁ ସଭାପତି, ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବରେ ନିମନ୍ତ୍ରଣ କରିନେବେ । ଆରେ ଡରିବାର କିଛି ନାହିଁ, ସେଇ ସଂସଦର ସଭ୍ୟମାନେ ସବୁ କରିଦେବେ । ଆପଣ କେବଳ ଆପଣଙ୍କ ଟ୍ରେଜେରିଟାକୁ ଖୋଲା ରଖିବେ । ତା'ପରେ କିଛି ଔପନ୍ୟାସିକ, ଔପନ୍ୟାସିକା, କିଛି ଗାଳ୍ପିକ, ଗାଳ୍ପିକା, ଆଉକିଛି କବି କବୟିତ୍ରୀମାନଙ୍କୁ ନିମନ୍ତ୍ରଣ କରିଦେବେ । ଆଉ ଏ ବିଷୟରେ ଖବରକାଗଜରେ ବାହାର କରିଦେବେ । ସାଧାରଣ ନିମନ୍ତ୍ରଣ ପତ୍ରଟାଏ ଖବରକାଗଜରେ ଛାପିଦେବେ ।"

"ଏତିକି ମାତ୍ର ତ ?"

"ଏଇତ ଆପଣ ପୁଣି ଡେଇଁଗଲେ । ଧୀରେ ଧୀରେ ଚାଲନ୍ତୁ । ଆପଣଙ୍କ କାମ ଏତିକିରେ ଶେଷ ହେଉନାହିଁ ।"

"ଆଉ ?"

"ଆପଣଙ୍କୁ ପୁଣି ମେଡିଆକୁ ଧରିବାକୁ ହେବ । ସେମାନେ ବାଇଟ୍ ନେବେ । ସଭାର ଫଟୋ ଉଠାଇବେ, ତାଙ୍କ ଖବରକାଗଜରେ ଛାପିବେ, ଟିଭିବାଲା ତାଙ୍କ ଚ୍ୟାନେଲରେ ଏସବୁ ଦେଖାଇବେ । ଆପଣ ଦେଇଥିବା ବାଇଟ୍ ଦେଖେଇବେ, ଶୁଣେଇବେ । ତା'ପରେ ଆପଣଙ୍କ ନାଆଁ ଚାରିଆଡ଼େ ବ୍ୟାପିଯିବ, ଆଉ ସରକାର ଆପଣଙ୍କୁ ସମ୍ବର୍ଦ୍ଧିତ ନ କରି ରହିପାରିବେନି ।"

"ଆରେ ବାଃ, ଏମିତି କଥା । ଆଗହେଉ, ଆପଣ ପୁସ୍ତକ ଦୁଇଟିକୁ ଛାପି ଦିଅନ୍ତୁ । ତା'ଭିତରେ ମୁଁ ଆପଣଙ୍କ କଥା ମୁତାବକ ବ୍ୟବସ୍ଥା କରୁଛି ।" ସୁକେଶବାବୁ କୃତ୍ୟହୋଇ ଫେରିଲେ କିଛି ପଇସା ପ୍ରକାଶକଙ୍କୁ ଦେଇ ।

କେତେଦିନ ପରେ.....

ସୁକେଶବାବୁ ପ୍ରକାଶକ ମହାଶୟ କହିବା କଥାନୁସାରେ କାମକଲେ । ପ୍ରକାଶକ ମହାଶୟ ତାଙ୍କୁ ଗୋଟେ ସାହିତ୍ୟ ସଂସଦର ନାଆଁ ଦେଇଥିଲେ । ସେଠାରେ ଯୋଗାଯୋଗ କରି ଆଜୀବନ ସଭ୍ୟ ହୋଇଗଲେ । ୨/୩ ସଂଧ୍ୟାରେ ସେମାନଙ୍କ ସହିତ ଜଳଯୋଗ ମଧ୍ୟ ହୋଇଗଲେ । ସଂସଦ ସଭାପତି ସୁକେଶ ବାବୁଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଲେ ଯେ, ସେ ଠିକ୍ ସମୟରେ ତାଙ୍କ କାମ କରିଦେବେ । ସୁକେଶବାବୁ ୟା'ଭିତରେ ଦଶ/ବାରଜଣ ତଥାକଥିତ ମୁଣ୍ଡିଆ ସାହିତ୍ୟିକଙ୍କ ସହ ଦେଖାକରି ସେମାନଙ୍କ ମନ ଜାଣିଗଲେ । ଆଉ ଲେଖକ ଲେଖିକାଙ୍କ ସହ ଦେଖାସାକ୍ଷାତ କଲେ । କେତେକ ଖବରକାଗଜ ଓ ଟିଭି ଚ୍ୟାନେଲ ରିପୋର୍ଟରମାନଙ୍କ ସହ ଯୋଗାଯୋଗ କଲେ । ତା'ପରେ ଦେଖିଲାବେଳକୁ ଗୋଟେ ଖବରକାଗଜରେ ସେଇ ସାହିତ୍ୟ ସଂସଦ ତରଫରୁ ଖବରକାଗଜ ନିମନ୍ତ୍ରଣ କାର୍ଡ଼ ଛପା ହୋଇଗଲା । ସାହିତ୍ୟ

ସଂସଦ ସୁକେଶବାବୁଙ୍କ ପୁସ୍ତକ ଉନ୍ମୋଚନ କରିବାର ତାରିଖ ନିର୍ଦ୍ଦିଷ୍ଟକରି ଲେଖା ବାହାର କରିଦେଲେ । କିନ୍ତୁ....

କିନ୍ତୁ ପ୍ରକାଶକ ମହାଶୟଙ୍କ ଅନୁସାରେ ପୁଣି ସେଇ ସାହିତ୍ୟ ସଂସଦ ଆଉ ଗୋଟାଏ ବିଜ୍ଞାପନ ଖବରକାଗଜକୁ ଦେଲେ, "ଅନିବାର୍ଯ୍ୟ କାରଣରୁ ସୁକେଶ ବାବୁଙ୍କ ପୁସ୍ତକ ଉନ୍ମୋଚନ ଓ ସଂସଦର ସଭାକାର୍ଯ୍ୟ ବାତିଲ କରାଯାଇଛି । ସେଥିପାଇଁ ସଂସଦ କ୍ଷମାଭିକ୍ଷା କରୁଛି । ପରବର୍ତ୍ତୀ ତାରିଖ ପୁଣିଥରେ ଘୋଷଣା କରାଯିବ ।"

ସୁକେଶ ବାବୁ ପ୍ରକାଶକ ମହାଶୟଙ୍କୁ ଏମିତି କାହିଁକି କଲେ ବୋଲି ବିରସ ମନରେ ପଚାରିଲେ ।

"ଆରେ ବାବୁ, ଆପଣ ଜାଣିନାହାନ୍ତି, ଏମିତି କଲେ ଲୋକଙ୍କର ଉତ୍କଣ୍ଠା ବଢ଼ିବ । ଯାଉ ଆଠଦିନ । ପୁଣି ଗୋଟେ ତାରିଖ ବାହାର କରିଦେବା । ଦେଖିବେ ଖାଲି ଲୋକ ଉପରେ ଲୋକ ଆପଣଙ୍କ ସଭାରେ ଯୋଗ ଦେବା ପାଇଁ ବାଡ଼ିଆବାଡ଼ି ହେବେ । ସେତେବେଳେ ଦେଖିବେ, ଆପଣଙ୍କ ମନ କିପରି ଉତ୍‌ଫୁଲିଆ ହୋଇଯିବ । କିନ୍ତୁ ତା'ପାଇଁ ବି ପଇସା ଦରକାର ହେବ ।"

**"ଆପଣ ଏମିତି କିଏ ଯେ ଲୋକ ଆପଣଙ୍କ ସଭାକୁ ଦଉଡ଼ିବେ ? କେତେ କେତେ ମହାରଥୀ ଏମିତି ଲୋକ ଯୋଗାଡ଼କରି ସଭା ଚଳାଉଛନ୍ତି ।"**

"କ'ଣ ପାଇଁ ?"

"ଲୋକ ଯୋଗାଡ଼ କରିବା ପାଇଁ ।"

"ମାନେ ?"

"ଆପଣ ଏମିତି କିଏ ଯେ ଲୋକ ଆପଣଙ୍କ ସଭାକୁ ଦଉଡ଼ିବେ । କେତେ କେତେ ମହାରଥୀ ଏମିତି ଲୋକ ଯୋଗାଡ଼କରି ସଭା ଚଳାଉଛନ୍ତି । ଆଉ ଆପଣ...."

"ହଉ ହେଲା, ମୁଁ ରାଜି ।" ସୁକେଶବାବୁ ଶୁଖିଲା କଣ୍ଠରେ କହିଲେ ।

ତା'ପରେ....

ତା'ପରେ ଆଠଦିନ ପରେ ଆଉଗୋଟେ ନିମନ୍ତ୍ରଣ କାର୍ଡ଼ ଛପାହେଲା । ଖବରକାଗଜରେ ବିଜ୍ଞାପନ ଆକାରରେ ବାହାରିଲା, ଆଉ ନିର୍ଦ୍ଧାରିତ ଦିନରେ ଗୋଟେ ମଣ୍ଡପରେ ସଭା ବସିଲା ।

**ସଭାରେ ଭଡ଼ାଟିଆ ଲୋକ**

ସୁକେଶ ବାବୁ ବଡ଼ ବ୍ୟସ୍ତ । ନିର୍ଦ୍ଧାରିତ ସମୟ ଆସି ଉପସ୍ଥିତ, ମାତ୍ର ବଛା ଯାଇଥିବା ସଭାପତି, ମୁଖ୍ୟଅତିଥି, ଆଉ ମୁଖ୍ୟବକ୍ତାଙ୍କର ଦେଖାନାହିଁ । ପ୍ରକାଶକ ମହାଶୟ ସୁକେଶ ବାବୁଙ୍କୁ ସାହସ ଦେଉଥାଆନ୍ତି । ଶେଷରେ ସଂସଦର ସଭାପତି, ସଭାପତି ହେଲେ । ଆଉ ଦୁଇଜଣ ସଭ୍ୟ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ହୋଇଗଲେ । ଅବଶ୍ୟ କେତେକ ଲେଖକ ଓ ଲେଖିକା ଯୋଗ ଦେଇଥିଲେ । ଆଉ ଭଡ଼ାଟିଆ ଲୋକ ମଧ ଯୋଗ ଦେଇଥିଲେ ।

ସଭାକାର୍ଯ୍ୟ ଚାଲିଲା । ବକ୍ତା ଭାଷଣ ଦେଲେ । କବିମାନେ କବିତା ପଢ଼ିବା ପାଇଁ ପ୍ରସ୍ତୁତ ହେଲେ । ବର୍ତ୍ତମାନ ପୁସ୍ତକ ଦ୍ୱୟର ଉନ୍ମୋଚନ କରାଗଲା । ତାଳିପରେ ତାଳିରେ ସଭାସ୍ଥଳ ଗୁଞ୍ଜରି ଉଠିଲା । ସୁକେଶବାବୁଙ୍କ ଗଳାରେ ସଭାପତି ଉତ୍ତରୀୟ ପକାଇଲେ, ଫୁଲତୋଡ଼ା ଦେଇ ଆଉ ସୁକେଶବାବୁ ସାହିତ୍ୟିକ ହୋଇଗଲେ । ତାଙ୍କୁ ଏ ଉତ୍ତରୀୟ ଏବଂ ସମ୍ବର୍ଦ୍ଧନା ମିଳୁଛି ବୋଲି ସଭାପତି ଘୋଷଣା କଲେ । କିନ୍ତୁ ଏଥର ତାଳିର ଖୁବ୍ କ୍ଷୁଦ୍ର ଶବ୍ଦ ହେଲା । ସୁକେଶବାବୁ ଚାହିଁଲା ବେଳକୁ ଜଳଖିଆ ପ୍ୟାକେଟ୍ ଧରି ଲୋକମାନେ ବାହାରି ଯାଉଛନ୍ତି । ସୁକେଶବାବୁ ଜୋରରେ ଚିତ୍କାର କଲେ । "କ'ଣ ହେଲାକି ହେ, ହାତ ହଲାଇ ଏତେବଡ଼ ପାଟିଟେ କାହିଁକି କରୁଛ ।" ପତ୍ନୀ ଶୀଳାଦେବୀ ସୁକେଶ ବାବୁଙ୍କୁ ହଲାଇଦେଇ କହିଲେ ।

"ଆଁ, କିଏ ଶୀଳା । ଆରେ ସେ ସଭା କାହିଁ ? ସେ ଲୋକ କାହାନ୍ତି । ତେବେ ସୁକେଶବାବୁ ଆଶ୍ଚର୍ଯ୍ୟ ହୋଇ କହିଲା ବେଳକୁ ତାଙ୍କ ପତ୍ନୀ କହିଲେ, "କ'ଣ ସପନରେ ?"

"କୁହନା ଶୀଳା, ସାହିତ୍ୟିକ ହେବ ବୋଲି ଏତେ ପାଳାକଲି କିନ୍ତୁ ଶେଷକୁ ଶିଶୁପାଳ । ନା ବହି, ନା ସଭା, ନା ସେ ପ୍ରକାଶକ । ଧେତ୍‌ରି - ସୁକେଶବାବୁ କପାଳରେ କର ମାରିଲେ ।" ଏ ଫାଳତୁ ସପନଗୁଡ଼ା କାହିଁକି ମୁଁ ଦେଖୁଥିଲି । ଏମିତି ସାହିତ୍ୟିକ ହୋଇଯାଉ ଥାଆନ୍ତେ, ତେବେ ଧନୀ ଲୋକମାନେ ହିଁ କେବଳ ସାହିତ୍ୟିକ, ସାହିତ୍ୟିକା ହେଇଯାଇ ଥାଆନ୍ତେ । ଧେତ୍, ରବିଶ୍, ଅଲ୍ ରବିଶ୍ ।

□□

ଲେଖକଙ୍କ ଇ-ମେଲ ଠିକଣା:
drncsatapathy@gmail.com



ଅନୁବାଦ

# ଡାହାଣୀ

ମୂଳ ବଙ୍ଗଳା: ତାରାଶଙ୍କର ବନ୍ଦୋପାଧ୍ୟାୟ ଅନୁବାଦ: ଗିରିଜା ମଞ୍ଜରୀ ପାଢ଼ୀ



'ଛାତିଫଟା' ପଡ଼ିଆର ଆରପାଖରେ ମାଟି ଘରଟିଏ ଥାଏ । ଗୋଟିଏ ବୁଢ଼ୀ ସେ ଘରେ ରହେ । ଡାହାଣୀ ପରି ରୂପ । ସେ ନିର୍ନିମେଷ ନୟନରେ ପଡ଼ିଆ ଆଡ଼କୁ ଚାହିଁଥାଏ । ମଣିଷ ଦେଖିଲେ ତାର ଅନିଷ୍ଟ ସ୍ପୃହା କ'ଣ ଜାଗିଉଠେ । ସର୍ବନାଶୀ ଲୋଲୁପ ଶକ୍ତିଟା ସାପପରି ଲହ ଲହ ଜିଭ ବାହାରକରି ଫଣାଟେକି ନାଚିଉଠେ । ଯା ନ ହେଲେ ସେ'ତ ସାଧାରଣ ମଣିଷଟାଏ । ନିଜ ରୂପକୁ ନିଜେ ଆରଶିରେ ଦେଖି ସେ ଭୟକରେ । କ୍ଷୁଦ୍ର ଆୟତନ ଆଖି ଦୁଇଟାରେ ପିଙ୍ଗଳ ବର୍ଣ୍ଣର ଦୁଇଟି ତାରା । ଦୃଷ୍ଟିରେ ଛୁରୀ ପରି ଗୋଟାଏ ଚକ୍ ଚକ୍ ଧାର । ଜରା କୁଞ୍ଚିତ ମୁହଁ । କାଶଫୁଲ ପରି ଧଳା କେଶ । ଦନ୍ତହୀନା ମୁଖ । ଆରଶିରେ ମୁହଁ ଦେଖି ସେ ଥରିଉଠେ । ଆରଶିଟାକୁ ରଖିଦିଏ । ମନେ ପଡ଼ିଯାଏ ନୂଆ ହୋଇ କିଣାଯାଇଥିବା ଆରଶିରେ ତାର ବୟସୀ ମୁହଁ । ନୂଆ ପରିଷ୍କାର କାଚ ଆରଶିରେ ତାର ମୁହଁ ଦିନେ ସୁନ୍ଦର ଦିଶିଥିଲା । ତାର ଧାରୁଆ ନାକ, ଛୋଟିଆ କପାଳ ଓ ଚିଲା ଦୁଇଟି ଆଖି । ମାତ୍ର ସେ ଛୁରୀ ପରି ଶନି ଦୃଷ୍ଟିରେ ଯାହାକୁ ଚାହିଁଲେ, ଆଉ ରକ୍ଷାନାହିଁ । କ'ଣ କେମିତି ହୋଇଯାଏ ସେ ବୁଝିପାରେନି । ମନେପଡ଼େ ଦିନକର କଥା । ସେତେବେଳେ ତାକୁ ବାର କି ଚଉଦ ବର୍ଷ ବୟସ । ହାରୁର ଛୋଟପୁଅ ଗିନାରେ ଧରି ଖାଉଥିବା ମୁଢ଼ିଗୋଳା ଆମ୍ବରସକୁ ଚାହିଁ ରହିଥିଲା । ହାରୁ ତାକୁ ଚୁଟିଧରି ପିଟିପିଟି କହିଥିଲା, ଯା' ପଳା । ହାରାମଜାଦୀ, ଡାହାଣୀ । ପିଲା ଖାଇବା ଜିନିଷରେ ଦୃଷ୍ଟି ପକାଉଛୁ । ସେ କେତେ ଆକୁଳ ବିକଳ ହୋଇ ତା' ପାଦତଳେ ପଡ଼ିଥିଲା । ଖାଇବା ଦେଖି ଲୋଭ ତ ଲାଗିଥିଲା । ଜିଭ ତଳୁ ଲାଳ ବି ସରସରେଇ ଉଠିଥିଲା । ଆଉ ଆଶ୍ଚର୍ଯ୍ୟ କଥା, ପିଲାଟା ସତକୁସତ ଦି'ଟା ବାନ୍ତିକରି ଘୁମେଇ ପଡ଼ିଲା । ଘରକୁ ଫେରି ସେ ବହୁତ ସେଦିନ କାନ୍ଦିଥିଲା । ଠାକୁର ବାକୁରଙ୍କୁ ବହୁତ ଡାକିଥିଲା, ପିଲାଟାକୁ ଭଲ କରିଦେବା ପାଇଁ । ପିଲାଟା ଟିକେ ସୁସ୍ଥ ହେବାରୁ ହିରୁପା ପିଇସୀକୁ କହିଥିଲା, ମୁଢ଼ି, ଗୋଟାଏ ଆମ୍ବ ତାକୁ ଦେବାକୁ । ପିଇସୀ ରାଗିକରି ପହଁରା ଉଠାଇ ଡାହାଣୀକୁ ଦେବାକୁ ମନାକଲା । କହିଲା – ପିଲାକୁ ଯା' ଆଗରେ ମୁଁ ଖାଇବାକୁ କେବେ ଦିଏନି । ହଠାତ ମୁଁ ନଥିଲି । ଡାହାଣୀଟା ତା' ଖାଇବାରେ ନଜର ପକାଇଛି । ସାଙ୍ଗେ ସାଙ୍ଗେ ଝାଡ଼ାବାନ୍ତି । ସେ ଠାକୁରଙ୍କୁ ଡାକେ, ତା' ଦୃଷ୍ଟିକୁ ଭଲ କରିଦେବାକୁ, ନହେଲେ ଆଖିକୁ ଫୁଟାଇ ଦେବାକୁ । ପୁଣି ଭାବେ । ଏଇଟା ହୁଏତ ତା' ପାଇଁ ପୂର୍ବଜନ୍ମର ଅଭିଶାପ । ଭଗବାନଙ୍କୁ ଦୋଷଦେଇ ଲାଭ କ'ଣ ?

**ସେ ଯେତେବେଳେ 'ଭିକ ଦିଓଟି ମିଳୁ ମାଆ' ବୋଲି ଡାକଦିଏ, ଲୋକେ କିଛି ଚାଉଳ ତା' ଅଣ୍ଟିରେ ଢାଳିଦେଇ ଭୟରେ ଶୀଘ୍ର କବାଟ ବନ୍ଦକରି ଦିଅନ୍ତି ।**

ତା'ର ପୁଣି ମନେପଡ଼େ, ଯେତେବେଳେ ଭିକ ମାଗିବା ପାଇଁ ଯାଏ, ଭାବେ ଘର ଭିତରକୁ ପଶିବ ନାହିଁ । ବାହାରୁ ଥାଇ ଭିକ ମାଗିବ । ସେ ଯେତେବେଳେ 'ଭିକ ଦିଓଟି ମିଳୁ ମାଆ' ବୋଲି ଡାକଦିଏ, ଲୋକେ ପାଏ ଅଧସେରେ ଚାଉଳ ତା' ଅଣ୍ଟିରେ ଢାଳିଦେଇ ଭୟରେ ଶୀଘ୍ର କବାଟ ବନ୍ଦକରି ଦିଅନ୍ତି । ମାତ୍ର ସେଦିନ ଗୋଟାଏ ଘରୁ ମାଛଭଜାର ବାସ୍ନା ଆସୁଥିଲା । ତା'ରମନ କଲବଲ ହୋଇଉଠିଲା । ଜିଭତଳୁ ଲାଳର ଝରଣା । ସେ ଝରକା ବାଟେ ରୋଷେଇ ଘରକୁ ଉଙ୍କି ମାରିଲା । ସେଦିନ ବି ସେ ଦୁଇ ଗୋଇଠା ଖାଇ ଫେରିଥିଲା । ଦୁଇହାତ ମୁଠା ଟାଣକରି ସେ ଉଚ୍ଛୃଙ୍ଖଳ ମନକୁ ଶୃଙ୍ଖଳିତ କରିବା ପାଇଁ ଚେଷ୍ଟା କରୁଥିଲା । ସେ ଜନବସତିଠାରୁ ବହୁ ଦୂରରେ ରହୁଥିଲା, ଗୋଟାଏ ଖଣ୍ଡିଆଭୂତ ପରି । ତା'ର ମନେପଡ଼େ, ସେ ଦିନେ ଜଣକର ହାତଧରି ବାହା ହୋଇଥିଲା । ଶୁକୁରା ବୋଲି କଳା ମଚମଚ

ଗଜା ଭେଣ୍ଡିଆଟାଏ । ବାପା-ମାଆ ଛେଉଣ୍ଡ । ସେ ତାକୁ ଭଲପାଇ ବାହା ହୋଇଥିଲା । ଆଉ ଦି'ମାସ ନ ପୁରୁଣୁ ଟୋକାଟା ଦିନକୁ ଦିନ ଶୁଖି ଶୁଖି ମରିଗଲା ।

ଡାହାଣୀ ହୋଇ ତା' ରକତ ଶୋଷିଲା ବୋଲି ସମସ୍ତେ କୁହାକୁହି ହେଲେ । ସେ କ'ଣ କରିବ? କାହିଁକି ଭଗବାନ ତାକୁ ଏମିତି କଲେ? ସତେ ତ ଶୁକୁରାର ବଳିଲା ବଳିଲା ଦେହକୁ କେତେଥର ସେ ଲୋଭିଲା ଆଖିରେ ନିରେଖି ଚାହିଁଛି । ତାର ଦୃଷ୍ଟିରେ ଶୁକୁରାଟା ମରିଗଲା । ସେଇଦିନୁ ସେ ସମସ୍ତଙ୍କ ଆଖିରେ ହେଲା ଡାହାଣୀ । ନୁଖୁରା ମୁଣ୍ଡ, ଝାମ୍ପୁରାକରି ସେ ବୁଲି ବୁଲି ଭିକ ମାଗିଲା । ଅକାଳରେ ବୁଢ଼ୀ ହୋଇଗଲା । ଜନବସତିଠାରୁ ଦୂରେଇ ରହିଲା । ଲୋକେ ତାକୁ ଦେଖି ଦୂର୍ ଦୂର୍ କଲେ । କିନ୍ତୁ ସେ କ'ଣ ବା କରିବ? ନିଜ ଛାତିକୁ ନଖରେ ଚିରି ପିଲାଙ୍କ ପ୍ରତି ତା' ଭିତର ଲୋଭଟାକୁ ସେ ବାହାର କରିଦେବାକୁ ଚାହେଁ । ଜିଭଟାକୁ କାଟି ଦେବାକୁ ଭାବେ । ଆଖି ଦୁଇଟାକୁ ଫୁଟାଇ ଦେବାକୁ ଭାବେ । କାରଣ, ସେଦିନ କଥା ମନେପଡ଼େ, ଜଣେ ଯୁବତୀ କୋଳରେ ଛୋଟ ପିଲାଟି ଧରି ପାଣି ଟୋପାଏ ତା'ଠାରୁ ମାଗି ପିଇଥିଲା । ଆଉ ଖରା ତାତିରେ ତା' କୋଳରେ ଶୋଇଥିବା ପୁଅଟା ସାରୁନଡ଼ା ପରି ନଡ଼ବଡ଼ ହୋଇ ପଡ଼ିଥିଲା । ସେଇ ପିଲାଟା ମରିଯାଇଥିଲା । ଆଉ ମାଆଟା ମୁଣ୍ଡ କୋଡ଼ି କୋଡ଼ି ବାହୁନୁଥିଲା । ଅନୁତାପ କରି କାନ୍ଦୁଥିଲା । କାହିଁକି ଚିହ୍ନି ନପାରି ସେ ଡାହାଣୀ ପାଖକୁ ଗଲା । ତା' ଦୃଷ୍ଟିରେ ପିଲାଟା ମରିଗଲା ।

ଏମିତି ଥରେ ପିଲାଦିନେ ସେ ପଡ଼ିଶା ଘର ଝିଅ ସାବିତ୍ରୀର ପିଲାଟାକୁ କୋଳରେ ଧରି ଚୁମା ଖାଇଥିଲା । ପିଲାଟାକୁ ଛାତିରେ ଜାକି କେତେ ଗେଲକଲା । ସାବିତ୍ରୀର ଶାଶୁ ରାଗି ମାଗି ପିଲାଟାକୁ ତା' କୋଳରୁ ଛଡ଼ାଇ ଆଣିଲେ । କହିଲେ, ହାରାମଜାଦୀ, ଡାହାଣୀ, ବାହାର, ବାହାର ମୋ' ଘରୁ । ମୋ' ପିଲାର କିଛି ହେଲେ ତତେ ଦେଖିନେବି । ଦେଖ, ତା' ଆଖିକୁ ଦେଖ । ସାବିତ୍ରୀ ପିଲାଟାକୁ ଧରି ଡରିମରି ଘର ଭିତରକୁ ପଳାଇଥିଲା । ଆଖିରୁ ଲୁହ ପୋଛି ପଳାଇ ଆସୁ ଆସୁ ସେ ଶହେଥର ଭଗବାନଙ୍କୁ ପ୍ରଣାମକରି ପ୍ରାର୍ଥନା କରିଥିଲା । ପ୍ରଭୁ ହେ, ସାବିତ୍ରୀର ପୁଅକୁ ଶହେ ବର୍ଷ ଆୟୁଷ ଦିଅ । ମୁଁ ଡାହାଣୀ ବୋଲି କ'ଣ ତା' ପୁଅର ଅନିଷ୍ଟ କରିବି? ହେ ପ୍ରଭୁ, ତମେ ଦୟାକରି ପ୍ରମାଣ କରିଦିଅ, ମୁଁ ତାକୁ କେତେ ଭଲପାଏ । କିନ୍ତୁ ସଂଧ୍ୟା ହେଉ ନ ହେଉଣୁ, ତାର ଅତିଉଗ୍ର ବିଷମୟୀ ଦୃଷ୍ଟି କ୍ଷୁଧାର କଳଙ୍କ ଅତି ନିଷ୍ଠୁର ଭାବରେ ସତ୍ୟ ବୋଲି ପ୍ରମାଣିତ ହେଲା । ସାବିତ୍ରୀର ପୁଅଟା ଧନୁପରି ବଙ୍କା ହୋଇଯାଇଥିଲା । ଶୁଖିଲା ଶେତା । କିଏ ଯେମିତି ତା' ଦେହରୁ ସବୁ ରକ୍ତ ଶୋଷି ନେଇଗଲା । ଲଜ୍ଜାରେ ସେହିଦିନଠାରୁ ସେ ଶ୍ମଶାନ ବଣ ଭିତରେ ଆତ୍ମଗୋପନ କଲା । ଥୁ ଥୁ କରି ଛେପ ପକାଇ ସେ ଖୋଜି ଦେଖିଲା, କାହିଁ କେଉଁଠି ରକ୍ତ । ତର୍ଣ୍ଣିରେ ଆଙ୍ଗୁଠି ପୁରାଇ ବାନ୍ତି କରିବ କି, କାହିଁ ରକ୍ତ ବାହାରୁଛି କି ନାହିଁ । ତା'ପରେ ସେଦିନଠାରୁ ତା'ର ଦୃଢ଼ ଧାରଣା ହେଲା, ନିଜର ନିଷ୍ଠୁର ଶକ୍ତିର କଥା । ଅମାବାସ୍ୟା ରାତିରେ ଶ୍ମଶାନ କାଳୀଙ୍କ ପୀଠରେ ପୂଜାର ଢୋଲ ବାଜୁଥିଲା ଢାଏଁ ଢାଏଁ । ମାଆଙ୍କୁ ସେ କେତେ ଡାକିଲା । ମାଆ ତା' ଡାକ ଶୁଣୁନାହାନ୍ତି । କେତେଥର ମାନସିକ କରିଛି, ଡାହାଣୀରୁ ତାକୁ ମଣିଷ କରିଦେବା ପାଇଁ । ମଣିଷ କରିଦେଲେ ସେ ଛାତି ଚିରି ରକ୍ତ ଦେବ । କିନ୍ତୁ ମାଆ ଆଖି ଟେକି କେବେ ତା' ଆଡ଼କୁ ଚାହିଁ ନାହାନ୍ତି ।



ସେଦିନ ରାତିରେ ତା' କୁଡ଼ିଆ ପାଖରେ ଚାନ୍ଦିନୀ ରାତିରେ ଦୁଇଟି ଯୁବକ ଯୁବତୀ । ପ୍ରେମିକ ପ୍ରେମିକା ହେବେ ପରା । ଦୁହେଁ ଘରଛାଡ଼ି ପଳାଇ ଆସି ପ୍ରଣୟ ପ୍ରେମଭରା ମଧୁର କଥୋପକଥନରେ ମାତିଛନ୍ତି । ବୁଢ଼ି କୁଡ଼ିଆ ଭିତରୁ ଉପଭୋଗ କରୁଥିଲା । ଦୁଇଜଣ ଭିନ୍ନ ଭିନ୍ନ ଜାତିର । ଝିଅଟା ପୁଅ ପାଖରେ ରୁପାଚୁଡ଼ି ପାଇଁ ଅଳି କରୁଛି । ନ ହେଲେ ଚାଲିଯିବ । ପୁଅଟି ପାଖରେ ପଇସାର ଅଭାବ । ତା' ପାଖରେ ମୋଟେ ଟଙ୍କା କୋଡ଼ିଏଟି ଅଛି । ସେଥିରେ ସେ ରୁପାଚୁଡ଼ି କରିପାରିବ ନାହିଁ । ଅତି ଜୋର୍‌ରେ ସେ ଦଶଟଙ୍କା, ପାଞ୍ଚଟଙ୍କା ଦେଇପାରେ ।

ବୁଢ଼ୀର ମନହେଲା, ଟୋକାଟାକୁ ରୁପାଚୁଡ଼ି ଆଉ ଟଙ୍କା

**ବାଉରୀ ସାଇରେ ହୁରି ପଡ଼ିଗଲା । ସର୍ବନାଶୀ ଡାହାଣୀ ବାଣ ମାରିଦେବାରୁ ଟୋକାଟା ମରିଗଲା ।**

କେତେଟା ଦେଇ ଆଇ ନାତିଆ ସମ୍ବନ୍ଧ ସ୍ଥାପନ କରିବ । ଆଉ କେତେ ରସରସିଆ ଥଟ୍ଟା, ତାମସା କରିବ । ବୁଢ଼ୀ ବାହାରିଲା କୁଢ଼ିଆରୁ । ଦନ୍ତହୀନ କଳା ମୁହଁରେ ବିରାଡ଼ି ପରି ଆଖି ଓ ଝାମ୍ପୁରା ବାଳ ଦେଖି ଟୋକାଟା ହାଉଳି ଖାଇ ଚମ୍ପଟ ମାରିଲା । ବୁଢ଼ୀର କାହିଁକି କେଜାଣି ବଡ଼ ରାଗ ହେଲା । ରାଗରେ କହିଦେଲା – 'ମର୍, ତୁ ମର୍' ।

ଟୋକାଟା ଛୋଟେଇ ଛୋଟେଇ ଧାଇଁଛି ପ୍ରାଣ ବିକଳରେ । ତା' ପରଦିନ ଦି'ପହରକୁ ଜର ହୋଇ ବଙ୍କା ହୋଇଗଲା । ବାଉରୀ ସାଇରେ ହୁରି ପଡ଼ିଗଲା । ସର୍ବନାଶୀ ଡାହାଣୀ ବାଣ ମାରିଦେବାରୁ ଟୋକାଟା ମରିଗଲା । ତା' ପାଦରେ ଓଲଟକିଲା ପଶି ଯେଉଁ ରକ୍ତପାତ ହେଲା, ସେଇଟା ଡାହାଣୀର ବାଣ । ଗୁଣିଆ ଆସିଥିଲା । ହେଲେ ଜର, କାଶ ଆଉ ରକ୍ତବାନ୍ତିରେ ସେତେବେଳକୁ ଟୋକାଟା ମରିଗଲାଣି । ଯନ୍ତ୍ରଣାରେ ଛାତିଟା ଫାଟିଗଲା ପରି ଲାଗୁଥିଲା । ଗୁଣିଆଟା ଲାଗିଛି ତା'ପଛରେ । ହାଃ ହାଃ ହୋଇ ହସିବାକୁ ଲାଗିଲା ସେ । ଚାରିଆଡ଼ ନିଃଶବ୍ଦ । ତା' ହସର ପ୍ରତିଧ୍ୱନି ତାରି କାନରେ ହିଁ ବାଜିଲା ।

କେଉଁ ଦୂରରୁ ଭାସି ଆସୁଛି ସେଇ ଡମଘର ଝିଅର ଛାତିଫଟା କାନ୍ଦର ଲହରୀ । ସେ ଦୁଆର ବନ୍ଦକଲା । ଦୁଇ ହାତରେ କାନକୁ ଚାପି ଧରିଲା । ସେ ଭାବି ଭାବି ଠିକ୍‌କଲା, ଏ ଶ୍ମଶାନ ପାଖ କୁଢ଼ିଆଘରୁ ଚାଲିଯିବ କେଉଁଆଡ଼କୁ । ସେ ତାର ବୁଜୁଳାଟି ଧରି ଧାଇଁଲା । ହେଲେ ଆଉ ଧାଇଁବା ପାଇଁ ତା' ଦେହରେ ଶକ୍ତି ନଥିଲା । ହଠାତ କାହିଁକି ତା'ର ନିଜ ମୃତ ସ୍ୱାମୀ କଥା ମନେପଡ଼ିଗଲା । ସେ ବୁକୁ ଫଟାଇ ବାହୁନି ଉଠିଲା । 'ତୁମେ ଫେରିଆସ, ଥରଟିଏ ଫେରିଆସ....।'

ତା'ପରେ ଗୋଟାଏ ଘୂର୍ଣ୍ଣିବାତ୍ୟା । ମାତ୍ର ଦି'ଟୋପା ବୃଷ୍ଟି । ତା'ପରଦିନ ମଶାଣି ପଡ଼ିଆ ପାଖରେ ଲୋକେ ଦେଖିଲେ, ଗୋଟାଏ ଓସ୍ତଗଛ ଡାଳରେ ଝୁଲୁଛି ବୁଢ଼ୀ ଡାହାଣୀ । ଗୁଣିଆର ମନ୍ତ୍ର ପ୍ରହାରରେ ଡେଣାଭଙ୍ଗା ପକ୍ଷୀପରି ଏ ଗଛ ଡାଳରେ ମରି ଝୁଲୁଛି । ଅଉ ସେଇ ଧୂଳି ମାଟିରେ ଡାହାଣୀର କଳା ରକ୍ତର ଛିଟା ।

□□

ଅନୁବାଦିକାଙ୍କ ଇ-ମେଲ ଠିକଣା:
girijampadhi2016@gmail.com

## ବର୍ତ୍ତମାନ 'ଗୁଗୁଲ୍ ପ୍ଲେ-ବୁକ୍ସ'ରେ ପଢ଼ନ୍ତୁ 'ସାହିତ୍ୟ ଚର୍ଚ୍ଚା'

***It's Easy !***

1. **Download 'Google Play Books' from Play Store.**
2. **Register by using your Gmail ID and password.**
3. **In the Search box please type 'Sahitya Charcha'. Select the issue you wish to read.**
4. **Pay Rs.23.60 by using Google pay, UPI or any other payment mode.**
5. **Download the 'Sahitya Charcha' Magazine into your device.**

**ପ୍ରତି ସଂଖ୍ୟାର ମୂଲ୍ୟ-**
**ଟ.୨୩.୬୦**
**(ତେଇଶି ଟଙ୍କା ଏବଂ ଷାଠିଏ ପଇସା ମାତ୍ର)**

Google Play Books

ପ୍ରବନ୍ଧ

# କବିତାର ସ୍ଥାନ, କାଳ, ପାତ୍ର

ନିଖିଳାନନ୍ଦ ପାଣିଗ୍ରାହୀ



କବିର ଅବଦାନ କ'ଣ ? ଏହାର ଉତ୍ତର ବିଭିନ୍ନ ବ୍ୟକ୍ତି ପାଇଁ ଅଲଗା ଅଲଗା ହେବା ସମ୍ଭବ । ଏହି ଲେଖକ ପଦାର୍ଥ ବିଜ୍ଞାନର ଜଣେ ଛାତ୍ର । ଏଣୁ ତା' ମନକୁ ଜଣେ ପଦାର୍ଥବିଜ୍ଞାନୀ ଛୁଇଁଛନ୍ତି ଏହାର ଉତ୍ତର ସକାଶେ । ପଲ୍ ଡିରାକ୍ ପଦାର୍ଥବିଜ୍ଞାନରେ ନୋବେଲ ପୁରସ୍କାର ପାଇଛନ୍ତି । ସେ ଥରେ ଶୁଣିଲେ ଯେ, ତାଙ୍କ ସାଙ୍ଗ ଓପନହାମାର କବିତା ରଚନା କରୁଛନ୍ତି । ଯୁକ୍ତରାଷ୍ଟ୍ର ଆମେରିକାରେ ଜନ୍ମିତ ଓପନହାମାର ଜଣେ ସୁପ୍ରତିଷ୍ଠିତ ଫିଜିସିଷ୍ଟ, ଯିଏ ମାନହଟନ ପ୍ରୋଜେକ୍ଟରେ ପ୍ରଥମ ଆଣବିକ ବୋମା ପ୍ରସ୍ତୁତ କରିବା କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ । ଡିରାକ୍ ତାଙ୍କୁ ଆଶ୍ଚର୍ଯ୍ୟର ସହ ପଚାରିଲେ, ତୁମେ କ'ଣ କବିତା ଲେଖୁଛ ? ତମେ ତ ଜଣେ ପଦାର୍ଥବିଜ୍ଞାନୀ । ଅଜଣା ବିଷୟର ରହସ୍ୟ ଭେଦକରି ତାକୁ ସରଳ ଭାଷାରେ ଲୋକଙ୍କୁ ବୁଝାଇବା ହେଉଛି ପଦାର୍ଥବିଜ୍ଞାନର ଲକ୍ଷ୍ୟ । କିନ୍ତୁ କବି ଓଲଟା କାମ କରେ । ଯାହା ସହଜେ ବୋଧଗମ୍ୟ, ତାକୁ ଜଟିଳ କରିଦିଏ, ଯାହା କେହି ବୁଝିପାରିବେ ନାହିଁ । ଏମିତି ସ୍ୱଭାବ ବିରୁଦ୍ଧ କାର୍ଯ୍ୟରେ ଫସିଲ କାହିଁକି ?

ମାତ୍ରାଧିକ ବିମ୍ବ ଓ ଚିତ୍ରକଳ୍ପର ପ୍ରୟୋଗ, କଠିନ ଶବ୍ଦର ଆଡ଼ମ୍ବର କବିତାକୁ କ୍ଲିଷ୍ଟ କରିଦିଏ ।

ଏହାର ତର୍ଜମା ଆବଶ୍ୟକ । କବିତାର ଉପାଦାନ କ'ଣ ହୋଇଥାଏ ? ଅଷ୍ଟମ ଚଉଷଠି ଯୋଗିନୀ ସମ୍ମାନରେ ସମ୍ମାନିତ କରିବା ସକାଶେ କବି ବାଦଲ ମହାନ୍ତିଙ୍କୁ ମନୋନୀତ କରାଯାଇଥିଲା । ଏହି ଅବସରରେ ଅନୁଷ୍ଠିତ ଉତ୍ସବ ଉପରାନ୍ତେ ବାଦଲ ମହାନ୍ତି ସେଠାରେ ଉପସ୍ଥିତ ବରିଷ୍ଠ କବି ସୈରୀନ୍ଦ୍ର ବାରିକଙ୍କ ସହ ବାର୍ତ୍ତାଳାପ କରିଥିଲେ । ସେତେବେଳେ ସୈରୀନ୍ଦ୍ର କହିଥିଲେ, 'ବୁଝିଲ ବାଦଲ ! କବିତା ଯେତେବେଳେ ଏକଦମ୍ ସିଧାସିଧା ହୋଇଯାଏ ଅର୍ଥାତ ସେଥିରେ ବିମ୍ବ, ଚିତ୍ରକଳ୍ପ, ସୌନ୍ଦର୍ଯ୍ୟବୋଧ ଇତ୍ୟାଦି କବିତା ଉପଯୋଗୀ ବିଭବ ନ ରହେ, ତେବେ ତାହା ରିପୋର୍ଟ ବା ସମ୍ବାଦ ହୋଇଯାଏ । ସେଇମିତି ମାତ୍ରାଧିକ ବିମ୍ବ ଓ ଚିତ୍ରକଳ୍ପର ପ୍ରୟୋଗ, କଠିନ ଶବ୍ଦର ଆଡ଼ମ୍ବର କବିତାକୁ କ୍ଲିଷ୍ଟ କରିଦିଏ ।' (ସାମାଜିକ ଗଣମାଧ୍ୟମ, ୭ ଜୁଲାଇ ୨୦୨୫)

**କବିତାରେ ସୌନ୍ଦର୍ଯ୍ୟବୋଧ**

ଏଥିରୁ ପ୍ରତୀତ ହୁଏ ଯେ, କବିତାରେ ସୌନ୍ଦର୍ଯ୍ୟବୋଧ ରହିଲେ ଏହା ଗରିମାମୟ ହୋଇଥାଏ । ତେବେ ସୌନ୍ଦର୍ଯ୍ୟକୁ ଚିହ୍ନିବା କିପରି ? ପୁଣି ଡିରାକ ଓ ପଦାର୍ଥବିଜ୍ଞାନରେ ଅନ୍ୟତମ ନୋବେଲ ବିଜେତା ଆଇଜେନବର୍ଗଙ୍କୁ ନେଇ ଘଟିଥିବା ଗୋଟିଏ ଘଟଣା ଏହି ପ୍ରସଙ୍ଗରେ ଅବତାରଣା କରାଯାଇପାରେ । ଏଇ ଦୁଇଜଣ ଥିଲେ ଘନିଷ୍ଠ ସାଙ୍ଗ । ସେମାନେ ଜାପାନରେ ଗୋଟିଏ ସମ୍ମାନରେ ଯୋଗ ଦେବାକୁ ଜାହାଜ ଯାତ୍ରା କରୁଥିଲେ । ଉଭୟେ ପଦାର୍ଥବିଜ୍ଞାନର ଗୋଟିଏ ପ୍ରସଙ୍ଗ ଉପରେ ଆଲୋଚନା କରୁଥିଲେ । ସେତେବେଳେ କେତେଜଣ ଫ୍ଲାପର ଗାର୍ଲ ସେମାନଙ୍କ ସାମନାକୁ ଆସିଗଲେ । ଏହି ତରୁଣୀମାନେ କ୍ଷୁଦ୍ର ପୋଷାକ ପରିଧାନ କରିଥାନ୍ତି । ସେମାନେ ଯାତ୍ରୀଙ୍କ ମନୋରଞ୍ଜନ କରିବା ସକାଶେ ଅଶାଳୀନ ଢଙ୍ଗରେ ନୃତ୍ୟ କରିଥାନ୍ତି । ଆଇଜେନବର୍ଗ ସେମାନଙ୍କୁ ଦେଖିବାମାତ୍ରେ ସମ୍ଭାଳି ପାରିଲେ ନାହିଁ । ପାଠରୁ ନଜର ହଟାଇ ସେମାନଙ୍କ ସହ ନାଚ କଲେ । ଏହା ଡିରାକଙ୍କୁ ଆଚମ୍ବିତ କଲା । ନାଚ ସାରି ଯେତେବେଳେ ଆଇଜେନବର୍ଗ ବନ୍ଧୁଙ୍କ ପାଖକୁ ଆସିଲେ, ସେ କୌତୁହଳବଶତଃ ପଚାରିଲେ, 'ତୁମେ କାହିଁକି ନାଚକଲ ?' ଏହାର ଉତ୍ତର ଭାବେ ଆଇଜେନବର୍ଗ ଜଣାଇଲେ, 'ସୁନ୍ଦରୀମାନଙ୍କୁ ଦେଖିଲେ, ମୁଁ ନାଚ କରିବାକୁ ଆଗଭର ହୋଇଯାଏ ।'

ଆଚ୍ଛା ! ତୁମେ ପ୍ରଥମେ କେମିତି ଜାଣିପାରୁଛ ଯେ, ଜଣେ ଯୁବତୀ ସୁନ୍ଦରୀ ? ....ତା'ପରେ ତ ନାଚିବ । ସୌନ୍ଦର୍ଯ୍ୟ

ହିସାବ କରିବାକୁ ତୁମ ପାଖରେ କ'ଣ ଫର୍ମୁଲା ଅଛି କି ?

ଆଇଜେନବର୍ଗ ଚୁପ୍ ରହିଲେ । ବାସ୍ତବିକ ସୌନ୍ଦର୍ଯ୍ୟ ପରି ଗୁଣବାଚକ ବିଶେଷ୍ୟର ନିର୍ଦ୍ଦିଷ୍ଟ ବିନିଷ୍ଟତା ନଥାଏ । ଏତାଦୃଶ ଉପାଦାନକୁ ଆଧାରକରି ରଚାଯାଇଥିବା କବିତା ଯେ ସର୍ବଜନ ଆଦୃତି ବା ସ୍ୱୀକୃତି ପାଇବ, ଏହା ସମ୍ଭବ ନୁହେଁ । କାହା ପାଇଁ ଏହା ଭଲ ହେବାବେଳେ ଅନ୍ୟ ଜଣକ ସକାଶେ ଭେଲ । କିନ୍ତୁ ସୈରୀନ୍ଦ୍ରଙ୍କ ମତାନୁସାରେ ଏହା ଅତ୍ୟାବଶ୍ୟକ । କେବଳ ଗୁଣ ଦୃଷ୍ଟିରୁ ଅନ୍ୟ କାରଣରୁ ମଧ ଏହାର ମୂଲ୍ୟ ଶିଖରରୁ ରସାତଳକୁ ଖସି ଯାଇପାରେ । ବାଦଲ ମହାନ୍ତି ତାଙ୍କ ପୋଷ୍ଟରେ ଜଣେ ଯଶସ୍ୱୀ କବି ରାଜେନ୍ଦ୍ର ପଣ୍ଡାଙ୍କ ମତ ଉଦ୍ଧାର କରିଛନ୍ତି । ନିକଟ ଅତୀତରେ ଦୀନା ମାଝୀ ଏକ ଆଲୋଡ଼ନକାରୀ ସମ୍ବାଦ ହୋଇଥିଲେ । ଦୀନା ମାଝି ମୃତ ପତ୍ନୀର ଶବକୁ କାନ୍ଧରେ ବୋହି ଏକୁଟିଆ ମଶାଣିକୁ ନେଇଥିଲା ଶବଦାହ କରିବାକୁ । ଏତାଦୃଶ ଏକ ଅମାନବିକ ଘଟଣା ଅନେକଙ୍କୁ ବିଚଳିତ କରିଥିଲା । କବି କୁଳର କୋମଳ ହୃଦୟ ଏଥିରେ ବ୍ୟଥିତ ହେବା ସ୍ୱାଭାବିକ । ଅସଂଖ୍ୟ କବିତା ଏହାକୁ କେନ୍ଦ୍ରକରି ଲେଖାଗଲା । ଏପରିକି ଗୋଟିଏ ସଂକଳନ ପାଇଁ ଯଥେଷ୍ଟ ପାଠ ଯୋଗାଇଲା । ବର୍ଷକ ପରେ ନାଟକୀୟ ପରିବର୍ତ୍ତନ ଘଟିଲା । ଦୀନା ମାଝୀ ଦ୍ୱିତୀୟ ବିବାହ କଲା । ଏହି ପରିପ୍ରେକ୍ଷୀରେ ରାଜେନ୍ଦ୍ର ପଣ୍ଡାଙ୍କ ପ୍ରତିକ୍ରିୟା ଥିଲା, 'ଶହ ଶହ କବିତା ତାର ଅର୍ଥ ଓ ଉଦ୍ଦେଶ୍ୟରୁ ବିଚ୍ୟୁତ ହୋଇ ମରି ହଜିଗଲେ ।' ତେଣୁ ସେ ଯଥାର୍ଥରେ ମତ ଦେଇଥିଲେ, 'ତତ୍କାଳିକ ଉତ୍ତେଜନାରେ କୌଣସି ସୃଜନ କର୍ମ ସମ୍ଭବ ନୁହେଁ, କବିତା ତ ଆଦୌ ନୁହେଁ ।'

**କବିତାର ଗୁଣାବଳୀ**

କବିତାର ଗୁଣାବଳୀ ସଂପର୍କରେ ବିଚାର କରିବା ବେଳେ ବିଭିନ୍ନ ପ୍ରସଙ୍ଗ ମାଡ଼ିଆସେ । ଏହା ବୟୋଜ୍ୟେଷ୍ଠ ଜନପ୍ରିୟ କବି ସୌଭାଗ୍ୟ ମିଶ୍ରଙ୍କ ବକ୍ତବ୍ୟରେ ସ୍ପଷ୍ଟ ବାରିହୁଏ, 'ଯଦି କବିତା ଭିନ୍ନ ଆପଣଙ୍କୁ ଆଉ କିଛି ଭଲ ଲାଗୁଛି ଯଥା ରାଜନୀତି, ଖେଳ, କୌତୁକ, ବିଜ୍ଞାନ, ଗଣିତ, ବେପାର ବଣିଜ କି ଆଉକିଛି, ସେଇଟା କରନ୍ତୁ ନା ! କବିତା କେବେ



ବି ସାଇଡ଼ ଆଇଟମ ନୁହେଁ । ପ୍ରଚୁର ସାଧନା ଲୋଡ଼େ କବିତା ଲେଖା । ନିଜକୁ ଥରେ ପଚାରନ୍ତୁ, ଭିତର ଘରୁ ଯଦି ଉତ୍ତର ଫେରୁନି ତେବେ କବିତା ଲେଖନ୍ତୁ ନାହିଁ । କେବଳ ସମୟ ବର୍ବାଦ ହେବ । କାରଣ ଏହା ଏକ ସୂକ୍ଷ୍ମାତିସୂକ୍ଷ୍ମ ପ୍ରକ୍ରିୟା । ସ୍ଥୂଳ ଜଗତ ସହ ଏହାର ଏତେ ଭାବ ନାବ ନାହିଁ । ସେଲିବ୍ରିଟି ହେବା ପାଇଁ ଅନ୍ୟ ବହୁତ ରାସ୍ତା ଅଛି । ରାତାରାତି ହାସଲ କରିହେବ । କବିଟିଏ ସେଲିବ୍ରିଟି ନୁହେଁ । କିଏ ଆପଣଙ୍କ ମନରେ ଭୁଲ୍ ଧାରଣାଟିଏ ଭର୍ତ୍ତି କରିଦେଇଛି । କ୍ଷାନ୍ତ ରୁହନ୍ତୁ ଓ ଅସଲ କବିଟିକୁ ଶାନ୍ତିରେ ରହିବାକୁ ଦିଅନ୍ତୁ, ପ୍ଲିଜ୍ ।'

ସମୟେ ସମୟେ କବିଙ୍କ ବାସ୍ତବ ଜୀବନ ଜାଣିବାକୁ ଆଗ୍ରହ ଜନ୍ମେ । ଏହି ପୃଷ୍ଠଭୂମିରେ ଅଷ୍ଟାଦଶ ଶତାବ୍ଦୀର ବିଖ୍ୟାତ ପାର୍ସିଆନ ଓ ଉର୍ଦ୍ଦୁ କବି ମୀର୍ଜା ଗାଲିବଙ୍କ ପ୍ରତି ଦୃଷ୍ଟି ଦିଆଯାଇପାରେ । ବାଲ୍ୟକାଳରୁ ସେ କବିତା ରଚନା କରୁଥିବାରୁ ଏହା ତାଙ୍କ ସହଜାତ ସାହିତ୍ୟିକ ପ୍ରତିଭା ବୋଲି ସୂଚନା ମିଳିଥିଲା । ଗଜଲ, ଶାୟର ଓ ନଜମ ତାଙ୍କଠାରୁ ଶୁଣିବା ପାଇଁ ଶ୍ରୋତାମାନଙ୍କ ମନରେ ପ୍ରବଳ ଆଗ୍ରହ ଥାଏ । କିନ୍ତୁ ତାଙ୍କ ବ୍ୟକ୍ତିଗତ ଜୀବନ ଅଭାବ ଓ ଦାରିଦ୍ର୍ୟରେ କଟିଥିଲା । ସେ ମୋଗଲ ସମ୍ରାଟ ବାହାଦୁର ଶାହାଙ୍କ ସହ ସଂପର୍କ ରଖିଥିବାରୁ ତତ୍କାଳୀନ ବ୍ରିଟିଶ ସରକାର ତାଙ୍କ ପେନ୍‌ସନ୍ ବନ୍ଦ କରିଦେଲେ । ବିଭିନ୍ନ ବ୍ୟକ୍ତିଙ୍କଠାରୁ ଋଣ ଆଣି ନିଜ ଖର୍ଚ୍ଚ ତୁଲାଉଥିଲେ । ଏହା ଶୁଝିବା ପାଇଁ ତାଙ୍କ ସାମର୍ଥ୍ୟ ନଥିବାରୁ ସମାଜରେ ନିନ୍ଦିତ ହେଉଥିଲେ । ତାଙ୍କର ଗୋଟିଏ ବଦ୍‌ଗୁଣ ଥିଲା ସୁସ୍ୱାଦୁ ଖାଦ୍ୟ, ପାନୀୟ ତଥା ଜୁଆଖେଳ ପ୍ରତି ଅତ୍ୟଧିକ ଆସକ୍ତି । ପାଠକ ଓ ଶ୍ରୋତାଙ୍କଠାରୁ ଯେଉଁ ଅର୍ଥ ପାଉଥିଲେ, ତାହା ସମୁଦ୍ରକୁ ଶଙ୍ଖେ ପାଣି ସଦୃଶ । ପେନ୍‌ସନ୍ ପୁଣି ପାଇବାକୁ ଗଭର୍ଣ୍ଣର ଜେନେରାଲଙ୍କଠାରେ ଆବେଦନ କରିବାକୁ ସେ ସ୍ଥିର କଲେ । ଏତଦ୍‌ବ୍ୟତୀତ କଲିକତାରେ ତାଙ୍କର କିଛି ପୈତୃକ ସଂପତ୍ତି ଅଛି ବୋଲି ଶୁଣିବାକୁ ପାଇଲେ । କଲିକତାରେ ଗଭର୍ଣ୍ଣର ଜେନେରାଲ ରହୁଥିବାରୁ ସେ ଦିଲ୍ଲୀରୁ କଲିକତା ଯାତ୍ରାକଲେ । କିନ୍ତୁ ଏଥିପାଇଁ ତାଙ୍କୁ ବର୍ଷେ ଲାଗିଲା । କାରଣ ରାସ୍ତାରେ ଯିଏ ତାଙ୍କ କବିତା ଶୁଣିବାକୁ ଚାହିଁଲା, ସେ

ତାକୁ ଆନନ୍ଦାତିଶଯ୍ୟରେ ଶୁଣାଇଲେ। ଆର୍ଥିକ ଦୁର୍ଗତି କବିଙ୍କ ନିକଟରେ ଗୌଣ ହୋଇଗଲା। ଏହି ପ୍ରକାରେ ସାଂସାରିକ ଜଞ୍ଜାଳ ଓ ବସ୍ତୁବାଦୀ ବିଚାର କବିମାନଙ୍କ ନିକଟରେ ତୁଚ୍ଛ ହୋଇଯାଏ।

କବିତାର ଗୁଣ ସଂପର୍କରେ ବିଜ୍ଞାନୀ ଓ ସାହିତ୍ୟିକଙ୍କ ଆଭିମୁଖ୍ୟର ଥିବା ପ୍ରଭେଦ ଜଳ ଜଳ ଦିଶେ। ଏ ଲେଖକ ପଦାର୍ଥବିଜ୍ଞାନର ଜଣେ ଛାତ୍ର। ଏମିତି ଜଣେ ବ୍ୟକ୍ତି ଆପଣମାନଙ୍କ ଗହଣରେ ଆକସ୍ମିକ ଭାବେ ଆବିର୍ଭାବ ହୋଇଛି। ହଂସପଲ ମଧ୍ୟରେ ବଗର ପ୍ରବେଶ ସଦୃଶ। ବଗ ଯେତେ ଚେଷ୍ଟାକଲେ ମଧ୍ୟ ହଂସ ନ ହୋଇପାରେ। ମୀନ ଶିକାର ପାଇଁ ସେ ଥଣ୍ଟ ଯଥାସାଧ୍ୟ ଲମ୍ବା ହେବାକୁ ବରପ୍ରାପ୍ତ ହୋଇଥିବାରୁ ତାକୁ ଛୋଟକରି ହଂସର ମୁହଁ ଆପଣେଇ ପାରିବ ନାହିଁ।

**କଳ୍ପନା ବିଳାସୀ?**

ପ୍ରଶ୍ନ ଉଠିପାରେ କ'ଣ କବିମାନେ କେବଳ କଳ୍ପନା ବିଳାସୀ? ସେମାନେ କ'ଣ ବିଚାରବୁଦ୍ଧି ସମ୍ପନ୍ନ, ସୁସଙ୍ଗତ ଏବଂ ଯୁକ୍ତିଯୁକ୍ତ ନୁହନ୍ତି? ଏମିତି ଏକାଧିକ ଦୃଷ୍ଟାନ୍ତ ରହିଛି। ଯାହା ଦର୍ଶାଏ ଯେ, ଜଣେ କବି ପାଖରେ ଭାବପ୍ରବଣତା ସହ ବୈଜ୍ଞାନିକ ଚିନ୍ତାଧାରା ସହାବସ୍ଥାନ କରିପାରେ।

**ବିଜ୍ଞାନ ଓ କବିତା ମଧ୍ୟରେ ନିଶ୍ଚୟ ପାର୍ଥକ୍ୟ ରହିଛି। କିନ୍ତୁ ସେମାନଙ୍କ ମଧ୍ୟରେ ଗୋଟିଏ ଯୋଗସୂତ୍ର ବି ଅଛି।**

ଅବଶ୍ୟ ଗାଳ୍ପିକ କେବଳ ଶାସ୍ତ୍ରୀୟ ଉର୍ଦ୍ଦୁ, ପାର୍ସିଆନ କବିତା ମଧ୍ୟରେ ଆବଦ୍ଧ। କିନ୍ତୁ ପାର୍ସିଆର ବହୁଶାସ୍ତ୍ରଜ୍ଞ ଓମାର ଖାୟାମ (୧୦୪୮-୧୧୩୧, ଜନ୍ମସ୍ଥାନ: ନିଶାପୁର, ଖୋରାସନ) କେବଳ ଗଣିତଜ୍ଞ, ଜ୍ୟୋତିର୍ବିଜ୍ଞାନୀ ନଥିଲେ, ସେ ଦାର୍ଶନିକ ଓ କବି ହିସାବରେ କୃତବିଦ୍ୟ, ବୀଜଗଣିତର କ୍ୟୁବିକ ସମୀକରଣ ପାଇଁ ତାଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ। ଏଥିସହ ସେ କ୍ୟାଲେଣ୍ଡରରେ ସଂସ୍କରଣ ଆଣି ନିର୍ଭୁଲ ଦଲାଲି କ୍ୟାଲେଣ୍ଡର ପ୍ରସ୍ତୁତ କରିଥିଲେ। ତେବେ ବୈଜ୍ଞାନିକ ଓ ଗାଣିତିକ କ୍ଷେତ୍ରରୁ ବାହାରି ସେ ପ୍ରସିଦ୍ଧ ଚଉପଦୀ (ଚାରିଧାଡ଼ି ବିଶିଷ୍ଟ କବିତା ବା କ୍ୱାଟ୍ରେନ) ସଂକଳନ ରୁବାୟତର ସ୍ରଷ୍ଟା ହୋଇଥିଲେ। ଏହି ପ୍ରକାରର ରଚନାର ବୈଶିଷ୍ଟ୍ୟ ହେଉଛି ସୁଗମ ପ୍ରବାହ, ପ୍ରୀତିପଦ ତାଳ ଏଥିରେ ସନ୍ନିବେଶିତ ହୋଇଥିବା ସୁସ୍ପଷ୍ଟତା, ଏହାର ଆଙ୍ଗିକ ସଂହତି ଓ ପାଠକଙ୍କ ଉପରେ ପ୍ରଭାବ। ବୈଜ୍ଞାନିକ ମାନେ ମଧ୍ୟ ନିଜ ନିବନ୍ଧରେ ଏହି ଗୁଣଗୁଡ଼ିକ ମଧ୍ୟରୁ କେତେକଙ୍କୁ ପ୍ରାଥମିକତା ଦେଇଥାନ୍ତି। ଏହାର ସର୍ବଶ୍ରେଷ୍ଠ ଉଦାହରଣ ହେଉଛନ୍ତି ପଦାର୍ଥ ବିଜ୍ଞାନୀ ପଲ୍ ଡିରାକ।

ବ୍ୟକ୍ତିଗତ ସ୍ତରରେ ଜଣେ ନିରୋଳା କବି ଓ ବିଜ୍ଞାନୀ ମଧ୍ୟରେ ସମ୍ପର୍କ କେତେଦୂର ପରସ୍ପର ପରିପୂରକ ଓ ଆନନ୍ଦପ୍ରଦ ହୋଇ ପାରିବ? ଏହି ପ୍ରସଙ୍ଗଟି ତର୍ଜମା କରିବାବେଳେ ଆମକୁ କିଛି ବାସ୍ତବ ଘଟଣା ବିଚାରକୁ ନେବା ସମୀଚୀନ ହୋଇପାରେ।

ଏହି ପରିପ୍ରେକ୍ଷୀରେ ମନେପଡ଼ନ୍ତି ଆମ ସାହିତ୍ୟର ଯଶସ୍ୱୀ କବି ଆଶୁତୋଷ ପରିଡ଼ା (୧୯୪୬)। ଏହି ମାନବବାଦୀ ସ୍ରଷ୍ଟା ଜଣକ ଯୁଗ ମାନବର ଯନ୍ତ୍ରଣାବୋଧକୁ ରୂପକ ଓ ଚିତ୍ରକଳ୍ପର ପ୍ରୟୋଗ ଦ୍ୱାରା ରଚନା କରିଥିବା ବିଷୟ ସମୀକ୍ଷକମାନଙ୍କ ମତ। 'ଈପ୍ସିତ କ୍ରୋଧ' ପାଇଁ ୧୯୯୦ ରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ଓ 'ଅପ୍ରସ୍ତୁତ ମୃତ୍ୟୁ' କବିତା ସଂକଳନ ପାଇଁ ୨୦୨୩ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଆଶୁତୋଷ ଇଂଜିନିୟରିଂ ପରେ ଡକ୍ଟରେଟ ଉପାଧି ପାଇଛନ୍ତି। ଏକଦା ଗୋଟିଏ ସାକ୍ଷାତକାର ବେଳେ ତାଙ୍କୁ ପ୍ରଶ୍ନ କରାଯାଇଥିଲା, 'ଆପଣ ବିଜ୍ଞାନର ଛାତ୍ର, ପୁଣି ବୈଜ୍ଞାନିକ ଭାବେ କାର୍ଯ୍ୟ କରୁଛନ୍ତି। କବିତା ଲେଖିବା ବେଳେ ଆପଣ କ'ଣ ଦ୍ୱନ୍ଦର ଶିକାର ହେଉ ନାହାନ୍ତି? ନା, ବୃତ୍ତିଗତ ଜୀବନ ଆପଣଙ୍କୁ ସାହାଯ୍ୟ କରିଥାଏ?'

ଏହାର ଉତ୍ତର ଥିଲା ମୋର ବୃତ୍ତିଗତ ଜୀବନ ମୋ' କବିତା ଲେଖାରେ ମୋତେ ସାହାଯ୍ୟ ନକଲେ ବି କେବେ ପ୍ରତିବନ୍ଧକ ହୋଇନାହିଁ। ବିଜ୍ଞାନ ଓ କବିତା ମଧ୍ୟରେ ନିଶ୍ଚୟ ପାର୍ଥକ୍ୟ ରହିଛି। କିନ୍ତୁ ସେମାନଙ୍କ ମଧ୍ୟରେ ଗୋଟିଏ ଯୋଗସୂତ୍ର ବି ଅଛି। ତାହା ହେଉଛି ମାନବିକ ଜିଜ୍ଞାସା। ତେଣୁ କବିତା ରଚନା ବେଳେ ବିଜ୍ଞାନ କେବେ ମୋତେ ଦ୍ୱନ୍ଦ୍ୱରେ ପକାଇନାହିଁ। ତାହା କବିତା ଭିତରେ ଯେଉଁ ଦ୍ୱନ୍ଦ୍ୱ ଅଛି ତାର ଚରିତ୍ର ଭିନ୍ନ ପ୍ରକାରର। ତାହା ହେଉଛି ଆତ୍ମିକ ଓ ଅଭିବ୍ୟକ୍ତି ଦ୍ୱନ୍ଦ।

ବିଜ୍ଞାନ ଯୁଗରେ ଅନେକ ଆଶୁତୋଷ ପରିଡ଼ା ଭୂମିଷ୍ଠ ହୁଅନ୍ତୁ।

□□

ଲେଖକଙ୍କ ଇ-ମେଲ ଠିକଣା:
nikhilanand.panigrahy@gmail.com

କବିତା




# ଚିତାର ଆସର

ଉମାକାନ୍ତ ମହାପାତ୍ର

ଏବେ କାଇଁ ଘର ଲାଗେ ଶମସାନ
କୋଠରିରେ ଉହଡହ ନିଆଁ ତାତି
ଖଟିଆଟି ଜୁଇ ଆଉ ଚିତାର ଆସର,
ବିଯୋଗର ବ୍ୟାକରଣ ପଢୁଅଛି ବର୍ତ୍ତମାନ
ଅତୀତର ରଙ୍ଗଶାଳା ହୁତାଶନ ପରି
ଭବିଷ୍ୟତ ଅଜଗର ମାରୁଛି ଫୁତ୍କାର ।

ସ୍ୱେଦ ପରି ଝରୁଅଛି ଲହୁ ଲୁହ ସବୁ
ପବନରେ ଗହଗହ ଝାଞ୍ଜି ଖେଳେ
ନିଶ୍ୱାସର ଅବିଶ୍ୱାସ କରେ ଜରଜର,
ଶବ୍ଦସବୁ ସମିଧ କି ନିଶବ୍ଦତା ଘୃତ
ସ୍ୱପ୍ନମାନେ ଆତଯାତ ଯେମିତି କି ପ୍ରେତ
ସତ୍ୟସବୁ ବିଦ୍ଧକରେ ଶ୍ୟାମଳ ଶରୀର ।

ଏ ପୃଥିବୀ ଧୀରେ ଧୀରେ ଜଳିଯାଏ
ସାଗରର ଜଳରାଶି ଲାଗେ ହଳାହଳ
ଶିଆଳି ଲତାରେ ଜଗିଅଛି ମାୟାର ଶବର,
ପଲ୍ଲବିତ ପତ୍ରମାନେ କାନଡେରି ଶୁଣୁଛନ୍ତି
ନୀରବରେ ଭାଗବତ ଦଶମ ଅଧ୍ୟାୟ
ଫୁଲମାନେ ଲଗ୍ନସ୍ନାନେ ଲୁଟାନ୍ତି ଅତର ।



ଜ୍ୱଳନର ତୀବ୍ରତାରେ ପୋଡ଼ିଯାଏ ମନ
ଆତ୍ମା ଆଉ ଚାହୁଁ ନାହିଁ ଦେବାପାଇଁ ବୁଡ଼
ଶ୍ୱେତଗଙ୍ଗା କରିଅଛି ରକତେ ଶୃଙ୍ଗାର,
ପାଟଳ ରଙ୍ଗର ଦେହ ହରିଦ୍ରା ରଜରେ
ଓଠରେ ତା' ଅଲକ୍ତକ ଚରମ ପୁଲକ
ଆଖିରେ ତ ଅକ୍ଷରେଖା ରେଶମୀ ଅନ୍ଧାର ।

କେମିତି ସରିବ ରାତି ଭେଟିବି ସକାଳ
ସକଳ ମନର ଭ୍ରାନ୍ତି ସବୁଜ ସୀତ୍କାର
ଲିଭିଯାଉ ପଲକରେ ଜଳୁ ଜତୁଗୃହ,
ଧୂସର ପାଉଁଶତଳେ ଲେଖାହେଉ ସ୍ତୋତ୍ର
ଧରାର ଧିକ୍କାର ଆଉ ଧୂଳି ଧ୍ୱନନରେ
ତୁଷନିଆଁ ପରି ଜଳୁ ଯେତେ ମାୟା ମୋହ ॥

□□

କବିଙ୍କ ଇ-ମେଲ ଠିକଣା:
ukmahapatra64@gmail. Com

ଗଳ୍ପ

# ଦୁଇଟି ମିନିଗପ



ଜିନତମାମ୍ ଦର୍ଜୀ

## ଜୁରୀ

**ସେ**ଦିନ ମଧ ବୟସ୍କ ଲେଖକ 'ସୋରେନ' ତାଙ୍କ ସୋସାଇଟି ଫଙ୍କ୍‌ସନ୍‌ରେ ଝିଅ ନୃପାର ନୃତ୍ୟ ପରିବେଷଣ କରିବା ବେଳର ଭିଡ଼ିଓକୁ ସୋସିଆଲ ମିଡ଼ିଆରେ ସେୟାର କଲେ ।

ତାହାକୁ ଦେଖି ଜଣେ ବୃଦ୍ଧ ରସିକ କବି ଦାମୋଦର ଚାଟୋପାଧାୟ କମେଣ୍ଟ ଦେଲେ -'ବାଃ , ଝିଅ କଣ ଦେଖାଯାଉଛି, କି ନାଚୁଛି, ପୂରା ଷ୍ଟେଜ୍ ଦୁଲୁକାଇ ଦେଉଛି । ଝିଅକୁ ମୋର ହୃଦୟଭରା ପ୍ରେମ, ତାକୁ ଭେଟିବାକୁ ଚାହୁଛି ।' ତା' ସହ ଦୁଇ ଚାରିଟା ନାଲିଆ ହୃଦୟର ଇମୋଜୀ ।

ଯଦି ବା ଭାଷା ମର୍ଯ୍ୟାଦିତ ଆଉ ସଭ୍ୟ ଜଣାପଡୁଥିଲା କିନ୍ତୁ ସୋରେନ ଆଜ୍ଞାଙ୍କୁ ଜଣାଥିଲା ବୁଢ଼ା କବିର ଚରିତ୍ର ଆଉ କାରନାମା । ଏଇ ସଭ୍ୟ କମେଣ୍ଟର ଉହାଡ଼ରେ ଲୁଚିଥିବା ଅଶ୍ଳୀଳ ଇଙ୍ଗିତ ସେ ଠିକ୍ ବୁଝିପାରୁଥିଲେ । ବୁଢ଼ା ଯେ ଝିଅକୁ ନେଇ କ'ଣ କ'ଣ ଭାବି ଉତ୍ତେଜିତ, ଆନନ୍ଦିତ ହୋଇଥିବ ସେକଥା ଠଉରେଇପାରି ତାଙ୍କ ହାତ ରାଗରେ ମୁଠାମୁଠା ହୋଇଉଠୁଥିଲା ।




ତଥାପି ସେ ଦାମୋଦର ଚାଟୋପାଧାୟଙ୍କୁ କିଛି ବି କହିପାରିଲେନି । କାରଣ ଏବେ ତାଙ୍କ ବହି ଏକାଡେମୀ ଚୟନ ପ୍ରକ୍ରିୟାରେ । ଆଉ ଦାମୋଦର ବାବୁ ଜୁରୀ ଭୂମିକାରେ ।

## ସରକାରୀ ଯୋଜନା

**ଏ**ତେ ପ୍ରତୀକ୍ଷାର ଅନ୍ତ ଘଟାଇ ଶେଷରେ ମୁଖ୍ୟମନ୍ତ୍ରୀ ଆସି ଯୋଜନାଟିକୁ କାର୍ଯ୍ୟକାରୀ କଲେ । ସରକାରୀ ଯୋଜନା ସବୁ କାର୍ଯ୍ୟକାରୀ ହେଉ ହେଉ ଏମିତି ଲାଗିଯାଏ ସମୟ । ତା' ବୋଲି କ'ଣ କାର୍ଯ୍ୟକାରୀ କରାଯାଏ ନାହିଁ କି ?

ଏଥର ସରକାର ସ୍ୱାଧୀନତା ଦିବସରେ ସେହି ପୁରୁଣା ଛଅ ବର୍ଷ ତଳର ହେଲଥ୍ କାର୍ଡ ଯୋଜନାର କାର୍ଯ୍ୟକାରିତା ପାଇଁ ପ୍ରତିଜ୍ଞାବଦ୍ଧ ହେଲେ । ହେଲଥ୍ କାର୍ଡ ଦ୍ୱାରା ଗରିବମାନଙ୍କୁ ଯୋଗେଇ ଦିଆଯିବ ସ୍ୱାସ୍ଥ୍ୟଗତ ସୁବିଧା ସହୁଲିୟତ ସବୁ । ଯେଉଁମାନେ ପଇସା ଅଭାବରେ ଚିକିତ୍ସା କରିନପାରି ଅପମୃତ୍ୟୁର ଶିକାର ହୁଅନ୍ତି; ସେମିତି ଆଉ କିଛି ବି ଘଟିବନି । କାର୍ଡ ପାଇବା ପାଇଁ



ଯୋଗ୍ୟ ବିବେଚିତ ହୋଇଥିବା ତାଲିକାରେ ଯେଉଁମାନଙ୍କ ସବୁ ନାମ ଆସିଛି ସେମାନଙ୍କ ଘରେ ଡାକି ଡାକି ଦିଆଯାଉଥିଲା କାର୍ଡ । ଅଙ୍ଗନବାଡ଼ି କର୍ମୀମାନେ ଆସି ଘରେ ଘରେ ବାଣ୍ଟି ଦେଇଗଲେ କାର୍ଡ ।

- 'ବିଶ୍ୱେଶ୍ୱର ପାତ୍ର ଘରେ ଅଛନ୍ତି ନା ?' ପଚାରୁଥିଲେ ସ୍ୱାସ୍ଥ୍ୟକର୍ମୀ ଜଣକ, 'ଏଇ ନିଅନ୍ତୁ, ତାଙ୍କର ସ୍ୱାସ୍ଥ୍ୟ କାର୍ଡ ଆସି ଯାଇଛି ।'

କାର୍ଡ ଧରିଲେ ଆସି ଚାରିବର୍ଷ ପୂର୍ବେ ଖାଦ୍ୟନଳୀ ସଂକ୍ରମଣ ପାଇଁ ମୃତ ବିଶ୍ୱେଶ୍ୱରଙ୍କ ବିଧବା ପତ୍ନୀ ।

□□

ଲେଖିକାଙ୍କ ଇ-ମେଲ ଠିକଣା:
jinatamamdarjee@gmail.com



ଶିଶୁ ଗଳ୍ପ


# ମୂଷିକରାଜ କି ଜୟ

ଇତିଶ୍ରୀ ପଣ୍ଡା

ବିରାଟ ସଭା ଲାଗିଛି । ମୂଷାମାନେ ସବୁ ଧାଡ଼ିବାନ୍ଧି ବସିଛନ୍ତି ନୀରବ ନିଶ୍ଚଳ ହେଇ । ସାମନାରେ ଥିବା ଏକ ଉଚ୍ଚ ମାଟିଟେଳା ଉପରେ ସମସ୍ତଙ୍କ ଦୃଷ୍ଟି ନିବଦ୍ଧ । ସେଇ ମାଟିଟେଳା ଉପରେ ରେଶମୀ କପଡ଼ାର କିଛି ଟୁକୁଡ଼ା ପଡ଼ିଛି, ଆସନ ପରି। ଯାହା ଉପରେ ବସିଛି ଏକ ଅତିକାୟ ମୂଷିକ । ଅନ୍ୟ ସବୁ ମୂଷାମାନଙ୍କ ଠୁ ଢେର୍ ଗୁଣ ବଡ଼ । ବଡ଼ ବଡ଼ କାନ, ଲମ୍ବା ଲମ୍ବା ନିଶ, ଜଳୁଥିବା ଦି'ଟି ଆଖି, ମୋଟ ମୋଟ ଚାରି ଗୋଡ଼। ଥନ୍ତଲ ପେଟଟି ଆଗକୁ ବାହାରି ପଡ଼ିଛି । ଲମ୍ବା ମୋଟା ଲାଞ୍ଜଟା ପଛରେ ହଲୁଛି । ଆକାର ପ୍ରକାର, ହାବଭାବରୁ ସ୍ପଷ୍ଟ ବାରିହେଉଛି ଯେ ସେ ହେଉଛନ୍ତି ମୂଷାମାନଙ୍କ ରାଜା ।

ହେଲେ ମୁଖମଣ୍ଡଳରେ ଗମ୍ଭୀରତା ଛାଇ ହେଇଛି । ମଝିରେ ମଝିରେ ନିଜ ଲମ୍ବା ନିଶରେ ହାତ ମାରୁଥା'ନ୍ତି । ନୀରବତାକୁ ତ୍ୟାଗି ମୂଷିକରାଜ କହିଲେ, ମହାମନ୍ତ୍ରୀ ପଦ ପାଇଁ ତ ବହୁ ପ୍ରାର୍ଥୀ ଆଶାୟୀ । ହେଲେ କିଏ ଉପଯୁକ୍ତ, ସେ ବିଚାର କେମିତି କରାଯିବ! ଗୋଟେ ମୂଷା ଠିଆହେଇ କହିଲା, ମହାରାଜ ଯା' ପାଇଁ ତେବେ ଶକ୍ତି ପରୀକ୍ଷଣ କରାଯାଉ । ଯିଏ ଜିତିବ ତାକୁ ମହାମନ୍ତ୍ରୀ ନିଯୁକ୍ତ କରାଯିବ । ମୂଷିକରାଜ କିନ୍ତୁ ସେ ଉପାୟରେ ସନ୍ତୁଷ୍ଟ ନ ହେଇ କହିଲେ, ଏଟା କ'ଣ ଅଙ୍ଗରକ୍ଷୀ ଅବା ସେନାପତି ନିଯୁକ୍ତି ହେଉଛି ଯେ ଶକ୍ତି ପରୀକ୍ଷା ହେବ ! ମହାମନ୍ତ୍ରୀର ବିଚାରବିମର୍ଶରେ ଆମେ ରାଜକାର୍ଯ୍ୟ କରିବୁ। ତେଣୁ ମହାମନ୍ତ୍ରୀଙ୍କର ବାହୁବଳ ଅପେକ୍ଷା ବୁଦ୍ଧିବଳ ଥିବା ଦରକାର। ଅତଏବ ବୁଦ୍ଧି ପରୀକ୍ଷା ହେବ ।

ମୂଷାମାନଙ୍କ ଭିତରେ ଚର୍ଚ୍ଚା ଚାଲିଲା । ଘଡ଼ିଏ ରହି ମୂଷିକରାଜ କହିଲେ, ମଣିଷ ହେଉଛି ସବୁଠୁ ଶ୍ରେଷ୍ଠ ପ୍ରାଣୀ ଆଉ ବୁଦ୍ଧିଆ । ତେଣୁ ତା' ଘରୁ ଯିଏ ସ୍ୱର୍ଣ୍ଣ ଧରି ଆସିପାରିବ ତାକୁ ଆମେ ମହାମନ୍ତ୍ରୀ କରିବୁ । ବାସ୍ ଆଉ କିଏ ସମ୍ଭାଳେ ମୂଷାମାନଙ୍କୁ । ଡିଆଁ ଡେଇଁ କୁଦା କୁଦି କରି ଯିଏ ଯୁଆଡ଼େ ଦୌଡ଼ିଲେ ସୁନା ଆଣିବାକୁ । ନିମିଷକେ ଫାଙ୍କା ହେଇଗଲା ସଭାସ୍ଥଳ । ମୂଷିକରାଜ ଆଶ୍ୱସ୍ତ ହେଇ ନିଶ ସାଉଁଳେଇ ଅଧା ଢଳି ପଡ଼ିଲେ ମାଟିଟେଳାର ସିଂହାସନ ଉପରେ ।




କିଛି ଘଣ୍ଟା ପରେ ଗୋଟାଏ ମୂଷା ଆସି ପହଞ୍ଚିଗଲା ହାତରେ ଗୋଟେ ସୁନା ମୋହର ଧରି । ମୂଷିକରାଜଙ୍କ ଆଗେ କହିଲା, ସେଇଟିକୁ ଆଣିଛି କୃପଣ ସାହୁକାର ଘରୁ । ଧୀରେ ଧୀରେ ମୂଷିକରାଜଙ୍କ ପାଦ ପାଖେ କେତେ କ'ଣ ସୁନା ଦରବ ଗଦା ହେଇଗଲା । କିଏ ରାଜା ଘରୁ ସୁନା ମୁଦି ଆଣିଛି, ତ କିଏ ଜମିଦାର ଘରୁ ସୁନାଫରୁଆ । କିଏ ରାଣୀ ଗାଧୁଆ ତୁଠରୁ ସୁନା କାନର ଉଠେଇ ଆଣିଛି ତ କିଏ ଗାଉଁଲିଟିଏର ଭଙ୍ଗା ଘରୁ ଛୋଟିଆ ଖଣ୍ଡେ ନାକ ଫୁଲ ।

ମୂଷିକରାଜ କିଛି କହିବା ଆଗରୁ ସମସ୍ତେ ହୁରିକରି ନିଜ କାରନାମା ବଖାଣି, ମହାମନ୍ତ୍ରୀ ପଦ ପାଇଁ ଅଧିକାର ସାବ୍ୟସ୍ତ କଲେ । ବେଳୁବେଳ କଥା କଟାକଟି ହେଇ ଝଗଡ଼ା ଯାଏ ପହଞ୍ଚିଲା । ମୂଷିକରାଜ କିନ୍ତୁ ଅଚିନ୍ତାରେ ଢୁଳଉ ଥାଆନ୍ତି। ଏସବୁ ପ୍ରତି ତାଙ୍କର ନିଘାନାହିଁ ।

ଏତିକିବେଳେ ଚୁଟିଆ ମୂଷାଟେ ଧୀରେ ଧୀରେ ଆସି, ମୂଷିକରାଜଙ୍କ ସିଂହାସନ ଯାଏ ଗଲା। ତାକୁ ଦେଖି ବାକି ମୂଷା ତଟସ୍ଥ । ଯେ ଚୁଟିଆ ବି ମହାମନ୍ତ୍ରୀ ହବା ମୋହରେ!! କଉଠୁ କ'ଣ ଆଣିଛି ଦେଖିବା ପାଇଁ ସବୁ ନିଶ୍ଚଳ ହେଇ ଅନେଇଥା'ନ୍ତି । କୋଳାହଳରେ ଫାଟି ପଡୁଥିବା ଜାଗାଟା ହଠାତ୍ ଶାନ୍ତ ପଡ଼ିଯିବାରୁ ମୂଷିକରାଜ ଉଠି ଚାହିଁଲେ ।

ଚୁଟିଆମୂଷା ମୁଠାଏ ଧାନ ମୂଷିକରାଜଙ୍କ ଗୋଡ଼ ପାଖେ ରଖିଦେଇ ପ୍ରଣାମ କଲା । କହିଲା, ମହାରାଜ ମୋ' ଛୋଟ ମୁଣ୍ଡରେ ମୋତେ ଯାହା ବୁଦ୍ଧି ଦିଶିଲା ସେଇଥିରେ ମଣିଷର ଅମାର ଘରୁ ମୁଁ ଏଇତକ ଆଣିଛି । ମୁଠାଏ ଧାନକୁ ଦେଖି ଶାନ୍ତ ପଡ଼ିଥିବା ମୂଷାଙ୍କ ଗହଣରେ ହସର ସୁଅ ଛୁଟିଲା ।



ମୂଷିକରାଜ ଫଁକ୍ କିନା ଡେଇଁପଡି, ଚୁଟିଆକୁ କୋଳେଇ ନେଇ ଘୋଷଣା କରିବା ଢଙ୍ଗରେ କହିଲେ, ମିଳିଗଲେ..... ମହାମନ୍ତ୍ରୀ ମିଳିଗଲେ..... । ହସି ହସି ଫାଟି ପଡୁଥିବା ମୂଷା ମେଳିରେ ପୁଣି ନିସ୍ତବ୍ଧତା ଛାଇଗଲା, ମୂଷିକରାଜଙ୍କ କଥା ଶୁଣି । ସମସ୍ତେ ଏକ ସ୍ୱରରେ କହିଲେ, ମହାରାଜ ଯେ କିପରି ହେବ ! ଆପଣଙ୍କ କହିବା ମୁତାବକ ଆମେ ସବୁ ସୁନାଧରି ଆସିଲୁ, ହେଲେ ଯେ ଚୁଟିଆ ତ ଆଣିଲା ଧାନ ମୁଠାଏ ।

ମୂଷିକରାଜ ନିଶକୁ ମୋଡ଼ି କହିଲେ, ଏଇ ତ ଅସଲ ବୁଦ୍ଧି ପରୀକ୍ଷା ଯେଉଁଥିରେ ଚୁଟିଆ ଜିତିଗଲା । ମୁଁ କହିଲି ସୁନା ଆଣିବାକୁ । ତମେମାନେ ସତ ସତିକା ସୁନା ଧରି ହାଜର ହେଲ । ହେଲେ ଆମ ପଶୁ ଜାତି ପାଇଁ ଯାର କି ଆବଶ୍ୟକ ! ଆମ ପାଇଁ ତ ଅସଲ ସୁନା ସେଇ ଯାହାକୁ ମଣିଷ ଧରଣୀ ମା'ର ବୁକୁରେ ଫଳାଏ । ଚଷା ଭାଇ ସୁନାର ଲହରୀ ଖେଳେଇ ଦିଏ ନିଜ ଶ୍ରମଦାନ କରି । କ୍ଷେତ ଜମିରେ ଝୁଲିପଡ଼େ ମୁଣ୍ଡା ମୁଣ୍ଡା ସୁନା ତା' ଶ୍ରମର ମୂଲହେଇ ।

ଖାଲି ଆମ ପାଇଁ ନୁହେଁ, ସମଗ୍ର ଜୀବଜଗତ ପାଇଁ ଏଇ ତ ଅସଲ ସୁନା । ଯାହାକୁ ଚିହ୍ନିଲା ଆମ ଚୁଟିଆ । ତେଣୁ ଚୁଟିଆ ଆଜିଠୁ ଆମ ମହାମନ୍ତ୍ରୀ । ତା' ଠୁ ବୁଦ୍ଧିଆ ଆଉ କେହି ନୁହେଁ । ତମେମାନେ ସବୁ ଯିଏ ଯେଉଠୁ ସୁନା ଦରବ ଆଣିଛ ସେଠି ନେଇ ରଖି ଆସିବ । ମୂଷିକରାଜଙ୍କ କଥାକୁ ବୁଝି ସମସ୍ତେ କହିଲେ, 'ବୁଦ୍ଧିମାନ ମହାମନ୍ତ୍ରୀ ଚୁଟିଆଙ୍କର ଜୟ... ମୂଷିକରାଜଙ୍କର ଜୟ... ।

ମୂଷିକରାଜ କିନ୍ତୁ ଗାଇଲେ, ଧରଣୀ ମା'ର ଜୟ.... ଚଷା ଭାଇର ଜୟ... ।

□□

ଲେଖିକାଙ୍କ ଇ-ମେଲ ଠିକଣା:
itishree105@gmail.com


PROZOSYS
TECHNOLOGIES PVT. LTD.
+91 9777060101
Call us now!

DESIGN, DEVELOPMENT & MARKETING SERVICES

Contact for :

- Website Designs
- Website Development
- Web Application Development
- Mobile Application Development
- eCommerce Website Development
- Software Development
- Google Ads Services
- Search Engine Optimization
- Digital Marketing Services
- Web Hosting
- Logo Design
- Domain Registration

Contact No:- +91 9777060101, 9777980101, Address:- N6/315, Jayadev Vihar, Bhubaneswar
Website:- www.prozosys.com, Email Id :- info@prozosys.com



**ପୁସ୍ତକ ସମୀକ୍ଷା**

# ଚିର୍‌କୁଟ୍

**ଲେଖକ : ଘନଶ୍ୟାମ ପାଣିଗ୍ରାହୀ**
**ପ୍ରକାଶକ: ପେନ୍ ଇନ୍ ବୁକ୍ସ, ଭୁବନେଶ୍ୱର**
**ପୃଷ୍ଠା: ୧୫୪, ମୂଲ୍ୟ: ଟ. ୨୪୯/-**

ଗତ ଦୁଇବର୍ଷ ମଧ୍ୟରେ ଓଡ଼ିଆ ପାଠକମାନଙ୍କୁ ପରକୁ ପର ତିନୋଟି ସ୍ୱରଚିତ ଗଳ୍ପ ସଂକଳନ ଉପହାର ଦେଇ ଘନଶ୍ୟାମ ପାଣିଗ୍ରାହୀ କଥାସାହିତ୍ୟର ଜଣେ ପୋଖତ ସ୍ରଷ୍ଟା ଭାବରେ ନିଜର ପରିଚୟ ସାବ୍ୟସ୍ତ କରିପାରିଛନ୍ତି। ଏହି ସଂକଳନଗୁଡ଼ିକର ବିଭିନ୍ନ ଗଳ୍ପରେ ଦିଶିଯାଏ ଥିମ୍‌ର ନିରୁତାପଣ ସହିତ କଥାବସ୍ତୁର ଗଢ଼ଣରେ ତାଙ୍କର ଦକ୍ଷତା ମଧ୍ୟ। ନିଜର ସଦ୍ୟତମ ପ୍ରସ୍ତୁତି 'ଚିରକୁଟ୍'ରେ କଥାକାରଙ୍କ ଏହି ବିଶେଷତ୍ୱ, ମନେହୁଏ ଯେମିତି ଆହୁରି କେଇ ପାଦ ଆଗକୁ ବଢ଼ିପାରିଛି।

ଏଥିରେ 'ଚିରକୁଟ୍' ନାମକ ଶୀର୍ଷକସ୍ଥ ଗଳ୍ପ (ଟାଇଟଲ୍ ଷ୍ଟୋରୀ)ଟି ଆମେ ଦେଖିବାକୁ ପାଉ ସୂଚୀପତ୍ରର ସର୍ବାଗ୍ରେ ବା ସର୍ବଶେଷରେ ନୁହେଁ, ବରଂ ଅନ୍ୟ ଗଳ୍ପମାନଙ୍କ ଭିଡ଼ ଭିତରେ ମଝାମଝି। ଅଥଚ ଏହିଟିକୁ ସଂକଳନର ସର୍ବାଧିକ ପ୍ରଣିଧାନଯୋଗ୍ୟ ଗଳ୍ପର ମର୍ଯ୍ୟାଦା ଦିଆଯାଇପାରେ। 'ଚିରକୁଟ୍' ଗଳ୍ପଟିର ଏକ ମାନବେତର ଚରିତ୍ର; କିନ୍ତୁ ଇତର ନୁହେଁ। ପ୍ରଥମ ପୁରୁଷ ଏକବଚନରେ ପରିବେଷିତ ଏହି ଗଳ୍ପର କଥକ ଦିନେ ମର୍ଣ୍ଣିଂୱାକ୍‌ରୁ ଫେରୁଥିବା ବେଳେ ଗୋଟିଏ ନାଳ ଭିତରେ ଆବିଷ୍କାର କରିଥିଲେ 'ତୁଳା ପେଣ୍ଡୁଟିଏ ଭଳି ଏକ ନର୍ଦ୍ଦମା ପାଣିରେ ଓଦା ସରପଟ୍ ହୋଇ ବିକଳରେ ମିଆଉଁ ମିଆଉଁ ଚିତ୍କାର କରୁଥିବା' କୁନି ବିଲେଇ ଛୁଆଟିଏ। ଏହାପରେ 'ଚିରକୁଟ୍' ଭଳି ଏକ ଅସାମାନ୍ୟ ନାମଟିଏ ଧାରଣକରି ସେହି ବିଲେଇ ଛୁଆ ତାଙ୍କ ପରିବାରର ଏକ ଅଲିଅଳ ସଦସ୍ୟ ଭାବରେ ପ୍ରତିପାଳିତ ହୋଇଛି। ଏହି 'ଚିରକୁଟ୍' ନାମକ ବିଲେଇଟିକୁ କେନ୍ଦ୍ରକରି କଥାକାର ଯେଭଳି ଭାବେ ସନ୍ତର୍ପଣରେ ଏକ ଭାବାବେଗପୂର୍ଣ୍ଣ କ୍ଲାଇମାକ୍ସ ଆଡ଼କୁ ଅଗ୍ରସର ହୋଇଛନ୍ତି ତାହା ପାଠକକୁ ଆଚ୍ଛନ୍ନ କରିରଖିବାକୁ ସକ୍ଷମ। ଉପସଂହାରରେ ଗାଳ୍ପିକ କାହାଣୀଟିକୁ ଏକ ଦୁଃଖାନ୍ତକ ମୋଡ଼ ହିଁ ଦେଇନାହାନ୍ତି, ବରଂ ଗୋଟିଏ ମଧ୍ୟବିତ୍ତ ପରିବାର ମଧ୍ୟରେ ପାରସ୍ପରିକ ସମ୍ବେଦନା ଓ ବୁଝାମଣା ସହିତ ଅବୁଝାମଣାର ମଧ୍ୟ ଏକ ସ୍ପଷ୍ଟ ପରିଦୃଶ୍ୟ ଆଙ୍କିପାରିଛନ୍ତି। ଏହି ଚିତ୍ରଣର ଶୈଳୀ ମଧ୍ୟରେ ବେଶ୍ ମାର୍ଜିତ ଓ ମପାଚୁପା।

ସଂକଳନଟିରେ ସନ୍ନିବେଶିତ ୨୫ଟି ଯାକ ଗଳ୍ପରେ ମାନବୀୟ ସଂପର୍କକୁ ନିୟନ୍ତ୍ରିତ କରୁଥିବା ପରିସ୍ଥିତିଗୁଡ଼ିକୁ ରୂପାୟିତ କରିବାକୁ ଚେଷ୍ଟା କରିଛନ୍ତି କଥାକାର। ତେବେ କାହାଣୀର ଛାଞ୍ଚ ସବୁସ୍ଥଳରେ ସମସ୍ତରୀୟ ନୁହେଁ। ଉଦାହରଣ ସ୍ୱରୂପ, ବହିଟିର ପ୍ରଥମ ଗଳ୍ପ 'ଅବ୍ୟକ୍ତ'ରେ ଗୋଟିଏ ପରିବାରର ଅସୁସ୍ଥ ମୁରବି ରାମଧନଙ୍କୁ ତାଙ୍କର ରୋଗଶଯ୍ୟାରେ ଭେଟିବା ପାଇଁ ଏକାଠି ହୋଇଥିବା ସାତ ପୁଅ, ସାତ ବୋହୂ ଓ ତାଙ୍କର ବିଂଶାଧିକ ସଂଖ୍ୟକ ନାତିନାତୁଣୀଙ୍କର ସମାଗମକୁ ନେଇ ଉତ୍ସବମୁଖର ହୋଇଉଠିଥିବା ପରିବେଶଟି ପ୍ରତି କଟାକ୍ଷ କରାଯାଇଛି। ଏହିଭଳି ବିବିଧ ସ୍ୱାଦ ଓ ଅନୁଭବକୁ ପାଥେୟ କରି ନିଆରା ପରିଚୟ ସାଉଁଟି ପାରିଛନ୍ତି ପ୍ରତ୍ୟେକଟି ଗଳ୍ପ।

ସନ୍ନିବେଶିତ ଗଳ୍ପଗୁଡ଼ିକୁ ଅନାବଶ୍ୟକ ଭାବରେ ପୃଥୁଳକାୟ ନକରି ସେଗୁଡ଼ିକର କଳେବର ଯଥାସାଧ୍ୟ ସୀମିତ ରଖିବା ପାଇଁ କଥାକାର ଯତ୍ନବାନ ହୋଇଛନ୍ତି। ପୁସ୍ତକଟିର ମୁଦ୍ରଣ ପରିପାଟୀ ପରିଚ୍ଛନ୍ନ ଏବଂ ଅକ୍ଷର ସଂଯୋଜନା ମଧ୍ୟ ମୋଟାମୋଟି ତ୍ରୁଟିଶୂନ୍ୟ। ବହିଟିର ପ୍ରାରମ୍ଭରେ ଏକ ସଂକ୍ଷିପ୍ତ ମୁଖବନ୍ଧ ଲେଖିବାକୁ ଯାଇ ପବିତ୍ର ମୋହନ କର ଯଥାର୍ଥରେ ମତ ଦେଇଛନ୍ତି ଯେ ଏହିସବୁ ରଚନାରେ ଆମେ ପାଉ 'ଜୀବନରେ ଗପ ଓ ଗପରେ ଜୀବନ'। ଗାଳ୍ପିକଙ୍କର ଆଗାମୀ ଗଳ୍ପଗୁଡ଼ିକରେ ଏହି ଜୀବନବୋଧ ଆହୁରି ବିବିଧବର୍ଣ୍ଣୀ ହେଉ, ଏହାହିଁ ଆମର କାମନା।

**ନିହାର ଶତପଥୀ**

# ସାହିତ୍ୟ ସମାଚାର

## ବ୍ରହ୍ମପୁରରେ କବି ନୁହଁ, କବିତାମାନଙ୍କର ଏକ ଆସର: ଏକତ୍ର ଏକବିଂଶତି





"ସଭା ନୁହେଁ, ତେଣୁ ମଞ୍ଚ ନଥିଲା କି ସଭାପତି, ମୁଖ୍ୟବକ୍ତା ଅଥବା ବକ୍ତା ଆଦି 'ତି' କିମ୍ବା 'ତା' ଜାତୀୟ ମାଇକଷେଣ୍ଟମାନଙ୍କର ଦୌରାତ୍ମ୍ୟ, ଭାଷାନ୍ତରେ ପ୍ରକୋପ ବା ଆଧିପତ୍ୟ ନଥିଲା। ଆସର ନଥିଲା, ତେଣୁ ଆଟୋପ କି ଆଡ଼ମ୍ବର ନଥିଲା। ଥିଲା, ଗୋଟିଏ କୋଠରୀ। ସେଇ କୋଠରୀର କବାଟକୁ ଛାଡ଼ି, ଚାରିକାନ୍ଥକୁ ଲାଗି ବସିବା ଆସନ। ସେହି ଆସନ ସବୁରେ ସମାସୀନ ଥିଲେ ଏକୋଇଶି ଜଣ କବି। ଏକୋଇଶି ଜଣ କବିତା। କବିଙ୍କୁ ମାର ଗୋଲି, ଏକୋଇଶି ଜଣ କବିତା କୁହାଯାଉ। ଅବଶ୍ୟ, କବିତାକୁ ଆବାହନ କରିବା ପାଇଁ ଜଣେ ଅବାହକ ଥିଲେ। ସେ କବିତାକୁ ଡ଼ାକୁଥିଲେ ଏବଂ ଆମେ ଆମ ପାଳି ଆସିଲେ, ଆମ କବିତାର ଅର୍ଘ୍ୟ ନିବେଦନ କରୁଥିଲୁ। ଆମର ସେ ଅର୍ଘ୍ୟ ବାକି କୋଡ଼ିଏ ଜଣ ଈଶ୍ୱର ହାତାହାତି ଗ୍ରହଣ କରି ଆମକୁ ପରମାର୍ଥ ପ୍ରଦାନ କରୁଥିଲେ।"

ଅଗଷ୍ଟ ୧୦ ତାରିଖ ଦିନ ବ୍ରହ୍ମପୁରଠାରେ ଏକାନ୍ତ ନିଆରା ଢ଼ଙ୍ଗରେ ଆୟୋଜିତ 'ଏକତ୍ର ଏକବିଂଶତି' ନାମକ ଏକ କବିତା-ମିଳନରେ ଉପସ୍ଥିତ ଥିବା ଅନ୍ୟତମ କବି ଭବାନୀ ପଟ୍ଟଯୋଶୀ ନିଜର ଅନୁଭୂତିକୁ ଏଭଳି ଭାଷାରେ ବ୍ୟକ୍ତ କରିଛନ୍ତି।

୨୧ ଜଣ ସୂନିର୍ବାଚିତ କବିଙ୍କ ଉପସ୍ଥିତିରେ ଏକ ଗାମ୍ଭୀର୍ଯ୍ୟପୂର୍ଣ୍ଣ ପରିବେଶରେ ଆୟୋଜିତ ଏହି ସାରସ୍ୱତ ମିଳନଟିର ଆୟୋଜକ ଥିଲେ 'କବି ବିପିନ ନାୟକ ପାଠକ ମଞ୍ଚ'।

## ଭୁବନେଶ୍ୱରରେ ଇଂରାଜୀ ପୁସ୍ତକର ଲେଖକଙ୍କ ସହ ପାଠକଙ୍କର ଭାବ ବିନିମୟ




ନବ ପ୍ରକାଶିତ ବହିର ଲେଖକମାନଙ୍କ ସହିତ ପାଠକମାନଙ୍କର ଭାବବିନିମୟର ଅବସର ସୃଷ୍ଟିକରିବା ପାଇଁ କଲିକତାସ୍ଥିତ 'ପ୍ରଭା ଖୈତାନ ଫାଉଣ୍ଡେସନ୍' ଆନୁକୂଲ୍ୟରେ ଅଗଷ୍ଟ ପାଞ୍ଚ ତାରିଖ ଦିନ ଭୁବନେଶ୍ୱରର ପଞ୍ଚତାରକା ହୋଟେଲ୍ 'ଭିଭାନ୍ତା'ଠାରେ ସୀମିତ ସଂଖ୍ୟକ ସାହିତ୍ୟପ୍ରେମୀଙ୍କ ଉପସ୍ଥିତିରେ ସମ୍ପୃକ୍ତ ଲେଖକଙ୍କ ସହିତ ପାଠକମାନଙ୍କର ବାର୍ତ୍ତାଳାପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସଦ୍ୟ ପ୍ରକାଶିତ ଇଂରାଜୀ ଭାଷାର ଲୋକପ୍ରିୟ ପୁସ୍ତକ 'ପ୍ରତାପ – ଏ ଡିଫାଏଣ୍ଟ୍ ନିଉଜ୍‌ପେପର'ର ରଚନାକାର ଦ୍ୱୟ ଚନ୍ଦର୍ ମୋହନ ଓ ଜ୍ୟୋତ୍ସ୍ନା ମୋହନ (ପିତା ଓ ପୁତ୍ରୀ)ଙ୍କ ସହିତ ସେଠାରେ ଉପସ୍ଥିତ ଥିବା ପ୍ରାୟ ୩୦ ଜଣ ସାହିତ୍ୟପ୍ରେମୀ ଓ ଆଗ୍ରହୀ ପାଠକଙ୍କର ଏକ ଗାମ୍ଭୀର୍ଯ୍ୟପୂର୍ଣ୍ଣ ପରିବେଶରେ ଖୋଲା ବାର୍ତ୍ତାଳାପ ଓ ଭାବ ବିନିମୟ ହୋଇଥିଲା।

ଏଠାରେ ସୂଚାଇ ଦିଆଯାଇପାରେ ଯେ 'ପ୍ରତାପ – ଏ ଡିଫାଏଣ୍ଟ୍ ନିଉଜ୍‌ପେପର' ହେଉଛି ଏକଦା ହିନ୍ଦୀ ଓ ଉର୍ଦ୍ଦୁ ଭାଷାରେ ପ୍ରକାଶିତ ହୋଇ ଆମ ଦେଶର ଜାତୀୟ ପରିଦୃଶ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିବା 'ବୀରପ୍ରତାପ' ନାମକ ସମ୍ବାଦପତ୍ରର ରୋଚକ ଯାତ୍ରା ଓ ଅନୁଭବର କାହାଣୀ, ଯାହା ଏହାର ତତ୍କାଳୀନ ସମ୍ପାଦକ ଚନ୍ଦର୍ ମୋହନ, ତଥା ତାଙ୍କର କନ୍ୟା ଓ ସାମ୍ବାଦିକା ଜ୍ୟୋତ୍ସ୍ନା ମୋହନଙ୍କ ଦ୍ୱାରା ଯୁଗ୍ମ ଭାବରେ ରଚିତ ହୋଇଛି। ଏହି ଅବସରରେ ବିଶିଷ୍ଟ ଓଡ଼ିଆ ଲେଖକ ମନୁ ଦାସ, ପରେଶ ପଟ୍ଟନାୟକ ଓ ରକ୍ଷକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଶେଷ ପୃଷ୍ଠା



# ସତ୍ୟାନୃତ*

ଉତ୍କଳଗାଥାରେ ମଧୁସୂଦନ ପଦିଏ ଲେଖିଥିଲେ;
"ସକଳ ଲାଞ୍ଛନା ଲାଜ; ଅନୃତ ଅହନ୍ତା ବ୍ୟାଜ"

ସାହିତ୍ୟର ମୂଳାଧାର ହେଉଛି; ସତ୍ୟ, ସୌନ୍ଦର୍ଯ୍ୟ ଓ ମାନବତାର ପୂଜା। ହେଲେ ଆଜି ଓଡ଼ିଆ ସାହିତ୍ୟ ଏହି ଅବବୋଧରୁ ବିଚ୍ୟୁତ। ପ୍ରାୟାଧିକ ସାହିତ୍ୟିକ ଓ ସାହିତ୍ୟର ପୃଷ୍ଠପୋଷକଙ୍କ ମନୋଭାବରେ ଈର୍ଷା, ଦ୍ୱେଷ, ଅହଂବୋଧ ଓ ପ୍ରତିଷ୍ଠା ପିପାସା ହେଉଛି ପ୍ରମୁଖ ଆଧାର।

ଆଜିର ଅଧିକାଂଶ ସାହିତ୍ୟିକଙ୍କ ପାଇଁ ସାହିତ୍ୟ ଏକ ସୃଷ୍ଟିସ୍ୱରର ମାଧ୍ୟମ ନୁହଁ, ବରଂଚ ସମ୍ମାନ ଓ ପଦକ ପାଇବାର ଏକ ସିଢ଼ି। ଏଣୁ ଅନ୍ୟ ରଚୟିତାଙ୍କ କେବଳ ଚିନ୍ତାଧାରା ନୁହେଁ ବରଂଚ ସିଧା ଲେଖାକୁ ସ୍ୱନାମରେ ପ୍ରଚାର କରିବା ଏକ ସର୍ଜନାର ଆଧାରଶିଳା ହେଉଛି। ସାହିତ୍ୟରେ ଶବ୍ଦଚୌର୍ଯ୍ୟ ଏବେ ଏକ ଦକ୍ଷ କଳା। ପ୍ରାୟ ସମସ୍ତ ସାହିତ୍ୟ ସଙ୍ଗଠନ ରାଜନୈତିକ ଦଳର କାର୍ଯ୍ୟାଳୟ ପ୍ରାୟେକ; ପଦ, ପ୍ରଭାବ, ପକ୍ଷ ଓ ବିପକ୍ଷର ଏକ କର୍ମଭୂମି ପାଲଟି ଯାଇଛି। ଆଜିକାଲି ସାହିତ୍ୟମଞ୍ଚରେ ଅନେକ ସମ୍ମାନିତ ସାହିତ୍ୟିକ ସାହିତ୍ୟର ଭବିଷ୍ୟତ ପାଇଁ ଚିନ୍ତା ବ୍ୟକ୍ତ କରି ଆସୁଥିଲେ ହେଁ ପରୋକ୍ଷରେ ଯୋଗ୍ୟ ସାହିତ୍ୟିକଙ୍କୁ ପ୍ରେରଣା ଓ ପ୍ରୋତ୍ସାହନ ଦେବା ବଦଳରେ ଆପଣା ପୁରସ୍କାର ନିମନ୍ତେ ରାଜ୍ୟ ଓ ଦେଶର ରାଜଧାନୀରେ ପ୍ରଭାବଶାଳୀ ଗୋଷ୍ଠୀଙ୍କର ପଦଲେହନରେ ବ୍ୟସ୍ତ ରହୁଛନ୍ତି।

ସମ୍ମାନ ଓ ପୁରସ୍କାରର ପଶାପାଲିରେ ଆଜି ସତ୍ୟର ପାଣ୍ଡବ ଆଉ ଅନୃତ କୌରବଙ୍କ ମେଳରେ ସାହିତ୍ୟ କୃଷ୍ଣାଙ୍କର ହିଁ ମର୍ଯ୍ୟାଦାହାନି ହେଉଛି ସାହିତ୍ୟ ମଞ୍ଚରେ। ସାହିତ୍ୟିକଙ୍କ ନାଟକୀୟତା, ସାହିତ୍ୟରେ ସତ୍ୟହାନି, ପାଠକଙ୍କ ଆସ୍ଥାହାନି, ସୃଜନଶୀଳତାର ଅଭାବରେ ଆଜି ସାହିତ୍ୟ ଏକ ଅନିଶ୍ଚିତତା ମଧ୍ୟରେ ଗତି କରୁଛି। ଏବେକାର ଭାଷାର ପାଳକ ଆଜି ସ୍ୱୟଂ ଭକ୍ଷକ, ନୂଆପିଢ଼ିର କବିଙ୍କ ରଚନାରେ ପୂର୍ବଲିଖିତ ରଚନାର ଛାୟା, ଆଦର୍ଶ ସାହିତ୍ୟିକ ଭାବେ ସମ୍ମାନିତ ପ୍ରତିନିଧି ଏବେ ମଞ୍ଚ ପଛର ଖଳନାୟକ। କହିବା କାହାକୁ!

ଆଜିର ଏଇ ଅନ୍ଧତାମିସ୍ର ଆଡ଼କୁ ଯାଉଥିବା ଓଡ଼ିଆ ସାହିତ୍ୟ ଓ ସାହିତ୍ୟିକଙ୍କ ପାଇଁ ଆବଶ୍ୟକ ରହିଛି ଋଷିଆର ଆଲେକ୍‌ଜାଣ୍ଡାର ସୋଲ୍‌ଜେନିସିନ୍‌ଙ୍କ ଭଳି ନିର୍ଭୀକ ରଚୟିତା, ଜର୍ଜ୍ ଓରୱେଲ୍‌ଙ୍କ "ଆନିମାଲ୍ ଫାର୍ମ୍" ପ୍ରାୟେକ ସମାଜରେ ଏକ ନବଜାଗରଣ ସୃଷ୍ଟି କରିପାରୁଥିବା ପୁସ୍ତକ, ଫ୍ରାନ୍ସର ଆଉଲିପୋ ଭଳି ଏକ ସୃଜନଶୀଳ ଗୋଷ୍ଠୀ, ସାହିତ୍ୟ ସର୍ଜନାରେ ନୂତନତା ଓ ସାମୁଦାୟିକତା ଆଣି ପାରୁଥିବା, ଲାଟିନ୍ ଆମେରିକା ବୁମ୍।

ସାହିତ୍ୟସାଧକଗଣ ଯେତେବେଳେ ସତ୍ୟ, ସୃଜନଶୀଳତା ଓ ମାନବତା ଭୁଲିଯା'ନ୍ତି ସେତେବେଳେ ସାହିତ୍ୟର ଅବସ୍ଥା ସଙ୍କଟାପନ୍ନ ହୁଏ। ଏଣୁ ବୁଝାଇ କହିବି ସମସ୍ତ ସାହିତ୍ୟପ୍ରେମୀଙ୍କୁ; ଆଜି ଆବଶ୍ୟକ ରହିଛି –

ଶବ୍ଦଚୌର୍ଯ୍ୟ ବିରୋଧୀ କଠୋର ନୀତି, ନିର୍ଭୀକ ସମୀକ୍ଷା, ନୂତନ ସାହିତ୍ୟିକଙ୍କ ପାଇଁ ସୃଜନଶୀଳ ପରିବେଶ, ବିଶ୍ୱ ସାହିତ୍ୟ ଆଡ଼କୁ ମୁହାଁଇବା ଆଗରୁ ଆପଣା ସାହିତ୍ୟରୁ ଶିକ୍ଷା ଏବଂ ସର୍ବୋପରି ସତ୍ୟ, ସୃଜନଶୀଳତା ଓ ମାନବତାର ପୁନରୁତ୍‌ଥାନ।

ସମସ୍ତ ସାହିତ୍ୟିକଙ୍କୁ ମନେ ରଖିବାକୁ ହେବ ଯେ,

"କଲମ ହେଉଛି ସମାଜ ଓ ମାନବତାର ଦର୍ପଣ; ରାଜନୀତିର କୃପାଣ ନୁହେଁ।"

ସାହିତ୍ୟକୁ ସାମ୍ପ୍ରତିକ ସମାଜର ପ୍ରତିଫଳନ ତଥା ଭବିଷ୍ୟଗାମୀ ଯୁଗ ସହ ତାଳଦେଇ ଚାଲୁଥିବା ଚେତନାର ରଥଟିଏ କରିବାକୁ ହେବ। ଏଣୁ, ଆମର ସାହିତ୍ୟିକଗଣ ଯଦି ଏବେଠୁଁ ନ ଚେତିବେ ତେବେ ଆଗାମୀ ପିଢ଼ିଙ୍କ ପାଇଁ ସେମାନେ କି ସାହିତ୍ୟ ଲେଖି ରଖିବେ!

***ସତ୍ୟାନୃତ** – ସତ୍ୟ ଓ ମିଥ୍ୟା ମିଶ୍ରିତ।

**– ପ୍ରଭୂ**

ଲେଖକଙ୍କ ଇ-ମେଲ୍ ଠିକଣା:
prasantabhunya@gmail.com




# ଓଡ଼ିଆ ଖାଦ୍ୟ ପରମ୍ପରାର ବିନମ୍ର ପ୍ରହରୀ



ଓଡ଼ିଆଣୀ
ODIANEE

**ଏକ ପ୍ରୟାସ ମାତ୍ର**

ଜାତୀୟ ରାଜପଥ -୧୬, ପାଣିକୋଇଲି, ଜିଲ୍ଲା: ଯାଜପୁର

ମୋବାଇଲ: ୯୪୩୭୦୭୮୩୬୧

Eastern India's **No.1*** Paediatric Hospital

# JAGANNATH HOSPITAL

AN EXCLUSIVE PERINATAL CENTRE

## Because we treat every child like our own

- 24 X 7 PAEDIATRIC NEONATAL EMERGENCY
- LEVEL - 3 NICU
- PAEDIATRICS & NEONATAL SURGERY
- 24 X 7 OBSRETRIC & GYNAECOLOGY
- 24 X 7 PATHO LAB



Call : 8093091301

185-P, Saheed Nagar, Bhubaneswar-15

*Source: Times of India Critical Healthcare Survey

SAHITYA CHARCHA ● September 2025 ● Rs.40 ● RNI No: ODIODI/2022/81590 ●Postal Regn. No.RMS 'N' Dn/004/202527

34 YEARS OF LEGACY

UTKAL BUILDERS
BUILDING TRUST

STEP INTO A WORLD OF LUXURY



Redefining modern living in Odisha-rooted in nature, designed for space, crafted for wellness.

**5Mn+ sq. ft. Delivered, 10,000+ Happy Families. Building Dreams with Trust and Excellence.**

*Terms & Conditions Apply

UTKAL LEVELS PAHAL
The Next Level of Luxury Living
NH-16, Pahal

UTKAL iSQUARE SMART HOMES IN PATIA
Bhubaneswar's First Smart Homes
Patia Square

UTKAL RESERVE
Bhubaneswar's Finest Luxury Verse
NH-16, Patrapada

UTKAL utopia
Embrace the Art of Anandam Living
NH-16, Patrapada

**Corporate Office:**
777, Maharishi College Road, Saheed Nagar, Bhubaneswar, Odisha - 751 007
www.utkalbuilders.com

Levels ORERA No. RP/19/2022/00840 | Utopia ORERA No. MP/19/2022/00646
Reserve ORERA No. MP/19/2022/00687 | Isquare ORERA No. MP/19/2024/01120

9509 121 121

www.rera.odisha.gov.in/

Printed, Published and owned by Nihar Ranjan Satpathy, and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy